# ଉତ୍କଳ ଗୌରବ


# Utkal Gauraba



**Oriya Cultural & Welfare Association**
NEW DELHI

www.ocwa.in

**2016**



“ଭଲ ଗୋଟେ ମାତୃଭାଷା କିସ ହେବ ଭାଇ
ଚଳିଯାଉଅଛି କାମ ଗୁଣ୍ଡାଇପୁଣ୍ଡାଇ
କୁକୁର କି ପାଇଁ ଗୋଟେ ବନାଇବ ଘର
ଚାଟିବୁଲେ ବାରମିଶା ଅଇଁଠା ପତର”

# ଉତ୍କଳ ଗୌରବ
# Utkal Gauraba

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃଭାଷା"
(ସ୍ୱଭାବ କବି ଗଙ୍ଗାଧର ମେହର)

**Oriya Cultural and Welfare Association (OCWA)** is voluntary organization incepted in the year 1992, formally incorporated on 31st October 2005 under the Societies Registration Act, 1860, dedicated to the pursuit of excellence in the promotion and propagation of Odia Culture & Language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

## Our Mission :

To preserve, perpetuate and promote the odia culture and communities with a mission statement.

**"Eka mana, Eka Prana**
**Eka Pranta, Eka Chinha,**
**Which means getting Odias together"**

## Our Vision :

To promote, team spirit, transparency and building trust among our fellow Odias.

With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.

Published by
Oriya Cultural & Welfare Association (Regd.)
Registration No. : S-54118 of 2005
BD-11, Janakpuri, New Delhi-110058
E-mail : info@ocwa.in , ocwa.regd@gmail.com
Website : www.ocwa.in

**Editorial Board**
Bijay Mohanty
Prakash Prusty

## Activities Undertaken

The forum is very active throughout the year with various kind of activities which bring together Odias from all aspects of life. Some of the activities undertaken are :

- Celebrating Sri Ganesh Puja on Ganesh Chaturthi. We (OCWA) host a gathering of large number of people and serve ethnic odia culinary to all invitees, participants and members every year.
- Publishing " Utkal Gauraba", an odia magazine from New Delhi. What best could be promote the Odia language other than to publish and distribute the magazine to all members and non-members.
- Blood Donation Camps are organized every year in association with Indian Red Cross Society.
- Health Camps are also organized time and again to spread the awareness amongst the people.
- OCWA does not lack behind in contributing towards the upliftment of the children of lower income group Odia people in Delhi. Time and again, we distribute study materials to needy children.
- OCWA organizes picnics and get-together on the occasion of Odia festivals to strengthen the bond amongst the associated family members.

## Forthcoming Objective :

The OCWA members realize the need to awaken the spirits of Odia people and simultaneously understand the utmost necessity to keep alive the Odia lingo.

With this noble thought in mind and zeal at heart, OCWA members aspire to establish a library and cultural center which will help in its own way to contribute towards the up-keep of Odia language, culture, heritage and literature.

The main purpose of setting up the library is to help the interested children to learn and grasp the culture and language of Odisha during their leisure and vacation period and to provide Odia literature, fiction, and newspaper to all strata of the Odia fraternity.

Oriya Cultural & Welfare Association™ OCWA

## ସୂଚୀପତ୍ର CONTENTS


Activities Undertaken ........ 02
Messages ........ 04
ସଭାପତିଙ୍କ କଲମରୁ ........ ୦୬
Executive Body ........ 07
Members ........ 08
Sponsors for Ganesh Puja ........ 33
Membership Form ........ 74

### ☐ କବିତା ☐

ମୁଁ.... !!! ........ ୧୧
କାହିଁକି ଏମିତି ହୁଏ ........ ୧୨
ହଜାଇଥିବା ଜୀବନଟିଏ ........ ୧୨
ସହୀଦ୍ ର କାହାଣୀ ........ ୧୩
ଗୁରୁ ........ ୧୪
ଆର୍ତ୍ତ ଜଣାଣ ........ ୧୪
ପତର ସାଉଁଟା ଝିଅ ........ ୧୪
ଭକ୍ତିର ଦେଉଳେ ଦୟାର ଭିକାରି ........ ୧୫
ଦୂରଦିଗନ୍ତ ........ ୧୫
ମୁଁ ........ ୧୬
ହାରିଯିବା ପ୍ରକୃତିଠାରୁ ........ ୧୭
ଜୀବନର ଯବକାଚ ........ ୧୭
ସମୁଦ୍ର ........ ୧୮
ତୁମେ ଆସୁଛ ବୋଲି ........ ୧୮

### ☐ ଗଳ୍ପ/ପ୍ରବନ୍ଧ ☐

ସହଭାଗିତା ........ ୧୯
ଚକ୍ରବ୍ୟୁହ ........ ୨୦
ଦୁଇଟି ମିନିଗଳ୍ପ ........ ୨୫
ଆମ ଗାଁ ହାଲଚାଲ ........ ୨୭
ସାପ ମରିବନି କି ବାଡି ଭାଙ୍ଗିବନି ........ ୩୪
ସାଂପ୍ରତିକ ଓଡିଆ କବିତାରେ ମାନବେତର ଚରିତ୍ର ........ ୩୫
ଚୋର ........ ୪୧
ସ୍ତ୍ରୀ ଆଉ ସାବିତ୍ରୀ ........ ୪୭
ପରୀମାନଙ୍କର ଗଣିତ କୁହୁକ ........ ୪୮
ଫି, ଫଗୁଣରେ ତମେ ........ ୫୭
ସଚ୍ଚି ରାଉତରାୟ -ଶତାବ୍ଦୀ ପୁରୁଷ ........ ୫୯

### ☐ ରମ୍ୟରଚନା ☐

ରାଜଧାନୀରେ ଜଗନ୍ନାଥ ........ ୦୯
ବିସ୍ଫୋରଣ ........ ୦୯
ଶୋଧାଞ୍ଜଳି ........ ୨୯
ଗାଲୁଆଙ୍କ ମହାକାଶରେ ଚାଷ ........ ୩୨
ଶ୍ରୀ ଶ୍ରୀ ଗଣେଶାୟ ନମୋଃ ........ ୫୦

### ☐ Photographs ☐

Ganesh Puja 2016 ........ 63

### ☐ English Articles ☐

The Rich Culture of Odisha ........ 71
Eminent Personalities of Odisha ........ 72

### ☐ Advertisements ☐

Best Roadways Limited ........ Back Cover Inside
AMD Industries Ltd. ........ 26
Aj-Deep Services ........ 40
Supreme Aircon Pvt. Ltd. ........ 49
Actionaid Association ........ 58
Satyendra Gupta (SM Computers) ........ 58
Kunwar Designer & Printers ........ 61
Jindal Industries ........ 62



**NAVEEN PATNAIK**
**CHIEF MINISTER, ODISHA**

सत्यमेव जयते

**STATE SECRETARIAT**
**BHUBANESWAR**
**341 - 27.06.2016**

## MESSAGE

I am glad to know that Oriya Cultural & Welfare Association, New Delhi is bringing out the 10th edition of its souvenir "Utkal Gauraba" shortly.

I send my best wishes to the members of the Cultural Association on this joyous occasion and wish the publication all success.

( NAVEEN PATNAIK )

Phone : 0674-2531100 (Off.), 0674-2591099 (Res.), Fax : 0674-2535100 (Off.), 0674-2590833, E-mail : cmo@nic.in



**Dr. S. C. JAMIR**
Governor, Odisha

सत्यमेव जयते

**RAJ BHAVAN**
**BHUBANESWAR-751008**

**August 05, 2016**

## MESSAGE

I am glad to know that Oriya Cultural & Welfare Association (OCWA), Janakpuri, New Delhi is bringing out the 10th edition of Souvenir titled "Utkal Gauraba" in Odia/English language shortly.

It is heartening that OCWA is engaged in promotion of Odishan culture and takes up various welfare activities. I am sure it will continue to work with renewed vigour and the souvenir would be a laudable endeavour to its commitment.

I wish the publication all success.

(S.C. Jamir)

Tel.: 91-674-2536111/2536222, Fax : 91-674-2536582, E-mail : govodisha@nic.in, Website : www.rajbhavanodisha.gov.in

# ସଭାପତିଙ୍କ କଲମରୁ

**ପ୍ରିୟ ବନ୍ଧୁ,**



ଉତ୍କଳ ଗୌରବର ଦଶମ ସଂସ୍କରଣ ପ୍ରକାଶନ ଅବସରରେ ମୁଁ OCWAର ସମସ୍ତ ସଭ୍ୟ ଓ ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି।ଉତ୍କଳ ଗୌରବର ବରେଣ୍ୟ ଲେଖକ ଓ ଲେଖିକା, ପାଠକ ପାଠିକା, ବିଜ୍ଞାପନଦାତା, ପୃଷ୍ଠପୋଷକ, ହିତାକାଂକ୍ଷୀ ଓ ଶୁଭେଚ୍ଛୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି। ବିଶେଷକରି ଯୁବ ଲେଖକ ଲେଖିକା ମାନେ ଆମର ଧନ୍ୟବାଦର ପାତ୍ର। ବର୍ତ୍ତମାନ ପରିସ୍ଥିତିରେ ଓଡିଆ ଭାଷା ପ୍ରତି ସେମାନଙ୍କର ରୁଚି ଓ ପ୍ରୟାସ ବନ୍ଦନୀୟ ଅଟେ।

ରୋଜଗାର ସନ୍ଧାନରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଓଡିଆ ଓଡିଶା ବାହାରକୁ ଚାଲି ଯାଉଛନ୍ତି। ପ୍ରବାସୀ ଓଡିଆଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେମାନଙ୍କର ପିଲାମାନଙ୍କ ପାଇଁ ଓଡିଆ ଶିକ୍ଷାର ବ୍ୟବସ୍ଥା ନାହିଁ। ଯାହା ଫଳରେ ଓଡିଶାର ଜନସଂଖ୍ୟା ବଢୁଥିବା ଅନୁପାତରେ ଓଡିଆ ଭାଷାର ବ୍ୟବହାର କରୁଥିବା ଲୋକମାନଙ୍କ ସଂଖ୍ୟା କମିବାରେ ଲାଗିଛି। ପ୍ରବାସୀ ଓଡିଆ ଅଭିଭାବକ ମାନେ ନିଜନିଜର ପିଲାମାନଙ୍କୁ ଓଡିଆ ଶିକ୍ଷା ତ ଦେବା ଦୂରର କଥା ନିଜର ପରିବାର ବର୍ଗଙ୍କ ସହ ଓଡିଆରେ କଥାବାର୍ତ୍ତା ହେବା ଅପେକ୍ଷା ହିନ୍ଦୀ ଭାଷାକୁ ଅଧିକ ମହତ୍ତ୍ୱ ଦେଉଛନ୍ତି। ଓଡିଆ ଜାତିଭିତରେ ସ୍ୱାଭିମାନ ଅଭାବରୁ ଓଡିଆ ଭାଷା ଅବହେଳିତ ହୋଇ ଆସୁଛି। ଅଭିଭାବକ ମାନେ ଜାଣି ରଖିବା ଉଚିତ ଯେ ଆଜିର ଛାତ୍ରଛାତ୍ରୀ ନିଜ ମାତୃଭାଷା ସହିତ ଦୁଇ /ତିନୋଟି ଭାଷା ଶିକ୍ଷା ଲାଭ କରି ପାରିଲେ, ନିଶ୍ଚିତ ଭାବରେ ସେମାନଙ୍କର ଜ୍ଞାନର ପରିସର ବୃଦ୍ଧିହେବ। ନିଜର ମାତୃଭାଷାକୁ ପରିତ୍ୟାଗ ବା ଅବହେଳା କରିବା ଆଦୌ ଉଚିତ ନୁହେଁ।

ନିଜ ମାତୃଭାଷାକୁ ନେଇ ଗୌରବ କରିବାର ଯଥେଷ୍ଟ କାରଣ ରହିଛି।

- ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡିଶା ହେଉଛି ପ୍ରଥମ।
- ଭାରତୀୟ ସଂବିଧାନ ସ୍ୱୀକୃତି ପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ଓଡିଆ ଅନ୍ୟତମ।
- ବିଶ୍ୱସ୍ତରରେ ପ୍ରଚଳିତ ଲିଖିତ ଓ କଥିତ ୭୭୪୦ ଭାଷା ମଧ୍ୟରୁ ଓଡିଆର ସ୍ଥାନ ୩୩।
- ଫେବୃଆରି ୨୦୧୪ରେ ଆମ ଓଡିଆ ଭାଷାକୁ ପ୍ରାଚୀନ ଭାଷାରୂପେ ସ୍ୱୀକୃତି ମିଳିଛି।
- ୧୦୦ରୁ ଊର୍ଦ୍ଧ୍ୱ ଯୁକ୍ତାକ୍ଷର ବ୍ୟବହାର ଓଡିଆ ଭାଷାର ବିଶେଷତ୍ୱକୁ ସୂଚାଏ।

ଓଡିଆଭାଷା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ସମସ୍ତ ଓଡିଶାବାସୀ ତଥା ପ୍ରବାସୀ ଓଡିଆ ମାନଙ୍କର ସାମୂହିକ ପ୍ରୟାସ ନିତ୍ୟାନ୍ତ ଆବଶ୍ୟକ। ଓଡିଆ ମାନଙ୍କର ସ୍ୱାଭିମାନକୁ ଜାଗ୍ରତ କରିବା ଦିଗରେ OCWA ପ୍ରୟାସରତ। ଆମର ଏହି ପତ୍ରିକାର କ୍ରମାଗତ ନିରବଚ୍ଛିନ୍ନ ସଂସ୍କରଣ ଏହିଦିଗରେ ଏକ ସାମାନ୍ୟ ପଦକ୍ଷେପ ହେଲେବି ଆମ ଲକ୍ଷ୍ୟର ପରିଚୟ ପ୍ରଦାନ କରେ।

**ଜୟ ଜଗନ୍ନାଥ**

ବିଜୟ ମହାନ୍ତି
ପ୍ରତିଷ୍ଠାତା ସଭାପତି
ମୋ- ୯୮୭୧୯୯୭୪୪୯

## Executive Body

The Governing Body is an excellent blend of intellect, youth and vigour. The Body consists of people from all walks of life from professionals to self employed.

**President**

Mr. Bijay K Mohanty, is one of the founding members of OCWA, nurtured this forum with his sincere accumenship, guidance, advice. He is from Steel City Rourkela and a Master in Business Administration.

**Vice President**

Mr. Banoj Pradhan, a Company Secretary by Professional, looking after liasioning works and hails from Anugul.

**Secretary**

Mr. Sandipta Rout, a MTA from Aligarh Muslim University and is working as a Sr. Manager with a tourism company with specialization in Tourism trade and looking after promotional activities. He is from Rourkela.

**Jt. Secretary**

Mr. Prakash Prusty, a Company Secretary by Profession, co-ordinates & arranges the organizational activities. He is from Keonjhar.

**Treasurer**

Mr. Prasanta Das, a Graduate from Ispat College, Rourkela and takes care of cash and funds management.

**Executive Members:**

Mr. Sanjay Bal from Baleswar is in charge of developmental & promotional activities. He is an ICWA by Profession & working with a Public Sector Undertaking.

Mr. Pradeepta Bhuyan, is one of the founding member of OCWA and takes care of cultural activities of the forum. He is from Cuttack and a Graduate from Utkal University.

Mr. Ranjan Biswal from Dhenkanal, a self employed professional also takes care of developmental activities and is a Graduate from Utkal University.

**Convenors :**

Dr. Sananta Sahoo from Rourkela, a Laparoscopic Surgeon, is a great team builder and motivator.

Dr. Anil Goel, from Keshinga is a Pediatric Emergency Expert and an Associate Professor in a Govt. Mediacal College, Sohna, Haryana.

Mr. Ajay Mohanty is an entrepreneur and a graduate from Ispat College, Rourkela. He is always present with his active participation for all programs and events of OCWA.

## LIFE MEMBERS

Ajay Mohanty (Mitu)
Bibekanand Pattanaik
Bijay Pradhan
Devasis Mohanty
Jagdish Patra
Jyoti Sarangi (Bapi)
Ram Ranjan Mohapatra
Ravi Lal Tapa
Sanjay Mohanty
Sanjit Das
Saroj Das
Shibashis K. Mohanty
Sisir Rout
Subrat K. Das
Suvendu Das

## MEMBERS

Anam Sahoo
Ajay Mohanty
Ajit Kumar Barek
Alok Das
Animesh Roul
Arvind Sharma
Ashok Das
Babuli Nayak
Banoj Pradhan
Barun Kumar Sahoo
Bhabagrahi Pradhan
Bhaskar Ch. Behera
Bijay K.Mohanty
Bimal Prasad Samal
Bimalendu Sahu
B.K. Rath
D.K.Sahoo
Debashish Mohanty
Dinesh Sahu
Dr.Anil Goel
Dr.Sananat Sahoo
Gajendra P. Samant
Gopal Chandra Parmanik
Hemant Raut
Hruday Ranjan Bhuyan
Ishwar Mohapatra
Jeetendra Kumar Sahu
Kaushik Tripathy
K.B. Mohanta
Litton Mukherjee
Madhusudan Pothal
Maheshwar Dash
Mukti Kanta Nayak
Prabin Panda
Piyush Mohapatra
Prabhat Kishore Bhuyan
Prabhat Kr.Mohanty
Pradeep Raut
Pradeep Sahu
Pradeepta Bhuyan
Pradip Parija
Prakash Ch. Prusty
Prasanta Das
Priya Sahoo
Puspita Jena
Rabindra N. Mishra
Raj Kishore Sahu
Ramnath Sahoo
Ranjan Biswal
Ranjan Sahu
Sagar Pradhan
Samish Kr. Mohanty
Sandipta Rout
Sanjay Bal
Sanjay Mohanty
Sanjit Mohanty
Santosh Panda
Santosh Sarangi
Sasmita Mohanty
Saumya Ranjan Paltasingh
Shantanu Khuntia
Sushant K. Das
Sitakanta Das
Smurti Ranjan Sahoo
Soubhagya Bhol
Srinibas Sahu
Subranshu Das
Sujata Das
Sujit Kumar Mohanty
Surajit Pattnaik
Suresh Chandra Behera
Suresh Swain
Sushant Kumar Das
Suvendu Sahu
Tank Dhar Das
Yashwant Sharma

## ରାଜଧାନୀରେ ଜଗନ୍ନାଥ

ଡଃ. କୁଳାଙ୍ଗାର



ରାଜଧାନୀରେ ଏକ ନମ୍ବର ହାଟ ସାମ୍ନାରେ
ଧୁ ଧୁ ଦି'ପହର ତାତିରେ;
ମା ତାରିଣୀ ମୁହାଁମୁହିଁ ହୋଇଗଲେ
ପ୍ରଭୁ ଜଗନ୍ନାଥଙ୍କ ସାଥୀରେ !
ତାରିଣୀ ମା ପଚାରିଲେ ଏ ହାଟ ଭିତରକୁ
ବିଜେ କାହାର କାଳ ଶୁଣିବାକୁ ;
ନା ଆସିଥିଲେ ମନ୍ଦିର ପାଇଁକି
ମୂଷା ଓଷଦ ନେବାକୁ ? ?
ଚକାଡୋଳା କହିଲେ ନାଇଁ ମୂଷା ନୁହେଁ
ଲୋଡା ମୋତେ ନେତାଙ୍କ ଓଷଦ ;
ଏଇମାନେ ଡିଆଁଉକ୍ତା ହୋଇ
ମୋର ହଜେଇଲେଣି ନିଦ !
ଆଁକରି ରହିଲାଣି କୋଉଦିନୁ ମୋର
ଘରଛାତରେ ଫାଟ;
ତାକୁ ମରାମତି ନ କରି ଏମାନେ
କରୁଛନ୍ତି ଟିଭିରେ ଡିବେଟ !!
ଆଗକୁ ବର୍ଷାଦିନ ପାଣିଗଳିବ ଛାତଟା
ରହିଥିଲେ ଫଟା ;
ଆସିଥିଲି ତେଣୁ ହାଟକୁ ନେବାପାଇଁ ଅଠା ।
ତାରିଣୀ ପଚାରିଲେ- ଆଜ୍ଞା, ମହାପ୍ରଭୁ
ହୋଇ ଆପଣ ଏସବୁ କରୁଛନ୍ତି ସହ୍ୟ;
ଜଗନ୍ନାଥ କହିଲେ ମୋର
ଏ ଧର୍ମନିରପେକ୍ଷ ଯନ୍ତୁଗୁଡାକୁ ଭାରି ଭୟ !
ଆପଣ କୁହନ୍ତୁ ଖଣିଅଂଚଳ ଛାଡି
କଣପାଇଁ ଆସିଥିଲେ ଏ ପୋଡା ହାଟକୁ ;
ସିନ୍ଦୁର କି କସମେଟିକ୍ ନେବାକୁ ? ?
ତାରିଣୀ ମୁଣ୍ଡ ହଲେଇ କହିଲେ- ସେ ସବୁ
କିଛି ବି ନେବାର ନାଇଁ ;
ଏବେ ମୋର ଟେନସନ୍ ବଢ଼ିଯାଇଛି
ଭକ୍ତମାନଙ୍କର ନଡିଆକୁ ନେଇ !
ନଡିଆ ରଖିବାକୁ ନାହିଁ ଜାଗା
ପିଟିବାକୁ ନାହାନ୍ତି ଲୋକ ;
କମିଟିବାଲା ପୋଡିଦିଅନ୍ତି ଗଦାକରି
ଦେଖିଲାଗେ ମୋତେ ଦୁଃଖ !!
ବିଚରା ଭକ୍ତ କେତେ ଶ୍ରଦ୍ଧାରେ ନଡିଆ
ପଠାଏ ମୋତେ ପକେଟୁ ପଇସା କାଢ଼ି ;
ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଟ୍ରକାଧିକ ନଡିଆ
ଯାଉଛି ନିତି ସଢ଼ି !!!
ସେଥିପାଇଁ ଭାବୁଛି ଆଗକୁ
ରାଜଧାନୀରେ ରହିବି ଜଙ୍ଗଲକୁ ଛାଡି ;
ହାଟରେ ଦୋକାନଟିଏ ଖୋଲିଚି
ନଡିଆରୁ ତେଲସବୁ କାଢ଼ି !
ଜଗନ୍ନାଥ କହିଲେ ହଁ ଦେଉଳ ଫାଟିଲାଣି
ସେବକଙ୍କର ଦୌରାତ୍ମ୍ୟ ଗଲାଣି ବଢ଼ି ;
ମୋତେ ବି ଦିନେ ରାଜଧାନୀରେ ରହିବାକୁ
ହେବ ପ୍ରିୟ ନୀଳାଚଳ ଛାଡି !!

କ୍ରିଂ କ୍ରିଂ- ୯୩୩୮୫୮୧୩୦୯

***

## ବିସ୍ଫୋରଣ

ଶ୍ରୀଯୁକ୍ତ ସତ୍ୟାନାଶ



ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ
ଅଚାନକ ହେଲା ବିସ୍ଫୋରଣ ;
ବହୁ ନାମୀ ଆଧୁନିକ କବିଙ୍କର ହେଲା
ଅକାଳ ମରଣ ।
ବହୁକବି ଇନ୍‌ଜୁରି ହେଲେ;
ଫଳରେ ମୁଖ୍ୟମନ୍ତ୍ରୀ
ଘଟଣାର କ୍ରାଇମ୍ ବ୍ରାଞ୍ଚ ତଦନ୍ତ ପାଇଁ
ନିର୍ଦ୍ଦେଶ ଦେଲେ ।

ପ୍ରତ୍ୟକ୍ଷଦର୍ଶୀମାନଙ୍କ ବୟାନରୁ ଜଣାଗଲା
କବି ସମ୍ମିଳନୀର ଆୟୋଜନ ହେଇଥିଲା
ଟାଉନ୍ ହଲ୍‌ରେ ;
ବହୁ ନାଆଁକରା କବି ଯୋଗ ଦେଇଥିଲେ ।

ଅଚାନକ ଉନ୍ମତ୍ତଯୁବକ ଜଣେ
ମଞ୍ଚଉପରେ କଲା ବୋମାମାଡ଼;
ବୋମା ବିସ୍ଫୋରଣରେ

ବହୁ ମତର୍ଣ୍ଣକବିଙ୍କ
ଭାଙ୍ଗିଗଲା ମେରୁଦଣ୍ଡ ହାଡ଼ ।
ତଦନ୍ତକାରୀ ଦଳ ପଚାରିଲେ -
ଯୁବକଜଣକ ଦେଖିବାକୁ କେମିତି ?
ପ୍ରତ୍ୟକ୍ଷଦର୍ଶୀ କହିଲେ- ଆଜ୍ଞା.. ଏମିତି ...
"ଠେକୁଆଭଳି କାନ; ବାଳିହା ପରି ପାଟି
କଣ୍ଟିଆ ପରି ନିଶ, ପେଚାପରି ଆଖି
ହଂସପରି ବେକ, ଛୁଞ୍ଚିପରି ମୁହଁ ।
ବଗପରି ଗୋଡ଼ ଆଉ ଗଧିଆପରି ଦିହ ॥"

ଏଇସବୁ ହୁଲିଆକୁ ଭିତ୍ତିକରି
ଚିତ୍ର ଅଙ୍କନ କରିଲେ ଧୂରନ୍ଧର ଚିତ୍ରକର
କିଶୋର-କଟାକ୍ଷ ଆଉ ବଳ ମହାରଥୀ ;
ଜଣକର ଚିତ୍ର ହେଲା ଅବିକଳ କୁଳାଙ୍ଗାର
ଆଉ ଜଣକର ଚିତ୍ର ଠିକ୍ ଜ୍ଞାନ ହୋତା ।

ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନରେ ଯେଣୁ
ଯୁବକ ବୋଲି ଶବ୍ଦଟିଏ ଥିଲା ;
ଜ୍ଞାନ ହୋତାଙ୍କର ନାଆଁ କାଟ ଖାଇଗଲା ।
କାରଣ ;
ଜ୍ଞାନ ହୋତା ଏବେ ଯୁବକ ନୁହଁ ପ୍ରୌଢ଼ ;
ଅତଏବ କୁଳାଙ୍ଗାରକୁ ଧରି ପୁଲିସ୍‌ବାଲାଏ
ଚଢ଼େଇଲେ ଚସାକଷ ମାଡ଼ ।
ଡଃ.କୁଳାଙ୍ଗାରଙ୍କ ନାର୍କୋ ଟେଷ୍ଟ୍ ପରେ
ବହୁ ଆତଙ୍କବାଦିଏ ସାମ୍ନାକୁ ଆସିଲେ ।
ଜଣାପଡ଼ିଲା ଯେ..
ଏହି ବମ୍ ତିଆରି ଓ ବିସ୍ଫୋରଣ ପାଇଁ ;
ଦାଢ଼ିରମ୍ପା ଖଣ୍ଡିଆ ବ୍ଲେଡ୍‌କୁ
ଦେଇଥିଲେ ଜ୍ଞାନ ହୋତା
ସାର ଭଙ୍ଗାଚୁଡ଼ିକି କବି ମାଧ ସାଇଁ ।
ଆରଡିଏକ୍ସ ଦେଇଥିଲେ କବି ସତ୍ୟାନାଶ୍
ଷଣ୍ଢକବି ରମାକାନ୍ତ ଦେଇଥିଲେ କ୍ୟାସ୍ ।
ମନମାଷ୍ଟ୍ରେ ଗାଡ଼ି;
ମାଷ୍ଟରପ୍ଲାନ୍ ତିଆରିଥିଲେ
ରାଧୁ ମିଶ୍ର, ନଖିଆ ଚିହାଡ଼ି ।
ଘଟଣାସ୍ଥଳର ନକ୍ସା
ପ୍ରସ୍ତୁତ କରିଥିଲେ ଡଃ.ରମାକାନ୍ତ;

ପ୍ରିୟବ୍ରତ ନେଇଥିଲେ
ଭିଡିଓ ରେକର୍ଡ଼ିଂ କରିବା ଦାୟିତ୍ୱ ।

ଏତେସବୁ ଖୋଳ୍‌ତାଡ଼୍ ପରେ
ଆତଙ୍କବାଦୀମାନେ ଟଣାହେଇ ପହଞ୍ଚିଲେ
ତଦନ୍ତ ଅଫିସିରେ ।

ତଦନ୍ତ ଅଫିସର ପଚାରିଲେ- ବାବୁମାନେ
ତୁମଯୋଗୁ ଦଶଜଣ ମତର୍ଣ୍ଣକବି
କବିତା ପଢୁପଢୁ ଶହୀଦ ହେଇଛନ୍ତି;
ବାକି ଅଶୀଜଣ କବି ଇନ୍‌ଜୁରି ହେଇକି
ଛଅନମ୍ବର ମେଡିକାଲରେ
ଜୀବନ ସହିତ ସଂଗ୍ରାମ କରୁଛନ୍ତି ।
ଏତେବଡ଼ ମତର୍ଣ୍ଣ କବି ସମ୍ମିଳନୀରେ
ତୁମେମାନେ ବିସ୍ଫୋରଣ କାହିଁକି କଲ ?
ସତ ସତ କହ
ତୁମେସବୁ ଜେହାଦି ନା ନକ୍ସଲ ? ?

ସମସ୍ତେ ଉତ୍ତର ଦେଲେ- ସାର୍
ଆମେସବୁ ବ୍ୟଙ୍ଗକବି ଖାଣ୍ଟି ଉତ୍କଳୀୟ ;
ବ୍ୟଙ୍ଗକବିତା ଯାହାର
ଶ୍ରୋତା ଆଉ ପାଠକଙ୍କ ପ୍ରିୟ ।
ସତ କହୁଛୁ ସାର, ବିସ୍ଫୋରଣ କରି
ଆମେ ସମସ୍ତେ ବହୁତ ଦୁଃଖିତ
ବହୁତ ଲଜ୍ଜିତ ;
ଯେହେତୁ ନବେ କବିରୁ
ମାତ୍ର ଦଶଜଣ କବି ହୋଇଛନ୍ତି ହତ ।
ତଦନ୍ତ ଅଫିସର ଆଶ୍ଚର୍ଯ୍ୟରେ ପଚାରିଲେ
- ବିସ୍ଫୋରଣର କାରଣଟା କଣ ?
ବ୍ୟଙ୍ଗାଚାର୍ଯ୍ୟ ରାଧୁମିଶ୍ର କହିଲେ -ସାର
ଆମେ ଯଦି କରିନଥାନ୍ତୁ ବିସ୍ଫୋରଣ...
ସେହିସବୁ କାଗେଜିଆ ଡାଇରିଆ
କବିଙ୍କର ମତର୍ଣ୍ଣିଆ କବିତାମାଡ଼ରେ
ଲକ୍ଷ ଲକ୍ଷ ଶ୍ରୋତା ଆଉ ପାଠକଙ୍କର
ଯାଇଥାନ୍ତା ପ୍ରାଣ ।

ଆମେ ଆତଙ୍କବାଦୀ ନୋହୁ

ବରଂ ସେମାନଙ୍କୁ ଆତଙ୍କବାଦୀ କହନ୍ତୁ;
କବିତା ଶୁଣି ଆପଣ
ଚେତା ହରେଇବେ କି ନାହିଁ
ସତମିଛ ଜାଣିବାକୁ
କୋଉ ଗୋଟେ କବି ସମ୍ମିଳନୀକି ଯାଆନ୍ତୁ ।
ଶୁଣିବେ ..
ସେମାନଙ୍କ କବିତା, କବିତା ନୁହଁ ସାର୍,
ପାଠକମାରଣ ପାଇଁ ମନ୍ତ୍ର ଉଚ୍ଚାରଣ;
କବିସମ୍ମିଳନୀ ନାମେ ଏହି ଉଗ୍ରପନ୍ଥୀମାନେ
ପାଠକଙ୍କୁ ମାରିବାକୁ
ବହୁଦିନୁ କରିଛନ୍ତି ପଣ ।
ବଞ୍ଚିଥିବା କବିଙ୍କର ପାଖକୁ ଯାଆନ୍ତୁ ସାର୍
ତାଙ୍କ ବୟାନ ରେକର୍ଡ଼ କରିବେ;
ଦେଖିବେ..ବୟାନ ବଦଳରେ କବିମାନେ
ପ୍ରତ୍ୟେକ ଦିଟାରିଟା କବିତା ଶୁଣେଇବେ ।
ଆଉ.. ଆପଣ ମୂର୍ଚ୍ଛାଯିବେ ॥

ଏହି ଉଗ୍ରପନ୍ଥୀମାନେ ସର୍କାରକୁ ନୁହଁ ସାର୍
କେବଳ ସାହିତ୍ୟ ଏକାଡେମୀକୁ ଡରନ୍ତି;
କାରଣ ସାହିତ୍ୟ ଏକାଡେମୀର ମୁଖିଆମାନେ
ଆଇଏସ୍ଆଇ ପରି ଏମାନଙ୍କୁ
ବିଭିନ୍ନ ପୁରସ୍କାରରେ ସ୍ପୋନ୍ସର କରନ୍ତି ।
ଅତଏବ ଖାସ୍..
ରକ୍ଷା କରିବାପାଇଁକି
ଶ୍ରୋତା ଆଉ ପାଠକଙ୍କ ପ୍ରାଣ;
ଟାଉନ୍‌ହଲ୍‌ରେ ଆମ୍ଭେ କଲୁ ବିସ୍ଫୋରଣ ।

ଆପଣଙ୍କୁ ଅନୁରୋଧ ସାର୍
ଆମକୁ ପଛେ
ଆଜୀବନ ଜେଲ୍‌ରେ ପୂରାନ୍ତୁ;
ଆମଠାରୁ ବ୍ୟାଙ୍ଗବମ୍ ନେଇ
ବଞ୍ଚିଥିବା ମତର୍ଣ୍ଣକବିଙ୍କ ଉପରେ
ଯଥାଶୀଘ୍ର ବିସ୍ଫୋରଣ କରନ୍ତୁ ।

ଗଜବିହାର, ବରମୁଣ୍ଡା, ଭୁବନେଶ୍ୱର -୩
ମୋ. ନଂ.-୯୪୩୭୧୩୧୨୦୧


***

## ମୁଁ.... !!!

ପ୍ରଶାନ୍ତ କୁମାର ଭୂୟାଁ

ଭୟ ଓ ସଙ୍କୋଚର ଏରୁଣ୍ଡିବନ୍ଧରେ
ପ୍ରଗତି ଓ ପ୍ରଶସ୍ତିର ସୁଉଚ୍ଚ କାନ୍ଥରେ
ବିଷର୍ଣ୍ଣ ହୋଇ ଲଟେଇ ପଡ଼ିଥିବା ଅବସନ୍ନ ମଣିଷଟିଏ ମୁଁ... !

ଲାଞ୍ଛନା ଓ ଛଳନାର ବିସ୍ତୀର୍ଣ୍ଣ ଶିଉଳୀରେ
ବୁର୍ଜୁଆ ଓ ରାଜନୀତିର
ପଶାପାଲିରେ
ଅହରହ ଘାତ ସଂଘାତର କଷାଘାତ
ଖାଉଥିବା
ମଣିଷଟିଏ ମୁଁ... !



ଗୁଳି ବୋମା ଓ ଖଣ୍ଡା ଖର୍ପରର ଗୁରୁ
ଗର୍ଜ୍ଜନରେ
ବିସ୍ଫୋରଣ ଓ ବିଦୀର୍ଣ୍ଣ ଆର୍ତ୍ତନାଦର ଢେଉରେ
ପରଦାଫଟା ଅତଡ଼ା କାନଥିବା ବିବର୍ଣ୍ଣ
ମଣିଷଟିଏ ମୁଁ... !

ସେନେହ ସରାଗର ମୂଲଚାଲ କଷାକଷିରେ
ସମ୍ପର୍କ ଓ ସମ୍ବନ୍ଧର ସମାଜର ଏଇ ହାଟବଜାରରେ
ନିତି ଏକ ରିହାତି ଦରରେ ବିକାକିଣା ହେଉଥିବା
ମଣିଷଟିଏ ମୁଁ... !

ଅଭିନୟ ଓ ଦୃଶ୍ୟପଟ୍ଟର ଏଇ ବିଚିତ୍ର ରଙ୍ଗମଞ୍ଚରେ
ବିବର୍ଣ୍ଣ ପତ୍ରଝଡ଼ା ଏଇ ଜୀବନର ଋତୁଚକ୍ରରେ
କଦାଚିତ୍ ନିଜକୁ ସମ୍ଭାଳି ରଖିପାରୁଥିବା
ମଣିଷଟିଏ ମୁଁ... !

ସମାଜ ଓ ଦର୍ଶନର ଅଦୁଆ ପୋଥି ପୁରାଣରେ
ଜୀବନ ଓ ସିଦ୍ଧାନ୍ତ ପରିବର୍ତ୍ତନର ପ୍ରତି
ଯୁଗସନ୍ଧିରେ ନିଜକୁ ସମଗ୍ର ବ୍ରହ୍ମାଣ୍ଡରେ ଅସହାୟ ପାଉଥିବା
ମଣିଷଟିଏ ମୁଁ... !

ସଖା ସଜନ ଓ ସଂସାରର ମନୁଆଁ ଡୋରୀରେ
ସ୍ୱକୀୟ ଓ ପରକୀୟା ପ୍ରେମର ନାଗଫାଶରେ

ଚରଳି ଯାଉଥିବା ସନ୍ଦିହାନ ଓ ହତାଶାରେ ଚରଳିଯାଉଥିବା
ମଣିଷଟିଏ ମୁଁ... !

ଅହର୍ନିଶୀ ମୁଁ ମୋର ଆମ୍ଭର ଟଣା ଓଟରାରେ
ତୁ ସେ ସଭିଙ୍କ ନିନ୍ଦା ଅପବାଦ ସ୍ତୁତିରେ
ହିଂସା ଇର୍ଷା ଦ୍ୱେଷର ଅଗ୍ନିକୁଣ୍ଡରେ ଦହନ ହେଉଥିବା
ମଣିଷଟିଏ ମୁଁ... !

***

## କାହିଁକି ଏମିତି ହୁଏ

ପାର୍ବତୀ ନାୟକ

ପତାକାଧରି ଆଗେଇ ଚାଲ
ବୀର ସଇନିକପରି
ବିଦେଶୀହାତୁ ଭିଡି ଆଣିଛୁ
ଆମ ଶାସନ ଡୋରି
ଲଢ଼େଇକଲୁ ଜୀବନ ଦେଲୁ
ଧର୍ମ ଅହିଂସା ଧରି
ସୁଖକୁ ତେଜି ରକ୍ତ ନିଗାଡି
ଦେଇଛ ବକ୍ଷ ଚିରି
ଜଳ ଜଙ୍ଗଲ ଖଣି ଖାଦାନ
ବିଦେଶୀ ହାତେ ଦେଲ
ଲୁଣ୍ଠନକଲେ ବିକାଶ ନାମେ
ଗରୀବ ଧନ ଖାଇ
ସାଂପ୍ରଦାୟିକ ନାଆଁରେଦେଖ
ସବୁଠି ଖାଲିନିଆଁ
ନେତା ମନ୍ତ୍ରୀଙ୍କ ଭାଷଣ ଶୁଣି
ଲୋକ ହେଲେ ଗୁନିଆ
ବୋମାଫୁଟାଇ ସକାଳେ ସଂଜେ
ନିରୀହ ଲୋକମନରେ
ଘର କଣରେ କବାଟ ଦେଇ
ଲୁହ ଆଖିରୁ ଝରେ
ଗୁଳିରେ ବନ୍ଦୀ ଅକାଳେ ଗାନ୍ଧୀ
ଯୀଶୁ ତ କ୍ରୁଶ ବିଦ୍ଧ
ଆତଙ୍କରାଜ କରଇ ଅନ୍ଧ
ମୂକ ଗୌତମ ବୁଦ୍ଧ
ଗାଆଁ ସହର କି ନାରଖାର
ଉଜୁଡି ଯାଏ ବସ୍ତି
ମନ୍ଦିର ଗୀର୍ଜା ମସଜିଦ୍‌ରେ
ମିଳେନା ଟିକେ ଶାନ୍ତି
ବିଶ୍ୱରେ ନାହିଁ ଶାନ୍ତି ଓ ମୈତ୍ରୀ
ଠାକୁର ଆଲ୍ଲା ଯୀଶୁ
ମନ୍ଦିର ଖୋଜ ଗୀର୍ଜାରେ ଖୋଜ
ମଣିଷ ସାଜେ ପଶୁ
ଜାତି ଓ ଭେଦ ଭାଷା ଓ ଧର୍ମ
ମନର ପରିହର
ଦୂରେଇ ଦିଅ ହିଂସା ଓ ଦ୍ୱେଷ
ସୃଷ୍ଟି ତ ସ୍ରଷ୍ଟାଙ୍କର
କଷଣଯାଉ ଶାନ୍ତି ବିରାଜୁ
ଲେଖିବା ଇତିହାସ
ମାନବିକତା ପୂଜାପାଇବ
ହସୁ ମଣିଷ ଦେଶ

ନସତିପୁର, କେନ୍ଦ୍ରାପଡା

***

## ହଜାଇଥିବା ଜୀବନଟିଏ

ପାର୍ବତୀ ନାୟକ

କୁହୁକିନୀ ରାତ୍ରୀ ଆସୁଥିଲା
ପାଦ ଟିପି ଟିପି
ସପନର ପାହାଚ ଚଢ଼ି ଚଢ଼ି
ଗୋଧୂଳିର ଶେଷ ସ୍ପର୍ଶ,
ଲୁଚି ଲୁଚି ଯାଉଥିଲା ଦୂରକୁ
ନିବିଡ଼ ଅନ୍ଧାର ଭିତରେ
ଓଠର ହସ
ଆଖିର ଅସରନ୍ତି ସପ୍ନ, ନିରବତା,
ମହଲ ପରେ ମହଲ, ଡ଼େଇଁ ପହଂଚିଯାଏ
କେଉଁ ଅଜାଣତେ
ତମ ହାତରେ
ତୁମେ ଥିଲେ ସବୁ ମୋର ଅଛି
ପାଟି ଖୋଲିଲେ ବୁଝିଛ

ହାତ ପାତିଲେ ଧରିଛ
ସାଇତି ଥିବା ସବୁତକ ସ୍ନେହ
ଭଲପାଇବାରେ ଗଢ଼ା —— ସଂପର୍କ ସଉଧ ।
ଆଉ କ'ଣ ଲୋଡ଼ା ମୋର
ମାନିବା ନ ମାନିବା
କହିବା ନ କହିବା
ସବୁର ଉତ୍ତର ପୃଷ୍ଠା ପରେ ପୃଷ୍ଠା
ସାଇତି ରଖିଛି ବେଦରଦୀ ଛାତି ତଳେ
ଅନ୍ଧାରର ଅନ୍ତରାଳେ
ବର୍ତ୍ତମାନ, ଅତୀତ ଆଉ ଭବିଷ୍ୟତ
ଲୁଚକାଳି ଖେଳ
ବାଟ ଲମ୍ବିଯାଇଛି —— ଅବିଶ୍ୱାସଠାରୁ ବିଶ୍ୱାସ ଯାଏ ।
ଜୀବନର ପଥ ମଝିରେ
କେଉଁଠି ବୁଠ କେଉଁଠି ଘାଟ
ସବୁ ସ୍ମୃତି ହୋଇଯାଇଛି
ଶୂନ୍ୟତା ଭିତରେ, ଭିତରେ ପୂର୍ଣ୍ଣତା ମିଳେ ।
ପ୍ରତି ମୂହୁର୍ତ୍ତରେ
ସମସ୍ତ ସାଥିରେ —— ସ୍ୱପ୍ନର ପ୍ରାପ୍ତିରେ ——
ତୁମ ଛଳ ଛଳ ଆଖିରେ
ପୂର୍ଣ୍ଣତାରେ — ସମର୍ପିତ ଜୀବନରେ —

ନସତିପୁର, କେନ୍ଦ୍ରାପଡ଼ା

—✲✲✲—

## ସହୀଦ୍ ର କାହାଣୀ

ସୌଭାଗ୍ୟ କୁମାର ସାହୁ



ମରଣ ଶେଯରେ ଲେଖୁଛି ଆଜି
ଏହି ଜୀବନର ଶେଷ ଚିଠି..
ଏ ଦେଶ ପାଇଁ ସହୀଦ୍ ହେଲି
ବିଜୟ ଧ୍ୱଜା ଉଡ଼ାଇ ଏଠି ... (୧)
ନିଜକୁ ଆଜି ମୁଁ କରେ ଗରବ
ଭାରତ ମା'ର ସନ୍ତାନ ହୋଇ...
ପଡ଼ିଥିବ ଦେହେ ତ୍ରିରଙ୍ଗା ମୋର
ମରିଯିବି ଜୟହିନ୍ଦ କହି ...(୨)

ମାଆଲୋ ମୋର କାନ୍ଦିବୁ ନାହିଁ
ପୁଅ ମରଣେ ଲୁହ ଝରେଇ...
ତୋଠାରୁ ବଡ଼ ମୋ ଭାରତ ମାତା
ନେଇଛି ସିଏ ମୋତେ କୋଳେଇ...(୩)

ସଜନୀ (ସ୍ତ୍ରୀ) ମୋର କଥା ରଖିବ
ବାପା ମାଆଙ୍କର ଯତନ ନେବ...
ମୋ କଥା ପଚାରି କାନ୍ଦିଲେ ମୁନା
ଜହ୍ନ ଦେଖେଇକି ବୁଝେଇ ଦେବ...(୪)

କାନ୍ଦିବନି ତୁମେ ମୋକଥା ଭାବି
ଆଖିରୁ ତୁମ ଲୁହକୁ ଢାଳି...
ଏ ଦେଶ ପାଇଁ ତୁମ ସିନ୍ଦୁରକୁ
ଦେଇଛ ତୁମେ ଆଜିଗୋ ବଳି... (୫)

ଆମ ମୁନା ଯେବେ ବଡ଼ ହୋଇବ
ଏକଥା ତାକୁ ବୁଝେଇ ଦେବ...
ଏ ଦେଶ ହେଉଛି ତୋଅରି ମାଆ
ଏକଥା କେବେ ଭୁଲି ନଯିବ... (୬)

—✲✲✲—

# ଗୁରୁ

ଚନ୍ଦନ କୁମାର ସିଂହ



ମର୍ତ୍ତ୍ୟରେ ଅମୃତର ଦାତା...ଗୁରୁ...
ଗୁରୁ ଖାଲି ଶବ୍ଦ ନୁହ, ମର୍ତ୍ତ୍ୟରେ ସେ
ଅମୃତର ଦାତା
ଗୁରୁ ବିନା ମୂଲ୍ୟହିନ, ଏ ସଂସାରରେ
ଜୀବନ କବିତା
ଜୀବନର ଆରମ୍ଭରୁ, ଗୁରୁକୃପା
ଲଭିଥାଏ ଜୀବ,
ପିତା ମାତା ଗୁରୁ ସାଜି, ଗଢ଼ିଥାନ୍ତି ଶିଶୁର ଶୈଶବ,
ପୁଣି ସେ ମୁହୂର୍ତ୍ତ ଆସେ, ଯେବେ ସିଏ ଲଭେ ତାର ଗୁରୁ
ବିଦ୍ୟା ଲାଭ କରିଥାଏ, ଗୁରୁ ଦଣ୍ଡ ତାଡ଼ନା ପ୍ରେମରୁ,
ଜୀବନର ଅନ୍ତ ଯାଏ, ଗୁରୁ ଶିକ୍ଷା ପଥ ଯେ ଦେଖାଏ,
ବିପଥରେ ଯିବା ପୂର୍ବୁ, ଗୁରୁ ଶିକ୍ଷା ଶୁପଥ ଦର୍ଶାଏ,
ଗୁରୁ ଗୋଟେ ମାତା ସାଜି, ଶିଷ୍ୟକୁ ଟା ସ୍ନେହ ପ୍ରେମ ଦେଇ,
କେବେ ପୁଣି ପିତା ସାଜି, ଶିଷ୍ୟକୁ ଟା ଦଣ୍ଡ ମଧ ଦେଇ,
ଦଣ୍ଡି ଥାନ୍ତି ଗୁରୁ ସିନା, ନିଜେ ଥାନ୍ତି ବେସି ଦଣ୍ଡ ସହି,
ବନ୍ଧୁ ଭଳି ଗୁରୁବାକ୍ୟ, ଶିଷ୍ୟ ପାଶ କଦା ନ ଛାଡ଼ଇ,
ଶିକ୍ଷ୍ୟା ଲାଗି ପ୍ରଭୁ ଗୁରୁ, ଦତ୍ତାତ୍ରେୟ ଅବତାର ସେହି,
ସୃଷ୍ଟି ଠାରୁ ଅନ୍ତ ଯାଏ, ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁମହେଶ ଅଟଇ,
ତବ ଦିବ୍ୟ ପଦ ଦ୍ୱୟେ, ଏ ଚନ୍ଦନ ଶ୍ରଦ୍ଧା ପୁଷ୍ପ ଅର୍ପଣ କରଇ,
ଶୁଭାଶିଷ ଦିଅ ଦେବ, ଏ ଅଧମେ ଆପେ କୃପା ବହି

***

# ଆର୍ତ୍ତ ଜଣାଣ......

ଚନ୍ଦନ କୁମାର ସିଂହ

ଅହେ ଜଗବନ୍ଧୁ କରୁଣାର ସିନ୍ଧୁ,
ଆରତତ୍ରାଣ ମହାବାହୁ..!!
ବଢ଼ି ଚାଲେ ଦୁଃଖ ଦିନୁ ଅପ୍ରମିତ,
ତୁ ଅନ୍ତରରେ ଥାଉ ଥାଉ..!!
ଆଜ ଘୋଷ ଯାତ ବଡ଼ଦାଣ୍ଡେ ରଥ,
ରଥରେ ତୁମେ ଚକ୍ରଧାରୀ..!!
ଜନ ସିନ୍ଧୁ ଧାରେ ଭାସେ ତୋର ରଥ,
ଭବ ସିନ୍ଧୁର ତୁ ନାଉରୀ..!!
ପାଉଣା ନାହିଁ ରେ କଳା ନାଉରୀଆ,
ତୁ କରିବୁ କି ମୋତେ ପାରି..!!?
ଭକତି ଟିକକ ପାଉଣା ନେଇ ତୁ
ଏ ଭବ ଜଳୁ କର ପାରି..!!
ତୋର ଦୁନିଆ ରେ ଅଭାବି ହୋଇରେ,
ଜନମିବା ଅପରାଧ..!!
ମୃଗୁଣୀ ପରିକା ଜୀବନ ମୋ ଆଜ,
ଆଗେ ଅଗ୍ନି ପଛେ ବ୍ୟାଧ..!!
ମୋ ମନ ମୃଗୁଣୀ ଆରତ ତଟେ କି,
ଶୁଭୁନି ରେ ଚକ୍ଷୁଶ୍ରବା..!!?
ଧନିକ ଠାକୁର ଧନିକ ପାଇଁ ତୁ
ନିର୍ଦ୍ଧନି ମୁଁ ହତଭାଗା..!!
ତାରି ନ ପାରିଲେ ମାରି ଦେ ରେ ମୋତେ,
ନିଷ୍ଠୁର ତୁ ଶୂନ୍ୟଦେହୀ..!!
ଆଜ ଘୋଷ ଯାତେ ମୁକ୍ତି ଦେରେ ମତେ
ଆଉ କିଛି ମାଗୁ ନାହିଁ..!!
ଦୁଃଖି ଟିଏ ହୋଇ ଦୁନିଆରେ ତୋର,
ବଞ୍ଚିବାର ମୋହ ନାହିଁ..!!
ମୋହ ନାହିଁ ମୋହ ନାହିଁ..!!
ନ ଶୁଣିବୁ ଯଦି ଦୁଃଖିର ଆରତ,
ଆହେ ଭକ୍ତ ଭାବଗ୍ରାହୀ..!!
ତୋ ଅଦୃଶ୍ୟ ପାଦେ ମଥା ପିଟି ଆଉ,
ଲାଭ ନାହିଁ ଲାଭ ନାହିଁ..!!
ଜମା କିଛି ଲାଭ ନାହିଁ..!!!!

***

# ପତର ସାଉଁଟା ଝିଅ

ବୀଣାପାଣି ଦେବତା



ଖବରମାନ ଶୁଖିଲା ପତର ପରି
ଗୋଡାଇ ଆସନ୍ତି ମତେ।
ପତର ସାଉଁଟା ଝିଅ ମୁଁ
ଝୁଡିରେ ଭରିଲା ବେଳେ ସେମାନଙ୍କୁ
ସ୍ମୃତିବର୍ଷାର ଦାଗ

ଭିଜାଏ ମୋର ହାତ।
ଦିନେ ଦିନେ କୁହୁକୁହୁଆ ଖରା
ସାଉଁଳି ଦିଏ ମୋର ହତରେଖା।
କେବେ କେବେ ସେମାନେ ପୁଣି
ପବନରେ ଉଡି ଉଡି
ବୁଣନ୍ତି ମୋର ନିଆରା ପୋଷାକ।
ଶିଖାଇ ଦିଅନ୍ତି ଶ୍ୟାମଳ ବର୍ଣ୍ଣମାଳାରେ
କେମିତି ଆସେ ଋତୁ ବସନ୍ତ।
ପତର ସାଉଁଟା ଝିଅ ମୁଁ ବନ୍ଧୁ
ମୋ ଝୁଡିରେ ତୁମର ସବୁ ଖବର
ଆଗାମୀ ପାଇଁ ସବୁ ଋତୁପାଠ।

ଖିଦିରପୁର ଓଡିଆ ହାଇସ୍କୁଲ
୧-ସତ୍ୟ ଡକ୍ଟର ରୋଡ୍, କୋଲକୋତା-୭୦୦୦୨୩

***

## ଭକ୍ତିର ଦେଉଳେ ଦୟାର ଭିକାରି

ସନ୍ନ୍ୟାସୀ ନାୟକ



ଭକ୍ତିର ଦେଉଳେ
ଦୟାର ଭିକାରି
ଭିକ ମାଗି ମାଗି ଜୀବନ
ଜୀଇଁ ପୂଣ୍ୟର ବଣିକ
ପୂଣ୍ୟ କିଣିବାକୁ
ବ୍ରାହ୍ମଣ ଅଇଁଠା ପ୍ରସାଦ
ପାଏ। ଭୋକିଲା ପେଟରେ
ଖଞ୍ଜଣି ବଜାଇ
ଅନ୍ଧ ଗାଉଥାଏ ସାତ ସୁରରେ,
ନଡିଆ କଦଳୀ
ଭୋଗ ଦେଉଥାଉ
ଖିର ଭାସୁଥାଏ ନାଳ ପାଣିରେ।
ମୁଣ୍ଡିଆ ମାରି
ଦରିଦ୍ର ପସରା
ମାଗୁଛି ମୁଠାଏ ପେଟ ଭୋକରେ
ଭକ୍ତି ବାହାନାରେ
ଦୀପ ଜାଳି ଜାଳି
କେତେ ଘିଅ ପୋଡେ ହୋମ କୁଣ୍ଡରେ।
ମନ୍ଦିରୁ ବାହାରି
ଦୂରେ ଫିଙ୍ଗିଦିଏ
ରେଜା ପଇସାତ ଭିକ ମାଗିଣ,
ସାଉଁଟି ନିଅଇ
ଦୀନ ନାରାୟଣ
ଘୃଣ୍ୟ ବଦଳରେ ଯିଏ ଆଶିଷ।
ବିଗ୍ରହ ପୂଜୀ
ଗ୍ରହ ଶାନ୍ତି କରି
ପାଇଛି ପାରିଛି କିଏ ସେ ମୋକ୍ଷ।
ଭୁଜା ଭଗବାନ
ଦାଣ୍ଡରେ ବସିଛି
ଥରୁଟିଏ ଫେରି ଦେଖ ତା ଦୁଃଖ।

ଚକ୍ଷୁ ଚିକିତ୍ସା ସହକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀ
ମୋ:- ୯୪୩୭୩୫୨୫୬୦

***

## ଦୂରଦିଗନ୍ତ

କଳ୍ପନା ଦାସ ଅଧିକାରୀ



ବୟସର ଶେଷ ପାହାଚରେ ବସି
ଅନାଇ ରହିଛି ଦୂର ଦିଗନ୍ତକୁ ଆଜି
ଆଖିରେ କେତେ ଯେ ଅଶ୍ରୁର ଧାର
ମନରେ ପଶ୍ଚାତାପର କୋହ
ଜୀବନ ଯାକର ପାପ ପୁଣ୍ୟକୁ
ହିସାବ କରୁଛି ଆଜି
ବୟସର ଶେଷ ପାହାଚରେ ବସି .....!

ବୟସର ଫୁଲ ମଉଳି ଯାଇଛି
ରଙ୍ଗ ବି ପଡିଛି ଫିକା
ଜୀବନ ଆଜି ଥୁଣ୍ଟା ବରଗଛ
ସମୟ କରୁଛି ଥଟ୍ଟା
ରଙ୍ଗୀନ ଦୁନିଆଁରେ ଦିନେ ନିଜକୁ ରଙ୍ଗେଇ
ସାଜିଥିଲା ସେ ରୂପସୀ ରାଣୀ
ରୂପ ରଙ୍ଗରେ ମହିନୀ ଗୁଣରେ
ସଭିଙ୍କ ମନକୁ ସେ ପାରୁଥିଲା କିଣି
ସମୟ ବି ଦିନେ ଚାଖିଥିଲା
ତାର ଯୌବନର ସ୍ୱାଦ
ମନେ ମନେ ସେ ଭାବୁଥିଲା
ବୋଧେ ସମୟକୁ କରିଛି ତା ଅଧିନ
ଯୌବନର ଜୁଆରୀଆ ନଦୀରେ
ଭସାଇ ଦେଇଥିଲା ସେ ତାର ଅସ୍ତିତ୍ୱକୁ
ଭୁଲିଯାଇଥିଲା ସେ ତାର
ଶେଷ ପରିଣାମକୁ
ଭୋଗ ବିଳାସିତାର ଶେଜରେ
ନିଜକୁ କରିଥିଲା ସେ ଆତ୍ମସମର୍ପଣ
ସମୟର ବାସ୍ତବିକତାକୁ ବି
କରିଥିଲା ସେ ପ୍ରତ୍ୟାଖ୍ୟାନ
ନିଜ ଗର୍ବ ଅହଂକାରରେ ଉବୁଟୁବୁ
ଚାହୁଁଥିଲା ସେ ସମୟର ଗତିକୁ
ନିଜ ମୁଠାରେ ରଖିବାକୁ .....!
ବୟସ ଆଉ ସମୟର ଲୁଚକାଳି ଖେଳରେ
ଶେଷରେ ସେ ନିଜକୁ ଖୋଜି ପାଇଥିଲା
ବୟସର ଶେଷ ପାହାଚରେ .......!
ପଶ୍ଚାତାପର ନିଆଁରେ ଜଳୁ ଜଳୁ
ଶାନ୍ତି ଖୋଜେ ଏଇ ଦୂର ଦିଗନ୍ତରେ ।

***

# ମୁଁ

**କଳ୍ପନା ଦାସ ଅଧିକାରୀ**

ମୁଁ ଯେ କବିର କଳ୍ପନା
ଅସ୍ଥିର ଆନମନା
ମୁଁ ଯେ ନବଜାତ ଶିଶୁର
ନିଷ୍ପାପ ଛୁଆଁ ତାର ପ୍ରଥମ କୁଆଁ କୁଆଁ
ମୁଁ ଯେ ନବଯୌବନର ପ୍ରଥମ ସିହରଣ
ତାରି ଗୋଲାପି ଓଠର ପ୍ରଥମ ଆକର୍ଷଣ
ମୁଁ ଯେ ଅଶାନ୍ତ ସାଗରର
ଗଭୀର ଗର୍ଜନ ତାର ଉଛୁଳା ଜୁଆର
ମୁଁ ଯେ କୁଆଁରୀ କନ୍ୟାର ଓଠର ଲାଲ୍
ତାର ଆଖିର କଜଳ ଗାର
ମୁଁ ଯେ ଅବଳା ନାରୀର
ଲୁଟିଯାଉଥିବା ନାରୀତ୍ୱର ଅଳଙ୍କାର
ମୁଁ ଯେ ସେଇ ଲାଞ୍ଛିତା ନାରୀର
ବୁକୁଫଟା ଚିତ୍କାର
ମୁଁ ଯେ ସେଇ ଗରିବ ଅବହେଳିତ ସରଳ ନିଷ୍ପାପ
ଲୋକଙ୍କର ଆଶାର ଏକ ନୂଆ ସକାଳ
ମୁଁ ଯେ ଦୀଗହରା ପଥ ଭୁଲା
ଅଶାନ୍ତ ମନର କ୍ଳାନ୍ତ ଶରୀର
ମୁଁ ଯେ ନିର୍ଜୀବ ନିସାହାରା
ସୀମାହରା ମାଟିର ଗନ୍ଧ
ମୁଁ ଯେ ନବ ବଧୂର
ମନରେ ଭରା ଅସୀମ ଉନମାଦ ।
ମୁଁ ଯେ ଏଇ କାଳର କାଳ୍ପନିକ
ଅମାନୀୟ ଅନାମିକା କବିର କଳ୍ପନା..... ।
ମୁଁ ଯେ ଏଇ କିଟିମିଟି ଅନ୍ଧାର ରାତିର
ଜଳନ୍ତା ଦୀପର ଅଲିଭା ଶିଖା
ମୁଁ ଯେ ଏଇ ସ୍ୱାର୍ଥୀ ଲୋକଙ୍କ ଭିତରେ
ହଜିଯାଉଥିବା ନିସ୍ୱାର୍ଥତାର ଭଲପାଇବା
ମୁଁ ଯେ ନିଜର ଅସ୍ତିତ୍ୱ ହରାଉଥିବା
ଏକ ନିଶବ୍ଦ ପରିଭାଷା.... !

***

## ହାରିଯିବା ପ୍ରକୃତିଠାରୁ

ବାସନ୍ତୀଲତା ମହାପାତ୍ର



ବିଷୁବର ଆଗମନରେ
ଭୀତତ୍ରସ୍ତ ଏ ମାଟି
ସୂର୍ଯ୍ୟର ଦକ୍ଷିଣାୟନ ଗତି
ବିଶ୍ବଦେବ ତାଣ୍ଡବର ଲେଲିହାନ ଶିଖା
ନଦୀ,ନାଳର ଆର୍ତ୍ତ ଚିତ୍କାର
ସବୁ ଦୁଃଖ ଭିତରେ ସାଗତ ମଜାରେ
ଗାଁକୁ ଗାଁ ପାଟୁଆ ନାଚ,
ଉଡା ପାଟୁଆ
ପାଣି ପଣାରେ ବଡ ବଡୁଆଙ୍କୁ ସାଗତ
ଦେବ ଦେବୀଙ୍କୁ ଆବାହନ
ଏ ଭିତରେ ଦୁଃଖକୁ ସାଉଁଟୁଥିବେ
ଟୋପାଏ ଜଳପାଇଁ
କାନ୍ଦୁଥିବ ଜୀବଜଗତ
ଅତିଷ୍ଠ ଆଜି ଜଳକଷ୍ଟ
ନୀରବରେ ତପନ
ଦେଖୁଥିବ ନିର୍ବିକାରରେ
ହସୁଥିବ ବୈଶାଖ ସହିତ
ମଣିଷର ଔଦ୍ଧତ୍ୟ ଆଜି ସୀମା ଡେଇଁଛି
ସହି ସହି ଧରା ଆଜି ହୀନ ବୀର୍ଯ୍ୟ
ତଥାପି ମଣିଷ ମାତିଚାଲିଛି
ଲଂଘିଯାଉଛି ସୀମା, ସରହଦ
ଧରିତ୍ରୀ ସହିତ ଯୁଦ୍ଧ କରି
ନଷ୍ଟ କରୁଛି ନିଜକୁ ନିଜେ
ଖେଳିଚାଲିଛି ସାର୍ଥର ଖେଳ
ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ ଭଳି
ସେବି ପହଁରିବ ଅଗ୍ନିଧାମରେ
ହସୁଥିବେ ସୂର୍ଯ୍ୟଦେବ
ଦୂର ଆକାଶରେ ଥାଇ
ହୋଃ ହୋଃ, ହାଃ ହାଃ ହୋଇ
ସର୍ବଶକ୍ତିମାନ ମନୁଷ୍ୟ
ପୁରାଇଥିବ ତା'ର ଦମ୍ଭ
ହାରିଯିବ ପ୍ରକୃତି ଠାରେ ।

ବାରିପଦା
ମୋ-୦୯୪୩୭୪୪୪୦୬୬

## ଜୀବନର ଯବନିକା

ଇଂ. ସତ୍ୟବ୍ରତ ରଥ



ଅଦିନଟାରେ ଏତେ ପବନ
ସମ୍ଭାଳୁ ନ ଥିଲେ ଗାଛାଠୁ ମୁଣ୍ଡିଆ ପର୍ଯ୍ୟନ୍ତ
ଠିଆ ହୋଇଥିଲେ ଯେତେ ଗଛ,
ବାଘା ରଜା ଭଳି ଏ ପବନ
ଦିଗବଣା ହେଉଥିଲା
କିଏ ବା ବୁଝିବ ତା' ମନ !
ରସାନନ୍ଦ ବୁଢ଼ା ମୁଣ୍ଡିଆ ଆଡକୁ ଚାହିଁ
ଥରକୁ ଥର ଏପଟ ସେପଟ,
ମେଣ୍ଢାପଲ ଫେରିନାହାନ୍ତି ବୋଲି
ହେଉଥିଲା ଭାରି ବ୍ୟସ୍ତ ।
ମନକୁ ମନ ବୁଝାଇ ଚାଲିଥିଲା ବୁଢ଼ା
ଉଡୁଛି ତ ଶଙ୍ଖଚିଲଟେ ପୂର୍ବପଟେ
ଥମିଯିବ ପବନର ବେଗ ।
ଗୁଣୁଗୁଣୁ ହୋଇ କହୁଥିଲା
ଜଗୁଆଳ ଟୋକାଟା ତ ଟଗଲା ବଗଲା ନୁହେଁ
ବୁଝିଲାଣି ନୀରିହ ପଶୁଜନ୍ତୁଙ୍କ ରାବ,
ସେ ହୁସିଆର ଥିବ ନିଶ୍ଚୟ ।
ଥମିଯାଇ ପବନ, ଫେରିଆସନ୍ତି ମେଣ୍ଢାପଲ
ଏମାନେ ପରା ମୋ ଜୀବନ ।
ପିଲାଦିନେ ସାବତମାଆର ଗଞ୍ଜଣା
ସାବତ ଭାଇର ଠିଆ ଗୋଇଠା, ଚାପୁଡା
ଛାଡିଥିଲା ରସା ଘରଦ୍ୱାର,
କେହି ବୁଝିନଥିଲେ ତା ଦୁଃଖ,
କାହା ଓଠରେ ନ ଥିଲା ଆହା ପଦେ
ଯେଉଁମାନଙ୍କୁ ସେ ଭାବିଥିଲା ମଣିଷ ।
ଦୁଃଖ ବୁଝିଥିଲା ଗୋଟେ ମେଣ୍ଢାଛୁଆ
ଯାହାକୁ କୁକୁର ପନ୍ଝା ଆଗରୁ
ଟେକିଆଣି ମାଲିକାଣୀଙ୍କ ଘରେ
ଛାଡିଦେଇଥିଲା ରସାନନ୍ଦ

ସେଇଦିନଠୁ ତା'କୁ ମିଳିଥିଲା ବାଟ,
ମେଣ୍ଢାପାଳଙ୍କ ସେବାରୁ
ଏବେ ସେ ଦେଖୁଛି କେମିତି ଚାଲିଛି ସଂସାର।
ପାଷବଖରା ଘରକୁ ଟାଇଲି ଛପର
ଶହେ ମେଣ୍ଢାଙ୍କର ତା' ଉପରେ ନଜର
ନାଆଁ ଧରି ସେ ଯେଉଁ ମେଣ୍ଢାକୁ ଡାକିବ
କାନ ହଲାଇ ସେ ଉତ୍ତର ଦେବ।
ସେ ବୁଝିଛି- ମଣିଷ ବୁଝିପାରେନା ଦୁଃଖ
ତା ହୃଦୟ ଭିତରେ ମାପିହେବନି ସ୍ୱାର୍ଥ
ପଥର ଭଳି ତା'ର କାନ
ନାଆଁ ଧରି ଡାକିଲେ ସେ କି ଶୁଣିବ ?

କଲେଜ୍ ରୋଡ, ବାଙ୍କୀ, କଟକ

***

## ସମୁଦ୍ର

### ବୈଦ୍ୟନାଥ ଖିଲାର

ସମୁଦ୍ର
ମୋ' ଭିତରେ ଅନେକ ସମୁଦ୍ର ।
ସମୁଦ୍ର ଜଳେ
ଏଇ ଦେଖୁନ
ତା' ଜଙ୍ଘ ଜଙ୍ଗଲରେ
ହୁତ୍ ହୁତ୍ ନିଆଁ ।
କିଏ ଜାଣିନି ଯେ ସମୁଦ୍ର ମିଠା ?
ଅଥଚ୍ ଶୁଖୁଆବାଲୀର
କାଖ ପାଖରେ ଝାଲୁଆ ଲୁଣି ଗନ୍ଧରେ
କେମିତି ମହକି ଉଠେ
ନୋଳିଆଙ୍କ ବସ୍ତିର ବ୍ଲାଉଜ୍
ତା' ଗଭୀର ଗଭାର କିଆ ଫୁଲରେ
ନାଭି ମଣ୍ଡଳର ପଦ୍ମଗନ୍ଧରେ
ଓଦା ହୋଇଯାଏ ମୋର
ଦୁର୍ବାର ପାପୁଲି
କଂଚା ମାଂସର ଚହଲି ଚହଟି ଯାଏ
ତରତର ଆତୁର ଅତର,
ଜାକି ଧରେ ତା ଅକ୍ଟୋପାସର ବେନି ବାହୁ
ମୁଁ କବଳିତ ହୋଇଯାଏ ଅନ୍ଧ ଅନ୍ଧାରରେ ।
ଆଗେ ବିବସ୍ତ୍ର କରେ ମୋତେ
ମୋର ଗୋଡ଼ଦୁଇଟିର ଫର୍ଚ୍ଚା ଫାଙ୍କରେ
ପେଟେଇ ପଡ଼େ ସମୁଦ୍ର
ରାତି ନ ପାହୁଣୁ ସମୁଦ୍ର ପଶିଯାଏ ସମୁଦ୍ରରେ
ଧୋଉଥାଏ ଅସନା ଅଣ୍ଟାକୁ
ମୁଁ ଶୋଇଥାଏ ବିବାକ୍ ଫୁଙ୍ଗୁଳା
ଚିତ୍ ହୋଇ
ଚେତନାର ଚଉହଦି ସେପାରେ ।
ନିଦ ଭାଂଗେ
ଆଉ ମାତ୍ର ସାତ ପାଦେ ରାସ୍ତା
ବାକି ଥାଏ ସାତ ଲଉଡ଼ି ମଠକୁ ।
ଏବେ ଦେଖନ୍ତୁ ଆଜ୍ଞା
ମଠର ମିଠାକୁ ଚାଖି ପାରିଛି ବୋଲି
ସମୁଦ୍ର ଦ୍ରବେଇ ଯାଉଛି କେମିତି
ମୋ ମାଂସର ମିଥୁନ ପାଟିରୁ ।

ଶଙ୍କରପୁର, ଚାଉଳବାଟିଆ, କଟକ
ମୋ.: ୯୭୭୭୯୭୭୪୫୪

***

## ତୁମେ ଆସୁଛ ବୋଲି

### ମୋନାଲିସା ଚୌଧୁରୀ



ତୁମେ ଆସୁଛ ବୋଲି
ସୂରୁଯ ତାର ସୁନେଲି
ଦେହକୁ କରୁଛି ସଫା
ବରଷା ଭି ଖୁସିରେ
ଯାଉଛି ନାଚି।।

କୁକୁଡା ମୁକଟରେ ତାର
ଖଞ୍ଜୁଛି ଗୋଲାପ
ସତ ପ୍ରେୟସି ଭଳି।।

ଆଉ ମୁଁ ଆଖିର
ଲୁହରେ ଧୋଇକି ମୁହଁ
ଫୁଲର ପାଖୁଡାରେ
ସଜାଇଛି ଦେହ।।

***

# ସହଭାଗିତା

-ଅଧ୍ୟାପକ ଚିତ୍ତରଂଜନ ମିଶ୍ର
ପଞ୍ଚାୟତ ମହାବିଦ୍ୟାଳୟ, ଫିରିଙ୍ଗିଆ



ସେଦିନ ଦୌଡ଼ ପ୍ରତିଯୋଗିତାରେ ହାରିଯାଇଥିବା ଠେକୁଆ ଜଙ୍ଗଲର ରାଜା ସିଂହଙ୍କ ପାଖରେ ଅଭିଯୋଗ କଲା "ବାସ୍ତବରେ କ'ଣ କଇଁଛଟିଏ ଠେକୁଆଠାରୁ ଦୌଡ଼ ପ୍ରତିଯୋଗିତାରେ ଜିତିପାରେ ? ସାମାନ୍ୟ ଆଳସ୍ୟ ପରାୟଣତା, ଅତ୍ୟଧିକ ଆତ୍ମବିଶ୍ୱାସ ଏବଂ କଇଁଛ ପ୍ରତି ତାଚ୍ଛଲ୍ୟ ଭାବର ଫଳସ୍ୱରୂପ ସବୁଦିନ ପାଇଁ ଠେକୁଆ ଜାତି କ'ଣ ଏମିତି ଏକ ବିରାଟ ଅପମାନର ବୋଝ ବୋହି ଚାଲିଥିବ ? ଏହା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ।" ଠେକୁଆ ପୁଣି ଥରେ ପ୍ରତିଯୋଗିତାର ଆହ୍ୱାନ ଦେଲା। ସିଂହରାଜା ଉକ୍ତ ପ୍ରତିଯୋଗିତାର ବିଚାରକ ଦାୟିତ୍ୱ ହାତକୁ ନେଲେ। ପୁଣି ଆରମ୍ଭ ହେଲା ପ୍ରତିଯୋଗିତା। ଏଥର କିନ୍ତୁ ଜିତିଗଲା ଠେକୁଆ। କଇଁଛ ବି ଚୁପ୍ ରହିବା ପ୍ରାଣୀ ନୁହଁ, ସେ ବି ଅଭିଯୋଗ କଲା- "ମୁଁ ଜଳରେ ବେଶି ସମୟ କଟାଇଥାଏ। ଜଳପଥରେ ମୁଁ ଶୀଘ୍ର ଗତି କରିପାରେ। ସ୍ଥଳପଥରେ ଗତି କରିବା ମୋ ପାଇଁ କଷ୍ଟସାଧ୍ୟ। ଗୋଟିଏ ସ୍ଥଳଚର ପ୍ରାଣୀ ସହ ମୋର ଦୌଡ଼ ପ୍ରତିଯୋଗିତା ସମୀଚୀନ ନୁହେଁ। ବରଂ ମତେ ଜଳପଥରେ ଏବଂ ଠେକୁଆକୁ ସ୍ଥଳପଥରେ ପ୍ରତିଯୋଗିତା କରାଇବାର ବନ୍ଦୋବସ୍ତ କରାଯାଉ।" ସିଂହରାଜା ଅଭିଯୋଗ ପତ୍ର ଗ୍ରହଣ କଲେ ଏବଂ ଅଭିଯୋଗର ଯଥାର୍ଥତାକୁ ଉପଲବ୍ଧି କରି ପୁଣିଥରେ ପ୍ରତିଯୋଗିତାର ଆୟୋଜନ କଲେ। ଉଭୟ ଜଳ ଏବଂ ସ୍ଥଳପଥରେ ଦୌଡ଼ ପ୍ରତିଯୋଗିତା ହୋଇପାରିଲା ଭଳି ସ୍ଥାନଟିଏ ସେ ବାଛିଲେ। ଜଙ୍ଗଲ ଶେଷରେ ଥିବା ପୋଖରୀକୁ ନିଆଗଲା ପ୍ରତିଯୋଗୀମାନଙ୍କୁ। ପୋଖରୀର ଚାରିବାହୁ ସଂଲଗ୍ନ କୋଣର ଚାରି ଶୀର୍ଷବିନ୍ଦୁକୁ 'କ', 'ଖ', 'ଗ', 'ଘ' ନାମିତ କରାଗଲା ଏବଂ ଠେକୁଆକୁ ନିର୍ଦ୍ଦେଶ ହେଲା 'କ' ବିନ୍ଦୁରୁ ବାହାରି 'ଗ' ବିନ୍ଦୁରେ ପହଞ୍ଚିବ ଏବଂ କଇଁଛକୁ ନିର୍ଦ୍ଦେଶ ହେଲା ଜଳପଥରେ 'କ' ବିନ୍ଦୁର ବାହାରି 'ଗ' ବିନ୍ଦୁରେ ପହଞ୍ଚିବ ନିମ୍ନ ଚିତ୍ର ପ୍ରକାରେ।

ପ୍ରତିଯୋଗିତା ହେଲା। ଏଥର କିନ୍ତୁ ପୁଣି କଇଁଛ ଜିତିଗଲା। ଠେକୁଆ କି ଚୁପ୍ ରହିବା ଜନ୍ତୁ, ସେ ପୁଣି ଅଭିଯୋଗ କଲା। "ନା' ଏ ପ୍ରତିଯୋଗିତା ଠିକ୍ ନୁହଁ। ମୁଁ 'କ' ବିନ୍ଦୁରୁ ବାହାରି 'ଖ' ବିନ୍ଦୁ ଦେଇ 'ଗ' ବିନ୍ଦୁରେ ପହଞ୍ଚିଲି, ସେ କିନ୍ତୁ 'କ' ବିନ୍ଦୁରୁ ବାହାରି ସିଧା 'ଗ' ବିନ୍ଦୁରେ ପହଞ୍ଚିଲା। ତ୍ରିଭୁଜର ଦୁଇ ବାହୁର ସମଷ୍ଟି ତୃତୀୟ ବାହୁ ଅପେକ୍ଷା ବୃହତ୍ତର। ଏହି ସୂତ୍ର ଅନୁଯାୟୀ ମତେ ଅଧିକ ରାସ୍ତା ଅତିକ୍ରମ କରିବାକୁ ପଡ଼ିଲା। କଇଁଛ କମ୍ ରାସ୍ତା ପାଇବାରୁ ଶୀଘ୍ର ପହଞ୍ଚିଗଲା।" ସିଂହ ରାଜାଙ୍କ ଅକଲ ଗୁଡୁମ୍। ସେ ଦେଖିଲେ ଏ ପ୍ରତିଯୋଗିତା କେବେ ସରିବ ନାହିଁ। ସେ ନିଜ ବୁଦ୍ଧିରୁ ସୂତ୍ରଟିଏ ବାହାର କଲେ ଏବଂ ନିର୍ଦ୍ଦେଶ ଦେଲେ "କ' ବିନ୍ଦୁରୁ 'ଖ' ବିନ୍ଦୁ ଦେଇ 'ଗ' ବିନ୍ଦୁ ପର୍ଯ୍ୟନ୍ତ ଅତିକ୍ରମ କରିବାକୁ ହେବ, କିନ୍ତୁ ଏକ ଭିନ୍ନ ଢଙ୍ଗରେ ଏହି ପ୍ରତିଯୋଗିତା ହେବ।" ଠେକୁଆ ଏବଂ କଇଁଛ ଉଭୟେ ମୁଣ୍ଡ ହଲାଇ ସମ୍ମତି ପ୍ରଦାନ କଲେ। ସିଂହରାଜା ନିର୍ଦ୍ଦେଶ ଦେଲେ "ଅଧା ବାଟ ପର୍ଯ୍ୟନ୍ତ ଠେକୁଆ କଇଁଛକୁ ପିଠିରେ ବସାଇନେବ ଏବଂ ଅନ୍ୟ ଅଧାବାଟ କଇଁଛ ଠେକୁଆକୁ ପିଠିରେ ବସାଇ ନେବ।" ତାହାହିଁ ହେଲା, ଅଧା ବାଟ କଇଁଛ ବୋହିଲା ଠେକୁଆକୁ ଏବଂ ଅନ୍ୟ ଅଧାବାଟ ଠେକୁଆ ବୋହିଲା କଇଁଛକୁ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ ସିଂହରାଜା ପଚାରିଲେ "କିଏ ପ୍ରଥମେ ପହଞ୍ଚିଲା ?" ଠେକୁଆ କହିଲା ମୁଁ, କଇଁଛ ବି କହିଲା ମୁଁ। ସିଂହରାଜା କହିଲେ ନା ଉଭୟେ ଏକା ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲ। ତେଣୁ ଉଭୟେ ବିଜେତା। ଜଣେ କେହି ଜାତୀୟ କିମ୍ବା ଆନ୍ତର୍ଜାତୀୟ ସ୍ତରରେ ନା କମେଇଦେଲେ ରାଷ୍ଟ୍ରର ଉନ୍ନତି ସାଧନ ହୋଇଯାଏନି ବରଂ ପରସ୍ପର ସହଯୋଗର ହାତ ବଢ଼ାଇ ସମଗ୍ର ରାଷ୍ଟ୍ରକୁ ଉନ୍ନତିପଥରେ ଆଗେଇ ନେବା ହେଉଛି ଆଜିର ଆହ୍ୱାନ। ତେଣୁ ବର୍ତ୍ତମାନ ଜଣେ ଭଲ ଶିକ୍ଷକ, କେତେଜଣ ଉତ୍ତମ ବିଦ୍ୟାର୍ଥୀ ଏବଂ ଶିକ୍ଷକ ସୃଷ୍ଟି କରିପାରିଛନ୍ତି, ଜଣେ ଭଲ ସାହିତ୍ୟିକ କେତେଜଣ ସାହିତ୍ୟ ପତ୍ରିକାକୁ ପୃଷ୍ଟପୋଷକତା ପ୍ରଦାନ କରିଛନ୍ତି ଏବଂ ଜଣେ ଭଲ ବୈଜ୍ଞାନିକ କେତେ ଜଣ ନୂଆ ବୈଜ୍ଞାନିକ ସୃଷ୍ଟି କରିପାରିଛନ୍ତି, ତାହା ବିଚାର କରିବାର ବେଳ ଆସିଛି।

ଆସନ୍ତୁ, ସମସ୍ତେ ମିଶି ଓଡ଼ିଆ ଭାଷା, ସାହିତ୍ୟ ଏବଂ ଜାତିକୁ ସମୃଦ୍ଧ କରିବା।

କିମ୍ ଅଧିକମ୍

-ବନ୍ଦେ ଉତ୍କଳ ଜନନୀ।-

("ସବୁଜଶ୍ରୀ ସାହିତ୍ୟ ସଂସଦ" ଫିରିଙ୍ଗିଆର ବନ୍ଧୁମିଳନ ଉତ୍ସବ ୨୦୧୩ ଏବଂ ମୁଖପତ୍ର "ଶୈଳଶ୍ରୀ" ଉନ୍ମୋଚନ ଉତ୍ସବର ସଂପାଦକୀୟର ଅଂଶ ବିଶେଷ)

-ସମ୍ପାଦକ, ସବୁଜଶ୍ରୀ ସାହିତ୍ୟ ସଂସଦ,
ଫିରିଙ୍ଗିଆ, କନ୍ଧମାଳ, ୭୬୨୦୧୧
ଦୂରଭାଷ: ୯୪୩୭୭୭୦୪୭୦

# ଚକ୍ରବ୍ୟୁହ

ବିନୋଦିନୀ ନନ୍ଦ



ବୁଝିଲୁ ଚନ୍ଦ୍ରମା : ମୁଁ କାମ କରୁଥିବା ସହରରେ ଜଣେ ମ୍ୟାଡ଼ମ୍ ତାଙ୍କ ଘର ଓ ବିଉଟି ପାର୍ଲର'ର କାମ ସମ୍ଭାଳିବା ପାଇଁ କର୍ମନିପୁଣା ଓ ସଚ୍ଚୋଟ ଝିଅଟିଏ ଖୋଜୁଥିଲେ। ମାସକୁ ପାଞ୍ଚହଜାର ଟଙ୍କା ଦରମା। ତା' ବ୍ୟତୀତ ଖାଇବା, ପିନ୍ଧିବା ଓ ଲଗାଇବା ତେଲ ସାବୁନର ଖର୍ଚ୍ଚ ମଧ ମାଲିକ ବହନ କରିବେ। ତେଣୁ ସବୁ ଟଙ୍କା ତୋ ପାସ୍‌ବୁକରେ ହିଁ ଜମା ହୋଇ ରହିବ। ସ୍ୱାମୀ ସ୍ତ୍ରୀ ଦି'ଜଣିଆ ସଂସାରର ଘରକାମ ଅବା କେତେ? ମୁଁ ଭାବୁଛି ତୋ ପରି ଚାଲାକ୍ ଚତୁର ଝିଅପାଇଁ ତ ବାଁ ହାତର ଖେଳ। ତୁ ତ ମାଟ୍ରିକ ଯାଏଁ ବି ପାଠ ପଢ଼ିଛୁ। ତେଣୁ ମୋର ବିଶ୍ୱାସ, ତୁ ଅଳ୍ପ ଦିନ ଭିତରେ ତାଙ୍କ ବିଉଟିପାର୍ଲରର କାମ ମଧ ଶିଖିଯିବୁ ଏବଂ ଆଗକୁ ତୋ ଦରମା ଆହୁରି ବଢ଼ିବାର ବି ସମ୍ଭାବନା ଅଛି। ତେବେ ଗୋଟିଏ କଥା, ଅନ୍ତତଃ ଦୁଇବର୍ଷ ସେଠାରେ ରହିବା ପାଇଁ ତୋତେ ସେମାନଙ୍କ ଚୁକ୍ତିପତ୍ରରେ ସାକ୍ଷର କରିବାକୁ ପଡ଼ିବ। ଦେଖିବୁ ଦୁଇବର୍ଷ ବି ଚାହୁଁ ଚାହୁଁ ପାଣି ପରି ଗଡ଼ିଯିବ। ଆଉ ତା' ପରେ ପ୍ରଚୁର ଟଙ୍କା ରୋଜଗାର କରି ଆମେ ଦୁହେଁ ତୋ ଜେଜେମା ନିକଟକୁ ଫେରି ଆସିବା। ମୋର ବି ତ ବାପା ମା' କେହି ନାହାଁନ୍ତି। ତେଣୁ ତୋ ଜେଜେମା'ର ଆଶୀର୍ବାଦ ନେଇ ତୋତେ ବାହାହେବା ହୋଇ, ମୁଁ ତୁମରି ଗ୍ରାମରେ ହିଁ ରହିଯିବି ବୋଲି ଭାବୁଛି।

ଚକ୍ରଧର ତୁଣ୍ଡରୁ ଅର୍ଥ ରୋଜଗାର ସହିତ ବିବାହର ପ୍ରସ୍ତାବ ଶୁଣି ଚନ୍ଦ୍ରମାର ଛାତିରେ ଖେଳିଗଲା ଶଙ୍ଖଧବଳ ମେଘର ରୋମାଞ୍ଚ। ସତେ ଅବା ସେ ସ୍ୱପ୍ନ ଦେଖୁଛି, ସ୍ୱପ୍ନ ତ ଏକ କୁହୁକ ପରି ଆଖି ପିଛୁଳାକେ ତାକୁ ଉଡ଼ାଇ ନେଲା କାହିଁ କେତେ ଦୂରକୁ। ତା' ଭଙ୍ଗା ମନରେ ପୁଣି ଭରି ଦେଲା ଆଶା। ସେ ଏତେ ବ୍ୟଗ୍ର ଏବଂ ଉଦ୍‌ବିଗ୍ନ ହୋଇ ପଡ଼ିଲା ଯେ ଆଖିରୁ ତା'ର ନିଦ ହଜିଗଲା। ଲାଭକ୍ଷତିର ହିସାବ କରିବା ତ ଦୂରର କଥା ଭଲ କି ଭେଲ ପରଖିବାକୁ ବି ତର ସହୁନଥିଲା। ତା' ଆଖି ସମ୍ମୁଖରେ କେବଳ ନାଚି ଉଠୁଥିଲା, ଚକ୍ରଧର'ର ଗୋରା ଟକଟକ ସୁଗଠିତ ଚେହେରା।

ବସ୍ତିର ପିଲାମାନଙ୍କଠାରୁ ନିଆରା ଥିଲା ଚକ୍ରଧର। ପାଖ ବସ୍ତିରେ ଥିବା ତା'ମାମୁଁ ଘରକୁ ବୁଲିବାକୁ ଆସିଥିବାବେଳେ ଚନ୍ଦ୍ରମା ସହିତ ତା'ର ସାକ୍ଷାତ୍ ହୋଇଥିଲା ସାପ୍ତାହିକ ହାଟ ପଡ଼ିଆରେ। ସହରରେ ଥିବା ଜଣେ ବାବୁଘରେ ଡ୍ରାଇଭର କାମ କରି ବେଶ୍ ଦି' ପଇସା ରୋଜଗାର କରେ ଚକ୍ରଧର। ସେଇ ପ୍ରଥମ ଦେଖାରୁ ହିଁ ତା'ର ଭଦ୍ର ସଂଯତ ବ୍ୟବହାର, ପରିଷ୍କାର ପରିଚ୍ଛନ୍ନ ବେଶ ପୋଷାକ ଓ ବାକ୍ ଚାତୁରୀ ଦେଖି ଖୁବ୍ ପ୍ରଭାବିତ ହୋଇଯାଇଥିଲା ଚନ୍ଦ୍ରମା। ଆଉ ଏଇ କେତୋଟି ସପ୍ତାହ ମଧରେ ଚକ୍ରଧର ତା' ମନରେ ଏମିତି ଆସନ ଜମାଇ ଦେଲା ଯେ, ଦିନେ ତାକୁ ନଦେଖିଲେ କୌଣସି ଅମୂଲ୍ୟ ପଦାର୍ଥ ହରାଇଦେବା ପରି ତା'ର ମନେ ହେଉଥିଲା। ଚକ୍ରଧରର ବି ବୋଧହୁଏ ସେହି ଏକା ଅବସ୍ଥା। ଜେଜେମା'ର ଅନୁପସ୍ଥିତିର ସୁଯୋଗନେଇ ନିତି ସେ ଆସି ଚନ୍ଦ୍ରମା ସହିତ ସାକ୍ଷାତ୍ କଲା। ଏମିତି ସବୁ ଦାମୀ ଉପହାର ଦେଲା ଯେ ତାହା ଦେଖି ଚନ୍ଦ୍ରମାର ଆଖି ଖୋସି ହୋଇଯାଉଥିଲା। ଚକ୍ରଧର ଚାରି ନିଶାପାଣି ଅଭ୍ୟାସ ନଥିବା ରୋଜଗାରିଆ ପିଲାଟିଏ ତ ଜୀବନସାଥୀ ରୂପେ ଚାହୁଁଥିଲା ଚନ୍ଦ୍ରମା। ତେଣୁ ତା' ସହିତ ଦୂର ସହରକୁ ଚାଲିଯିବାକୁ ମନ ତା'ର ଉଚ୍ଛନ୍ନ ହୋଇଉଠୁଥିଲା।

କିନ୍ତୁ ଜେଜେମା' ଯେ ତା'ର ଦୂର ସହରକୁ ଚାଲିଯିବା ପ୍ରସ୍ତାବରେ କେବେ ବି ସମ୍ମତି ଜଣାଇବ, ସେ ଭରସା ନଥିଲା ଚନ୍ଦ୍ରମାର। ଭାବିଲା, ପିଲାବେଳୁ ଜନ୍ମଦାତ୍ରୀ ଜନନୀ ତ ତାର କୌଣସି ରୋଗରେ ପଡ଼ି ଆର ପାରିକି ଚାଲିଗଲା। ଆଉ ନିଶାଖୋର ବାପା ବି କୁନିଝିଅ ଚନ୍ଦ୍ରମାକୁ ବିଧବା ଜେଜେମା' କୋଳରେ ଥୋଇଦେଇ, ନୂଆ ମା'କୁ ଧରି କେଉଁଆଡ଼େ ଚାଲିଗଲା ଯେ ତା'ର ବି ଆଉ ଦେଖାଦର୍ଶନ ନାହିଁ, ଏବେ ଜେଜେମା' ହିଁ ତାର ସବୁକିଛି। ଖୁବ୍ ଭଲପାଏ ତା'କୁ। କଙ୍ଗାରୁଛୁଆ ପରି ପେଟରେ ଜାକି କୋଳରେ କାଖେଇ, ପେଜତୋରାଣି ପିଆଇ ଏତୁଟିଏରୁ ଏତେ ବଡ଼ କରିଛି, ଘରର ଆର୍ଥିକ ଚାହିଦା ପୂରଣ ପାଇଁ ନିଜେ ସେ ପରଘରେ କାମ କରିଛି ସିନା, ଚନ୍ଦ୍ରମାର ପାଠ ପଢ଼ା ବନ୍ଦ କରିନି। ଫଳରେ ଗ୍ରାମରେ ଥିବା ଆଶ୍ରମ ସ୍କୁଲରୁ ମାଟ୍ରିକ୍‌ପାସ୍ କରିଗଲା ଚନ୍ଦ୍ରମା। ହେଲେ ଏବେ ତାକୁ ନା ଘରଘର ବୁଲି ବାସିକାମ କରିବାକୁ ମନ ବଳୁଛି ନା' ତାକୁ ଅନ୍ୟ ଝିଅମାନଙ୍କ ପରି ଦୂର ସହରକୁ ଯାଇ ଟଙ୍କା ରୋଜଗାର କରିବା ପାଇଁ ଜେଜେମା' ମଙ୍ଗୁଛି। ବରଂ ରୋକ୍‌ଠୋକ୍ ମନା କରି କହୁଛନ୍ତି କ'ଣ ନା, ସେ କାମ କରୁଥିବା ବାବୁଘର ମା' ପରା କହୁଛନ୍ତି, ଏବେ ଦଲାଲ୍‌ମାନେ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ଘୂରି ବୁଲୁଛନ୍ତି। ଚାକିରି ଓ ବାହାଘର କରାଇ ଦେବାର ଲୋଭ ଦେଖାଇ ଝିଅମାନଙ୍କୁ ନେଇ ସହରରେ ବିକ୍ରି କରିଦେଉଛନ୍ତି କିମ୍ବା ଦେହ ବ୍ୟବସାୟରେ ଲଗାଇ ଦେଉଛନ୍ତି। ତୋର କାମ କରିବା ଲୋଡ଼ା ନାହିଁ। ଅଳ୍ପଦିନ ଭିତରେ ଛେଉଣ୍ଡ ପିଲାଟିଏଦେଖି ତୋ' ହାତକୁ ଦିହାତ କରିଦେବି। ଘରଜ୍ୱାଇଁ କରି ତାକୁ ରଖିବି। ଦେଖିବୁ, ସେଇ ପିଲାଟା ହିଁ ଆମ ଦୁଇଜଣଙ୍କୁ ବିପଦ ଆପଦରେ ସାହା ଭରସା ହେବ। ଗଣ୍ଡେ ଖାଇ ଦଣ୍ଡେ ଶାନ୍ତିରେ ଜୀଇଁଲେ ତ ହେଲା। ସହରକୁ ଯାଇ ମୁଠା ମୁଠା ଟଙ୍କା ରୋଜଗାର କରି କି ସୁଖ ଆଉ ତୁ ଅଧିକା ପାଇବୁ ?

କିନ୍ତୁ ନା' ତ ଏତେସବୁ ଅଭାବବୋଧକୁ ନିର୍ବିକାର ଭାବରେ ସହ୍ୟ କରି ପାରୁଥିଲା ଚନ୍ଦ୍ରମା, ନା' ଏଇ ବସ୍ତିର ବିବାହିତା ନାରୀମାନଙ୍କ ପରି ସାରାଦିନର ହାଡ଼ଭଙ୍ଗା ପରିଶ୍ରମ ପରେ ବି, ରାତିରେ ନିଶାସକ୍ତ ସ୍ୱାମୀଠାରୁ ମଶଡ଼ଗାଳି ଖାଇ ଭୋକ ଉପାସରେ ରହିବାକୁ ଚାହୁଁଥିଲା। ତେଣୁ ସେ ଭାବିଲା'ଆଲୋ ମଉସା ବଡ଼ ପଇସା' ଅର୍ଥାତ୍ ଅର୍ଥ ହିଁ ସବୁ କାମର ମୂଳ ଆବଶ୍ୟକ । ପାଠରେ ଡ଼ୋରୀବାନ୍ଧି ଦି' ବର୍ଷ ଘରେ ବସିବାପରେ ଯାଇ ଏପରି ସୁଯୋଗଟେ ମିଳିଛି

ଯେତେବେଳେ, ସେ ତାକୁ ହାତଛଡ଼ା କରିବ ବା କାହିଁକି ? ବରଂ ସହରରେ ପହଞ୍ଚିଯିବା ପରେ କ୍ଷମା ପ୍ରାର୍ଥନା କରି ଚିଠିଟିଏ ଲେଖି ଏବଂ ମାଲିକଙ୍କଠାରୁ ଅଗ୍ରୀମ ଟଙ୍କା କିଛି ଆଣି ଜେଜେମା' ନିକଟକୁ ପଠାଇଦେବ । ଚିଠି ଆଉ ଟଙ୍କା ପାଇଲେ ଜେଜେମା'ର ରାଗ ନିଶ୍ଚୟ ଥଣ୍ଡା ପଡ଼ିଯିବ ।

ଏମିତି ସବୁ ଉଚ୍ଚାଭିଳାଷ ଓ ଚକ୍ରଧର ପ୍ରତି ଦୃଢ଼ ବିଶ୍ୱାସକୁ ନେଇ କଳ୍ପନା ଜଳ୍ପନା ଭିତରେ ଇନ୍ଦ୍ରଧନୁର ସପ୍ତରଙ୍ଗ ବିଛାଇ ହୋଇପଡ଼ିଲା ତା' ମନ ଅଗଣାତଳେ । ପରିଶେଷରେ ସେ ନିଜର ଭିଟାମାଟି, ସାଙ୍ଗସାଥୀ, ଆତ୍ମୀୟ, ସ୍ୱଜନ, ଏପରିକି ତା'ର ସବୁ ଆଶା ଭରସାର ଉତ୍ସ ଜେଜେମା'ର ସ୍ନେହ ମମତାକୁ ଅଚିରେ ତୁଟାଇଦେଇ, ଚକ୍ରଧର ସହିତ ଚାଲିଯିବାକୁ ସାହସ କଲା ।

ଅଥଚ ସହରରେ ଥିବା ମାଲିକଙ୍କ ଘରେ ପହଞ୍ଚିଯିବାପରେ ଚନ୍ଦ୍ରମାକୁ କିଛି ଔଚିତ୍ୟ ଉପଦେଶ ଦେଇ କହିଲା ଚକ୍ରଧର– ଶୁଣ ଚନ୍ଦ୍ରମା ! ଭାଇ ଭାଉଜ ଦୁହେଁ ଭାରି ଭଲ । ସେମାନଙ୍କକଥାକୁ କେବେ ବି ଅବଜ୍ଞା କରିବୁ ନାହିଁ । ମୁଁ ସମୟ ଓ ସୁବିଧା ଦେଖି ତୋତେ ସାକ୍ଷାତ୍ କରିବାକୁ ଆସିବି । ତୋର ସୁବିଧା ଅସୁବିଧା ବୁଝିବା ପାଇଁ ଫୋନ୍ ମଧ୍ୟ ନିୟମିତ କରିବି । ଯିବା ପୂର୍ବରୁ ସେ ଭାଇଙ୍କଠାରୁ ଟଙ୍କା ନେଇ ଜେଜେମା' ନିକଟକୁ ପଠାଇଦେବାର ପ୍ରତିଶ୍ରୁତି ମଧ୍ୟ ଦେଲା । ତା'ପରେ ଦାଣ୍ଡଘରେ ଭାଇଙ୍କ ସହିତ କିଛି କଥାବାର୍ତ୍ତା ହେବା ପାଇଁ ସେ ଚାଲିଗଲା । ଏବଂ ସେଠାରୁ ସେ ହଠାତ୍ କେତେବେଳେ ଚାଲିଗଲା, ଚନ୍ଦ୍ରମା ତାହା ଜାଣି ବି ପାରିଲିନି ଘରୁ ରାତି ଅଧରେ ଲୁଚି ଚାଲିଆସିବା ପୂର୍ବରୁ ଚକ୍ରଧରର ବାକ୍ସରେ ରଖିଥିବା ତା' ମୋବାଇଲ୍ ଓ ସାଙ୍ଗସାଥୀଙ୍କ ଫୋନ୍ ନମ୍ବର ଲେଖାଥିବା ଛୋଟଖାତାଟି ରହିଗଲା ସେଇ ଚକ୍ରଧରର ବାକ୍ସ ଭିତରେ ।

ଚନ୍ଦ୍ରମା ଭାବିଥିଲା ପୁଣି କେତେବେଳେ ଭାଇଙ୍କ ଘରକୁ ଆସିବାବେଳେ ଚକ୍ରଧର ନିଶ୍ଚୟ ସେଗୁଡ଼ିକ ନେଇ ଆସିବ । କିନ୍ତୁ ଆଶା ତା'ର ଆଶାରେ ରହିଗଲା । ଗୁଡୁଣୀ ରଥ ଅଣଲେଉଟା ପରି ଦିନ, ପକ୍ଷ, ମାସ ହୋଇ ଦୁଇମାସ ବିତିଯିବା ପରେ ମଧ୍ୟ ନା' ଆଉ ସେ ବାହୁଡ଼ି ଆସିଲା । ନା' ଭାସିଆସିଲା ତା'ର ଦୂରଭାଷର ଶବ୍ଦ ତରଙ୍ଗ । ଭାଉଜଙ୍କଠାରୁ ଚକ୍ରଧରର ମୋବାଇଲ ନମ୍ବର ନେଇ ଘରେ ଥିବା ଲ୍ୟାଣ୍ଡଫୋନ୍‌ରୁ ବାରମ୍ବାର ଫୋନ୍ କରି ମଧ୍ୟ ନିରାଶ ହେଲା ଚନ୍ଦ୍ରମା । ଭାଉଜ ବି ତା' ଅନୁରୋଧରେ ଚକ୍ରଧରକୁ ଫୋନ୍ କରି ମୋବାଇଲ ସ୍ୱୀଚ୍ ବନ୍ଦଥିବା କଥା କହିଲେ । ଦୁଃଶ୍ଚିନ୍ତାର ବୁଢ଼ୀଆଣି ଜାଲ ଭିତରେ ଛନ୍ଦି ହୋଇପଡ଼ିଲା ଚନ୍ଦ୍ରମା । ଭବିଷ୍ୟତର ସୁଖ ସପ୍ନରେ ତା' ମନତଳେ ଫୁଟି ଉଠୁଥିବା ଖୁସିର ସତେଜ କଢ଼ଟା ଫୁଟି ଉଠିବା ପରିବର୍ତ୍ତେ ଧୀରେ ଧୀରେ ଶୁଖି ମଉଳିଗଲା । ସରଳ ନିରୀହ ଦେଖାଯାଉଥିବା ଚକ୍ରଧରର ମନତଳେ ଯେ ଏତେ ଗରଳ ଭରି ରହିଥିଲା, ଆଉ ଶେଷରେ ସେ' ତା ବିଶ୍ୱାସରେ ବିଷ ମିଶାଇଦେଇ ତାକୁ ପ୍ରତାରଣା କରି ଚାଲିଗଲା, ସେଇ କଥାକୁ ଚନ୍ଦ୍ରମା ସହଜରେ ବିଶ୍ୱାସ କରି ପାରୁନଥିଲା ଦୁଃଖରେ ସେ ଭାଙ୍ଗି ପଡ଼ିଥିଲା । ତଥାପି ଘରେ ଏକା ବସି ଚିନ୍ତାର ଜୁଇରେ ଜଳିବା ଅପେକ୍ଷା ଭାଉଜଙ୍କୁ ତାଙ୍କ ବିଉଟିପାଲର କାମରେ ସାହାଯ୍ୟ କରିବାର ଇଚ୍ଛା ପ୍ରକଟ କଲା ଚନ୍ଦ୍ରମା ।

କିନ୍ତୁ ଭାଉଜ ତାକୁ ସିଧାସଳଖ ନାସ୍ତିବାଣୀ ନଶୁଣାଇ ବରଂ ପ୍ରକାରାନ୍ତରେ କହିଲେ– ବୁଝିଲୁ, ମୁଁ ବି ତ ସେୟା ଚାହୁଁଥିଲି । ହେଲେ କିଛିଦିନ ପରେ ମୋ ଶାଶୁ ଆସୁଛନ୍ତି । ସେ, ବିଧବା ହେତୁ, ତାଙ୍କର ସବୁ ରନ୍ଧାବଢ଼ା ଅଲଗା ହେବ । ତେଣୁ ତୋ'ର ଘରେ ଅନେକ କାମ ବଢ଼ିଯିବ । ସେ ଯାଇସାରନ୍ତୁ ତା' ପରେ ଦେଖିବା ।

ଭାଇଙ୍କ ବୋଉ ଆସି ଦୁଇତିନିମାସ ରହି ଚାଲିଯିବା ପରେ ଭାଉଜଙ୍କ ବାପାବୋଉ ପହଞ୍ଚିଗଲେ । କିଛିଦିନ ପରେ ତାଙ୍କ ଭାଇ ଭଉଣୀ ଏମିତି ଅତିଥି ସତ୍କାର କରୁ କରୁ କେତେବେଳେ ଯେ ଛଅମାସ ବିତିଗଲା ଚନ୍ଦ୍ରମା ଜାଣିପାରିଲାନି । ବିଉଟି ପାର୍ଲରରେ କାମ ଶିଖିବା ଆଶା ବି ତା'ର ଆଶାରେ ରହିଗଲା ।

ଦିନେ କର୍ମକ୍ଷେତ୍ରରୁ ଫେରିବା ପରେ ଅଚାନକ ଚନ୍ଦ୍ରମାକୁ ଲକ୍ଷ୍ୟକରି ପ୍ରଶ୍ନକଲେ ଭାଉଜ – ଆରେ ଚନ୍ଦ୍ରମା, ଏହି ଆଧୁନିକ ଯୁଗରେ ଜ୍ଞାନ ଓ ବିଜ୍ଞାନର ଏତେ ବିକାଶ ହେବା ସତ୍ତ୍ୱେ, ଏବେ ବି କ'ଣ ତୁମ ଗ୍ରାମରେ ଡ଼ାହାଣୀ, ଭୂତପ୍ରେତ, ଗୁଣିଗାରେଡ଼ି ପରି ଅନ୍ଧବିଶ୍ୱାସ ଲାଗିରହିଛି ?

ଚନ୍ଦ୍ରମା ତାଙ୍କ କଥାର ଉଦ୍ଦେଶ୍ୟ କିଛି ବୁଝିନପାରି, କେବଳ ଆବାକାବା ହୋଇ ଚାହିଁ ରହିଥିବା ଦେଖି ଭାଉଜ ପୁଣି କହିଲେ– ଆଜି ଚକ୍ରଧର କୌଣସି ବୁଥ୍‌ରୁ ଫୋନ କରିଥିଲା । ସେ ଏବେ ଅନ୍ୟ ସହରରେ କାମ କରୁଥିବାରୁ ତୋ ସହିତ ସାକ୍ଷାତ୍ କରିପାରୁନାହିଁ । ଆଉ ତା' ମୋବାଇଲଟି ଚୋରି ହୋଇ ଯାଇଥିବାରୁ ବାର୍ତ୍ତାଳାପ ବି କରିପାରୁନାହିଁ ବୋଲି ଖୁବ୍ ଦୁଃଖ ପ୍ରକାଶ କଲା । ତେବେ ତା ମାମୁଁ ପୁଅ ଭାଇଠାରୁ ତୋ ଜେଜେମା' ସମ୍ବନ୍ଧରେ ଯେଉଁ ଖବର ପାଇଥିଲା, ତାହା ମୋ ଆଗରେ ବର୍ଣ୍ଣନା କରିବା ସହିତ ତୋତେ ସବୁ ଘଟଣା ଜଣାଇଦେବାକୁ ମୋତେ ଅନୁରୋଧ କରିଥିଲା ।

ତା' ମନତଳେ ଚକ୍ରଧର ପ୍ରତି ଥିବା ପ୍ରେମଭାବ ଇତି ମଧ୍ୟରେ ଘୃଣା ଓ କ୍ଷୋଭରେ ପରିଣତ ହୋଇ ସାରିଥିଲା । ତେବେ ଦୀର୍ଘଦିନ ପରେ ନିଜ ଗ୍ରାମ ଓ ଜେଜେମା'ର ଖବର ଶୁଣିବାର ଉତ୍କଣ୍ଠା ଚନ୍ଦ୍ରମାର ଆକାଶକୁ ଛୁଇଁଗଲା ।

ଅଥଚ୍ ଉଦାସ କଣ୍ଠରେ ଉତ୍ତର ଦେଲେ ଭାଉଜ – ଏଇ ମାସେ ତଳର ଘଟଣା ତୁମ ବସ୍ତିର ଜଣେ ଯୁବକ କୌଣସି ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁ ବରଣ କରିଥିଲା । କିନ୍ତୁ ଗ୍ରାମର ଯୁବକମାନେ ତୋ ଜେଜେମା' ସେହି ଯୁବକକୁ ଗୁଣିଗାରେଡ଼ି କରି ମାରିଦେଇଥିବାର ଅପନିନ୍ଦା କଲେ । ବିନା ପ୍ରମାଣରେ ମଧ୍ୟ ପ୍ରତିଶୋଧ ପରାୟଣ ହୋଇ ତୋ ଜେଜେମା'କୁ ସେମାନେ କଠୋର ଦଣ୍ଡ ଦେଲେ । ତା' ମୁଣ୍ଡ ଲଣ୍ଡାକରି, ଜୋରଜବରଦସ୍ତ ଛାମୁଦାନ୍ତ ଭାଙ୍ଗି, ବିଷ୍ଠା ଖୁଆଇ, ଅର୍ଦ୍ଧନଗ୍ନ କରି, ଅତି ନିର୍ଦ୍ଦୟ ଭାବରେ ଗ୍ରାମ ଦାଣ୍ଡରେ ବୁଲାଇଲେ । ଆଉ ସେହି ଅପମାନ ସହ୍ୟ କରିନପାରି ସେଇଦିନ ରାତିରେ ହିଁ

ନଈକୁ ଡେଇଁପଡ଼ି ଜୀବନ ହାରିଦେଲା ତୋ ଜେଜେମା' ।

ଜେଜେମା'ର ଏପରି ଦୁଃଖଦ ମୃତ୍ୟୁ ସମ୍ବାଦ ଶୁଣି ସ୍ତବ୍ଧ ପାଲଟିଗଲା ଚନ୍ଦ୍ରମା । ତା' ପାଦତଳୁ ପୃଥିବୀ ସତେ କି ଖସିଗଲା । ଆଖିରୁ ଝରିଗଲା ଶ୍ରାବଣର ଧାରା । ଦୁଃଖ ଅନୁଶୋଚନାରେ ତା'ର ଅନ୍ତରାତ୍ମା ଥରୁଥିଲା । ତା' କୋମଳ ମନଟି ବିଦ୍ରୋହ କରୁଥିଲା । ହେଲେ କ'ଣ ଅବା ସେ କରିପାରିବ ? ଲେଡ଼ିଗୁଡ଼ ଯେ କହୁଣୀକୁ ବୋହିଗଲାଣି । ସବୁ କ୍ରୋଧ ତା'ର ଛିଡ଼ିଲା ଯାଇ ଚକ୍ରଧର ଉପରେ । କେଉଁ ଅଶୁଭ ମୁହୂର୍ତ୍ତରେ ତା' ସହିତ ଦେଖାହେଲା କେଜାଣି ? ତା'ରି ପାଇଁ ସେ ଆଜି ଜେଜେମା'କୁ ହରାଇଲା, ପଶ୍ଚାତାପର ଅଗ୍ନିରେ ସେ ଜଳି ଯାଉଥିଲା । କିନ୍ତୁ ଗ୍ରାମବାସୀଙ୍କ ରୁକ୍ଷ ବ୍ୟବହାରରେ ଆତଙ୍କିତ ହୋଇ, ସେ ଆଉ ନିଜ ଜନ୍ମ ଭୂଇଁରେ ପାଦ ଥାପିବାକୁ ସାହସ କଲାନାହିଁ । ବରଂ ଏଇ ଦୂର ସହରରେ ଭାଇ ଭାଉଜଙ୍କ ଛତ୍ରଛାୟାତଳେ ରହିବାକୁ ଅଧିକ ନିରାପଦ ମନେକଲା ।

ତା'ପରେ ମଧ୍ୟ ବିପଦ ତା ପିଛା ଛାଡ଼ିଲା ନାହିଁ । କିଛି ସପ୍ତାହର ବ୍ୟବଧାନ ପରେ ପୁଣି ଦିନେ ଲୁହ ଛଳଛଳ ନୟନରେ କହିଲେ ଭାଉଜ– ଜାଣିଛୁ ଚନ୍ଦ୍ରମା ! ଶରୀରିକ ସ୍ତରରେ ମୁଁ ଅକ୍ଷମ ଥିବାରୁ ଏବେ ବିବାହର ବାର ବର୍ଷ ପରେ ମଧ୍ୟ ସନ୍ତାନ ସୁଖରୁ ବଞ୍ଚିତ ରହିଛି ଅଥଚ ଶାଶୁ ମୋ ଉପରେ ଭୀଷଣ ଅସନ୍ତୁଷ୍ଟ । ମୋତେ ଛାଡ଼ପତ୍ର ଦେଇ ଅନ୍ୟତ୍ର ବିବାହ ନିମନ୍ତେ ସେ ତୋ ଭାଇଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି । ତାଙ୍କର ଏହିପରି ମନୋଭାବ ଯୋଗୁଁ ମୁଁ ତ ଆତ୍ମହତ୍ୟାପରି ଜଘନ୍ୟ ପାପ କରିବା ପାଇଁ ବି ମନ ସ୍ଥିର କରିସାରିଥିଲି । ହେଲେ, କାଲି ଜଣେ ଡ଼ାକ୍ତର ମୋତେ ପରାମର୍ଶ ଦେଇ କହିଲେ – କୌଣସି ଉଦାରମନା ନାରୀ ଚାହିଁଲେ ମୋତେ ସନ୍ତାନଟିଏ ଦେଇପାରିବ । ସେତେବେଳେ, ପ୍ରଥମେ ତୋ କଥା ହିଁ ମୋର ମନେ ପଡ଼ିଲା, ଭାବିଲି ତୁ ହିଁ ମୋ ବୁଡ଼ି ଯାଉଥିବା ଏଇ ଦଦରା ନାଆକୁ ପୁଣି ଭସାଇନେଇ କୂଳରେ ଲଗାଇ ପାରିବୁ ।

ବିସ୍ମୟରେ ଚନ୍ଦ୍ରମା'ର ମୀନ ପରି ଚକ୍ଷୁ ଯୋଡ଼ାକ ତା ତାଳୁକୁ ଛୁଇଁଗଲା । ଭାବିଲା ଶେଷରେ ଭାଉଜ ତା'କୁ କୌଣସି ଅନୈତିକ କର୍ମ କରିବାପାଇଁ ବାଧ୍ୟ କରିବେ ନାହିଁତ ? ତା' ମୁଖମଣ୍ଡଳରେ ଭୟର ଚିହ୍ନ ଥିଲା ସୁସ୍ପଷ୍ଟ ।

ତା' ମନକଥା ବୁଝିପାରିବା ପରି ଭାଉଜ ମନ୍ତବ୍ୟ ଦେଲେ- ଆଲୋ, ତୋର ଡ଼ରିବାର କୌଣସି କାରଣ ନାହିଁ । ଏବେ ପରା ଚିକିତ୍ସା ବିଜ୍ଞାନ ଏତେ ଉନ୍ନତି କଲାଣି ଯେ, ତୋ ସହିତ କୌଣସି ପୁରୁଷ ଯୌନ ସଂପର୍କ ନରଖିଲେ ବି ତୋ ଗର୍ଭାଶୟରେ ଗର୍ଭର ସଞ୍ଚାର ହୋଇପାରିବ । ଜାଣିଥିବୁ ଆମ ଶାସ୍ତ୍ର ପୁରାଣରେ ମଧ୍ୟ ଏମିତି କେତେ ଅଲୌକିକ ଘଟଣାର ବର୍ଣ୍ଣନା ରହିଛି । ତେବେ ପାର୍ଥକ୍ୟ ଏତିକି ଯେ ସେତେବେଳେ କେବଳ ସୃଷ୍ଟିକର୍ତ୍ତା ସର୍ବଜ୍ଞ, ସର୍ବଶକ୍ତିମାନ ପରମେଶ୍ୱର ହିଁ ଏପରି ମହତ୍ କାର୍ଯ୍ୟ କରି ପାରୁଥିଲେ । କିନ୍ତୁ ବର୍ତ୍ତମାନ ସରୋଗେଟ୍ କ୍ଲିନିକ୍‌ର ଡ଼ାକ୍ତର ବା ଦ୍ୱିତୀୟ ଈଶ୍ୱରମାନେ ଏହିପରି ବିସ୍ମୟକର କାର୍ଯ୍ୟ କରି ପାରୁଛନ୍ତି । ଜାଣିଛୁ ତ, ଏଥିରେ ତୋର ପାପ ନୁହେଁ ବରଂ ପୁଣ୍ୟ ହିଁ ବେଶି ହେବ । ଡ଼ାକ୍ତରମାନେ ଆମ ପତି–ପତ୍ନୀ ଦୁହିଁଙ୍କ ଶୁକ୍ରାଣୁ ଓ ଡ଼ିମ୍ବାଣୁକୁ କାଢ଼ିନେଇ, ଲାବ୍ରୋଟୋରୀରେ ଫର୍ଟିଲାଇଜେସନ୍ କରି ତୋ ଗର୍ଭାଶୟରେ କେବଳ ରୋପଣ କରିଦେବେ । ଆଉ ନଅମାସ ଗର୍ଭଧାରଣ କରି, ସେହି ସନ୍ତାନକୁ ସୁସ୍ଥସବଳ ଭାବରେ ଜନ୍ମ ଦେଇ ଆମ ହାତରେ ସମର୍ପିଦେଲେ ତୋ କାମ ବି ଖତମ୍ । ସେଇ ଶିଶୁ ସହିତ ତୋର କୌଣସି ସମ୍ପର୍କ ମଧ୍ୟ ରହିବ ନାହିଁ । ତୋ ଇଚ୍ଛା ହେଲେ ତୁ ତାକୁ ତୋ ବକ୍ଷର ସ୍ତନ୍ୟପାନ କରାଇପାରୁ, ନଚେତ୍ ଔଷଧ ମାଧ୍ୟମରେ ତୋ ବକ୍ଷର କ୍ଷୀର କ୍ଷରଣ ବି ବନ୍ଦ କରି ଦିଆଯିବ । ଏପରିକି ଶିଶୁଟିର ଜନ୍ମବେଳେ ଗର୍ଭକଷ୍ଟ ବା ପ୍ରସବ ବେଦନାରୁ ତୋତେ ମୁକ୍ତି ଦେବା ପାଇଁ ମୁଁ ଅପରେସନ୍ ବା ସିଜରିଏନ୍‌ର ସମସ୍ତ ଖର୍ଚ୍ଚ ବହନ କରିବି । ଗର୍ଭଧାରଣଠାରୁ ଶିଶୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ସୁଷମଖାଦ୍ୟ ଓ ବିଶୁଦ୍ଧ ପାନୀୟ ଯୋଗାଇବାଠାରୁ ଆରମ୍ଭ କରି ତୋର, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଉତ୍ତମ ଭାବରେ ଯତ୍ନ ମଧ୍ୟ ମୁଁ ନିଜେ ନେବି । ଷ୍ଟିଚ୍‌ର ଚିହ୍ନକୁ ନିଶ୍ଚିହ୍ନ କରିବା ନିମନ୍ତେ ଦାମୀ ମଲମ ମଧ୍ୟ କିଣିଦେବି । ଦେଖିବୁ, ମାତ୍ର କିଛି ମାସର ବ୍ୟବଧାନ ପରେ ତୁ ପୂର୍ବେ ଯେପରି ଅନୁଢ଼ା ଯୁବତୀ ଥିଲୁ ଠିକ୍ ସେମିତି ପାଲଟିଯିବୁ । ତୋତେ ଦେଖିଲେ କେହି ବି ଜାଣିପାରିବେ ନାହିଁ, ତୁ ଗୋଟିଏ ସନ୍ତାନ ଜନ୍ମଦାତ୍ରୀ ବୋଲି । ଭାବିବୁନି ମୁଁ ତୋତେ ମାଗଣାରେ ଏପରି କାମ କରାଇବି । ବରଂ ଶିଶୁକୁ ଦେଖିବାକ୍ଷଣି ମୁଁ ତୋର ଉପଯୁକ୍ତ ପାରିଶ୍ରମିକ ଅର୍ଥାତ୍ ଦୁଇଲକ୍ଷ ଟଙ୍କା ତୋ ପାସବୁକ୍‌ରେ ଜମା କରିଦେବି । କେବଳ ସେତିକି ନୁହେଁ, ତୋ ବିବାହଠାରୁ ଆରମ୍ଭ କରି ଜୀବନଜୀବିକା ଓ ଭବିଷ୍ୟତ ସୁରକ୍ଷାର ସମସ୍ତ ଦାୟିତ୍ୱ ମଧ୍ୟ ମୁଁ ନେବି । ତେବେ, ତୋ ଇଚ୍ଛା ବିରୁଦ୍ଧରେ ମୁଁ କିଛି କରିବାକୁ ଚାହୁଁନାହିଁ । ତେଣୁ ତୁ ଶୀଘ୍ର ଭାବିଚିନ୍ତି ଉତ୍ତର ଦେବୁ । ନଚେତ୍ ମୋତେ ପୁଣି ଅନ୍ୟ କାହାକୁ ଖୋଜିବାକୁ ପଡ଼ିବ ।

ଭାଉଜଙ୍କ ବାକ୍ୟଗୁଡ଼ିକ ଚନ୍ଦ୍ରମାକୁ ଯେମିତି ପ୍ରହେଳିକାମୟ ମନେ ହେଉଥିଲା, ସେମିତି ବିଛା– କାମୁଡ଼ିବାପରି ଅସହ୍ୟ ଯନ୍ତ୍ରଣା ମଧ୍ୟ ଦେଉଥିଲା । ହେଲେ ବିଚ୍ଛାମନ୍ତ୍ର ନ ଜାଣି ତ ସେ ହାତପୁରାଇ ଦେଇଛି ସାପ ଗାତରେ । ଏବେ ସେଥିରୁ ନିସ୍ତାର ପାଇବ କିପରି ? ବୁଦ୍ଧିବାଟ କିଛି ଦେଖା ଯାଉନଥିଲା ତା'କୁ । ବର୍ତ୍ତମାନର ପରିସ୍ଥିତିରେ ଅର୍ଥର ଲୋଭ ଆଉ ତାର ନଥିଲା ବରଂ ଭୟ ଥିଲା ନିଜର ସୁରକ୍ଷାକୁ ନେଇ । ଭାଉଜଙ୍କ କଥାରେ ଅବାଧ୍ୟ ହେଲେ ସେ, ଯେ ତତ୍‌କ୍ଷଣାତ୍ ତାକୁ ଗଳାଧକ୍କା ଦେଇ ବାହାର କରିଦେବେ ତାଙ୍କଘରୁ, ସେଥିରେ ସେ ନିସନ୍ଦେହ ଥିଲା । ଆଉ ସେଇ ଭୟରେ ସେ ଏତେ ଭୟଭୀତ ହୋଇପଡ଼ିଥିଲା ଯେ ତା'ର ଆଶ୍ରୟଦାତ୍ରୀ ଭାଉଜଙ୍କ ନିକଟରେ ଅଯଥା ଯୁକ୍ତିତର୍କ କିମ୍ବା ପ୍ରତିବାଦ କରି ତାଙ୍କ ରୋଷ ଚକ୍ଷୁର ଶିକାର ହେବାକୁ ବି ଆଉ ଚାହିଁଲା ନାହିଁ । ବରଂ ବୁଡ଼ିଗଲା ଲୋକ କୁଟାଖିଅକୁ ଆଶ୍ରା କଲାପରି ସେ ଭାଉଜଙ୍କ ମତରେ ଏକମତ ହୋଇଗଲା ।।

ତତ୍‌ପରେ ହାଣମୁହଁକୁ ନିଆଯାଉଥିବା ଛେଳି ପରି ଭୟଭୀତ ଚନ୍ଦ୍ରମା ଭାଉଜଙ୍କ ସହିତ ନୀରବରେ ଚାଲିଗଲା ସରୋଗେଟ୍ କ୍ଲିନିକ୍‌କୁ । ସେଠାରେ

ଥିବା ଡ଼ାକ୍ତରମାନେ ସରୋଗେସି ପଦ୍ଧତିରେ ସମସ୍ତ କାର୍ଯ୍ୟ ସଂପାଦନ କରିଦେବା ପରେ ସେ ନିର୍ବିଘ୍ନରେ ଘରକୁ ମଧ ଫେରିଆସିଲା । ଯାହାର ଫଳ ସ୍ୱରୂପ ବିନା ସହବାସରେ ମଧ ସେ ଗର୍ଭବତୀ ହେଲା ଏବଂ ନିର୍ଦ୍ଦିଷ୍ଟ ସମୟର ବ୍ୟବଧାନ ପରେ ଏକ ପୁତ୍ର ସନ୍ତାନ ମଧ ଜନ୍ମ ଦେଲା । ଚନ୍ଦ୍ରମା ଭାବିଥିଲା ଶିଶୁପୁତ୍ରଟିକୁ ଭାଉଜଙ୍କ କୋଳରେ ଦେଇ ଦେଲେ ସେ ନିଶ୍ଚିନ୍ତ ହୋଇଯିବ । କିନ୍ତୁ ପୁଅର ମାୟାରେ ସେ ଏମିତି ବାନ୍ଧି ହୋଇଗଲା ଯେ, ସେ ତା'କୁ ନିଜ ବକ୍ଷରୁ ସ୍ତନ୍ୟପାନ କରାଇବାଠାରୁ ଆରମ୍ଭ କରି ତା'ର ସମସ୍ତ କାର୍ଯ୍ୟ ମଧ ବିନା ଦ୍ୱିଧାରେ କରି ସେ ନିଜେ ଆତ୍ମତୃପ୍ତି ପାଇଲା । ଶିଶୁଟି ଉପଯୁକ୍ତ ଯତ୍ନ ପାଇ ଦିନକୁ ଦିନ ଚନ୍ଦ୍ରକଳା ପରି ବଢ଼ି ଚାଲିଥିଲା । ଆଉ ଭାଉଜ ମଧ ଚନ୍ଦ୍ରମାର ଭଗ୍ନସ୍ୱାସ୍ଥ୍ୟ ଫେରାଇ ଆଣିବା ନିମନ୍ତେ ସବୁ ଦିଗରୁ ଚେଷ୍ଟାକରୁଥିଲେ ।

ଅଥଚ୍ ରବିବାରର ଏକ ସାପ୍ତାହିକ ଛୁଟିଦିନ ସକାଳେ ବଜାରକୁ ଯିବା ପୂର୍ବରୁ ତା'କୁ ଡ଼ାକି କହିଲେ ଭାଉଜ – ଶୁଣ ଚନ୍ଦ୍ରମା ! ଅଜି ମୁଁ ଫିଡ଼ିଂ ବୋତଲ ଓ ଗୁଣ୍ଡ ଦୁଧ କ୍ଷୀର ନେଇ ଆସିଛି । ଆଉ ତୁ ପୁଅକୁ ଧୀରେ ଧୀରେ ତୋ ବ୍ରେଷ୍ଟ ଫିଡ଼ିଂଦେବା କମ୍ କରି ବୋତଲରେ ଦୁଧକ୍ଷୀର ଦେବାର ପରିମାଣ ବଢ଼ାଇବୁ । ଯେପରି ପୁଅର ପାଞ୍ଚମାସରେ ହେବାକୁ ଥିବା ଅନ୍ନପ୍ରାସନ୍ନ ପୂର୍ବରୁ ସେ ଦୁଧକ୍ଷୀର ହଜମ କରିବାରେ ସଂପୂର୍ଣ୍ଣ ଅଭ୍ୟସ୍ତ ହୋଇ ଯାଇଥିବ। ଏବେ ଓ ପୁଅର ଦୁଇମାସ ମାତ୍ର ପୁରିଲା ଆହୁରି ଅଢ଼େଇମାସ ପରେ ଯାଇ ତୋର ଗ୍ରାମକୁ ଯିବା ଟିକଟ ହୋଇଛି । ତେଣୁ ମୁଁ ଭାବୁଛି ତୁ ଚାଲିଗଲେ ବି ସେତେବେଳେ ପୁଅର ବିଶେଷ କିଛି ଅସୁବିଧା ହେବନାହିଁ ।

ଅଚାନକ ଗାଁକୁ ଫେରିଯିବା ପ୍ରସଙ୍ଗ ଶୁଣି ଚନ୍ଦ୍ରମା ଏମିତି ଚମକି ପଡ଼ିଲା, ସତେ ଯେମିତି ଏକ ତୀକ୍ଷ୍ଣ ବର୍ଚ୍ଛାରେ ଭାଉଜ ଖେଞ୍ଚିଦେଲେ ତା' ବକ୍ଷସ୍ଥଳକୁ । ଆଉ ତା, ଦେହସାରା ସିଞ୍ଚରି ଯାଇଥିବା ସେହି ଅବ୍ୟକ୍ତ ବେଦନାରେ ସେ ଛଟପଟ ହୋଇଯାଇଥିବା ବେଳେ, ଭାଇ ଭାଉଜଦୁହେଁ କବାଟ ବନ୍ଦ କରି ନିଜ ବାଟରେ ଚାଲିଗଲେ । ବାଲକୋନିରେ ଯାଇ ନିରବରେ ବସିଲା ଚନ୍ଦ୍ରମା । ମୁଖମଣ୍ଡଳରେ ତା'ର ଭାସି ବୁଲୁଥିଲା ଚିନ୍ତାର ପୁଳାପୁଳା ମେଘ । ଆଗକୁ କ'ଣ କରିବ କେଉଁଆଡ଼େ ଯିବ ଭାବି ମଥା ତା'ର ଘିରି ଘିରି ହୋଇ ଘୂରୁଥିଲା । ଏତେବଡ଼ ଦୁନିଆରେ ସାହାଭରସା ହେବାପାଇଁ ଯେ ତା'ର ଆଉ କେହି ନାହିଁ । ଦଶଦିଗ ଅନ୍ଧାର ଦିଶୁଥିଲା ତାକୁ ।

ଅକସ୍ମାତ୍ କଲିଂବେଲର ଶବ୍ଦ ଶୁଣି ଭାବନାରାଜ୍ୟରୁ ଫେରିଆସିଲା ଚନ୍ଦ୍ରମା । ଆଖିରୁ ଗଡ଼ିପଡୁଥିବା ଲୁହଧାରକୁ ହାତପାପୁଲିରେ ପୋଛିନେଇ ବସିବା ସ୍ଥାନରୁ ଉଠିଯାଇ ଦାଣ୍ଡ କବାଟ ବି ଖୋଲିଦେଲା । ସେ ଭାବିଥିଲା ଭାଇଭାଉଜ ଫେରି ଆସିବେ କିନ୍ତୁ ଦେଖିବାବେଳକୁ ସୁଟ୍‌କେଶଟିଏ ଧରି ସାମ୍ନାରେ ଛିଡ଼ା ହୋଇଥିଲେ ଭାଇଙ୍କ ବୋଉ । ସଭକ୍ତି ପ୍ରଣାମ ଜଣାଇ ଘରକୁ ପାଛୋଟି ନେଇ କହିଲା ଚନ୍ଦ୍ରମା– ମାଉସୀ ଆପଣଙ୍କ ଆସିବା ଖବର ପାଇ ନଥିବାରୁ ଭାଇଭାଉଜ ଦୁହେଁ 'ମାର୍କେଟ ଚାଲିଯାଇଛନ୍ତି । ତେବେ ଆପଣ ଏବେ ନିତ୍ୟକର୍ମ ସାରି ଦିଅନ୍ତୁ । ଆଉ ଏଇ ସମୟ ଭିତରେ ମୁଁ ବି ପୁଅକୁ ଉଠାଇ ପୋଛାପୋଛି କରି ଟିକିଏ କ୍ଷୀର ପିଆଇ ଦେଇ ଆସୁଛି ।

ସେ ଫେରିଯିବା ପୂର୍ବରୁ ମାଉସୀ ତା'କୁ ସନ୍ଦିହାନ ଦୃଷ୍ଟିରେ ଚାହିଁ ପ୍ରଶ୍ନକଲେ– ଆଲୋ ଚନ୍ଦ୍ରମା ! ବୋହୂ ତ ଘରେ ନାହିଁ । ଆଉ ଏଇ ଦୁଇ ମାସର କୁନି ପୁଅ କି କ୍ଷୀର ଖାଉଛି ?

ଏମିତି ଏକ ଜଟିଳ ପ୍ରଶ୍ନର ଶରବ୍ୟ ହେବ ବୋଲି କଳ୍ପନା ସୁଦ୍ଧା କରିନଥିଲା ଚନ୍ଦ୍ରମା । ନା'ତ ସତ କଥା କହିପାରିଲା ନା ମିଛ ତା' ତୁଣ୍ଡରୁ ବାହାରିଲା, ବରଂ ଭୟରେ ତା' ପାଟି ଖନିମାରିଗଲା । ଆଉ ମାଉସୀ ତା'କୁ ପୋଲିସ ପରି ବାରମ୍ବାର ଜେରା କରିବାରୁ, ଶିଶୁ ଜନ୍ମର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସମସ୍ତ ଘଟଣା ସେ ଗୋଟି ଗୋଟି କରି ବଖାଣିଗଲା । ଏପରିକି ଶିଶୁକୁ ଭୂମିଷ୍ଠ କରାଇବା ସକାଶେ ତା' ତଳିପେଟରେ ହୋଇଥିବା ଅପରେସନ୍‌ର କଟା ଦାଗକୁ ଦେଖାଇଦେବା ସହିତ ଏବେ ପୁଅ ତା' ବକ୍ଷରୁ ସ୍ତନ୍ୟପାନ କରୁଥିବା କଥା ମଧ ସ୍ୱୀକାର କରିନେଲା । କିନ୍ତୁ ଶେଷରେ କ୍ଷୋଭ ପ୍ରକାଶ କରି କହିଲା– ଦିନେ ମୋର ସମସ୍ତ ଭାର ବହନ କରିବାକୁ ଜବାବ ଦେଇଥିବା ଭାଉଜ ଏବେ କାହିଁକି ଯେ ପୁଅର ଅନପ୍ରାସନ୍ନ ପୂର୍ବରୁ ମୋତେ ଗ୍ରାମକୁ ପଠାଇ ଦେବାକୁ ଚାହୁଁଛନ୍ତି, ସେକଥା ତ ମୁଁ ମୋଟେ ବୁଝିପାରୁନାହିଁ ମାଉସୀ । ତେବେ ମୋ ନିଜପାଇଁ ମୋର ଯେତେ ଚିନ୍ତା ନହେଉଛି, ସେତେ ବେଶି ଚିନ୍ତା ହେଉଛି କଅଁଳା ଛୁଆଟା ଅଯତ୍ନରେ ବଢ଼ିବା ଭାବି ।

ଚନ୍ଦ୍ରମାଠାରୁ ସମସ୍ତ ଘଟଣା ଶୁଣି କିଛି ମୁହୂର୍ତ୍ତ ବିସ୍ମୟାଭିଭୂତ ହୋଇଗଲେ ମାଉସୀ । ତେବେ ପୁଅ ବୋହୂ ଦୁହେଁ ଯେ ସଁବାଳୁଆର କୋଷାପରି ନିଜ ଚାରିପାଖେ ଏକ ସ୍ୱାର୍ଥପରତାର ଓ ଛଳନାର କୋଷା ତିଆରି କରି, ଚନ୍ଦ୍ରମାକୁ ଅଳ୍ପ କିଛି ଅର୍ଥଦେଇ ତାଙ୍କ କାମ ହାସଲ କରିନେଇଛନ୍ତି । ଏହା ତାଙ୍କ ନିକଟରେ ସ୍ପଷ୍ଟ ହୋଇଗଲା ।

ବିଷର୍ଣ୍ଣବଦନରେ ବସି ଚକ୍ଷୁରୁ ଅଶ୍ରୁପାତ କରୁଥିବା ଅନୁତପ୍ତ ଚନ୍ଦ୍ରମାକୁ ଲକ୍ଷକରି ଦୟାରେ ତାଙ୍କ ହୃଦୟ ବିଗଳିତ ହୋଇଗଲା ଏବଂ ସେ ତାକୁ ଅନୁକମ୍ପା ଦେଖାଇ କହିଲେ– ତୁ ତ ଗାଁରେ ଶୁଣିଥିବୁ । ପକ୍ଷୀ ଜଗତରେ ମା' କୋଇଲି ଶିଶୁର କୌଣସି ଦାୟିତ୍ୱ ନେବାକୁ ଚାହେଁ ନାହିଁ ବୋଲି ଚତୁର କୁଆକୁ ବୋକା ବନାଇ ତା' ବସାରେ ଅଣ୍ଡା ଦେଇଥାଏ । କିନ୍ତୁ ଯେତେବେଳେ ଶିଶୁର ଶାରୀରିକ ବିକାଶ ହୋଇଯାଏ ଏବଂ ସେ ଖଣ୍ଡିଉଡ଼ା ଦେବା ଆରମ୍ଭ କରେ, ସେତେବେଳେ ସୁଯୋଗ ଉଣ୍ଡି କୋଇଲି ତା' ଛୁଆକୁ ନେଇ ଛୁ ଚମ୍ପଟ ମାରିଦିଏ । ଠିକ୍ ସେହି ସ୍ୱାର୍ଥପର କୋଇଲି ପରି ମୋର ଏହି ଉଗ୍ର ଆଧୁନିକା ଓ ଉଚ୍ଚ ବେତନ ପ୍ରାପ୍ତ ବୋହୂ । ଯିଏକି ଦିନେ ଗର୍ଭଧାରଣକୁ ସମୟ ସାପେକ୍ଷ ଓ ଅର୍ଥନାଶ ବୋଲି କହୁଥିଲା, ପ୍ରସବ ବେଦନା କିମ୍ବା ସିଜରିଏନ୍‌ର କଷ୍ଟ ମଧ ନେବାକୁ ଚାହୁଁନଥିଲା, ଏପରିକି ଭୂମିଷ୍ଠ ହେବାପରେ ମଧ ଶିଶୁର ଦାୟିତ୍ୱ ନେବା ଏକ ବୋଝ ବୋଲି କହୁଥିଲା, ସେଇ ବୋହୂ ଏବେ ଶିଶୁକୁ ଜନ୍ମଦେବା ଯେ ଏକ ସମ୍ବେଦନଶୀଳ ବିଷୟ ଏବଂ ଜନ୍ମଦାତ୍ରୀ ଓ ସନ୍ତାନ ମଧରେ କେବଳ ଶାରୀରିକ ସ୍ତରରେ ନୁହେଁ ବରଂ ମାନସିକ ସ୍ତରରେ ମଧ ସମ୍ପର୍କ ଯୋଡ଼ି ହୋଇଯାଏ ତାହା ବୁଝିପାରିବ କିପରି ? ଆଉ ବର୍ତ୍ତମାନ

ତୋତେ ବି ସେମାନେ ରଖିବାକୁ  ଚାହିଁବେ କାହିଁକି ? କହନ୍ତି ପରା, ମଦଘଡ଼ା କାମ ସରିଲେ ଗଡ଼ଗଡ଼ା । ତୋତେ ରଖିଲେ ଯେ ଆଗକୁ ବିପଦର ସମ୍ଭାବନା ଅଛି । କେତେବେଳେ ଯଦି ତୁ ତାଙ୍କର ଏଇ ଗୁଢ଼ ରହସ୍ୟଟି ଖୋଲିଦେଉ ତେବେ ତ ତାଙ୍କର ସମସ୍ତ ଭଣ୍ଡାମୀ ଭଣ୍ଡୁର ହୋଇଯିବା ସହିତ ସମସ୍ତଙ୍କ ନିକଟରେ ସେମାନଙ୍କ ଭାବମୂର୍ତ୍ତି ମଳିନ ପଡ଼ିଯିବ ।

ମୂକପରି ବସିଥିଲା ଚନ୍ଦ୍ରମା । ଆଶା, ଆକାଂକ୍ଷା, ମୋହ ସବୁ ଧୂଳିସାତ ହୋଇଯାଇଥିବା ଭାବନାରେ ଚିନ୍ତାଚ୍ଛନ୍ନ ଦେଖାଯାଉଥିଲା ତା' ମୁଖମଣ୍ଡଳ । ଜେଜେମା'ର ଉପଦେଶଗୁଡ଼ିକୁ ଅବମାନନା କରିଥିବାରୁ ଏବେ ଅନୁତପ୍ତ ହୋଇ ସେ ନିଜକୁ ନିଜେ ଧିକ୍କାର କରୁଥିଲା ।

ମାଉସୀ ମୃଦୁହସି ମନ୍ତବ୍ୟ ଦେଲେ– ଜାଣିଛୁ ଚନ୍ଦ୍ରମା ! ମିଛ ମରିଚିକା ପଛରେ ଧାଇଁଲେ ଏମିତି ଝୁଣ୍ଟିବାକୁ ହିଁ ପଡ଼ିଥାଏ । ତେବେ ରକ୍ଷା ହୋଇଛି, ଦଲାଲ ସାଜିଥିବା ଚକ୍ରଧର ନିଜେ ତୋ ପ୍ରତି ଦୁଷ୍କର୍ମ କରିନାହିଁ କିମ୍ବା ତୋତେ କୌଣସି ସେକ୍ସ ର୍ୟାକେଟକୁ ବିକ୍ରି କରିଦେଇ ନାହିଁ । ଆଉ ମୁଁ ଜାଣିବାରେ ନା, ତ ତୁ କୌଣସି ପାପ କରିଛୁ, ନା ପୁଅର ବାପ ସହିତ ତୋର କୌଣସି ନୈତିକ ସଂପର୍କ ଅଛି । ବିବଶତା ବଶତଃ ହେଉ କିମ୍ବା ବାଧ୍ୟବାଧକତାରେ  ହେଉ ନା କାହିଁକି, ତୁ ନିଜ ସ୍ୱାର୍ଥକୁ ଜଳାଞ୍ଜଳି  ଦେଇ ଏକ ନିସନ୍ତାନ ଦମ୍ପତି କୋଳରେ ଢ଼ାଳି ଦେଇଛୁ ସନ୍ତାନର ସୁଖ ଏପରିକି ଆମ ବଂଶକୁ ଏକ  ଉତ୍ତରାଧିକାରୀ ଦେଇ ତୁ ମୋତେ ଆନନ୍ଦ ଦେବା ସହିତ ଏକ ମହତ୍ କାର୍ଯ୍ୟ ମଧ୍ୟ କରିଛୁ । ତେବେ ମନେରଖ, ଜଣେ ଯେତେ ସତ୍‌ପଥରେ ଚାଲିଲେ ମଧ୍ୟ ପ୍ରତି ପଦକ୍ଷେପରେ ସାବଧାନ ହେବା ଉଚିତ୍ । ନଚେତ୍ ବିପଦ ଅବଶ୍ୟମ୍ଭାବୀ ।  ସେ ଯାହା ହେଉ ନା' କାହିଁକି, ଚକ୍ରଧର ସହିତ ମିଶି ମୋ ପୁଅ–ବୋହୂ ରଚିଥିବା ଏଇ ଚକ୍ରବ୍ୟୂହରୁ ମୁଁ ନିଶ୍ଚୟ ତୋତେ ରକ୍ଷା କରିବି । ମାଉସୀଙ୍କ ମୁଖମଣ୍ଡଳରେ ଆନ୍ତରିକତା ଓ ମମତ୍ୱବୋଧର ଏକ ଫୁଲ ଫୁଟି ଚହଟି ଯାଉଥିଲା ।

ମାଉସୀଙ୍କ ଅତ୍ମୀୟତା ଦେଖି ଓ ଦୃଢ଼ ବକ୍ତବ୍ୟ ଶୁଣି, ମେଘମେଦୁର ଆକାଶରେ ବିଦ୍ୟୁତ୍‌ର ଝଲକପରି  ପୁଣି ଆଶାର ଆଲୋକରେ ଚନ୍ଦ୍ରମାର ମୁହଁ ଉଦ୍‌ଭାସିତ ହୋଇ ଉଠିଲା । ଆଉ ସେଇ  ସମୟରେ  କଲିଂବେଲ୍ ବାଜିବାରୁ  ସେ ଧାଇଁଯାଇ କବାଟ ଖୋଲିଦେଲା ।

କବାଟ ଖୋଲିବାକ୍ଷଣି ଭିତରକୁ ପଶିଆସିଲେ ଭାଉଜ । ତା' ହାତକୁ ଗୁଣ୍ଡ କ୍ଷୀରଡ଼ବା ଓ ଫିଡ଼ିଂ ବୋତଲ ବଢ଼ାଇଦେଇ କହିଲେ– ନେ, ଡ଼ବାରେ ଲେଖାଥିବା ନିର୍ଦ୍ଦେଶକୁ ଭଲଭାବେ ପଢ଼ି ତା'ପରେ ତିଆରି କରିବୁ ଏବଂ ଅଳ୍ପ ଉଷୁମ ଥିବାବେଳେ ଫିଡ଼ିଂ ବୋତଲରେ ଭର୍ତ୍ତିକରି ପୁଅକୁ ପିଆଇଦେବୁ ।

ନିରୁତ୍ତର ରହିଲା ଚନ୍ଦ୍ରମା ! କିନ୍ତୁ କୋଠରୀ ଭିତରୁ ବାହାରି ଆସି ବିଦ୍ରୁପର ହସହସି ଭାଉଜଙ୍କୁ ଆକ୍ଷେପ କଲାପରି ମନ୍ତବ୍ୟ ଦେଲେ ମାଉସୀ – ଓଃ ! ଏଇ ଗୁମରଟିକୁ ଲୁଚାଇବା ନିମନ୍ତେ ତୁ ମୋ ନିକଟରେ ଗର୍ଭଧାରଣ ସମ୍ବନ୍ଧରେ ଯେମିତି ଗୁପ୍ତ ରଖିଲୁ ସେମିତି ସନ୍ତାନ ଭୂମିଷ୍ଠ ହେବାପରେ ମଧ୍ୟ ମୋତେ ଆସିବାକୁ ବାରଣ କଲୁ । କାରଣ କ'ଣ ନା, ଭୀଷଣ ଅସୁସ୍ଥତା ଯୋଗୁଁ ମା'ପୁଅ ଦୁହେଁ ଡ଼ାକ୍ତରଖାନାରେ   ଏବଂ ଡ଼ାକ୍ତରଙ୍କ ତତ୍ତ୍ୱାବଧାନରେ ରହୁଛ ? ମୁଁ ତ ବୁଝିପାରୁନି, ବର୍ତ୍ତମାନ ତୋ' କଥାକୁ ବିଶ୍ୱାସ କରିବି ନା ଚନ୍ଦ୍ରମା କଥାକୁ ?

ଏମିତି ଅପ୍ରତ୍ୟାଶିତ ଭାବରେ ଧରାପଡ଼ିଯିବେ ବୋଲି କଳ୍ପନା ସୁଦ୍ଧା କରିନଥିବା ଭାଉଜ କେବଳ ବିସ୍ଫାରିତ ନେତ୍ରରେ ଚାହିଁରହିଥିଲେ ମାଉସୀଙ୍କୁ । ଆଉ ତାଙ୍କ ପଛରେ ଛିଡ଼ା ହୋଇଥିବା ଭାଇ, ସତେକି ପାଲଟି ଯାଇଥିଲେ ବାକ୍ ଶକ୍ତିହୀନ ନିର୍ଜୀବ କଣ୍ଢେଇ ।

ମାର୍ଫତ୍– ଶ୍ରୀ କିଶୋର ଚନ୍ଦ୍ର ନନ୍ଦ,

ଡ଼ି/ ୩୦୬, କୋଏଲ ନଗର, ରାଉରକେଲା-୧୪,  ମୋ–୯୪୩୮ ୨୨୮ ୧୨୪

# ଦୁଇଟି ମିନିଗଳ୍ପ

ଇଂ. ସତ୍ୟବ୍ରତ ରଥ



## ଅନ୍ଧାରର ଛାଇତଳେ :

ଜଗନ ! ଛୋଟ ପିଲାଟି ବର୍ଷେ ହେଲା ସ୍କୁଲକୁ ଗଲାଣି । ଘରଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ସ୍କୁଲ । ତା' ବାପା ଗୋଟେ ଅଟାକଳରେ କାମ କରନ୍ତି । କାମରେ ଯିବାବେଳେ ସେ ପୁଅକୁ ସାଙ୍ଗରେ ନେଇ ସ୍କୁଲରେ ଛାଡିଦିଅନ୍ତି । ସ୍କୁଲ ଛୁଟି ହେଲେ ଜଗନ ପିଲାମାନଙ୍କ ମେଳରେ ଘରକୁ ଫେରେ । ବାପା ଫେରୁ ଫେରୁ ସଂଧ୍ୟା ସାତଟା । ପିଲାଟି ଶାନ୍ତ ଶିଷ୍ଟ । ଛନ୍ଦ କପଟ ବୁଝେନି, ବୁଝେନି ବି ପର ଆପଣା ଭେଦ । ସେ ବୁଝେ ବାପାଙ୍କର ଡାକ ମିଠା ମିଠା, ବୋଲ ନ ମାନିଲେ ମାଆ ଗାଳିଦିଏ ବୋଲି ।

ହାଲୁକା କାମଥିବାରୁ ଦିନେ ବାପା ସହଳ ଘରକୁ ଫେରିଥିଲେ । ଆସିଲା ବେଳକୁ ବଜାରର ବଇନା ଦୋକାନରୁ ବରା, ଗୁଲୁଗୁଲା ଠୁଙ୍ଗାଟେ ଆଣିଥିଲେ । ଠୁଙ୍ଗାଟି ଘରେ ଥୋଇ ଦେଇ ସେ ପୁଣି ଅନ୍ୟ ଏକ ଜରୁରୀ କାମରେ ବାହାରକୁ ଗଲେ । ବାପା ଯିବା ପରେ ମାଆ ବରା, ଗୁଲୁଗୁଲା ଠୁଙ୍ଗାଟି ଧରି ଖାଇବାକୁ ଲାଗିଲେ । ସେ ଜଗନକୁ କହିଲେ – "ବରା, ଗୁଲୁଗୁଲାଗୁଡାକ ଭେଜାଲ ତେଲରେ ଛଣା ଖରାପ ଜିନିଷ, ପିଲାମାନେ ଯାକୁ ଖାଇଲେ କାଛୁ, କୁଣ୍ଡିଆ ଦେହସାରା ମାଡିଯିବ । ଦୁଇ ତିନିମାସ ପର୍ଯ୍ୟନ୍ତ ଭଲ ହେବନି । ବଡ ମଣିଷ ଖାଇଲେ ଚଳିବ ।" ଜଗନ ଜଳଜଳ ହୋଇ ମାଆ ମୁହଁକୁ ଚାହୁଁଥିଲା ଓ ଜିଭର ଲାଳକୁ ଢୋକି ଯାଉଥିଲା ।

ପରଦିନ ସ୍କୁଲକୁ ଯିବା ବାଟରେ ବାପା ଜଗନକୁ ପଚାରିଲେ– "ବଇନା ଦୋକାନ ବରା, ଗୁଲୁଗୁଲା ଭାରୀ ସୁଆଦ ଆଉ ଭଲ ବୋଲି ବଜାରରେ ଲୋକେ କହନ୍ତି । ତା' ଦୋକାନରେ ଉପରବେଳା ବହୁତ ଭିଡ । ଭିଡ ଭିତରେ ଠେଲାପେଲା ହୋଇ ମୁଁ କାଲି ତୋ ପାଇଁ ସେଥିରୁ ଠୁଙ୍ଗାଟିଏ ଆଣିଥିଲି । ତତେ ଭଲ ଲାଗିଲା ତ ପୁଅ ?"

ଜଗନ ଉଦାସ ଆଖିରେ ବାପାଙ୍କୁ ଚାହିଁଲା । ଥର ଥର କଣ୍ଠରେ କହିଲା– "ତମେ ଜାଣିନ କି ବାପା ! ଭେଜାଲ ତେଲରେ ଛଣା ବରା, ଗୁଲୁଗୁଲା ପିଲାମାନେ ଖାଇଲେ ତାଙ୍କ ଦେହସାରା କାଛୁ, କୁଣ୍ଡିଆ ମାଡିଯିବ । ଦୁଇ ତିନିମାସ ପର୍ଯ୍ୟନ୍ତ ଭଲ ହେବନି । ବଡ ମଣିଷ ଖାଇଲେ ଚଳିବ । ମାଆ ବଡ ମଣିଷ, ସେ ସବୁତକ ଖାଇଦେଲା, ମାଗିବାରୁ ମତେ ପାଟିକଲା ।"

ପିତୃହୃଦୟ ଭିତରେ ଥିବା ମମତାର ଦୀପଦାନିକୁ ଯେପରି କିଏ ନିର୍ମମ ଭାବେ ଫୁଙ୍କି ଲିଭାଇଦେଲା । ନିଜର ଅସହାୟ ପିତୃତ୍ୱକୁ ତିରସ୍କାର କରିବାକୁ ଲାଗିଲେ ଜଗନର ବାପା । ପୁଅର ମଥା ଓ ପିଠିକୁ ଆଉଁସି ଚାଲିଲେ । ଗଳା ଥରାଇ କହିଲେ– ମୋ ଭାଗ୍ୟରେ ତ ଗୋବର ଗଦାର ଦୁର୍ଗନ୍ଧ ଅଛି । ମଲ୍ଲୀ ଫୁଲର ବାସ୍ନା ଆସିବ କୁଆଡୁ ? ଧନରେ ! ତୋ ମାଆ ଅଦିନରେ ଚାଲିଗଲା । ତତେ ମାଆଭଳି ପାଳିବ ବୋଲି ବିଶ୍ୱାସରେ ମୁଁ ଯାହାକୁ ଅଧା ଚାଳିଆ ଘରୁ ଆଣିଥିଲି ସେ ଗୋଟେ ଡାହାଣୀ ବୋଲି ଜାଣୁଛି । ତା' ହୃଦୟରେ ସ୍ନେହ, ଶ୍ରଦ୍ଧା, ମମତା କୁଆଡୁ ଆସିବ ? ସାବତ ମାଆ ତ, ସ୍ୱଭାବ ଛାଡିବ କେମିତି ? ତତେ ଗୋଟେ ବରା ନ ଦେଇ ସବୁତକ ଖାଇଦେଲା କେମିତି ?

ଜଗନ କ'ଣ ବୁଝିଲା କେଜାଣି –କହିଲା– "ବାପା ମ ! ମାଆ ବୋଲି ଡାକିଲେ ସେ ମୋ ଡାକ ଶୁଣୁଛି । ମତେ ବି ନାଆଁ ଧରି ଡାକୁଛି । ଯୋଉ ମାଆ ହେଲେ ବି ମୋର ତ ମାଆଟେ ଅଛି ।

ବାପା– ଦୀର୍ଘ ନିଶ୍ୱାସ ଛାଡି କହିଲେ– ତୋ' ମନଟା ସିନା ନିର୍ମଳ ଆଉ ଖୋଲା, ହେଲେ ମୁଁ ଏମିତି ଶିକୁଳିରେ ବାନ୍ଧି ହୋଇଛି ଯେ ଆଙ୍ଗୁଳିଏ ଘୁଞ୍ଚିବାର ବଳ ନାହିଁ ।

## ଜନପ୍ରିୟତା :–

ସରଯୂ ନଦୀକୂଳରେ ଜଣେ ସାଧୁବାବାଙ୍କ ଆଶ୍ରମ ଥିଲା । ଆଶ୍ରମର ପରିବେଶ ଥିଲା ନିରୋଳା, ପ୍ରତିଦିନ ସାଧୁଙ୍କ ଆଶ୍ରମକୁ କେତେ ଜଣ ଭକ୍ତ ଆସୁଥିଲେ । ସାଧୁବାବାଙ୍କର ଦୈନିକ କର୍ମ ଥିଲା ଶୃଙ୍ଖଳିତ । ଦିନେ ଜଣେ ଶିଷ୍ୟ ଆଶ୍ରମକୁ ଆସି କହିଲେ– "ବାବା ! ଶେଠ ରତନ ଲାଲ୍ ଚାଲିଗଲେ । ବହୁତ ଲୋକ କାନ୍ଦୁଥିଲେ । ନଦୀକୂଳରେ ଭାରି ଗହଳି ।"

ସାଧୁ କିଛି ସମୟ ନୀରବ ରହି କହିଲେ– "ଯଦି ପରିବାର ବର୍ଗ ତଥା ବନ୍ଧୁବାନ୍ଧବଙ୍କ ଅପେକ୍ଷା ସଂଖ୍ୟାଧିକ ବାହାର ଲୋକ କାନ୍ଦୁଥିଲେ, ଶେଠଙ୍କର

ଜନପ୍ରିୟତା ଥିଲା ବୋଲି ଜାଣିବ ।"

ଆଉ ଜଣେ ଶିଷ୍ୟ ବି ସେଠାରେ ଉପସ୍ଥିତ ଥିଲେ । ସେ ପଚାରିଲେ- "ବାବା ! ଜଣେ ଲୋକ ଜନପ୍ରିୟ କି ନୁହେଁ, ତାହା କ'ଣ ତା ଜୀବଦଶାରେ ଜାଣି ହେବନି ?"

ସାଧୁ ହସିଲେ, କହିଲେ- ତୁମ ପ୍ରଶ୍ନର ଉତ୍ତର ତୁମେ ଖୋଜ । ତେବେ ଏ ଗୋଟାଏ ଯୁଗ, ଯେତେବେଳେ କେହି କାହାକୁ ଆଦର କରନ୍ତି ନାହିଁ । ସ୍ୱାର୍ଥ ଥିଲେ ଜଣେ ଜଣକୁ ଖୁସାମତ କରେ, ଅଯଥା ପ୍ରଶଂସା କରେ । ଜଣେ ଲୋକ ଦେହ ଛାଡିଲା ପରେ ତା'ର ଆଦର ବଢ଼ିଯାଏ । ପ୍ରିୟ ପରିଜନମାନେ ତା'ର ଜୟଗାନ କରନ୍ତି । ଗୁଣଗାନ କରନ୍ତି । ତା'ର ସମାଧି, ପ୍ରତିମୂର୍ତ୍ତି ଛିଡା କରାଇଥାଆନ୍ତି । କିନ୍ତୁ ଲୋକ ଯେତେ ଜ୍ଞାନୀ, ବୁଦ୍ଧିମାନ, ପରୋପକାରୀ ହେଲେ ମଧ୍ୟ ଜୀବଦଶାରେ ତା'ର ଜନପ୍ରିୟତା ପ୍ରକଟିତ ହୋଇ ନ ଥାଏ ।

କଲେଜ୍ ରୋଡ୍, ବାଙ୍କୀ
ପୋ:ଅ:-ବାଙ୍କୀ, ଜି: କଟକ
ପିନ୍ :- ୭୫୪୦୦୮

*With Best Compliments from:*

AMD

**AMD INDUSTRIES LTD.**



**18, Pusa Road , Ist Floor, Karol Bagh, New delhi-110005**
**Tel : +91 11 46830202 Fax : +91 11 28753591**
**E-mail : amdgroup@amdindustries.com**

# ଆମ ଗାଁ ହାଲଚାଲ

ଡା. ଜ୍ୟୋତିପ୍ରସାଦ ପଟ୍ଟନାୟକ



ସନ୍ଧ୍ୟାଦୀପ ଜାଳିଦେଇ ତଉଁରା ମୂଳେ ମୁଣ୍ଡିଆ ମାରିଦେବା ପରେ ଉଠିବାକୁ ଚେଷ୍ଟା କରୁଥିଲା ସମୟରେ କୁନା ବୋଉର ଅଣ୍ଟାରେ ପବନ ଅଟକିଗଲା । ଓଃ ବୋଉଲୋ କହି ସେ ସେଇଠି ଲଥ କରି ବସିପଡିଲା । ଘର ବାରଣ୍ଡାରେ ଟାରିଲୋକ ଧରି ବସିଥିଲା ହରିଆ (କୁନାବାପା) ଧାଇଁ ଆସିଲା । ଟିରିଲା ଲୋକଟା ଯଦି ଅଣ୍ଟା ଏବେଠୁ ନଇଁ ପଡିବ ଖାଇବା ପିଇବା ଦେବା ପାଇଁ ଘରେ ଆଉ କେହି ନାହାନ୍ତି । କାନ୍ଧରେ ଉଠେଇ କୁନାବୋଉକୁ ନେଇ ମସିଣା ପକେଇ ଶୁଆଇ ଦେଲା । ଓଲଣୀରେ ଥିଲା ତଥା ମଲମ ଆଣି ଅଣ୍ଟାରେ ଘଷି ଦେଉଥିଲା, କୁନି ତା' ଝିଅ ଧାଇଁ ଆସି ବାପା ହାତରୁ ମଲମ ନେଇ ନିଜେ ଲଗେଇଦେଲା । କୁନା ବୋଉ ବଡ କଷ୍ଟ ପାଉଥିଲା । 'ଓଃ ବୋଉ ଓଃ ବୋଉ' ବୋଲି ଡାକୁଥିଲା । ହରିଆ ବେଗେ ବେଗେ ଧାଇଁଲା କାର୍ଜି ଘରକୁ । କାର୍ଜିଏ ଜାଣିବା ଶୁଣିବା ଲୋକ । ତାଙ୍କୁ ଯାଇ କହିଲା, କାର୍ଜି ଘର ଭିତରୁ କଣ ଗୋଟେ ବଟିକା ଆଣି ଦେଲେ । ଅବଶ୍ୟ ସେ ମାତ୍ରାଟା ପଡିବା ପରେ କୁନା ବୋଉ ଆଉ ଆହା ଆହା ହୋଇନି । ଶାନ୍ତିରେ ଶୋଇପଡିଲା । କୁନିଟା ମାତ୍ର ଦଶ ବର୍ଷର ପିଲା ହେଲେ କଣ ହେବ । ବୋଉ ଶୋଇପଡିବା ପରେ ହାଣ୍ଡି ବସେଇ ପାଣିଦେଇ ଚାଉଳ ପକେଇ ଭାତ ରାନ୍ଧିଲା । ଭେଣ୍ଡି ଚାରିଟା ପୋଡିଲା । ଚୁଲି ମୁଣ୍ଡରେ ଆଳୁ ଆଉ ବାଇଗଣ କଣା କରିଦେଇ ନିଆଁରେ ଦେଲା । ବାଡିରୁ ଝଅଟ ଯାଇ ଟଭା ଦିଟା ତୋଳି ଆଣିଲା । ଅନ୍ଧାର ହେଉ ହେଉ ବୋଉକୁ ଉଠେଇ ଖୋଇବାକୁ ଦେଲା । ହରିଆ ପଖାଳ କଂସା ସାଥିରେ ପୋଡା ଆଳୁ, ବାଇଗଣ ଚକଟା ଆଉ ଭେଣ୍ଡି ଟଭା ପାଣିଧରି ପେଟେ ଖାଇଦେଲା ।

ସକାଳ ନ ହେଉଣୁ ହରିଆ ଉଠି ଗୁହାଳ ଘରକୁ ମୁହାଁଇଲା । ବଳଦ ଦି'ଟାକୁ କୁନା ବୋଉ କୁଣ୍ଡା ପାଣି ଦେଇଛି ନା ନାହିଁ ଦେଖିବା ପାଇଁ । ସତକୁ ସତ ବଳଦ ଦି'ଟା ଖାଡା ଉପାସରେ ରହିଛନ୍ତି । କୁନା ବୋଉକୁ ଡାକ ପକାଇଲା ହେଲେ ସେ ଶୁଣିଲାନି । ଘର ଭିତରକୁ ଯାଇ ଦେଖେ ତ କୁନା ବୋଉ ଏକା ରଙ୍ଗେ ଥରୁଛି । ଦେହରୁ ଗମ୍ ଗମ୍ ଝାଳ ବହି ଯାଉଛି । ମୁଣ୍ଡଟାକୁ ଛୁଇଁ ଦେଇ ଚମକି ପଡିଲା । ମୁଣ୍ଡରେ ଖଇ ଫୁଟୁଛି । କଣ କରିବ କିଛି ବୁଦ୍ଧି ଦିଶିଲାନି । କୁଅରୁ ପାଣି ବାଲଟିଏ କାଢ଼ି ଗାମୁଛାଟାଏ ଓଦା କରି ଆଣି କୁନା ବୋଉ ମୁଣ୍ଡ ପୋଛିଲା । ଆଉ ଦେହ ଉପରେ ଘୋଡେଇ ଦେଲା । କିଛି ସମୟ ପରେ ଦେହଟା ସାମାନ୍ୟ ଥଣ୍ଡା ହୋଇ ଆସିଲା । ହେଲେ କୁନା ବୋଉ ଉଠିଲାନି । ଚେତା ହରେଇ ପଡିଥିଲା । ହରିଆ ଧାଇଁଲା କାର୍ଜି ପାଖକୁ । କାର୍ଜି ସବୁ ଶୁଣି କହିଲେ, ଯା' ତୋ ଭାର୍ଯ୍ୟାକୁ ନେଇ ଡାକ୍ତରଖାନାକୁ ଯା' । ସେଇଠି ଠିକ୍ ଚିକିତ୍ସା ହେବ । ଏଠି ଆଉ ସମ୍ଭବ ହେବ ନାହିଁ । ତରବରରେ ଶଗଡ ଖୋଲି ବଳଦ ଦି'ଟାକୁ ବାନ୍ଧିଲା । ଶଗଡ ଡାଲାରେ କୁନାବୋଉକୁ ଶୁଆଇ ଦେଲା । କୁନା କୁନି ଦି'ଜଣ ମା ପାଖରେ ବସିଛନ୍ତି ସେ ଶଗଡ ଛୁଟେଇ ଦେଲା । ପାଞ୍ଚ କୋଶ ଗଲା ଉତ୍ତାରୁ ଡାକ୍ତରଙ୍କ ଦେଖା ମିଳିବ । ନୋଇଲେ କମ୍ପାଉଣ୍ଡର ଆଜ୍ଞା ଥିଲେ ବି ଇଞ୍ଜେକସନ୍ ଦେଇଦେବେ ।

ଗାଁରୁ ବାହାରି ରୋଡ ଉପରେ ଶଗଡ ଦଉଡାଇ ଯାଉଥିଲା ହରିଆ । ଶଗଡ ଡାଲାରେ କୁନାବୋଉ ନିସ୍ତେଜ ହୋଇ ପଡିଥିଲା । ଅଳ୍ପ ସମୟପରେ ଗାଁର ପାଠୁଆ ବାଲୁ ରାସ୍ତାରେ ଦେଖାହେଲା । କହିଲା

ଏହେ ଏହେ ଏତେ କାମ କାଇଁକି କଲୁ, ମୋତେ ବୋଲିଥିଲେ ମୁଁ ବଇଦ ନେଇ ଆସିଥାନ୍ତି ନା ।

-ବଇଦ ? ଆମ ଏ ଖଣ୍ଡ ମଣ୍ଡଳରେ ବଇଦ କେଉଁଠୁ ଆସିବ ? ହରିଆ ପଚାରିଲା ।

- ଆରେ, ଆମ ସାନହରିପୁର ଛକରେ ପରା ନୂଆ କ୍ଲିନିକ୍ ଖୋଲିଛି । ନୂଆ ଡାକ୍ତର । ବଢ଼ିଆ ରୋଗୀ ଦେଖୁଛନ୍ତି । ତୁ ବୋଇଲେ ଏବେ ଚାଲ ସେଇଠିକୁ ଦେଖିବୁ ଖୁଡିକୁ ସାଙ୍ଗେ ସାଙ୍ଗେ ସାଷ୍ଟାଙ୍ଗ କରିଦେବେ ।

ହରିଆ ଶଗଡ ବଢ଼ାଇଲା ସାନହରିପୁର ଛକକୁ । ସତକୁ ସତ ସେଠାରେ ନୂଆ କ୍ଲିନିକ୍ ଖୋଲିଛି । ଧୋବଧଉଳିଆ ପୋଷାକ ପିନ୍ଧି ସୁଦର୍ଶନ ଯୁବକ ଜଣେ ବସି ରୋଗୀମାନଙ୍କୁ ଦେଖୁଛନ୍ତି । ହରିଆ ଶଗଡ ଅଟକାଇବାକୁ ବେଳକୁ ବାଲୁ ଯାଇ କ୍ଲିନିକ୍ ଭିତରେ ହାଜର । ସେ ହସି ହସି ଡାକ୍ତର ସାଙ୍ଗରେ କଥାବାର୍ତ୍ତା ହେଉଥିବା ଦେଖି ହରିଆର ସାହାସ ହେଲା । ତିନିପ୍ରାଣୀ ମିଶି ଧରାଧରି ହୋଇ କୁନା ବୋଉକୁ ନେଇ କ୍ଲିନିକ୍ ଟେବୁଲ୍ ଉପରେ ଶୁଆଇ ଦେଲେ । ଡାକ୍ତର ଯନ୍ତ୍ର ପକେଇ ଦେଖିଲେ, କଣ ସବୁ ଇଂରାଜୀରେ କହିଲେ । ତା'ପରେ କହିଲେ ଇଞ୍ଜେକସନ୍ ଦେବେ । ହରିଆ ନିର୍ବାକ୍ ବସିଥିଲା । ସକାଳ ପହରୁ ଆସି ଦୋପହର ହେଲାଣି । କୁନାକୁନିକୁ ନେଇ ବାଲୁ ହୋଟେଲରେ କଣ ଖୁଆଇ ଦେଇଆସିଲା । କୁନାବୋଉ ବି ଉଠି ବସିଲାଣି । ଏବେ ଆଉ ଅଣ୍ଟାପିଠି ବଥାନାହିଁ । ଜ୍ୱର ବି କମ୍ ହୋଇଯାଇଛି । ପାଟି ପିତା ଲାଗୁଛି କହିଲାରୁ ହରିଆ ଲେମ୍ବୁ ଫାଳେ ଆଣି ଦେଇଥିଲା ଚାଟିବା ପାଇଁ । ଦିପହର ବେଳକୁ ଡାକ୍ତର ବାବୁ କହିଲେ, "ଏବେ ତୁମେ ଘରକୁ ଯାଅ । ମୁଁ ଔଷଧ ଦେଇ ଦେଉଛି, ଖାଇବାକୁ ଦେବ ଦେଖିବ ଦି ଓଳିରେ ଠିକ୍ ହୋଇଯିବ ।"

ଦୁଇ ଦିନ ବେଳକୁ ସତକୁ ସତ କୁନାବୋଉ ପୁରା ଠିକ୍ ହୋଇଯାଇଥିଲା । ବାଲୁ ଆସିଥିଲା ଅବସ୍ଥା ଦେଖିବା ପାଇଁ । କହିଲା, "ଆମ ବଙ୍ଗାଳୀ ଡାକ୍ତର ଆଜ୍ଞା କେମିତି ଚିକିତ୍ସା କରୁଛନ୍ତି ଜକା ଦେଖିଲୁ ତ ?" ହରିଆ ଖୁସି । ସେ ଯା'ହେଉ ଆଗକୁ ଗାଁରେ ଯାହାର ବି ଅସୁବିଧା ହେଲା ସବୁ ସେଇ ବଙ୍ଗାଳୀ ଡାକ୍ତର ପାଖକୁ ଧାଇଁଲେ । ମାସ କେଇଟାରେ ସାନହରିପୁର ଛକଟା ଗୋଟେ ବଡ ବସଷ୍ଟାଣ୍ଡ ହୋଇଗଲା । ସକାଳୁ ସଞ୍ଜଯାଏଁ ମଣିଷ ଉପରେ ମଣିଷ ପଡୁଛନ୍ତି

କହିଲେ ଚଳିବ । ଝାଡାବାନ୍ତି, ମୁଣ୍ଡବଥା, ଜ୍ୱର, ଯାହା ବି ହେଉଥାଉ ଡାକ୍ତର ଆଜ୍ଞାଙ୍କ ଇଞ୍ଜେକସନ୍ ପାଇଲେ ଏକାଥରକେ ଠିକ୍ ।

ସେଦିନ ଗାଁ ମଣ୍ଡପ ଉପରେ ସବୁ ବସି କଥା ହେଉ ହେଉ ହରିଆ କହିଲା 'ସାନହରିପୁର ଭଳିଆ ସାନ ଗାଁ ଛକରେ ଏତେ ବଡ ଡାକ୍ତର ଆସି ରୋଗୀ ଦେଖୁଛନ୍ତି ଆମ ଗାଁ କଣ ତା'ଠୁ ସାନ କି ? ଆମ ଗାଁରେ ବି ଜଣେ ଡାକ୍ତର ରହିବା ଦରକାର ।' ସମସ୍ତେ ହଁ ଭରିଲେ । କଥାଟା ସତ । ବାଲୁ କହିଲା, 'କକା ଯଦି କହିବ, ଡାକ୍ତର ଆଜ୍ଞାଙ୍କୁ କହିବା ଆମ ଗାଁକୁ ବେଳେ ବେଳେ ଆସି ରୋଗୀ ଦେଖିବେ ।' ସମସ୍ତଙ୍କ ମନକୁ କଥାଟା ପାଇଲା । ବଇଁଶୀ କହିଲା, "ମୋ ପରିବା ଦୋକାନ ପାଖରେ ଯୋଉ ଘରଟା ଅଛି ସେଇଠି ବସିବା ବ୍ୟବସ୍ଥା କରିଦେବା । ଦିନେ ଓଳିଏ ଆସିଲେ ସୁଧାରୁ କେତେ ଲୋକଙ୍କ ସୁବିଧା ପାଇବେ ନା । ଆମ ଗାଁକୁ ଲାଗିକି ଯୋଉ ଚାରି ପାଞ୍ଚ ଖଣ୍ଡ ଗାଁ ଅଛି ସେମାନେ ବି ଆସିବେ ।' ଏମିତି ଚର୍ଚ୍ଚା ଚାଲୁଥିବା ସମୟରେ ବନ୍ଦରୁ ଗାଁ କାର୍ଜି କରଣ ଆସୁଥିଲେ, କାର୍ଜିଏ ଅଟକି ଯାଇ କହିଲେ, 'କିରେ କି ଯୋଜନା କରୁଚ ସବୁ ?' ହରିଆ କହିଲା, 'ଆଜ୍ଞା ଆମ ଗାଁକୁ ବଙ୍ଗାଳୀ ଡାକ୍ତରଙ୍କୁ ଡାକିବୁ ବୋଲି ଭାବୁଛୁ ।' କାର୍ଜିଏ ହସି ଦେଇ କହିଲେ, 'ଆରେ, ସେ କ'ଣ ଡାକ୍ତର ? ଠକଟା । ଡାକ୍ତରୀ ପଢ଼ିଥିଲେ ଚାକିରୀ ନ କରି ଆସି ଆମ ଗାଁରେ ବସନ୍ତା । ବେକାର ପିଲାଟା, କୋଉଠୁ କଣ ଟିକେ ଶିଖିଦେଇ ବୋର୍ଡ ମାରିଦେଇଛି ନା' । କାର୍ଜିଏ ଚାଲିଗଲେ । ସମସ୍ତଙ୍କ ମନ ଫିକା ହୋଇଗଲା । ବାଲୁ କହିଲା, 'ତୁ ଛାଡ କକା, ଚିନ୍ତା କରେନା । ଶଃ....., କାର୍ଜି ହେଇଗଲା ବୋଲି ଯାହା ଇଛା ତାହା କହିଲେ ଚଳିବ । ଏତେ ଲୋକ ଯୋଉଠି ଭଲ ହେଉଛନ୍ତି ସେ କଣ ଖାଲିଟାରେ ହେଇଯାଉଛି ? ଆରେ ଆଜି ଯାଏଁ ଗାଁରେ ଯାହାର ବି ଦେହ ଖରାପ ହେଲେ, କାର୍ଜି ଓଷଦିଷ ଦେଉଥିଲେ ନା ନାଇଁ, ସେ କଣ ଡାକ୍ତର ? ହା, କହିଲା ନା କଣ, ଠକଟା । ମୁଁ ନିଷ୍ପତ୍ତି ନେଇଛି ଗାଁକୁ ବଙ୍ଗାଳୀ ଡାକ୍ତର ଆସିବ ବୋଇଲେ ଆସିବ ।'

ବଇଁଶୀ ପରିବା ଦୋକାନ ପାଖରେ ଥିବା ଘରେ ଟେବୁଲ୍ ଚେୟାର୍ ପକାଇ ସବୁ ବ୍ୟବସ୍ଥା ହେଲା । ବଙ୍ଗାଳୀ ଡାକ୍ତର ସକାଳୁ ଆସି ଦୁଇ ତିନି ଘଣ୍ଟା ରହିଲେ । ଯାହାକୁ ଯାହା ଦରକାର ଇଞ୍ଜେକସନ୍, ବଟିକା ସବୁ ଦେଲେ । ରୀତିମତ ଗାଁରେ ଗୋଟେ ଚିକିତ୍ସାଳୟ ହୋଇଗଲା । ବାଲୁ ଗୋଟେ ଔଷଧ ଦୋକାନ ଦେବ ବୋଲି କହୁଥିଲା । ସବୁ ଠିକ୍ ଚାଲୁଥିବା ସମୟରେ ଦିନେ ହଠାତ୍ ବିଭ୍ରାଟ ହୋଇଗଲା । ବଙ୍ଗାଳୀ ଡାକ୍ତର ପାଖକୁ ଯାଇଥିଲା କାଳିଆ ଓଡିଆ ଭାର୍ଯ୍ୟା ଲକ୍ଷ୍ମୀ, ପେଟ କାଟୁଛି ବୋଲି, ସେ କଣ ଗୋଟେ ଇଞ୍ଜେକସନ୍ ଦେବାପରେ ସବୁ ଠିକ୍ ହେଇଯାଇଥିଲା, ହେଲେ ଡାକ୍ତର ଯିବାପରେ ପରେ ପୁଣି ପେଟ କାଟିଲା ଯେ ଲକ୍ଷ୍ମୀ ଚେତା ହରେଇ ପଡିଗଲା । ବାଲୁ ତା'କୁ ନେଇ ସାନହରିପୁର ଛକକୁ ଗଲା । ଗାଁରୁ ଦିକୋଡି ଲୋକ ସାଥିରେ ଯାଇଥିଲେ । ଡାକ୍ତର ଲକ୍ଷ୍ମୀକୁ ପରୀକ୍ଷା କରି କହିଲେ, ଯା'ର ଅବସ୍ଥା ସିରିୟସ୍, ଯା'କୁ ବଡ ମେଡିକାଲ୍ ନେବାକୁ ପଡିବ । ସେଇଠୁ ବସରେ ବସି ଲକ୍ଷ୍ମୀକୁ ନେଇ ବରହ୍ମପୁର ଯାଇଥିଲା ବାଲୁ । ଦି ଓଳି ରହିବା ପରେ ଲକ୍ଷ୍ମୀର ଚେତା ଆସିଲା । ବଡ ମେଡିକାଲ୍ ଡାକ୍ତର ଗାଁ ଡାକ୍ତରଙ୍କ ଚିଠା ଦେଖି ଉପସ୍ଥିତ ସବୁ ଲୋକଙ୍କୁ ବହେ ଗାଳି ଦେଲେ । କହିଲେ, 'ଇୟେ କୋଉ ଡାକ୍ତର ? କୋଉ ମେଡିକାଲ୍ କଲେଜ୍‌ରେ ପଢ଼ିଛି ? ରୋଗର ନାଁ ନାଇଁ କି ଡାକ୍ତରଙ୍କ ନାଁ ନାଇଁ ? ଗ୍ୟାଷ୍ଟ୍ରିକ୍ ବେମାରୀରେ ସେ ପେନ୍ କିଲର୍ ଦେଇଛି ?' ସବୁ ଲୋକ ଆଁ କରି ରହିଲେ । ବଡ ଡାକ୍ତର ବାବୁ ବିରକ୍ତ ହୋଇ ଚାଲିଗଲେ । ଲୋକ କିଛି ବୁଝିଲେ ନାହିଁ ବାଲୁକୁ ପଚାରିବା ପରେ ସେ କହିଲା, ଯେ ବଙ୍ଗାଳୀ ଡାକ୍ତର କମ୍ ଔଷଧ ଦେଇଛି ବୋଲି ଡାକ୍ତର ଆଜ୍ଞା ବିଗୁଡୁଥିଲେ ।

ସଞ୍ଜବେଳକୁ ମେଡିକାଲ୍‌ରେ ପାଠ ପଢୁଥିବା ପିଲାମାନେ ବଗପରି ଧଳା ଧଳା କୋଟ୍ ପିନ୍ଧି ଆସିବାପରେ କାଳିଆ ଓଡିଆ ଜଣେ ପିଲାକୁ ସାହାସ କରି ସକାଳେ ଡାକ୍ତର ଆଜ୍ଞା ରାଗିବା କାରଣ ପଚାରିଲା । ସେ ପିଲା ପଚାରିଲା, 'ଯୋଉ ଡାକ୍ତର ତୁମ ସ୍ତ୍ରୀକୁ ଔଷଧ ଦେଇଥିଲେ, ସେ କ'ଣ ସତରେ ଡାକ୍ତର ?'

କାଳିଆ କହିଲା, 'କେଜାଣି ଆଜ୍ଞା । ଆମ ଗାଁ ଛକରେ ଦୋକାନଟେ ଦେଇଛନ୍ତି । ସବୁଦିନ ଆସି ରୋଗୀ ଦେଖୁଛନ୍ତି ବୋଲି ଆମେ ବି ଯାଇଥିଲୁ । ବଙ୍ଗାଳୀ ଡାକ୍ତର ବୋଲି ସବୁ କହୁଛନ୍ତି ।

ଡାକ୍ତର ପିଲା ହସିଲା କହିଲା, 'ତୁମେ ଭାଗ୍ୟ କରିଛ, ତୁମ ସ୍ତ୍ରୀକୁ ସାଙ୍ଗେ ସାଙ୍ଗେ ଧରି ପଳେଇ ଆସିଲ, ନ ହେଲେ ସେ ମରିଯାଇଥାନ୍ତେ । ବୁଝିଲ । ସେ ଲୋକକୁ କିଛି ଜଣା ନାହିଁ । ଓଲଟା ଔଷଧ ଦେଇଥିଲା ବୋଲି ତୁମ ସ୍ତ୍ରୀର ଏ ଅବସ୍ଥା ହେଲା । ଆଉ ଅଧିକ ସମୟ ତୁମେ ଯଦି ତା'ପାଖରେ ଚିକିତ୍ସା କରିଥାନ୍ତ, କହିଲେ ସେ ନିଶ୍ଚୟ ତୁମ ସ୍ତ୍ରୀର ପେଟ କଣା କରି ଦେଇଥାନ୍ତା ।'

କାଳିଆ ଓଡିଆ ମନକୁ କଥାଟା ବାଧିଲା । ବାଲକୁ ଚାହିଁଲା । ବାଲୁ ନିର୍ବାକ୍ ।

ସପ୍ତାହ ଖଣ୍ଡେ ବଡ ମେଡିକାଲ୍‌ରେ ରହିବା ପରେ କାଳିଆ ଗାଁକୁ ଫେରିଲା । ଶୁଣିଲା ବଙ୍ଗାଳୀ ଡାକ୍ତର ଆଉ ଗାଁକୁ ଆସୁନାହାନ୍ତି । ସାନହରିପୁର ଛକରେ ସେ ଯୋଉ କ୍ଲିନିକ୍ କରିଥିଲେ, ସେଠି କାଳେ ତାଲା ଝୁଲୁଛି । ବାଲୁକୁ ସବୁ ଖୋଜୁଥିଲେ, କିଏ ଜଣେ କହୁଥିଲା ସେ କାଳେ ସୁରାଟ୍ ପଳେଇଚି । ସଞ୍ଜବେଳକୁ ମଣ୍ଡପ ଉପରେ ବସି କାଳିଆ ବଡ ମେଡିକାଲ କଥା ସମସ୍ତଙ୍କୁ ଶୁଣାଉଥିଲା । କାର୍ଜିଏ ସେଇ ବାଟ ଦେଇ ଆସୁଥିଲେ, ହସି ଦେଇ କହିଲେ, 'ଆମେ ସବୁ ବୁଢ଼ା ହେଲୁଣୁ ନା, ଆମ କଥା କିଏ ଶୁଣୁଛି ?' ହରିଆ କାନ ଧରି କହୁଥିଲା, 'ଏ ଥର ଭୁଲ୍ ହୋଇଗଲା ମାଷ୍ଟ୍ରେ । ଆଉ ଏ ଭୁଲ୍ ହେବନି ।' କାରଣ ଆଜ୍ଞା କହୁଥିଲେ, 'ସରପଞ୍ଚ ଆଜ୍ଞାଙ୍କୁ କୁହ, ସେ ଚାହିଁଲେ ଗାଁରେ ସ୍ୱାସ୍ଥ୍ୟକେନ୍ଦ୍ରଟେ ଖୋଲିଦେବେ ।

ସମ୍ପାଦକ, ଆହ୍ୱାନ ଇ-ପତ୍ରିକା
ବୀମାନଗର, ବ୍ରହ୍ମପୁର, ଓଡିଶା
ଦୂରଭାଷ :- ୯୦୪୦୯୮୫୪୬୩

# ଶୋଧାଞ୍ଜଳି

ଭିକାରୀ ରଥ



ଗୋଟାଏ କୁଆ ମରିଗଲେ କୁଆପଲ ରାଇ ରାଇ ହୋଇ ଢେର ବେଳଯାଏ ତା ଶବ ଚାରିପଟେ ପଇଁତରା ମାରନ୍ତି । ଦାଣ୍ଡୁଦାଦା ମରିଗଲା ପରେ ତା'ର ଚେଲା ଚାମୁଣ୍ଡାମାନେ ପଲ ପଲ ହୋଇ ଆସି ତା' ଘର ଭିତରଠାରୁ ବାହାରଯାଏ ଚକକ୍ର କାଟିଲେ । ଖାଲି ସେମାନେ କାନ୍ଦିଲେ ନାହିଁ, ଦାଣ୍ଡୁ ଦାଦାର ଘର ପାଖ ବଜାରର ଦୋକାନୀ, ବେପାରୀ, ଭଡାଟିଆ ଏପରିକି ବଜାର ବନ୍ଦ ନାମରେ ରାସ୍ତାବନ୍ଦ କରି ବାଟରେ ଯିବା ଆସିବା ଲୋକଙ୍କୁ ମଧ୍ୟ କନ୍ଦାଇଲେ । ସେମାନଙ୍କର ଇଚ୍ଛା, ଦାଦା ଯେହେତୁ ସେମାନଙ୍କୁ ଅନାଥ କରି ଶୋକ ସାଗରରେ ଭସାଇଦେଇ ଚାଲିଗଲେ, ସେମାନେ ସେଥିପାଇଁ ସହରବାସୀଙ୍କୁ ବିନା ଶୋକରେ ଶାନ୍ତିରେ ରହିବାକୁ ଦେବେ ନାହିଁ । ରସୁଲ୍ଗଡ ବଜାରରେ ପ୍ରତାପ ସିନେମା ହତାରେ ଯେମିତି ଜଣେ ସ୍ୱର୍ଗତ ଦାଦାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି, ଦାଣ୍ଡୁ ଦାଦାଙ୍କର ପ୍ରତିମୂର୍ତ୍ତି ସେହିପରି ଏକ ବିଶେଷ ସ୍ଥାନରେ ସ୍ଥାପନ କରାଯାଉ । ଯେପରିକି ବହୁସଂଖ୍ୟାରେ ଲୋକେ ପ୍ରତିଦିନ ତାଙ୍କର ଦର୍ଶନ ପାଇପାରିବେ ।

ଦାଣ୍ଡୁଦାଦାଙ୍କର ଏକାଦଶାହରେ ବସ୍‌ଷ୍ଟାଣ୍ଡ, ପାଖ ପଡିଆରେ ଏକ ଶୋକସଭାର ଆୟୋଜନ କରାଗଲା । ଏହାକୁ ବିଶାଳ କରିବା ପାଇଁ ସେଠା ବଜାରର ଦୋକାନୀମାନଙ୍କୁ ଅଲବତ୍ ଦୋକାନ ବନ୍ଦ କରିବାକୁ ପଡିଲା । ସେଠାକୁ ଆସୁଥିବା ଓ ସେଠାରୁ ଛାଡୁଥିବା ସବୁ ବସ୍‌କୁ ଅଟକାଇ ରଖାଗଲା, ଯେପରିକି ଅପେକ୍ଷମାଣ ଯାତ୍ରୀମାନେ ସଭାସ୍ଥଳରେ କାର୍ଯ୍ୟକ୍ରମରେ, ସମୟ କଟାଇବା ପାଇଁ, ପରୋକ୍ଷରେ ଭାଗ ନେଇ ପାରିବେ । ସ୍ୱର୍ଗତ ଦାଦାଙ୍କର ଚେଲାମାନେ ନିଜ ନିଜ ସ୍ତରରେ ଲୋକ ଅଡେଇ ଆଣିଲେ । ସେମାନଙ୍କ ମଧ୍ୟରେ ଅଧିକାଂଶ ବୁଢାବୁଢୀ ଥିଲେ । ବେଶୀଭାଗ ମୁଲିଆ ଶ୍ରେଣୀର ଲୋକମାନେ ଆସିଥିଲେ । କାରଣ, କାମସାରି ମଜୁରୀ ଅଣ୍ଟାରେ ଖୋସି ପହଞ୍ଚିଯାଆନ୍ତି ପ୍ରଥମେ ଦେଶୀମଦ ଭାଟିରେ । ଜଳସ୍ରୋତ ମୁହଁରେ ଜଗିଲେ ସହଜରେ ଶିକାର ମିଳିଥାଏ । କୁଜିଦାଦାମାନେ ନିଜ ଧନରୁ ପିଇବାକୁ ଦେଇ ସେହିଠାରୁ ଲୋକ ଗୋଟାଇ ଆଣିଲେ ।

ଶେଷକୁ ମୁଖ୍ୟ ଅତିଥି ଭାବରେ ଶ୍ରଦ୍ଧାଞ୍ଜଳି ସଭାକୁ ଜଣେ ମନ୍ତ୍ରୀ ଆସିବା ନିହାତି ଦରକାର । ମନ୍ତ୍ରୀ ଆସିଲେ ଟି.ଭି. ଚ୍ୟାନେଲ୍ ବାଲା ଆସିବେ । ଖବରକାଗଜ ବାଲା ଆସିବେ । ପୋଲିସ୍ ହାକିମ ଆସିବେ । ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମନ୍ତ୍ରୀବର ଜାଗା ଚିହ୍ନଟ କରି ଘୋଷଣା କରିଦେଲେ, ତେଣିକି ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପରି ବଡ କରି ପ୍ରତିମୂର୍ତ୍ତି ଠିଆ କରିଦେଲେ, ସରକାର ପଛକୁ କୋଉ ବାହାନା କରି ତାକୁ ସରକାରୀ ଜାଗାରୁ ଉଠାଇ ପାରିବେ ନାହିଁ ।

ଦଳେ ଛୋଟ ଦାଦା ମନ୍ତ୍ରୀଙ୍କୁ ଭେଟିଲେ । ସମାଜ କଲ୍ୟାଣ ମନ୍ତ୍ରୀ ଆଗ ଟିକେ ମଙ୍ଗ ମୋଡିଲେ । ଦାଦାଗଣ ମନେ ପକାଇ ଦେଲେ ଯେ ସେମାନେ ଯେତେ ରିକ୍ସା ନେଇ ହାତରୁ ପଇସା ଖର୍ଚ୍ଚ କରି ଅଣ୍ଡା କିଣି ବିରୋଧୀ ଦଳଙ୍କର ସଭା, ଭଣ୍ଡୁର କରିଛନ୍ତି, ସେ ସବୁ ଭୁଲିବାର ନୁହେଁ । ଦେଢ଼ବର୍ଷ ପରେ ନିର୍ବାଚନ । ପବନର ଦିଗ ବଦଳିବାକୁ ବେଶୀ ସମୟ ଲାଗେ ନାହିଁ ।

ମନ୍ତ୍ରୀ ପଚାରିଲେ- "କେତେ ଲୋକ ହେବେ ?"

ଚଗୁଲି ଦାଦା- "ଲୋକରେ ଆଖ୍ପା ଯାଗା ଫଟେଇଦେବୁ । ଜୀଅନ୍ତା ଲୋକ ନ ମିଳିଲେ ବି ଧାନନଗର ମଶାଣୀରୁ ମୁର୍ଦ୍ଦାର ବୋହିଆଣି ଗଦେଇଦେବୁ । ରୁଟି ପଛରେ କୁକୁର ଗୋଡାଇବା ପରି, ଶବଦାହ କରିବାକୁ ଆସିଥିବା ଶବର ନିଜ ଲୋକେ ଆମ ପଛେ ପଛେ ଗୋଡେଇ ଗୋଡେଇ ସଭାସ୍ଥଳକୁ ପଳେଇ ଆସିବେ । ସଭା ସରିଲେ ମୁର୍ଦ୍ଦାର ଉଠେଇନେବେ ।"

ସଭାସ୍ଥଳରେ ବିରାଟ ମଞ୍ଚ ତିଆରି ହେଲା । ମଞ୍ଚ ଉପରେ ସ୍ୱର୍ଗତ ଦାଣ୍ଡୁଦାଦାର ବିଶାଳ କଟ୍ ଆଉଟ୍ ଠିଆ କରାଇ ଦିଆଗଲା । ତା' ଉପରେ ଷାଠିଏ କିଲୋଗ୍ରାମ୍ ଓଜନର ବିରାଟ ଫୁଲମାନ ଢେରି ଦିଆଗଲା । ଭବ୍ୟ ଆୟୋଜନ । କୋଉ ପଇସାଟିଏ ଖର୍ଚ୍ଚ ହେଉଛି । ଚଗୁଲି କହୁଥିଲା, "ଲୋକଙ୍କ ପଇସାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଉଦ୍‌ଘାଟନ ଫାର୍ସ ଚାଲୁଛି । ଆମର ନାମକରା ଦାଦାଙ୍କର ଶ୍ରଦ୍ଧାଞ୍ଜଳି ସଭା ପାଇଁ ଏତିକି ଖର୍ଚ୍ଚ କରିବା ପାଇଁ ଲୋକେ ମନା କରିବାକୁ କିପରି ସାହାସ କରିବେ ?"

ମନ୍ତ୍ରୀ ଭାଷଣ ଆରମ୍ଭ କଲେ- " ସ୍ୱର୍ଗତ ଦାଣ୍ଡୁଦାଦା ମହାପୁରୁଷ ସ୍ତରକୁ ପହଞ୍ଚି ପାରି ନ ଥିଲେ ଏବଂ ଏକାନ୍ତ ସକ୍ଷମ ପୁରୁଷ ଥିଲେ । ତାହାର ଜ୍ୱଳନ୍ତ ପ୍ରମାଣ ହେଲା, ତାଙ୍କ ନାମରେ ବିଭିନ୍ନ ଥାନାରେ ଥିବା ତେୟାନବେଟି ଧର୍ଷଣ ମାମଲା । ଯେପରି ବିବାହ ହିଁ ଛାଡପତ୍ରର କାରଣ, ଧର୍ଷଣ ସେହିପରି ଉଦ୍ଦାମ ପୁରୁଷ ପଣିଆର ଲକ୍ଷଣ ।"

"ଦାଣ୍ଡୁବାବୁ ପ୍ରବଳ ସ୍ୱାଭିମାନୀ ଓ ଆତ୍ମନିର୍ଭରଶୀଳ ବ୍ୟକ୍ତି ଥିଲେ । କେହି ପଦେ ତୁ' ବୋଲି କହିଲେ ତାଙ୍କୁ ତା' ପରଦିନ ସେ ବ୍ୟକ୍ତିର ନାମ ନିରୁଦ୍ଦିଷ୍ଟ ବ୍ୟକ୍ତି ତାଲିକାରେ ଚଢ଼ିଯାଉଥିଲା । ପରପାଖରେ ହାତ ପାତିବା ତାଙ୍କ ଜାତକରେ ନ ଥିଲା । ତାଙ୍କର ଗୋଟାଏ ଫୋନ୍ କଲ୍‌ରେ ଲୋକେ ତାଙ୍କ ଘରେ ଆସି ଦେଇଯାଉଥିଲେ ।

"ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ପାଇଁ ତାଙ୍କର ଅବଦାନ ଅତୁଳନୀୟ । ନିଜ ବଜାର ମେଢ଼କୁ ଚାନ୍ଦିମେଢ଼ କରାଇପାରିଛନ୍ତି । ତାଙ୍କର ଆହ୍ୱାନରେ

ଲୋକମାନେ ଯୋଡହସ୍ତରେ ପ୍ରଚୁର ଅର୍ଥଦାନ କରିଛନ୍ତି । ନିନ୍ଦୁକମାନେ କହନ୍ତି, ସେହି ଅର୍ଥରୁ ତାଙ୍କର ଭବ୍ୟ ତ୍ରିତଳ ପ୍ରାସାଦ ଠିଆ ହୋଇଛି ଓ ହାତୀଶାଳ ପରି ଗ୍ୟାରେଜ୍‌ରେ ଚାରିକୋଟି ଟଙ୍କାର ଦୁଇଟି ଗାଡି ଠିଆହୋଇଛି । କଥାରେ ଅଛି ଫୁଲଟିଏ ଫୁଟିଲେ ପାଖୁଡାମାନ ଚାରିଆଡକୁ ଖୋଲାଇ ହୋଇଯାଏ । ସତ୍‌କର୍ମ ବିଭିନ୍ନ ଦିଗରେ ପ୍ରତିଫଳିତ ହୁଏ । ଉଦ୍ୟମୀ ମଣିଷ କିଛି ପ୍ରାପ୍ୟ ଗ୍ରହଣ କରିନେବା କଣ ଅନ୍ୟାୟ ?"

"ଏକଥା ସମସ୍ତେ ଜାଣନ୍ତି ଯେ, ଦାଣ୍ଡୁଦାଦା ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ଅନୁଷ୍ଠାନ । କାରଣ ତାଙ୍କର ଉଦ୍ୟମ ଫଳରେ ଶହ ଶହ ପାଠପଢାରୁ ବଞ୍ଚିତ, ଶିକ୍ଷକ, ଅଧାପକ, ପୋଲିସ୍ ଦ୍ୱାରା ଲାଂଛିତ ଯୁବକ ଆଜି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ।"

"ସରକାରଙ୍କୁ ସାହାଯ୍ୟ କରିବାରେ ଦାଦାଙ୍କର ଅବଦାନ ଅତୁଳନୀୟ । ସିଏ ନ ଥିଲେ ଦୈନିକ କେତେ କେତେ ବସ୍‌ବାଲା ଆଗରେ ଯିବାପାଇଁ ପରସ୍ପର ମଧ୍ୟରେ ବାଡିଆପିଟା ହୋଇ ମରୁଥାନ୍ତେ । ସେଥିପାଇଁ ଦାଣ୍ଡୁଦାଦା ଆସୋସିଏସନ୍ ଗଢ଼ି ମୋଟା ଚାନ୍ଦା ବିନିମୟରେ ବସ୍‌ର ଯାତାୟାତକୁ ସୁଚାରୁ କରିବା ପାଇଁ ଟୋକାମାନଙ୍କୁ ନିଯୁକ୍ତି କରୁଥିଲେ । ଅନେକ ଠିକାଦାର ଅଧାକାମ କରି ପାଟ୍ ପେମେଣ୍ଟ ନେଇ କାମ ଛାଡି ଚାଲିଯାଇଥିଲେ । ସାନିଟେଣ୍ଡର୍ ପ୍ରକ୍ରିୟା ଜରିଆରେ କାମକୁ ସଂପୂର୍ଣ୍ଣ କରିବା ପାଇଁ ବହୁ ସମୟ ଲାଗୁଥିଲା ଓ ଲୋକେ ହଇରାଣ ହେଉଥିଲେ । ମାତ୍ର, ଦାଣ୍ଡୁ ଦାଦାଙ୍କ ଯୋଗୁଁ ଆଉ କୋଉ ଠିକାଦାର ଅଧାରୁ କାମ ଛାଡୁନାହାନ୍ତି । କାରଣ, ଟେଣ୍ଡର ପକାଇବା ବେଳେ ଦାଦାଙ୍କୁ ଦେଇଥିବା ବିପୁଳ ଅର୍ଥକୁ ପାର୍ଟ ପେମେଣ୍ଟରେ ଭରଣା କରିବା ସମ୍ଭବ ନୁହେଁ ।"

"ଆପଣମାନେ ଶୁଣିଥିବେ, ବଡ ଗୋଦାମ ପ୍ରବେଶ ପଥ ଫ୍ଲାଇଓଭର୍‌ରେ ଟ୍ରାଫିକ୍ ବାଲା ମାଲ୍ ବୋଝେଇ ଟ୍ରକମାନଙ୍କଠାରୁ ବେଆଇନ୍ ବଟି ଆଦାୟ କରୁଥିଲେ । ଦାଣ୍ଡୁଦାଦା ନିଜସ୍ୱ ବଟି ଆଦାୟ ପ୍ରକ୍ରିୟା ସେଠାରେ ଆରମ୍ଭ କଲା ପରଠାରୁ ପୋଲିସ୍‌ର ଲାଞ୍ଚନେବା ବନ୍ଦ ହୋଇଯାଇଛି । କାରଣ ଦାଦାଙ୍କ ସହିତ ତାଳ ପକାଇବାକୁ ଛୋଟକାଟର ପୋଲିସ୍ ବାବୁମାନଙ୍କର ଯୁ' ନାହିଁ । ତାଙ୍କ ହାତରେ ଦେଢ଼ଫୁଟ ଲମ୍ବର ବାଡି ଥିବାବେଳେ ଦାଦାଙ୍କର ପିଲାଙ୍କ ପକେଟ୍‌ରେ ମାଉଜର୍ ଥାଏ । ପ୍ରାଣ ଭୟରେ ସେମାନେ ଲାଞ୍ଚନେବା ଛାଡି ଦେଲେଣି । ଏବେ ଲୋକଙ୍କ ପଇସା ଲୋକଙ୍କ ପାଖକୁ ଯାଉଛି । ସେମାନେ ପୁଣି ଏଇ ସମାଜର ଲୋକ ?"

"ଅଭିଯୋଗ ହୁଏ, ଦାଦାଙ୍କ ଦ୍ୱାରା ବହୁ ସରକାରୀ କର୍ମଚାରୀ ଆହତ ନା ନିହତ ହୋଇଛନ୍ତି । ମୁଁ ପଚାରୁଛି, ମହାଭାରତରେ ଦୁର୍ଯ୍ୟୋଧନ ଓ ତାହାର ଭାଇମାନେ ଅନ୍ୟାୟ ଓ ଅତ୍ୟାଚାର କରିଥିଲେ । ତେବେ ମୂଳରେ ଲକ୍ଷ ଲକ୍ଷ ଦରମାଖିଆ ସୈନ୍ୟମାନେ ମଧ ମରିଥିଲେ । ଦୁଇଟି ସିଷ୍ଟମ୍ ବା ବ୍ୟବସ୍ଥା ମଧ୍ୟରେ ଲଢ଼େଇ ହେଲେ ଉଭୟ ପକ୍ଷର କ୍ଷତି ହୁଏ । ଖୋଦ୍ ଦାଣ୍ଡୁଦାଦାଙ୍କର ଆଠଜଣ ନିଜ ଲୋକ ରାତି ମଧ୍ୟରେ ବିରୋଧୀ ପକ୍ଷଙ୍କର ଗୁଳିଖାଇ ରାଜରାସ୍ତାରେ ଟଳିପଡିଛନ୍ତି ।"

"ସରକାର ପରିଚାଳନାରେ ଦାଦାଙ୍କର ଅବଦାନ ଆମ ପାଇଁ ଅବିସ୍ମରଣୀୟ । ନିର୍ବାଚନ ବେଳେ ନିଜେ ବିଭିନ୍ନ ବୁଥ୍ ପରିଦର୍ଶନ କରି ଲୋକମାନଙ୍କୁ ଭୋଟ୍ ଦେବାରେ ସାହାଯ୍ୟ କରନ୍ତି । ପ୍ରତିଥର ହଜାର ହଜାର ଲୋକଙ୍କୁ ଲମ୍ବାଧାଡି ଓ ଅଯଥା ସମୟ ନଷ୍ଟରୁ ଆଶ୍ୱସ୍ତି ଦେବାପାଇଁ ନିଜେ ସେମାନଙ୍କ ପାଇଁ ଭୋଟ୍ ଦେଇଦିଅନ୍ତି ବା ନିଜ ଲୋକଙ୍କ ସହାୟତାରେ ଦିଆଇଥାନ୍ତି ।"

"ଏପରି ତାଙ୍କର ଗୁଣ ଗାଇବସିଲେ ରାତି ପାହିଯିବ । ଥରକରେ ଦୁଇଘଣ୍ଟାରୁ ଅଧିକ ଭାଷଣ ଦେଇ ଲୋକଙ୍କୁ ଅତିଷ୍ଠ କରିବା ଅଭ୍ୟାସ ମୋର ନାହିଁ । ଏବେ ଆହୁରି ଦଶମିନିଟ୍ ବାକି ଅଛି । ଶେଷକୁ ଏତକ କହିବି, ଦାଣ୍ଡୁଙ୍କର ଜୀବନଦର୍ଶନ ଥିଲା- ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ । ଏବେ ତାଙ୍କର ଚିନ୍ତାଧାରା ସତ ହେବାକୁ ଯାଉଛି ।"

ଘନ ଘନ କରତାଳିରେ ସଭାସ୍ଥଳ କଂପି ଉଠିଲା । ଖବରକାଗଜରେ ଫଟୋ ସହ ସମ୍ବାଦ ପାଠକଲା ପରେ ଦାଣ୍ଡୁଙ୍କର ବିରୋଧ ଗୋଷ୍ଠୀର ମୁଖ୍ୟ କାଲୁଆ ଦାଦା ଦେହରେ ନିଆଁ ଚରିଗଲା । ଯୋଉ ଦାଣ୍ଡୁ ଦିନେ ତା' ପାଖରେ ବୋଲକରା ଥିଲା ଓ ବିଶ୍ୱାସଘାତକତା କରି ନିଜର ଗ୍ୟାଙ୍ଗ ଗଢ଼ିଲା, ସିଏ ପୁଣି ଆଜି ଏତେବଡ ବନିଗଲା ! ଏ ପ୍ରଚାରର ଠିକଣା ଜବାବ୍ ଦେବାକୁ ହେବ । ତାକୁ ସମର୍ଥନ କରୁଥିବା ଦଳ, ସିନା ଏବେ ବିରୋଧି ଆସନରେ ବସିଛି, ହେଲେ ଲୋକ ସମର୍ଥନ କମ୍ ନାହିଁ ।

କାଲୁଆ ଦାଦା ତା' ଚେଲା, ଚଟାପେଲାମାନଙ୍କୁ ଡକାଇ ଜବାଟକୋଲା ସଭା କଲା । କଥା ହେଲା, ଦାଣ୍ଡୁ ପାଇଁ ଗୋଟାଏ ଶୋଧାଞ୍ଜଳି ସଭା କରାଯିବ । ତା ଟୋକାମାନେ ଆସି ସଭାରେ ଷଣ୍ଢ ପୁରାଇବାକୁ ନିଶ୍ଚୟ ଚେଷ୍ଟା କରିବେ । ଏଇ ଶୋକରେ ସେମାନଙ୍କୁ ସାବାଡ୍ କରି, ତାଙ୍କ ଦଳକୁ ଛିନ୍‌ଛତର୍ କରି ନିଜର ଏକାଧିପତ୍ୟ ଜାହିର କରିହେବ । ଏହା ଜଣାଶୁଣା କଥା ଯେ, ଦଳପତି ମରିଗଲେ ଦଳ ଭିତରେ ନେତୃତ୍ୱ ପାଇଁ ଆଭ୍ୟନ୍ତରୀଣ କନ୍ଦଳ ସୃଷ୍ଟି ହୁଏ । ଦାଣ୍ଡୁ ଦଳ ଭିତରୁ ଅସନ୍ତୁଷ୍ଟମାନଙ୍କୁ ଚିହ୍ନଟ କରି ନିଜ ଦଳରେ ସାମିଲ୍ କରିହେବ । ଯେଉଁମାନେ କାଲୁଆ ଦଳଛାଡି ଦାଣ୍ଡୁଦଳରେ ସାମିଲ୍ ହୋଇଥିଲେ, ସେମାନଙ୍କୁ ଆପଣାଇ ଥିବା ଟୋକାମାନେ ଏମାନଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବରେ ଦେଖନ୍ତି ; ଯେପରିକି ବିଭାଜନବେଳେ ଭାରତରୁ ପାକିସ୍ଥାନ ପଳାଇଥିବା ମୁସଲମାନ୍‌ମାନେ ମୋହାଜିର୍ ଆଖ୍ୟା ଦେଇ ହୀନ ଦୃଷ୍ଟିରେ ଦେଖନ୍ତି । କାଲୁଆ ପାଇଁ ଏ ମୌକା ଛାଡିବାର ନୁହେଁ ।

ଶୋଧାଞ୍ଜଳି ସଭାପାଇଁ ଆୟୋଜନ କରାଗଲା ଦାଣ୍ଡୁର ବଡ କଟ୍ ଆଉଟ୍ ତିଆରି କରାଗଲା । କଟ୍ ଆଉଟ୍ ଠିକ୍ ତଳେ ଗୋଟାଏ ଟୋକେଇରେ ଅଧବସ୍ତାଏ ଛିଣ୍ଡା ଜୋତା ଚପଲ ରଖାଗଲା । ଆଉ ଗୋଟିଏ ଷ୍ଟୁଲରେ ବାଲଟିଏ ଆଲ୍‌କାତରା ଏବଂ ଏକ ବ୍ରସ୍ ରଖାଗଲା । ଏକ ବିଶାଳ ଜୋତା ଚପଲର ମାଳ ଦାଣ୍ଡୁଆ ଗଳାରେ ଝୁଲାଇ ଦିଆଗଲା । ପ୍ରଚାରପତ୍ର ବଣ୍ଟାଗଲା ଲେଖାଥିଲା– ଦାଣ୍ଡୁଆର ଅତ୍ୟାଚାରରେ ଅତିଷ୍ଠ, ଶୋଷିତ, ନିଷ୍ପେଷିତ ଲୋକମାନଙ୍କ ପାଇଁ

ଅପୂର୍ବ ସୁଯୋଗ ସେମାନେ ମଞ୍ଚରେ ସେମାନଙ୍କ ତିକ୍ତ ଅଭିଜ୍ଞତା ବଖାଣି ମନଇଚ୍ଛା ଯେ କୌଣସି ଭାଷା ଓ ଶବ୍ଦ ପ୍ରୟୋଗ କରି ଦାଣ୍ଡୁକୁ ଶୋଧିପାରିବେ । ମଞ୍ଚ ଉପରେ ଓ ବାହାରେ ସେମାନଙ୍କୁ ପୂର୍ଣ୍ଣ ନିରାପତ୍ତା ଯୋଗାଇ ଦିଆଯିବ । ସବୁଠାରୁ ଉତ୍କଟ ଶୋଧାଦେବା ବ୍ୟକ୍ତିଙ୍କୁ ପୁଷ୍ପମାଲ୍ୟ ସହ ପାଞ୍ଚହଜାର ଟଙ୍କାର ପୁରସ୍କାର ଦିଆଯିବ । ଶୋଧିବାପାଇଁ ମଞ୍ଚ ଉପରକୁ ଯିବା ପୂର୍ବରୁ ମଞ୍ଚ ତଳରେ ଦୁଇଶହ ଲିଟରିଆ ବଡ ଟାଙ୍କିରେ ଟାଙ୍କିଏ ଦେଶୀ ମାଲ୍ ପ୍ରସ୍ତୁତ କରି ରଖାଯାଇଥାଏ । ବକ୍ତାମାନେ ଇଚ୍ଛାକଲେ ନିଜର ମୁଡ୍‌କୁ ଅନୁପ୍ରେରୀତ କରିବା ପାଇଁ ପେଟେ ସେଥିରୁ ଟେଣ୍ଡି ଦେଇ ମଞ୍ଚାରୋହଣ କରିବେ । ସେଠି ଗିଲାସ ଭର୍ତ୍ତିକରି ବଢ଼ାଇଦେବା ପାଇଁ ସ୍ୱେଚ୍ଛାସେବକମାନେ ପ୍ରସ୍ତୁତ ରହିବେ । ମଞ୍ଚ ଉପରେ ଗର୍ଜନ କରି ତଣ୍ଟି ଶୁଖିଗଲେ ଶକ୍ତି ସାଉଁଟିବା ପାଇଁ ଟେବୁଲ୍ ଉପରେ ପାଣି ବୋତଲ ପରିବର୍ତ୍ତେ ମଦ ବୋତଲ ରଖାଯିବ ।

କାଳୁଆର ଲୋକେ ଟି.ଭି. ଚାନେଲ୍ ଓ ଖବରକାଗଜ ଦପ୍ତରମାନଙ୍କରେ ମୋଟାଏ ଲେଖାଏଁ ପ୍ରଚାରପତ୍ର ଗଳାଇ ପକାଇ ପକାଇ ଆସିଲେ । ସେମାନେ ଜାଣିଥିଲେ, ଏଭଳି ଆୟୋଜନ ଶୁଣିଲେ ସେମାନେ ବିନା ନିମନ୍ତ୍ରଣରେ ଆସି ହାଜର ହୋଇଯିବେ । କାଳୁଆ ଉପରଠାଉରିଆ ଭାବରେ ଅବକାରୀ ମନ୍ତ୍ରୀଙ୍କୁ ମୁଖ୍ୟ ଅତିଥି ଭାବରେ ବରଣ କରିବାକୁ ଯାଇଥିଲା । ହେଲେ, ସିଏ ଶହେ ଏକ ବାହାନା କରି ମନା କରିଦେଲେ । ସହରର ଜଣେ ବିଶିଷ୍ଟ ଘୋଡା ମଦୁଆଙ୍କୁ ମୁଖ୍ୟ ଅତିଥି ସଜାଇ ମଞ୍ଚରେ ବସାଗଲା ।

ସଭା କାମ ଆରମ୍ଭ ହେଲା । ମଞ୍ଚ ଅତିଥି ଓ ବକ୍ତାମାନଙ୍କର ନିରାପତ୍ତା ପାଇଁ କାଳୁଆ ବାହିନୀ ନିଜର ସାଜ ସରଂଜାମ ସହ ମଞ୍ଚ ଚାରିପଟେ ଜଗି ରହିଲେ । ସଭାସ୍ଥଳରେ ପ୍ରବଳ ଭିଡ । ସମସ୍ତେ ସେଇ ଡ୍ରମ୍ ଆଡକୁ ଧାଇଁଲେ । କିନ୍ତୁ, ସର୍ତ୍ତ ଥିଲା, କେବଳ ବକ୍ତାମାନଙ୍କୁ ମର୍ତ୍ତ୍ୟାମୃତ ପାନ କରିବାର ସୁଯୋଗ ମିଳିବ ।

ପ୍ରଥମେ ପ୍ରଥମେ ଶୋଧାରେ ସାମାନ୍ୟ ଶିଷ୍ଟାଚାର ଥିଲା । ସେଗୁଡିକ କେବଳ ସର୍ଗତ ଦାଣ୍ଡୁ ଉଦ୍ଦେଶ୍ୟରେ ସୀମିତ ଥିଲା । କ୍ରମେ କ୍ରମେ ଦାଣ୍ଡୁର ମା, ସ୍ତ୍ରୀ, ଭଉଣୀ ଇତ୍ୟାଦି ଶୋଧାପାଇଁ ପରିଧି ମଧ୍ୟକୁ ଆସିଗଲେ ।

ଯେଉଁ ବକ୍ତା ମଞ୍ଚକୁ ଚଢ଼ିବେ, ତାଙ୍କର ପ୍ରଥମ କାମ ହେଲା, ଦାଣ୍ଡୁର ଫଟରେ ତା' ଗାଲ ଉପରେ ବ୍ରଶ୍‌ରେ ଆଲକାତରା ବୋଳିବେ । ଟୋକେଇରୁ ଖଣ୍ଡିଆ ଜୋତା ଚପଲ କାଢ଼ି ଫଟ ଉପରେ ଦୁଇ ପାହାର ପିଟିବେ । ତା' ପରେ ଫଟରେ ଥିବା ଦାଣ୍ଡୁ ମୁହଁ ଉପରେ ଲଣ୍ଡାଏ ଛେପ ପକାଇ ମାଇକ୍ ପାଖକୁ ଯିବେ ।

ଆସ୍ତେ ଆସ୍ତେ ଅଧିକ ଉତ୍ତେଜିତ ଅନିୟନ୍ତ୍ରିତ ବକ୍ତାମାନେ ଆସିଲେ । ଅତି ଉତ୍କଟ ଶୋଧା ବର୍ଷଣ କରି ପାଞ୍ଚହଜାର ପାଇବା ଆଶାରେ ଜଘନ୍ୟ ଶବ୍ଦାବଳୀର ପ୍ରୟୋଗ କଲେ ।

ଏତିକିବେଳେ ମଞ୍ଚବାହାରେ ଅଦୂରରୁ ଉକ୍ତ ଗାଳିର ପ୍ରତିଧ୍ୱନି ଶୁଣାଗଲା । ସେସବୁ ଗାଳିରେ ଦାଣ୍ଡୁଆ ପରିବର୍ତ୍ତେ କାଳୁଆର ନାଆଁ ଥିଲା । ଶବ୍ଦମାନଙ୍କର ସଂଘର୍ଷ ଗୋଷ୍ଠୀ ସଂଘର୍ଷର ରୂପ ନେଲା ।

ମଞ୍ଚ ପଛପଟେ ମାହାଳଗଛ ମୂଳେ ଦୁଇଜଣ କନେଷ୍ଟବଳ ବସି ବିଡି ଟାଣୁଥିଲେ । ଜଣେ କହିଲା– "ଏବେ କ'ଣ ଆମେ ଯିବା ?"

ଅନ୍ୟଜଣକ ଜବାବ୍ ଦେଲା– "ଆମ କାମ ପରା ସେମାନେ କରୁଛନ୍ତି । ତାଙ୍କ ଡିଉଟି ସରିଗଲେ ଆମେ ଯିବା । ଏସ୍.ପି ସାର୍ ଜାଣିଶୁଣି ସେଥିପାଇଁ ଏପିଆର୍ ଫୋର୍ସ ପଠାଇ ନାହାନ୍ତି ପରା ।

ଧାରୁହେଡା, ହରିୟାଣା

ମୋ-୯୯୩୭୬୪୨୮୩୮

# ଗାଲୁଆଙ୍କ ମହାକାଶରେ ଚାଷ

ବିଦ୍ୟାଧର ପଣ୍ଡା



ମଣିଷ ସମାଜର ଏକ ସତନ୍ତ୍ର ପ୍ରଜାତି । ଗାଲୁଆ । ମିଛୁଆ ନୁହନ୍ତି କି ସତୁଆ ନୁହନ୍ତି । ସତ ଜାଣିଥାନ୍ତି ହେଲେ ମାନିବାକୁ ପ୍ରସ୍ତୁତ ନ ଥାନ୍ତି । ପୂର୍ବକାଳରୁ ଏମାନଙ୍କର କୁଖ୍ୟାତି ରହିଆସିଛି । କୁହାଯାଏ ଗାଲୁଆଙ୍କ ବାରବାଟୀ ଚାଷ । ଏବେ କିନ୍ତୁ ଆଉ ବାରବାଟୀ ଜମି ସେମାନଙ୍କୁ କ'ଣ ପାଉଛି । ଏବେ ଗାଲୁଆଙ୍କ ନାଁ ଗଣିଲେ ସରିବନି । ଆଉ ତାଲିକା କଲେ ଯେତିକି କାଗଜ ଦରକାର ହବ ସିଏ ବି ବାରବାଟୀରୁ ବଳେଇଯିବ ।

ପୁରା ସାରଦିଆ ଫସଲ ଭଳି ଗାଲୁଆଙ୍କ ଚାଷବାସ ବଢ଼ିଛି । ସେମାନଙ୍କ ଗାଲୁଆମୀର କୌଶଳ ସହିତ ଗାଲୁଆମୀର ଅମଳ ବି ବଢ଼ିଛି । ସେଇ କାରଣରୁ ଚକ୍ରବୃଦ୍ଧି ହାରରେ ବଢ଼ିଚାଲିଛି ଗାଲୁଆଙ୍କ ସଂଖ୍ୟା । ଗାଲୁଆଙ୍କୁ ଖୋଜିବାକୁ ବେଶୀ କଷ୍ଟ କରିବାକୁ ପଡିବ ନାହିଁ । କାମ ନ କରି ଯିଏ ହଁ ମାରି ଶିଖିଥିବ ସିଏ ଗାଲୁଆ । ମାଡ ଖାଇ ଯିଏ ଆଉ ଦି'ଟା ଦେଖିବା ଦେଲୁ କହୁଥିବ ସିଏ ଡବଲ ମାଡୁଆ । କ୍ରିକେଟ୍ ଟିମ୍ ହାରି ହାରି ଲଣ୍ଡା ହେବାବେଳେ ବି ଯିଏ କହୁଥିବ ଟିମ୍ ଇଣ୍ଡିଆ ଜିତେଗା ସିଏ ବଡ ଗାଲୁଆ । ମିଠା ପ୍ରବଚନ ଦେଇ ଯିଏ ମନ ମୋହୁଥିବ ସିଏ ପ୍ରକାଣ୍ଡ ଗାଲୁଆ । ଆଉ କଥାର ଯାଦୁରେ ବଶ କରି ଯିଏ ଦେଶ ଲୁଟୁଥିବ ସିଏ ହେଲା ପରମ ଗାଲୁଆ ।

ରାଜନେତା ଓ ପ୍ରଶାସକଙ୍କ ମଧ୍ୟରେ ୯୦ ପ୍ରତିଶତ ଗାଲୁଆ ମିଳିଯିବେ । ଦେଶ ଦୁର୍ନୀତିରେ ଭାସୁଥିବ ହେଲେ ନାମୀ ନେତାଏ ସଭାସମିତି କରି ମଲା ଲୋକଙ୍କ ଗୁଣ ଗାଉଥିବେ । ବିତଣ୍ଡା ଯୁକ୍ତି କରୁଥିବେ ଯେ ପୂର୍ବ ସରକାର ଅମଳରେ ଦେଶ ଦୁର୍ନୀତିରେ ବୁଡିଥିଲା । ଆମେ ଦେଶକୁ ଦୁର୍ନୀତିମୁକ୍ତ କରିଛୁ । ଏମନ୍ତ ବାହାପିଆକୀ ଗାଲୁଆମୀର ବଢ଼ିଆ ଉଦାହରଣ । ପାଇପ୍‌ରେ ପିଇବା ପାଣି ମୁନ୍ଦାଏ ଆସୁନ ଥିବ, ଲୋକେ ଜଣ୍ଡିସ୍ ଆଦି ରୋଗରେ ଛଟପଟ ହୋଇ ମରୁଥିବେ, ଖରାଦିନେ ଘନଘନ ଲାଇନ୍ କଟୁଥିବ । ହେଲେ ମୁଖାପିନ୍ଧା ମନ୍ତ୍ରୀ ଆଉ ବପୁବନ୍ତ ବାବୁମାନେ ଟିଭି ପରଦାରେ ନିର୍ଲ୍ଲଜ ଭାବେ ବଖାଣୁଥିବେ ଜଳଯୋଗାଣ ସ୍ୱାଭାବିକ ଅଛି । ଅସୁବିଧା ହେଲେ ଯୁଦ୍ଧକାଳୀନ ଗତିରେ ପ୍ରତିକାର କରାଯିବ । (ଯୁଦ୍ଧ, ଫୁଃ, ଏମାନେ ଚଉଦ ପୁରୁଷରେ କେବେ କରିଥିଲେ ନା କରିବେ ?) ଜଣ୍ଡିସ୍‌ରେ କେହି ମରିବାର ଖବର ନାହିଁ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି । ରାଜ୍ୟରେ କେଉଁଠି ପାୱାର କଟ୍ ହେବାର ନାଁ ଗନ୍ଧ ନାହିଁ । (ପାୱାର୍ ଥିଲେ ସିନା କଟିବ, ତମେତ ଶଃ ସବୁ ଟକ ପାୱାର ଲଡୁ ଗିଳି ଦେଇଛ, ଆମର ଅଛି ଯେ କିଏ କାଟିବ) ଖରାଦିନେ ଅତ୍ୟଧିକ ଖରା ଯୋଗୁଁ ତାର ତରଳି ଯାଇ (!) କାଁ ଭାଁ ଲାଇନ୍ ଟ୍ରିପ୍ କରି ଯାଉଛି । ଏମନ୍ତ ବିଖ୍ୟାତ ଗାଲୁଆମାନେ ଏବେ ସର୍ବତ୍ର ବିଦ୍ୟମାନ ।

ଆଗେ ଗାଁ ଗହଳିରେ ଯିଏ କାହା କଥା ଶୁଣୁନଥିଲା ତାକୁ ଗାଲୁଆ କହୁଥିଲେ । ଏବେ କିନ୍ତୁ ନେତା ଓ ଅଫିସରମାନଙ୍କ ଛଡା ଆଉ କାହାକୁ ଗାଲୁଆ କହିବାର ଆବଶ୍ୟକତା ନାହିଁ । କାରଣ ଏବେ ଯେକୌଣସି ଅଧିକାରୀଙ୍କୁ କୌଣସି ସମସ୍ୟା ସଂପର୍କରେ ପଚାରିଲେ ତାଙ୍କ ଶ୍ରୀତୁଣ୍ଡରୁ ପ୍ରଥମେ ବାହାରି ଆସିବ– ସେଭଳି କିଛି ଅଭିଯୋଗ ଆସିଲେ ନିଶ୍ଚିତ ପଦକ୍ଷେପ ନିଆଯିବ । କିଓ ବାବୁ, ଅଭିଯୋଗ ଆସିବ କ'ଣ । ତୁମର କାମ ପରା ସରକାରୀ ଯୋଜନା କେଉଁଠି କେମିତି ଚାଲିଛି ତାହା ନିଜେ କ୍ଷେତ୍ର ଉପରକୁ ଯାଇ ଅନୁଧ୍ୟାନ କରିବ । ସରକାର କ'ଣ ତୁମକୁ କେବଳ ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ବସି କେବଳ ଲକ୍ଷ ଲକ୍ଷ ଟଙ୍କା ଦରମା ଆକାରରେ ଗଣି ନେବାକୁ ସୁବିଧା ଖଂଜି ଦେଇଛନ୍ତି ?

ଆପଣ ଯେତେ ଯାହା କୁହନ୍ତୁ ଏଇ କୁମ୍ଭୀର ଚର୍ମଧାରୀମାନଙ୍କୁ କିଛି କାଟିବ ନାହିଁ । କାରଣ ଏମାନେ ଅତୀତର ଅଶିକ୍ଷିତ ଗାଲୁଆ ନୁହଁନ୍ତି । ଏମାନେ ଉଚ୍ଚଶିକ୍ଷାର ସବଳ ଡିଗ୍ରୀଧାରୀ । ଚିକ୍କଣ କଥା କହିବାରେ ପାରଙ୍ଗମ ଫାଇଲ୍ ଚାଷରେ ଓସ୍ତାଦ୍ । କାଗଜ କଲମରେ ସବୁକିଛି ଠିକ୍ ଠାକ୍ ଦର୍ଶାଇବାରେ ଅଭ୍ୟସ୍ତ । ରାଜକୋଷରୁ କୋଟି କୋଟି ଲୁଟିବାର କଳାରେ ପ୍ରବୀଣ । ଏମାନେ ପ୍ରବୀଣ ଗାଲୁଆ ।

ଏମାନେ ସରକାରଙ୍କ ଗେହ୍ଲାପୁଅ । କାଳେ ଉପଯୁକ୍ତ ବ୍ୟବହାର ନ ହେଲେ ଏମାନଙ୍କର ଏହି ବିଶେଷ ଦକ୍ଷତା ହ୍ରାସ ପାଇଯିବ ଏଇ ଆଶଙ୍କାରେ ସରକାର ମଝିମଝିରେ ସେମାନଙ୍କ ପାଇଁ ପ୍ରଶିକ୍ଷଣ, ଭ୍ରମଣ ଆଦି ସୁବିଧା ଖଂଜାଇ ଦେଉଛନ୍ତି । ଯାହା ଫଳରେ ସେମାନେ ଗାଲୁଆମୀ ପ୍ରଦର୍ଶନରେ କେବେ ବି ପଛରେ ପଡିବାର ଆଶଙ୍କା ବି ନାହିଁ । ଏବେ ଗାଲୁଆମୀକୁ ସରକାରୀ ଚାକିରିଆମାନଙ୍କର ଏକ ପ୍ରଫେସନାଲ୍ ଦକ୍ଷତା ବୋଲି ବିଚାର କରାଯାଉଛି । ସ୍କିଲ୍ ଇଣ୍ଡିଆ ଯଦି ଏମାନଙ୍କ ପାଇଁ ଲାଗୁ ହୋଇଥାନ୍ତା ତେବେ ଏମାନେ ଚନ୍ଦ୍ର ବା ମଙ୍ଗଳରେ ବି ନିଜର ଦକ୍ଷତା ପ୍ରଦର୍ଶନ କରି ଫେରନ୍ତେଣି । ରକ୍ଷା ଦେଇଛି ସେତିକି ହୋଇନାହିଁ ।

ସମୟ ବଦଳିବା ସହ ଗାଲୁଆମାନଙ୍କର ଦକ୍ଷତା ବିକାଶ ଘଟିଛି । ସେମାନଙ୍କର କାର୍ଯ୍ୟ ପରିସର ବଢ଼ିଛି । ଗାଲୁଆମାନଙ୍କର ବାରବାଟୀ ଚାଷ ବୋଲି ଓଡିଆ ଭାଷାରେ ପ୍ରସିଦ୍ଧ ବାକ୍ୟଟିଏ ପୂର୍ବରୁ ପ୍ରଚଳିତ ଅଛି । ହେଲେ ଆଧୁନିକ ସମୟରେ ଗାଲୁଆଙ୍କ ସଂଖ୍ୟା ବଢ଼ିଛି, ବୌଦ୍ଧିକ ବିକାଶ ଘଟିଛି । ପ୍ରତିକୂଳ ପରିବେଶରେ ଏଣ୍ଡୁଅ ଭଳି ରଙ୍ଗ ବଦଳାଇବାର କଳାରେ ସେମାନେ ବେଶ୍ ପାରଙ୍ଗମ ହୋଇପାରିଛନ୍ତି ।

ସୂଚନା ଅଧିକାର ଆଇନ୍ ଲାଗୁ ହେବା ପରେ ଗାଲୁଆମାନଙ୍କ ମଧ୍ୟରେ ଏକପ୍ରକାର ଭାଳେଣୀ ପଡିଯାଇଥିଲା । ଲୋକେ ବି ଭାବିଥିଲେ

ଗାଲୁଆମାନଙ୍କର ପେଡି ଏଥର ଖୋଲିଯିବ । ହେଲେ ଗାଲୁଆ ମହାସଂଘର ହିଁ ଜୟ ହେଲା । ସରକାର ସୂଚନା କମିଶନଙ୍କୁ ଏଭଳି ଦୁର୍ବଳ କରି ରଖିଲେ ଯେ ଅଭିଯୋଗ ବର୍ଷ ବର୍ଷ ଧରି ପଡିରହୁଛି । ଗାଲୁଆ ଅଫିସର୍ ଆଇନର ଫାଙ୍କ ଦେଇ ଆରାମରେ ଗଳି ପାରୁଛନ୍ତି ଆଉ ନିଶରେ ଘିଅ ମାରୀ ଅସ୍ୟସରେ ବୁଲୁଛନ୍ତି ।

ଗାଲୁଆମାନଙ୍କର ଏହି ସଫଳତାରେ ଆମକୁ ଖୁବ୍ ଖୁସି ଲାଗୁଛି । ତେଣୁ ଆମେ ଏହି ଅବସରରେ ଏକ ସୁଚିନ୍ତିତ ପ୍ରସ୍ତାବ ରଖୁଛୁ । କେଉଁ ମସିଆ କାଳରେ ଗାଲୁଆମାନଙ୍କର ବାରବାଟୀ ଚାଷ ବୋଲି କେହି ଜଣେ କହିଥିଲେ । ଏବେ ତ ସେମାନଙ୍କୁ କେତେ ସୁରକ୍ଷା ଓ ସମ୍ମାନ ମିଳିଲାଣି । ଆଉ ବାରବାଟୀ ଭିତରେ ସେମାନେ ସୀମାବଦ୍ଧ ହୋଇ ରହିଛନ୍ତି ବୋଲି ଭାବିବା ମଧ୍ୟ ବୋକାମୀ । ତେଣୁ ଆଉ ଗାଲୁଆଙ୍କ ବାରବାଟୀ ଚାଷ କୁହାନଯାଇ ଗାଲୁଆଙ୍କ ସାରା ଦେଶ ଚାଷ ବୋଲି କୁହାଯାଉ । ଏତିକି ଜାଗା ସେମାନଙ୍କ ଚାଷ ପାଇଁ ଯଥେଷ୍ଟ ନ ହେଲେ ସେମାନଙ୍କୁ ମହାକାଶକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉ ।

ଲୋକପ୍ରିୟ ସରକାର ମଧ୍ୟ କର୍ମଚାରୀଙ୍କ ଦକ୍ଷତା ବିକାଶ ପାଇଁ ସହସ୍ର କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରିଛନ୍ତି । ରାଜଧାନୀରେ ଏହି ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଆମର ଅନୁରୋଧ ଗାଲୁଆମୀ ଭଳି ମହାର୍ଘ କଳାରେ ଦକ୍ଷତା ଅନୁଧ୍ୟାନ କରାଯାଇ ଟପ୍ ଗ୍ରେଡ୍ ଗାଲୁଆ ଅଧିକାରୀଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଉ । ଅଗ୍ରାଧିକାର ଭିତ୍ତିରେ ସେମାନଙ୍କୁ ଆହୁରି ଅଧିକ ଗାଲୁଆମୀ କରିବାକୁ ପ୍ରଶିକ୍ଷଣ ଦିଆଯାଉ ।

ଭାବୁଛନ୍ତି କି ଏହା ଦ୍ୱାରା କାହାର କ'ଣ ଫାଇଦା ହେବ ? ଧୈର୍ଯ୍ୟ ଧରନ୍ତୁ । ଚମତ୍କାର ହେବ । ଗାଲୁଆମୀ ଦକ୍ଷତା ବିକାଶ ଫଳରେ ଦେଶ ପୁରା ବଦଳିଯିବ । ଅର୍ଥମନ୍ତ୍ରୀମାନଙ୍କୁ ଆଉ ବଜେଟ୍ ପ୍ରସ୍ତୁତ ପାଇଁ ଝାଳନାଳ ହେବାକୁ ପଡିବ ନାହିଁ । କିଓ, ବଜେଟ୍, କ'ଣ ହବ ? ଆମେ ତ ଚୁଟ୍‌କି ମାରି ଦିନକ ଭିତରେ ବୁଲେଟ୍ ଟ୍ରେନ୍ ଉଡାଇ ଦେବୁ, କରକଟାମସ୍ୟ ଲାଲ୍ ମାଟି ରାସ୍ତାରେ । ପରିବା ଦର ହୁ ହୁ ବଢ଼ିଲେ କହିବୁ ସାଙ୍ଗେ ସାଙ୍ଗେ କମାଇ ଦେବୁ । ତା' ପରେ କହିବୁ ଖରା ବଢ଼ିଲା, ବର୍ଷା ହେଉ, ଦର ନିଶ୍ଚିତ କମିବ । ଡାଲି ଦର ବଢ଼ିଲେ କହିବୁ, ବେପାରୀଙ୍କୁ ଜେଲ୍‌ରେ ଠୁଙ୍କିଦେବୁ । ଡାଲି ଅଷ୍ଟ୍ରେଲିଆରୁ ମଗାଇଛୁ, ଆର ସପ୍ତାହକୁ ଦେଖ ରେଟ୍ ଚିତ୍‌ପଟାଙ୍ଗ ମାରିବ ।

ସମୟ ଆସିବ ସରକାର ଗୋଟିଏ ବି ଟଙ୍କା ବ୍ୟୟ ନ କରି ସମସ୍ତ ଯୋଜନା ଚଳାଇପାରିବେ । ପାଣି ଟୋପାଏ ନ ଥାଇ ମଧ୍ୟ ବନ୍ୟା ଓ ରିଲିଫ୍ ପ୍ରଦାନର ପ୍ରଚାର ହୋଇପାରିବ । ଗାଲୁଆଙ୍କ ମୁହଁଟାଣ କରାମତି ଆମ ସମନ୍ୱିତ ପ୍ରଗତିର ପ୍ରମାଣ । ତେଣୁ ଭାରତ ରତ୍ନକୁ ଉଠାଇଦିଆଯାଉ । ପ୍ରସିଦ୍ଧ ଗାଲୁଆମାନଙ୍କୁ ଗାଲୁରତ୍ନ ସମ୍ମାନରେ ସମ୍ମାନିତ କରାଯାଉ । ସେମାନଙ୍କ ଦକ୍ଷତାରେ ମୁଗ୍ଧ ଦେଶବାସୀ ଖୁସିରେ କୁରୁଳି ଉଠିବେ । ଗାଲୁଆଙ୍କ  ଚାଷ ପାଇଁ ଆଉ ମାଟି ପାଉନି । ସେମାନଙ୍କୁ ମହାକାଶ ପଠାଇବାକୁ ସ୍ୱତନ୍ତ୍ର ମିଶନ ଗଢ଼ାଯାଉ । ଗାଲୁଆମୀ ଜିନ୍ଦାବାଦ୍ ।

ଅଦ୍ୱୈତଗୁଣ୍ଡି, କାନପୁର,

କଟକ-୭୫୪୦୩୭,

ମୋ-୮୭୬୩୪୯୫୯୨୯

**SPONSORS**

Ajit Kumar Barek

Animesh Roul

B. S. Rawat

Dinesh Goel

Jeetender Sahu

Dr. Anil Goel

Dr. Sanant Sahoo

J. Jeyendran

Narender Singh Bisht

Ramnath Sahoo

Rashmi Raj Datta

Smuti Ranjan Sahoo

Surajit Patnaik

# ସାପ ମରିବନି କି ବାଡି ଭାଙ୍ଗିବନି

ସୁସ୍ମିତା ମହାପାତ୍ର



ଏ ଦୁନିଆଟା ଗୋଟେ ରଙ୍ଗମଞ୍ଚ । ଏଠି ସମସ୍ତ ସଜୀବ ନିଜ ନିଜ ଅଭିନୟ ପରାକାଷ୍ଠା ପ୍ରଦର୍ଶନ କରିଥାନ୍ତି । କିଏ ସଫଳ ହୁଏ ତ ପୁଣି କିଏ ବିଫଳ । ଆଉ କିଏ ପ୍ରହସନ କରି କରି କଟାଇଦିଏ ସାରାଜୀବନ । ସତ୍ୟ,ନ୍ୟାୟର ନିକିତିରେ ସାରା ସଂସାରକୁ ତଉଲୁଥିବା ସୌଦାଗର, ଧର୍ମକୁ ଆଖିଠାର ମାରି ଗୋପନରେ ଏକ ଖଳନାୟକର ଭୂମିକା ନିର୍ବାହ କରୁଥାଏ । କଥାଟା ଟିକେ ଅଡୁଆ ଲାଗିଲେ ବି ଏକ ଛୋଟ ଉଦାହରଣ ଆପଣଙ୍କୁ ଏହାର ସଚ୍ଛ ଏବଂ ସ୍ପଷ୍ଟ ଚିତ୍ର ପ୍ରଦାନ କରିପାରିବ । ପ୍ରତ୍ୟେକ ଗଳିକନ୍ଦି, ଗ୍ରାମ, ସହର, ବଜାରରେ ପୂର୍ବରୁ ସହଜରେ ଉପଲବ୍ଧ ହେଉଥିବା ମାଦକ ଦ୍ରବ୍ୟ 'ଗୁଟଖା' ଏବେ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି ସରକାରଙ୍କ ତରଫରୁ । ତେଣୁ ଗୁଟଖା ବଦଳରେ ବଜାରକୁ ଆସୁଛି ନିଶା ରହିତ 'ପାନ୍ ମସଲା', 'ତୁଳସୀ' ଇତ୍ୟାଦି ଯେଉଁଥିରେ ଜଡ଼୍‌ଦା ବା ନିଶାଦ୍ରବ୍ୟ ଅଛି, ଯାହା ଟିକେ ଆଡୁଆଳରେ ରଖି ବିକ୍ରୀ କରାହେଉଛି ଆଉ ଦୋଷ କଟାଇବା ପାଇଁ ତାର ଖୋଳରେ, ଗାଲ ମୁଣ୍ଡରେ କ୍ୟାନସର୍ ପରି କିଛି କ୍ଷତିକାରକ ଚିତ୍ର ଦେଇଦିଆଯାଉଛି ଏବଂ ଶରୀର ପାଇଁ ହାନିକାରକ ବୋଲି ମଧ୍ୟ ଲେଖିଦିଆଯାଉଛି । ବର୍ତ୍ତମାନ ଏହାକୁ କିଣିବେ କି ନ କିଣିବେ, ଖାଇବେ କି ନ ଖାଇବେ, ଏହା ନିର୍ଭର କରୁଛି ଗ୍ରାହକଙ୍କ ଉପରେ । କିନ୍ତୁ ସରକାର ପୂରା ସଚ୍ଛ ଏବଂ ନିର୍ମଳ ତଥା ଦୋଷମୁକ୍ତ । ଏବେ ଗ୍ରାହକ ଯଦି ସବୁ ଜାଣିଶୁଣି ତାକୁ ବ୍ୟବହାର କରି ଅସୁବିଧାରେ ପଡିଲେ, ତେବେ ସରକାରଙ୍କର ଭାବମୂର୍ତ୍ତିରେ ଆଞ୍ଚ ଆସିବ ବା କାହିଁକି ? ସେ ତ ସେହି ଦ୍ରବ୍ୟକୁ ନିଷିଦ୍ଧ ଘୋଷଣା କରିଛନ୍ତି ପୁଣି ତା'ର କୁପ୍ରଭାବ ସ୍ପଷ୍ଟଭାବେ ଚିତ୍ର ଏବଂ ବିଜ୍ଞାପନ ମାଧ୍ୟମରେ ଲୋକ ଲୋଚନକୁ ଆଣିଛନ୍ତି ; କେବଳ ତା'ର ପ୍ରସ୍ତୁତିକୁ ସିନା ବନ୍ଦ କରିନାହାନ୍ତି ବା ପ୍ରତିବନ୍ଧକ ଲଗାଇନାହାନ୍ତି । 'ଗୋବର କୋଡେ ଯେତେ ମାଡେ ସେତେ' ନୀତିରେ, ନିୟମକୁ ନିୟମ ହେଲା, ହେଲେ କ୍ଷତି ବଦଳରେ ଲାଭ ବି ମିଳିଲା । କେବଳ ନାକକୁ ସିଧା ନ ଧରି ସରକାର ବଙ୍କେଇ ଧରି ସଚ୍ଛ ଶାସନର ଅବତାରଣା କଲେ ଆଉ ନିଶାଖୋର ଲୋକେ ତାଙ୍କ ପ୍ରକୃତି ବି ଜାରି ରଖିଲେ । ଏଭଳି ସ୍ଥିତିରେ ସାପ ମରିବନି କି ବାଡି ଭାଙ୍ଗିବନି ।

ଏ/୩୧୭, କୋଏଲ୍ ନଗର,
ରାଉରକେଲା-୧୪
ମୋ:- ୯୪୩୭୫୦୩୧୩୮/୯୦୪୦୬୨୫୦୮୯






# ସାଂପ୍ରତିକ ଓଡିଆ କବିତାରେ ମାନବେତର ଚରିତ୍ର

ଡକ୍ଟର ଭଗବାନ ପଟ୍ଟେଲ୍

ଯୁଗେ ଯୁଗେ କବିତାରେ ମାଟି ଓ ମଣିଷର କଥା କୁହାଯାଇଛି । କବିତା ଭିତରେ ଅନ୍ୱେଷାର ସ୍ୱର ଓ ସାକ୍ଷର ବେଶ୍ ମୂର୍ତ୍ତିମନ୍ତ ତଥା ଦୀପ୍ତିମନ୍ତ ଭାବରେ ଅନୁରଣିତ ହୋଇଥାଏ । ଜୀବନ ଓ ଜଗତର ସୁବିପୁଳ ଅନୁଭବକୁ ପାଥେୟ କରି କବିତା ରଚନା କାଳରେ କବିପ୍ରାଣରେ ସୌନ୍ଦର୍ଯ୍ୟାତ୍ମକ ଦୃଷ୍ଟିକୋଣର ଆଭ୍ରାନ୍ତ ପରିଚୟ ମିଳିଥାଏ । ସାହିତ୍ୟ ହେଉଛି ଜୀବନର ସମାଲୋଚନା । ସକାରତ୍ମକ ଦୃଷ୍ଟିଭଙ୍ଗୀ ଭିତରେ ଜୀବନ ଓ ଜଗତକୁ ଅଧ୍ୟୟନ ଓ ଅନୁଧ୍ୟାନ କରାଯାଇପାରେ ଅଧିକ ମନୋରମ, ମାର୍ମିକ ତଥା ମାଧୁର୍ଯ୍ୟାତ୍ମକ ରୂପରେ । ଉତ୍ତର-ଆଧୁନିକ କାଳରେ କବିମାନେ ବିଶେଷତଃ ମାନବେତର ଚରିତ୍ର ଉପରେ ଯଥେଷ୍ଟ ଦୃଷ୍ଟି ପ୍ରଦର୍ଶନ କରିଥିବାର ନିଦର୍ଶନ ଆଦୌ ବିରଳ ନୁହେଁ । ମଣିଷ ପ୍ରତି ଯେତେ ସମବେଦନା ପ୍ରକାଶ କରାଯାଇଛି, ତା'ଠାରୁ ମାନବେତର ଚରିତ୍ର ପ୍ରତି ଅଧିକ ଗୁରୁତ୍ୱ ଆରୋପ କରାଯାଇଥିବାର ଜଣାଯାଏ । ମଣିଷର ଜୀବନଚର୍ଯ୍ୟା ଭିତରେ ବହୁ ମାନବେତର ଚରିତ୍ରର ଆବିର୍ଭାବ ହୁଏ ସ୍ୱାଭାବିକ ରୀତି ଓ ନୀତିରେ । ଯେଉଁ ଜୀବଗଣ କଥା କହିବାରେ ଅସଫଳ, ସେମାନଙ୍କର ଜୀବନ ଆଦୌ ନିରର୍ଥକ ତଥା ଶୂନ୍ୟଗର୍ଭା ହୋଇ ନ ପାରେ । କାରଣ ସେମାନଙ୍କ ପ୍ରତି ଗଭୀର ସମବେଦନା ଓ ସହାନୁଭୂତିଶୀଳ ମନୋଭାବ ପୋଷଣ କରାଯାଇଛି ମଣିଷମାନଙ୍କ ଦ୍ୱାରା । "ଜୀବେ ଦୟା" ହେଉଛି ଭାରତୀୟ ଚେତନାର ମୂଳାଦର୍ଶ । କୀଟ, ପତଙ୍ଗଠାରୁ ଆରମ୍ଭ କରି ସମସ୍ତ ସଜୀବ ପ୍ରାଣୀ ଭାବରେ ମଣିଷର ଦୟା, କ୍ଷମା, ସ୍ନେହ, ପ୍ରେମ, ଶାନ୍ତି, ଆଦି ଭାବଗୁଡିକ ପ୍ରକାଶିତ ହୁଏ ଅଧିକ ସରସ ଭାବରେ ସୃଜନଶୀଳ ସ୍ରଷ୍ଟାଟିଏ ତାର ଅନ୍ତଃଦୃଷ୍ଟିରେ ଜୀବନ ଓ ଜଗତକୁ ଏକ ଭିନ୍ନ ଭାବରେ ସେ ପରମାତ୍ମାର ଉପସ୍ଥିତିକୁ ହିଁ ସୁନ୍ଦର ଭାବାବେଗ ମଧ୍ୟରେ ଅନୁଭବ କରିଥାଏ । ଏଣୁ ମଣିଷ ଅପେକ୍ଷା ପଶୁ, ପକ୍ଷୀ, କୀଟ, ପତଙ୍ଗ ତଥା ସମସ୍ତ ମାନବେତର ଚରିତ୍ର ପ୍ରତି ଅଧିକ ମମତାବୋଧ, ଶ୍ରଦ୍ଧା ଓ ସ୍ନେହ ପ୍ରକାଶିତ ହୋଇଥାଏ ପ୍ରଚୁର ପରିମାଣରେ । ଏକଦା ମଣି ମଧ ପଶୁ ପରି ଜଙ୍ଗଲ ମଧ୍ୟରେ ଅବସ୍ଥାନ କରୁଥିଲା ଓ ସେଠାରେ ରହୁଥିବା ପ୍ରାଣୀମାନଙ୍କ ସହିତ ତା'ର ସଂପର୍କ ଥିଲା ଅତି ଘନିଷ୍ଠ, ନିବିଡ ଓ ଅନ୍ତରଙ୍ଗ । ସୁତରାଂ, ଏ ସୃଷ୍ଟିରେ ପ୍ରତ୍ୟେକ ପ୍ରାଣୀର ବଂଚିବାର ଅଧିକାର ରହିଛି ଅଧିକ ସୁଖାତ୍ମକ ଢଙ୍ଗରେ, ଏହା ଅସ୍ୱୀକାର କରାଯାଇପାରେନା । ସାଂପ୍ରତିକ ଓଡିଆ କବିତାର ଧାରା ଓ ଧାରାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, କବିତା ଭିତରେ ମାନବେତର ଚରିତ୍ରମାନଙ୍କର ଅନୁପ୍ରବେଶ ଘଟିଛି ବହୁ ଭାବରେ ।

ସାଂପ୍ରତିକ ଓଡିଆ କବିତା ହୋଇଉଠିଛି ବହୁବର୍ଣ୍ଣୀ । ଏହାର ମୌଳିକତା ଓ ବୈଶିଷ୍ଟ୍ୟ ଫୁଟିଉଠିଛି ତାର ଆଭିମୁଖ୍ୟରେ । କବିର ଦୃଷ୍ଟି ଓ ଦର୍ଶନରେ ପରିବର୍ତ୍ତନ ହୋଇଉଠିଛି ଅନିବାର୍ଯ୍ୟ । ଜୀବନର ସମସ୍ତ ଘାତ-ପ୍ରତିଘାତ, ଅଭାବ-ଅସୁବିଧା, ହାନି-ଲାଭ, କ୍ଷୟ-କ୍ଷତି, ଆନନ୍ଦ-ବିଷାଦ, ପ୍ରେମ-ବିରହ, ସୁଖ-ଦୁଃଖ, ଆଲୋକ-ଅନ୍ଧାର, ସଂଘର୍ଷ-ସଂଘାତ ମଧ୍ୟରେ ସେ ଖୋଜିଚାଲିଛି ଏକ ଅପହଂଚ ଇଲାକାର କଥା ଓ ବ୍ୟଥାକୁ ପରିପ୍ରକାଶ କରିବା ନିମନ୍ତେ । ମଣିଷ ତାର ଜୀବନକାଳ ମଧ୍ୟରେ ଜିଜ୍ଞାସାର ଅନ୍ତ ଘଟାଇ ପାରେନା । ନିରବଧି କାଳ ଭିତରେ ସର୍ବଦା ଘୁରି ବୁଲୁଥାଏ କିଛି ପାଇବା ଆଶାରେ । ଆଶା, ଆକାଂକ୍ଷା, ବିଶ୍ୱାସ ବଳରେ ସେ ହୋଇପାରିଛି ବିଶ୍ୱବିଜୟୀ । ଜଗତୀକରଣ ଯୁଗରେ ସମସ୍ତ ସୀମା ଓ ବାଧା-ବନ୍ଧନକୁ ଅତିକ୍ରମ କରି ହୋଇଉଠିଛି ଅନନ୍ତ ପଥର ପଥିକ । ତେଣୁ ସେ ଇତର ପ୍ରାଣୀମାନଙ୍କର କଥା ଓ ବ୍ୟଥାକୁ ପ୍ରକାଶ କରିବାରେ ହୋଇଉଠିଛି ଉନ୍ମୁଖ । ତାର ଦିବ୍ୟ ଚିନ୍ତା ଓ ଚେତନା ଭିତରେ ସାଧାରଣ ପ୍ରାଣୀର ଜୀବନଚର୍ଯ୍ୟା ହୋଇଯାଇଛି ପ୍ରମୁଖ ଚର୍ଚ୍ଚାର ବିଷୟ । ଓଡିଆ ସାହିତ୍ୟରେ ବହୁ ମାନବେତର ଚରିତ୍ରମାନଙ୍କୁ ଘଟଣାକ୍ରମେ ଅବତାରଣା କରାଯାଉଛି ବେଶ୍ କୌତୁହଳପୂର୍ଣ୍ଣ ଭାବାବେଗ ମଧ୍ୟରେ । ସେ ଫକୀରମୋହନଙ୍କ 'ଛ'ମାଣ ଆଠଗୁଣ୍ଠ" ଉପନ୍ୟାସର ନେତ ଗାଇ ହୋଇପାରେ କିମ୍ବା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ "ମାଂସର ବିଲାପ" ଗଳ୍ପର ଜଲି ଓ ତୋରା ପରି ନିରୀହ ଚରିତ୍ର ହୋଇପାରନ୍ତି । ଓଡିଆ କାବ୍ୟ ଜଗତରେ ମଧ ରାଧାମୋହନ ଗଡନାୟକ, ଚିନ୍ତାମଣି ବେହେରା, ରମାକାନ୍ତ ରଥ, ଶରତ ଚନ୍ଦ୍ର ପ୍ରଧାନ, ସୀତାକାନ୍ତ ମହାପାତ୍ର, ଭଗବାନ ଜୟସିଂହ ଆଦି ବହୁ ଦରଦୀ, ଉଦାର ତଥା ମାନବବାଦୀ କାବ୍ୟଶିଳ୍ପୀଗଣ ଗଭୀର ଆତ୍ମୀୟତାର ସହିତ ମାନବେତର ଚରିତ୍ରମାନଙ୍କର ଜୀବନଚର୍ଯ୍ୟାକୁ ବେଶ୍ ରସାଳ ଭାବରେ ଉପସ୍ଥାପନ କରିପାରିଛନ୍ତି ।

ଉତ୍ତର-ଆଧୁନିକ କାଳରେ ସାହିତ୍ୟ ସାଧକଗଣ ଗଭୀର ତ୍ୟାଗ, ନିଷ୍ଠା ଓ ଆଦର୍ଶ ରକ୍ଷା କରିବାରେ ସମର୍ଥ ହୋଇପାରିଛନ୍ତି । ନିଛକ ବାସ୍ତବତାକୁ କଳାତ୍ମକ ଶୈଳୀରେ ଉପସ୍ଥାପନ କରିବାରେ ଏମାନେ ବଡ ଧୁରୀଣ । ଏମାନଙ୍କ ଚିନ୍ତା ଓ ଚେତନାରେ ମାଟି ଓ ମଣିଷ ପ୍ରତି ଯେପରି ଅତ୍ୟନ୍ତ ଆନ୍ତରିକତା ପ୍ରକାଶିତ, ଠିକ୍ ସେହିପରି ମାନବେତର ଚରିତ୍ରମାନଙ୍କ ପ୍ରତି ସମଭାବ ପ୍ରକାଶିତ । ଓଡିଆ ସାହିତ୍ୟର ରାମାୟଣ, ମହାଭାରତ, ଭାଗବତ ଆଦି ଗ୍ରନ୍ଥମାନଙ୍କରେ ମାନବେତର ଚରିତ୍ରମାନଙ୍କୁ ଯେଉଁଭଳି ଭାବରେ ପ୍ରାଧାନ୍ୟ ଓ ଗୁରୁତ୍ୱ ପ୍ରଦାନ କରାଯାଇଛି, ତାହା ଅନସ୍ୱୀକାର୍ଯ୍ୟ । ସୁତରାଂ, ଏହାର ଭୂମି ଓ ଭୂମିକା ଅବର୍ଣ୍ଣନୀୟ ଅଟେ । ଏହି ଧାରା ଓ ଧରାକୁ ଅବ୍ୟାହତ ରକ୍ଷା କରିବାକୁ ଯାଇ ଚଳନ୍ତି ସମୟର କବି ଓ ଲେଖକମାନେ ବିଶେଷ ପ୍ରାଧାନ୍ୟ ପ୍ରଦାନ କରିଛନ୍ତି ଏହି ମାନବେତର ଚରିତ୍ରମାନଙ୍କର ସୁନ୍ଦର ଚିତ୍ର ପ୍ରଦାନ ଦିଗରେ । ଏଣୁ ସମକାଳୀନ କବି ଓ ଲେଖକମାନେ ସାଧାରଣ ଇତର ପ୍ରାଣୀର ସୁଖଦୁଃଖରେ ସମଭାବ ପ୍ରଦର୍ଶନ କରି ଆନ୍ତରିକତାର ସହ ଏ ଦିଗରେ ଅଗ୍ରସର ହୋଇଛନ୍ତି । ରାଧାମୋହନ ଗଡନାୟକଙ୍କ "ପଶୁପକ୍ଷୀର କାବ୍ୟ" କବିତା ଗ୍ରନ୍ଥଟି ଏ ଦିଗରୁ ଅନନ୍ୟ ଓ ଅସାଧାରଣ ତଥା ସାର୍ଥକ ସୃଷ୍ଟି ବୋଲି ବିବେଚନା କରାଯାଇପାରେ । ତାଙ୍କର ଏପରି ଦୃଷ୍ଟିଭଙ୍ଗୀ ଭିତରେ ଏକ ଦରଦୀ, ଉଦାର ତଥା ମାନବବାଦୀ ଚିନ୍ତାଧାରାର ଉତ୍ତର ପରିପ୍ରକାଶକୁ ସହଜରେ ଲକ୍ଷ୍ୟ କରାଯାଇପାରେ ନିଶ୍ଚୟ । ଅପର ପକ୍ଷରେ, ଚିନ୍ତାମଣି ବେହେରାଙ୍କର ଏକାଧିକ କବିତା ରହିଛି, ଯେଉଁଠାରେ ଇତର ପ୍ରାଣୀମାନଙ୍କର କଥାକୁ ସମ୍ବେଦନଶୀଳ ମନୋଭାବ ନେଇ ଅଭିବ୍ୟକ୍ତ କରାଯାଇପାରିଛି । ହୃଦୟର କେଉଁ ଏକ ନିଭୃତ କୋଣରୁ ଝରିଆସେ ମମତାର ଧାରା, ଯାହା ପ୍ଲାବନ କରିଦିଏ ତନୁମନକୁ । ସତେ ଯେପରି ଇତର ପ୍ରାଣୀମାନେ ବି ଏହି ମଣିଷର ଅତି ଆପଣାର, ଅତି ଅନ୍ତରଙ୍ଗ ତଥା ଅତି ନିବିଡ । 'ପତଙ୍ଗ', 'କଚ୍ଛପ', 'ପଙ୍ଗପାଳ', 'ବଣି', 'ବେଙ୍ଗ', 'ସାପ', 'ବୁଢ଼ିଆଣୀ', 'ପେଚା' ଆଦି କବିତାମାନଙ୍କରେ କବି

ଚିନ୍ତାମଣି ଇତର ପ୍ରାଣୀମାନଙ୍କ ପ୍ରତି ପ୍ରାଣର ଗଭୀର ସମର୍ଥନ ଜ୍ଞାପନ କରିଥିବାର ଜଣାଯାଏ । ଚନ୍ଦ୍ରଶେଖର ରଥଙ୍କର 'ଅବଶିଷ୍ଟ ପକ୍ଷୀ', 'ଚଢ଼େଇ', 'ଶୋକ ଏକ ପକ୍ଷୀ ପାଇଁ' ଆଦି କବିତାମାନଙ୍କରେ ଏହି ପରମ୍ପରାର ରକ୍ଷା କରାଯାଇପାରିଛି । କବି ପ୍ରସନ୍ନ ପାଟ୍ଟଶାଣୀଙ୍କର 'ସାପଗାତରେ ସକାଳ', 'ଗେଣ୍ଡାଶାଳରେ ଧାନ କେଣ୍ଡାର ଆକାଶ', 'ପ୍ରଜାପତିର ଠିକଣା', 'ସୁନା ଚଢ଼େଇ', 'ଭଂଗା ନୀଡର ପକ୍ଷୀ' ଆଦି କବିତାମାନଙ୍କରେ ଇତର ପ୍ରାଣୀମାନଙ୍କର ବର୍ଣ୍ଣନା କେତେ ଜୀବନ୍ତ ଓ ମନୋମୁଗ୍ଧକର, ତାହା ଅନସ୍ୱୀକାର୍ଯ୍ୟ ଅଟେ । କବିଙ୍କ ବର୍ଣ୍ଣନା ବୈଚିତ୍ର୍ୟ ବଡ ମଧୁର ଓ ହୃଦୟଗ୍ରାହୀ ହୋଇପାରିଛି । କବି ଚେତନାରେ ପକ୍ଷୀ ଭିତରେ ଥିବା ରହସ୍ୟ ସହିତ ମଣିଷ ଜୀବନର ରହସ୍ୟ ବି ଜଡିତ ହୋଇଯାଇଛି ସୁନ୍ଦର ଭାବରେ । କବିଙ୍କ ଭାଷାରେ, "ବୁଡିଲା ଜାହାଜରେ ଅସରପା ରହେ ନାହିଁ/ ଭଂଗାଘରେ ରହେନି ପାରା, ଝୁଲେନି ବାଦୁଡି/ ଫଳ ନଥିବା ଗଛରେ/ ତମେ କେମିତି ରହିବ/ ଏ ଭଂଗା ଦେଶକୁ ନେଇ"(ନୀଡଭଙ୍ଗୀ ପକ୍ଷୀ) ।

ସାଂପ୍ରତିକ ସମୟର କାଳ ଓ କଳା ସଚେତନ କାବ୍ୟଶିଳ୍ପୀ ଭାବରେ ନିତ୍ୟାନନ୍ଦ ନାୟକଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହିତ ସ୍ମରଣ କରାଯାଇପାରେ । ତାଙ୍କ କବିତାମାନଙ୍କରେ ଉତ୍ତର-ଆଧୁନିକତାର ସ୍ୱରୂପକୁ ସୁନ୍ଦର ଭାବରେ ଉଦ୍‌ଘାଟନ କରାଯାଇପାରେ । ଯଥାର୍ଥରେ ସେ ଜଣେ ଉଦାର, ଦରଦୀ, ତଥା ଜୀବନବାଦୀ କାବ୍ୟଶିଳ୍ପୀ ରୂପରେ ସୁପରିଚିତ ଅଟନ୍ତି । ତାଙ୍କ କବିତାରେ ଇତର ପ୍ରାଣୀମାନଙ୍କର ପ୍ରତି ପ୍ରଚୁର ସଂବେଦନଶୀଳ ମନୋଭାବର ସ୍ୱର ଓ ସାକ୍ଷର ଦୃଶ୍ୟମାନ ହୋଇଥାଏ । କବି ଜୀବନ ଓ ଜଗତର ସମସ୍ତ ତିକ୍ତ-ମଧୁର ଅନୁଭବମାନଙ୍କୁ ପ୍ରକାଶ କରିବାରେ କୁଣ୍ଠାବୋଧ ପ୍ରକାଶ କରିନାହାନ୍ତି । ତମାମ ଜୀବନ ସେ ଖୋଜି ଚାଲିଛନ୍ତି ମାନବିକ ମୂଲ୍ୟବୋଧକୁ । ତାଙ୍କର କବିତାମାନଙ୍କରେ ଗଭୀର ପ୍ରେମାନୁଭବର ସ୍ୱର ବେଶ୍ ମନୋଜ୍ଞ ଭାବରେ ଅନୁରଣୀତ ହୋଇପାରିଛି । ଜୀବନର କିଛି ନିଚ୍ଛକ ଅନୁଭବକୁ ବ୍ୟକ୍ତ କରିବାକୁ ଯାଇ ଶ୍ରୀ ନାୟକ ଯଥାର୍ଥରେ ଲେଖିଛନ୍ତି, ସେଇ ଅବୋଧ ପିଲାଦିନ, ଉପରେ ଚକ୍କର କାଟୁଥିବା ଗୁଡି, ସଜନା ଗଛ ଡାଳରେ ବସୁଥିବା ହଳଦୀ ବସନ୍ତ, ବଗିଚା ସାରା କଂକି ଆଉ ପ୍ରଜାପତିଙ୍କ ନିଃଶବ୍ଦ ଖେଳ, ଆକାଶ ମଝିରେ ଅଟକିଯାଇ ଝୁଲିପଡୁଥିବା ମଘେଖଣ୍ଡର ବିସ୍ମୟ, ବର୍ଷାରାତିରେ ନକ୍ଷତ୍ର, ଆମତୋଟା ଉପରେ ବୁଡିଯାଇଥିବା ଜହ୍ନ, ନଈତୁଠରୁ ଫେରୁଥିବା ଅନ୍ୟମନସ୍କ କିଶୋରୀ ଗୁଣୁଗୁଣୁ, ଶିଶୁର ଦରୋଟି ମିଠାହାସ, ନୀଡ ଫେରନ୍ତା କ୍ଳାନ୍ତ ପକ୍ଷୀର ଗୀତ ନିକଟରେ, ଏବେ ବି ମୁଁ ଅଛି ଏବଂ ରହିଥିବି ନାକପୁଡାରେ ନିଃଶ୍ୱାସ ସ୍ଥିର ହୋଇଯିବା ପର୍ଯ୍ୟନ୍ତ । (ମୁଖବନ୍ଧ- 'ଫେରିବାବେଳ') କବିଙ୍କ ଚେତନାରେ ପ୍ରକୃତି ସତେ ଯେପରି ଅଙ୍ଗାଅଙ୍ଗୀ ଭାବରେ ବିଜଡିତ ହୋଇଛି କହିଲେ ସତ୍ୟର ଅପଳାପ ହେବ ନାହିଁ । ଗଛଡାଳରେ ଥିବା ହଳଦୀବସନ୍ତ ହେଉ ନୀଡ ଫେରନ୍ତା କ୍ଳାନ୍ତ ପକ୍ଷୀର ଗୀତ ତଥା କଙ୍କି ଓ ପ୍ରଜାପତିର ନିଃଶବ୍ଦ ଖେଳ ମଧ୍ୟରେ ସେ ଖୋଜିଚାଲିଛନ୍ତି ଆପଣାର ଜୀବନ ଜିଜ୍ଞାସାର ସ୍ୱର ଓ ସାକ୍ଷରକୁ । କବିଙ୍କୁ ତନୁମନରେ ସୃଷ୍ଟି ହୁଏ ଅପୂର୍ବ ଶିହରଣ ତଥା ଆଶାତୀତ ଉନ୍ମାଦନା । କବିଙ୍କ ଭାଷାରେ "କିଚିରି ମିଚିରିଠାରୁ, ବାଛି ବାଛି/ ପାଚିଲା ମିଠା ଫଳକୁ ଖୁମ୍ପିବା/ସ୍ୱର ଲୟର ଗୀତ ବୋଲିବାଠୁଁ/ ସାରା ଆକାଶ ଆବୋରି ନେବାକୁ/ଅଡି ବସିବା/ ପୁଣି ଘେରି ବସିଥିବା ଲୋକଙ୍କ ସାମ୍ନାରେ/ ହଠାତ୍ ଅଦୃଶ୍ୟ ହୋଇ/ ଫୁରକିନା ଉଡିଯିବା/ସବୁକଥାରେ ଓସ୍ତାଦ/ ସବୁଥିରେ ପିଲାଳିଆ ଜିଦ୍, ଦୁଷ୍ଟାମି" (ପକ୍ଷୀ: ପ୍ରାର୍ଥନା- 'ଫେରିବାବେଳ') ସୃଜନଶୀଳ ସ୍ରଷ୍ଟାଟିଏ ଚିରକାନ୍ତ ଚିରନ୍ତନ, ଶାଶ୍ୱତ ତଥା ସାର୍ବଜନୀନ ସତ୍ୟର ଅଧିକ ନିକଟବର୍ତ୍ତୀ ହୋଇ ସତ୍ୟ-ଶିବ-ସୁନ୍ଦରର ନିରାଜନା କରିଥାନ୍ତି । କବିତା ହେଉଛି ସୂକ୍ଷ୍ମତମ ଅନୁଭବର କଳାତ୍ମକ ପରିପ୍ରକାଶ । ସୁତରାଂ, କବି, କବିତା ଓ ପାଠକ ହେଉଛନ୍ତି ଅଧିକ ନିକଟବର୍ତ୍ତୀ ଓ ପାରସ୍ପରିକ ପରିପୂରକ ।

ଚଳନ୍ତି ସମୟର ପ୍ରଭାବଶାଳୀ କାବ୍ୟଶିଳ୍ପୀ ଭାବରେ କବି ଶରତ ଚନ୍ଦ୍ର ପ୍ରଧାନଙ୍କୁ ଗ୍ରହଣ କରାଯାଇପାରେ । ତାଙ୍କ କବିତାମାନଙ୍କରେ ମଧ୍ୟ ମାନବେତର ଚରିତ୍ରମାନଙ୍କ ପ୍ରତି ଅସାଧାରଣ ସ୍ନେହ, ଶ୍ରଦ୍ଧା ଓ ପ୍ରେମର ଚରମ ନିଦର୍ଶନ ସୁନ୍ଦର ଭାବରେ ପ୍ରଦର୍ଶନ କରାଯାଇ ଥିବାର ଦୃଷ୍ଟିଗୋଚର ହୋଇଥିବାର ଦେଖାଯାଏ । ସମୟର ଆହ୍ୱାନକୁ ଯଥାଯଥ ପରିମାଣରେ ଉପସ୍ଥାପନ କରିବାରେ ତାଙ୍କର କୃତିତ୍ୱ କରାଯାଇପାରେ । କବି ନିଜର ମାର୍ଜିତ ଅନୁଭବମାନଙ୍କୁ ରୁଚିସଂପନ୍ନ ରୂପରେ ପାଠକ ନିକଟରେ ଉପସ୍ଥାପନ କରିପାରନ୍ତି । କବି ଜୀବନର ବିରଳ ଅନୁଭବମାନଙ୍କୁ ଏପରି ରୂପରେଖ, କାବ୍ୟ, ଠାଣି ଓ ବର୍ଣ୍ଣବିଭା ପ୍ରଦାନରେ ସକ୍ଷମ ହୋଇପାରିଛନ୍ତି, ତାହା ନିଶ୍ଚୟ ଆଲୋଚ୍ୟ ବିଷୟ ଅଟେ । ତେଣୁ ତାଙ୍କ କବିତାରେ ଜୀବନାନୁଭୂତି ଏତେ ଜୀବନ୍ତ ଓ ସତଃସ୍ଫୂର୍ତ୍ତ ହୋଇଉଠିଛି ଯେ, ତାହା ପାଠକୀୟ ସ୍ୱୀକୃତି ଲାଭ କରିବାରେ ଏକାନ୍ତ ଭାବରେ ସକ୍ଷମ ବୋଲି କହିବାକୁ ହେବ ହିଁ ହେବ । କବିଙ୍କ ଭାଷାରେ, "ସେ ପରା/ଅବୁଝାଟାଏ/ଦୂରାଗତ/ ଆକାଶର ପକ୍ଷୀ/ କେବେ ଆସେ/ ଡାଳେ ବସେ/ ପୁଣି ଖୋଜେ/ ନୂଆ ଉଡାଣକୁ/ସମୟର/ଗୀତଟିକୁ/ପଦେ ଗାଇବାକୁ ।" (ଚଢ଼େଇର ଶେଷଗୀତ ଅଦୃଶ୍ୟ ଡଗର) କବିଙ୍କର କାଠହଣା ଚଢ଼େଇ ସଂବାଦ, 'ଚଢ଼େଇର ଶେଷଗୀତ', 'ଗୋଧୂଳିର ଗାନ', 'ଆଉ ଏକ ସାପଖୋଳା ଗାତ', 'ଦୁଇଟି ପାରା' ଆଦି କବିତାମାନଙ୍କର କବିମନର ଏକ ଊର୍ଦ୍ଧ୍ୱ ଉଡାଣକୁ ସୁନ୍ଦର ଭାବରେ ଲକ୍ଷ୍ୟ କରାଯାଇପାରେ ସତର୍କତାର ସହିତ । କବିଙ୍କ ଜୀବନ ଦର୍ଶନ ଭିତରେ ରହିଛି କୋଟି କୋଟି ପ୍ରାଣୀ ପ୍ରତି ଗଭୀର ଆନ୍ତରିକ ପ୍ରବଣ ମାନସିକତାର ଚରମ ନିଦର୍ଶନ ।

କାବ୍ୟଶିଳ୍ପୀ ଶ୍ରୀହରି ଧଳ ହେଉଛନ୍ତି ଜଣେ ପ୍ରଚଣ୍ଡ ବାସ୍ତବବାଦୀ କବି । ତାଙ୍କ କବିତାମାନଙ୍କରେ ଜୀବନ ପ୍ରତି ଗଭୀର ଅନୁରାଗ ଓ ଆସକ୍ତି ଅଧିକ ବିନୀତ, ବିଶ୍ୱସ୍ତ ତଥା ସୌନ୍ଦର୍ଯ୍ୟାତ୍ମକ ରୂପରେ ପ୍ରତିଭାତ ହୁଏ । ସେ ଜଣେ ନିତାନ୍ତ ସଂବେଦନଶୀଳ ତଥା ସହାନୁଭୂତି ପରିପୂର୍ଣ୍ଣ ମଣିଷ ଅଟନ୍ତି । ତାଙ୍କ କବିତାମାନଙ୍କରେ ସାଧାରଣ ଘଟଣାର ବର୍ଣ୍ଣନା ଅଧିକ ବ୍ୟଞ୍ଜନାଧର୍ମୀ ଓ ଭାବଗର୍ଭିକ ମନେହୁଏ । ବାସ୍ତବ ଓ କଳ୍ପନାର ଏକ ଫେଣ୍ଟା ଫେଣ୍ଟି ଅପୂର୍ବ ସମାହାର ବେଶ୍ ସତର୍କତାର ସହିତ ଅନୁଭବ କରାଯାଇପାରେ । ସାଂପ୍ରତିକ ସମୟର ଜଣେ ସନାମଧନ୍ୟ କାବ୍ୟଶିଳ୍ପୀ ରୂପରେ ତାଙ୍କର ନିର୍ମଳ କବିତ୍ୱ ଶକ୍ତିର ପରୀକ୍ଷା କରାଯାଇପାରେ । ତାଙ୍କର 'ପୋକ', 'ପକ୍ଷୀର ଆଖି', ଫେରିବା ପକ୍ଷୀ ହେଉ', 'ପକ୍ଷୀଜନ୍ମ', 'ସାପ ପ୍ରସଙ୍ଗ', 'କେମିତି ବୁଝନ୍ତା ପକ୍ଷୀ' ଆଦି କବିତାମାନଙ୍କରେ ଇତର ପ୍ରାଣୀମାନଙ୍କ ପ୍ରତି ଅଧିକ ଆପଣାପଣକୁ ଲକ୍ଷ୍ୟ କରାଯାଇପାରେ । ଏଣୁ ତାଙ୍କ ଜୀବନ ଦର୍ଶନ ଭିତରେ ପ୍ରେମାନୁଭବର ଚରମ ନିଦର୍ଶନକୁ ମାଧୁର୍ଯ୍ୟମୟ ଭାବାବେଗରେ ଚିହ୍ନିତ କରାଯାଇପାରେ ।

ଗତାନୁଗତିକତାକୁ ପରିହାର କରି ଏକ ନୂତନ ମାର୍ଗ ଅନ୍ୱେଷଣରେ ସର୍ବଦା ଆଗ୍ରହ ପ୍ରକାଶ କରିଆସିଛନ୍ତି । ଜୀବନକୁ ଭିନ୍ନ ପ୍ରେକ୍ଷାପଟ୍ଟରେ ନିରୀକ୍ଷଣ କରିବାର ଦୃଷ୍ଟିଟି ତାଙ୍କର ଏକାନ୍ତ ନିଜସ୍ୱ ପରି ପ୍ରତ୍ୟୟମାନ ହୋଇଯାଏ । କବିଙ୍କ ଭାଷାରେ, "ସେମାନେ ଖୋଜୁଥାନ୍ତି/ମୁଠି ଦେବାକୁ/ ଅଂଧାରର ଗୋଡା/ ବୋମା ପରି/ ଫିଙ୍ଗିବାକୁ/ ପ୍ରତିବାଦ ଶବ୍ଦ/ ଖୋଜନ୍ତି ସିଂହାସନ ଆଡକୁ/ ଗୁପ୍ତ ସୁଡଙ୍ଗ/ କାଟି ଦେବାକୁ ସମସ୍ତଙ୍କ/ ରେଶମୀ ସପ୍ନର ଜିହ୍ୱା/ ଭାଂଗି ଦେବାକୁ/ ଇନ୍ଦ୍ରଧନୁ ମଂଚ/ "(ପୋକ ଫେରିବି ପକ୍ଷୀ ହୋଇ)

ବର୍ତ୍ତମାନ ସମୟର କାବ୍ୟଶିଳ୍ପୀମାନଙ୍କ ମଧ୍ୟରେ ଜଣେ ପ୍ରମୁଖ କବି ବିପିନ୍ ନାୟକ ବେଶ୍ ସୁନାମ ଅର୍ଜନ କରିପାରିଛନ୍ତି । ତାଙ୍କ ରଚିତ କବିତାମାନଙ୍କରେ ବହୁ ପଶୁ, ପକ୍ଷୀ ତଥା ଇତର ପ୍ରାଣୀମାନଙ୍କ ଉପରେ ଏକାଧିକ ବର୍ଣ୍ଣନା ପରିଦୃଶ୍ୟମାନ ହୋଇଅଛି । ସେ ବିଶେଷତଃ ଜଣେ ଉଚ୍ଚକୋଟୀର ସୃଜନଶୀଳ କବି ଅଟନ୍ତି । ସାଧାରଣ ଚରିତ୍ରମାନଙ୍କ ଉପରେ ତାଙ୍କର ଦୃଷ୍ଟି ଓ ଦିଗନ୍ତ ପରିବ୍ୟାପ୍ତ ତଥା ଦିଗନ୍ତ ବିସ୍ତାରୀ ହୋଇପାରିଥିବାର ଲକ୍ଷ୍ୟ କରାଯାଇପାରେ । ସୁତରାଂ, ଜଣେ ଯୁଗଚେତନାର କାବ୍ୟଶିଳ୍ପୀ ଭାବରେ ନୂତନ ଦୃଷ୍ଟିକୋଣ ଅଭ୍ରାନ୍ତ ପରିଚୟ ତାଙ୍କ କବିତାମାନଙ୍କରୁ ପ୍ରାୟତଃ ଲକ୍ଷଣୀୟ ହୋଇଥାଏ ସ୍ୱାଭାବିକ ରୀତି ଏବଂ ନୀତିରେ । ଶ୍ରୀ ନାୟକଙ୍କର ପିମ୍ପୁଡି,. ଡେଣା, ପଶୁ, ନୀଡ, କୂର୍ମ, ଅଙ୍ଗୀର ଡାଳରେ ପକ୍ଷୀ, ବାଘ, କାଗଜ, ପକ୍ଷୀ, ସାପ, ଶାମୁକା, ହାତର ପତଙ୍କ ମୋର, ପକ୍ଷୀ ପକ୍ଷୀ ଲାଗୁଛି, ପତଙ୍ଗ, ବାଦୁଡି, ଶୃଗାଳ ଏବଂ ଅଙ୍ଗୁରକଥା, ସୁନାହରିଣ, କାକ ଗୋଟିଏ ଖରା କାଳେ, ଝଡିପୋକ, କିମ୍ବିରିଣୀ, କାଠଘୋଡା, ନିଜେ ପକ୍ଷୀ ନିଜ ଡାଳରେ, ଚିଲ, ଆଦି କବିତାମାନଙ୍କରେ ଇତର ପ୍ରାଣୀ ସମୂହର ଏକ ସୁବିପୁଳ ଚିତ୍ର ଏବଂ ଚରିତ୍ରକୁ ସୁନ୍ଦର ଭାବରେ ଲକ୍ଷ୍ୟ କରାଯାଇପାରେ ଅଧିକ ପରିମାଣରେ । କବିଙ୍କର ଚିନ୍ତା ଓ ଚେତନାରେ ନୂତନ ଦୃଷ୍ଟିକୋଣର ଏକ ସ୍ୱତନ୍ତ୍ର ତଥା ନିରପେକ୍ଷ ଦୃଷ୍ଟିକୋଣର ପରିଚୟ ଦୃଷ୍ଟି ପଥାରୂଢ଼ ହୋଇଥାଏ । କବିତା କବି ହୃଦୟର ଅନ୍ତଃଲିପି ତଥା ନିର୍ମଳ ପରିବ୍ୟକ୍ତି । କବି ହୃଦୟରେ ଯେଉଁ ଭାବାବେଗ ସ୍ୱତଃସ୍ଫୂର୍ତ୍ତ ରୀତିରେ ନିଃସୃତ ହୁଏ, ତାହାର ସୁନ୍ଦର ପରିପ୍ରକାଶ ଘଟେ ଶବ୍ଦର ଯାଦୁଖେଳ ଭିତରେ । ଶ୍ରୀ ନାୟକ ତାଙ୍କ ଭାଷାରେ, "ମନେ ଅଛି/ଶୁଣି ପାରୁଥିବା/ ସେ ଆଖିବର ହଳକର ଚଞ୍ଚଳତା/ ଅନେକ ରତ୍ନର ରଂଗ/ ଦରିଦ୍ର ଓ ଅଗାଂରରେ ଲେଖା/ ଯେତେ ସବୁ/ ଚିତ୍ରିତ ଭୀରୁତା/ ମନେଅଛି/ ଫୁ କରି ଫୁଙ୍କିଦେଲେ/ ତୁ କେମିତି ବାଂଧୁଥାଉ/କଲବଲ କାକୁସ୍ଥ କୁଣ୍ଡଳୀ/ ମୋ ଗୀତର ସୁରେ ସୁରେ ନାଚୁ/ ମୂର୍ଚ୍ଛା ଯାଉ/ ଦିଗମ୍ବରୀ ଫୁଲର ଲହରୀ ।"(ସାପ-ବନ୍ଦ ଘରର ବାସ୍ନା) ସାପର ଚରିତ୍ରକୁ ସଠିକ୍ ରୂପରେ ଉପସ୍ଥାପନ କରିବାରେ କବି ବିପିନ୍ ନାୟକଙ୍କର ଅପରିସୀମ କ୍ଷମତା ଏବଂ ଦକ୍ଷତାର ତାରିଫ କରାଯାଇପାରେ ନିଶ୍ଚୟ । ଏଣୁ ସେ ଜଣେ ଦରଦୀ, ଉଦାର ତଥା ସଂବେଦନଶୀଳ କାବ୍ୟଶିଳ୍ପୀର ଆସନର ସମୀସୀନ ହୋଇପାରିଛନ୍ତି । କବିଙ୍କ ଦିବ୍ୟ ଚେତନାରେ ଶାମୁକାର ଚିତ୍ର ଏହିପରି, "ଏବେ ତୁ ଆଉ ଅଂଧାର ଭିତରେ/ ଝଲସୁଥିବା/ ଆଦିମ ଉଜ୍ଜ୍ୱଳମୁକ୍ତା ନୁହଁ/ ବରଂ ଫାଳ ଫାଳ ଫାଟି ଯାଉଥିବା/ ବିଭକ୍ତ ଶାମୁକା/ ଲୁଣ୍ଠନ ଯଦି ତୋର/ କପାଳ ଲିଖନ/ ତୋର ପୂର୍ବାବସ୍ଥାନ/ ସଲୁଳ କୁହୁସ୍ଥାନ ହିଁ ମୋର ସପ୍ନ ।"(ଶାମୁକା- ଆଲୁଅର ଆତ୍ମଲିପି) ଉତ୍ତର-ଅଶୀ ଓଡିଆ କବିତା ରାଜ୍ୟରେ ଜଣେ ବହୁ ପ୍ରତିଷ୍ଠିତ ଓ ସନାମଧନ୍ୟ କାବ୍ୟଶିଳ୍ପୀ ଭାବରେ ଶ୍ରୀ ନାୟକଙ୍କର ଏକ ସ୍ୱତନ୍ତ୍ର ପରିଚିତି ରହିଥିବାର ଜଣାଯାଏ ।

ଉତ୍ତର-ଷାଠିଏ କାବ୍ୟଧାରାର ପ୍ରମୁଖ୍ୟ କାବ୍ୟଶିଳ୍ପୀ ଭାବରେ କବି ସୌଭାଗ୍ୟ କୁମାର ମିଶ୍ରଙ୍କ ନାମକୁ ସ୍ମରଣ କରାଯାଇପାରେ ଆଗ୍ରହର ସହିତ । ତାଙ୍କର କବିତାମାନଙ୍କର ଜୀବନର ବହୁ ଅନୁଭବର କଥା କୁହାଯାଇଛି ଏକ ନିଛକ ବର୍ଣ୍ଣନା ଭିତରେ । କବିଙ୍କର ସୃଜନଶୀଳ ମନୋଭାବର ପରିଚୟ ସଠିକ୍ ତଥା ଯଥାଯଥ ଭାବରେ ତାଙ୍କ କବିତାମାନଙ୍କରେ ଉପଲବ୍ଧ ହୋଇଥିବାର ଦେଖାଯାଏ । ସମୟର ଆହ୍ୱାନକୁ ଉପଯୁକ୍ତ ଭାବରେ ସ୍ୱୀକାର ପୂର୍ବକ ତାର ଯଥାଯଥ ରୂପାୟନରେ ସେ ସମର୍ଥ ହୋଇପାରିଛନ୍ତି । ନିରବଚ୍ଛିନ୍ନ ଭାବରେ କବିତା ଲେଖା ଭିତରେ ସେ ଖୋଜିଚାଲିଛନ୍ତି ଆପଣାର ସ୍ମୃତି ଓ ଅନୁଭୂତିମାନଙ୍କୁ । ତାଙ୍କର ବାଘ, ପୋକ, ବୁଢ଼ାବଗ, ଛଞ୍ଚାଣ, ସୁନାଗଛ, ଗେଣ୍ଡା, ଘୋଡା, ପକ୍ଷୀର ନାଁ, ସାପ, କୁମ୍ଭାଟୁଆ, ଗେଣ୍ଡା, ହାତୀ, ପକ୍ଷୀ, ପକ୍ଷୀମାନେ, କୁକୁର, କୁଆ, ମାଛରଙ୍କା, ପତଙ୍ଗ, ଧଳାପକ୍ଷୀ, କଳାପକ୍ଷୀ, କଙ୍କି, ପ୍ରଜାପତି, ମାଛ, ବିହଙ୍ଗମ, ଚିଙ୍ଗୁଡି ଆଦି କବିତାମାନଙ୍କରେ ମାନବେତର ଚରିତ୍ରମାନଙ୍କର ପ୍ରକୃତ ସ୍ୱରୂପକୁ ସଠିକ୍ ଭାବରେ ଉନ୍ମୋଚନ କରାଯାଇପାରେ । କବିଙ୍କର ଚିନ୍ତା ଓ ଚେତନାରେ ଏହି ସାଧାରଣ ପ୍ରାଣୀମାନେ କିପରି ଆସ୍ଥାନ ଜମାଇ ପାରିଛନ୍ତି, ତାହା ବିସ୍ମୟାବିଭୂତ କରେ ପାଠକପାଠିକାମାନଙ୍କୁ । କବିଙ୍କ ଭାଷାରେ, "ଅନେକ ବର୍ଷ ତଳେ/ ମୋ ଫାଲ୍‌ଗୁନକୁ ଛୁଇଁ ଛୁଇଁ ଉଡିଥିଲା/ ଚମକାଇ ଦେଇଥିଲା/ ମୋ ହାତ, ଛାତି, ଓଠ, ଆଖି, କପାଳ । ତା' ରେଶମୀ ଡେଣାର/ପ୍ରତି ଝପଟାରେ ଥିଲା ବିଜୁଳି ଓ ବୀଣା/ବୀଣାର ଅନୁରଣନ/ଯାହା ସରି ସରି ଯାଉଥାଏ ସରେ ନାହିଁ କେବେ/ ଲାଜ ଲାଜ ହୋଇ ବୁଲେ/ ଭୂଇଁ ତଳେ, ଅସୁରର ଗୁମ୍ଫାରେ ।"(ପ୍ରଜାପତି-ମାତ୍ରାସ୍ପର୍ଶ) କବି ଶ୍ରୀ ମିଶ୍ରଙ୍କ କବିତାଗୁଡିକରେ ଇତର ପ୍ରାଣୀମାନଙ୍କର ବର୍ଣ୍ଣନା ଅତ୍ୟନ୍ତ ସୁମଞ୍ଜୁଳ ଓ ମଧୁର ପରି ଜଣାଯାଏ । ଶ୍ରୀ ମିଶ୍ରଙ୍କର 'ଅନ୍ଧ ମହୁମାଛି' ଏକ ବହୁ ଚର୍ଚ୍ଚିତ କବିତା । ଏଠାରେ କବି ଆପଣାର ଏକ ମହାର୍ଘ୍ୟ ଅନୁଭବର କଥା କହିଛନ୍ତି ଯେଉଁଠାରେ ଆମେ ତାଙ୍କର ଜୀବନ ଦର୍ଶନକୁ ସୁନ୍ଦର ଭାବରେ ଲକ୍ଷ୍ୟ କରିପାରିବା । କବି ଶ୍ରୀ ମିଶ୍ରଙ୍କ କବିତାମାନଙ୍କରେ ଗଭୀର ଦାର୍ଶନିକତାର ଛାପ ଦୃଶ୍ୟମାନ ହୋଇଥାଏ । ତାଙ୍କର 'ଅନ୍ଧ ମହୁମାଛି' କବିତା ସଂପର୍କରେ ଡ. ମାଳବିକା ରାୟ ତାଙ୍କର "ସୌଭାଗ୍ୟ କୁମାର ମିଶ୍ରଙ୍କର କବିତାରେ ମିଥ୍ ଚେତନା" ପ୍ରବନ୍ଧରେ ଯଥାର୍ଥରେ ଲେଖିଛନ୍ତି, "'ଅନ୍ଧ ମହୁମାଛି' କବିତାରେ ସୌଭାଗ୍ୟ ମିଶ୍ର କୌଣସି ମିଥ୍ ଚରିତ୍ରର ନାମୋଲ୍ଲେଖ କରିନାହାନ୍ତି । ଅଥଚ ସେଥିରେ ମିଥ୍ ଅନୁଷଙ୍ଗ ବଡ ଗଭୀର ଭାବରେ ଅନୁସୃତ । ଅନ୍ଧ ମହୁମାଛି ଅନ୍ତର୍ଦୃଷ୍ଟିର ପ୍ରତୀକ । ସୌଭାଗ୍ୟ ମିଶ୍ରଙ୍କ କବିତାକୁ ଆମୂଳାନ୍ତ ଅନୁଧାବନ କଲେ ଯେ କେହି ଲକ୍ଷ୍ୟ କରିପାରିବେ ଯେ, ସେ ବହିର୍ଦୃଷ୍ଟିରଅସାରତା ସମ୍ବନ୍ଧରେ ବଡ ସଚେତନ ଥିଲେ ।" ଶ୍ରୀ ମିଶ୍ର ନିଜର ଗଭୀର ଅନ୍ତର୍ଦୃଷ୍ଟି ବଳରେ ସବୁଠାରେ ମଧୁର ସନ୍ଧାନ କରିପାରିଛନ୍ତି ଅନାୟସରେ । ସୁତରାଂ, ସେ ଜଣେ ଉଚ୍ଚକୋଟୀର ମାନବବାଦୀ କାବ୍ୟଶିଳ୍ପୀ ଅଟନ୍ତି ।

କବି ଶତ୍ରୁଘ୍ନ ପାଣ୍ଡବ ହେଉଛନ୍ତି ଚଳନ୍ତି ସମୟର ଜଣେ ଉଦାର କାବ୍ୟଶିଳ୍ପୀ । ସେ ଆଜୀବନ ଯେଉଁ କବିତା ରଚନା କରିଛନ୍ତି ତାହା କାଳଜୟୀ ଓ ରସସିକ୍ତ । ଜୀବନାନୁଭୂତିକୁ ପାଥେୟ କରି ହୃଦୟର ଅନାବିଳ ପ୍ରେମକୁ ସ୍ୱତଃସ୍ଫୂର୍ତ୍ତ ରୀତିରେ ପ୍ରକାଶ କରିବାର ଅପୂର୍ବ କଳା ପାଟବତା ହାସଲ କରି

ପାରିଥିବା ମନେହୁଏ। ସେ ଜଣେ ଗଭୀର ଅର୍ନ୍ତଦୃଷ୍ଟି ସଂପନ୍ନ ଜୀବନବାଦୀ କାବ୍ୟଶିଳ୍ପୀର ମାନ୍ୟତା ଦାବୀ କରନ୍ତି। ତାଙ୍କର ମୃଗୁଣୀ ସ୍ତୁତି, ବାଘ, ସାପ, ମୃଗୟା ଆଦି କବିତାମାନଙ୍କରେ ଜୀବନର ବହୁ ଅନୁଭବକୁ ଆନ୍ତରିକତାର ସହିତ ପ୍ରକାଶ କରାଯାଇପାରିଛି ମାଧୁର୍ଯ୍ୟପୂର୍ଣ୍ଣ ଭାଷା ଓ ଭାବରେ। କବି ନିରୀହ ମୃଗିଣୀର ମନୋଭାବକୁ ଗୁଟିପୂର୍ଣ୍ଣ ଭାଷାରେ ପ୍ରକାଶ କରିବାକୁ ଯାଇ କହିଛନ୍ତି, "ବସନ୍ତକୁ ଆସିଛି ଯେତେ ବାର/ ସେଠାରେ ଖୋଜିଛି ନିୟତ ସେଇ/ ନିର୍ମମ ହୃଦୟ ବ୍ୟାଧକୁ/ଯିଏ ମୃଗୁଣୀ ଶିକାର ଲାଗି/ ପାତିଥିଲା ଜାଲ ଏବଂ ମାତୃତ୍ୱର ଆଣ୍ଠ ନେଇ/ ଆସନ୍ନ ପ୍ରସବା ମୃଗୁଣୀ ଶାବକକୁ ଘେରି କେମିତି/ କାତର ଆଖିରେ ଚାହିଁଥିବ ବ୍ୟାଧର ସେ/ଶକ୍ତ ଜାଲ.... ହେ ହେ ରକ୍ତାକ୍ତ ଆଖିକୁ.../ ତା' ଚାହାଣୀ ପରି ସାପ କୁକୁରର ନଖଦନ୍ତ..../ ତା' ଆଖିରେ ଜଳୁଥିବା ଲେଲିହାନ ଶିଖା ପରି/ ନିଆଁର ଧାସକୁ"(ମୃଗୁଣୀସ୍ତୁତି- ଦୃଶ୍ୟବୋଧ) କବି ଡାକ୍ତର ପାଣ୍ଡବଙ୍କ ଦିବ୍ୟ ଚେତନାରେ ଇତର ପ୍ରାଣୀ ମୃଗୁଣୀର ସ୍ନେହବୋଳା ଦୃଷ୍ଟିକୁ ପରଖିବାର ପ୍ରଚେଷ୍ଟାକୁ ନିଶ୍ଚୟ ପ୍ରଶଂସା କରାଯାଇପାରେ। ଜୀବନର ସମସ୍ତ ତିକ୍ତ, ମଧୁର ଅନୁଭବମାନଙ୍କୁ ଏପରି ସରସପୂର୍ଣ୍ଣ କବିତା ମାଧ୍ୟମରେ ପ୍ରକାଶ କରିବାରେ ସେ ଧୁରୀଣ ଅଟନ୍ତି। କବିତାର କ୍ଷୁଦ୍ର କଳେବର ମଧ୍ୟରେ ଅର୍ଥାବହ ସୂକ୍ଷ୍ମ ଅନୁଭବର ଯଥାଯଥ ପରିପ୍ରକାଶ କ୍ଷେତ୍ରରେ ଡକ୍ଟର ପାଣ୍ଡବ ଯଥେଷ୍ଟ ସଫଳତା ଲାଭ କରିଥିବାର ମନେହୁଏ। ଏଣୁ ଉତ୍ତର-ସତୁରୀ ଓଡିଆ କବିତା ପରିଚର୍ଚ୍ଚା ସମୟରେ ତାଙ୍କର କାବ୍ୟଧାରାକୁ ବିଚାର ନିଆଯିବା ବିଧେୟ।

ଉତ୍ତର-ଆଧୁନିକ କାଳରେ କବି ସୌଭାଗ୍ୟବନ୍ତ ମହାରଣା ଜଣେ ସୃଜନଶୀଳ ମାନବବାଦୀ କାବ୍ୟସ୍ରଷ୍ଟା ଭାବରେ ସୁପରିଚିତ ହୋଇପାରିଛନ୍ତି। ଆପଣାର ଅନୁଭବମାନଙ୍କୁ ଯଥାଯଥ ଭାବରେ କବିତାରେ ସ୍ଥାନିତ କରିବାର ବିରଳ ଗୌରବ ଲାଭ କରିବାର ଜଣାଯାଏ। ଆପଣାର ତନୁମନେ ଯେଉଁ ଅପୂର୍ବ ଭାବାବେଗ ସୃଷ୍ଟି ହୁଏ, ତାର ଏକ କଳାତ୍ମକ ରୂପଚର୍ଯ୍ୟା ପ୍ରକାଶରେ ସେ ଗଭୀର ମନୋନିବେଶ କରିଛନ୍ତି ଅଧିକ ରମଣୀୟ ଢ଼ଙ୍ଗରେ। ତାଙ୍କ କବିତାମାନଙ୍କରେ ଜୀବନର ସକଳ ବ୍ୟଥା, ବେଦନା, ଯନ୍ତ୍ରଣା, କ୍ଳେଶ, ମାଦକତା, ମଧୁର ଅନୁଭବ ଆଦିର ମିଳିତ ଇସ୍ତାହାର ପ୍ରକାଶିତ ହୋଇଥିବାର ଲକ୍ଷ୍ୟ କରାଯାଇପାରେ ଅଧିକ ରସାଳ ରୀତିରେ ସେ ପ୍ରେମ ଓ ପ୍ରଣୟର କବି। କବିତା ଭିତରେ ଜୀବନର ବହୁ ଘଟଣା-ଦୁର୍ଘଟଣାର ଚରିତ୍ର ଓ ଚରିତ୍ର ପରିବ୍ୟାପ୍ତ ହୋଇପାରିଛି। ଯୁଗ୍ମ ଭାବାବେଗକୁ ସରସ, ସୁନ୍ଦର ତଥା ମାର୍ମିକ ଭାବରେ ଅଭିନବ ଶୈଳୀରେ ପ୍ରକାଶ କରିବାର ଅଭିନବ ମାର୍ଗଟି ଏକାନ୍ତ ଭାବରେ ତାଙ୍କର ଆପଣାର ପରି ମନେହୁଏ। ତାଙ୍କର ପତଙ୍ଗ ପ୍ରତୀକ, ଅଜଗର, ସରୀସୃପୀୟ, ପକ୍ଷୀ ସଂବାଦ, ମରୁଭୂମିରେ ନୀଳ ପ୍ରଜାପତି, ସେ ପକ୍ଷୀକୁ ପଚାର, ଶଂଖଚିଲର ସହର, ଏକଲା ପକ୍ଷୀର ଦୁଃଖ, ବସ୍ତିକୁକୁର, ପ୍ରଜାପତିର ପୃଥିବୀ ଆଦି କବିତାମାନଙ୍କରେ ବିଭିନ୍ନ ଇତର ପ୍ରାଣୀମାନଙ୍କ ପ୍ରତି ଥିବା ଦରଦୀ ମନୋଭାବକୁ ସ୍ୱଚ୍ଛ ଭାବରେ ଲକ୍ଷ୍ୟ କରାଯାଇପାରେ। ଏଣୁ ସେ ଜଣେ ପ୍ରବୀଣ କାବ୍ୟଶିଳ୍ପୀ ଭାବରେ ପଶୁପକ୍ଷୀମାନଙ୍କୁ ବିଶେଷ ଭଲ ପାଇଛନ୍ତି ଓ ସେମାନଙ୍କ ଜୀବନଚର୍ଯ୍ୟାକୁ ନିରୀକ୍ଷଣ କରିଛନ୍ତି ଖୁବ୍ ନିକଟତର ହୋଇ। ତାଙ୍କରି ଭାଷାରେ, "ଭିଡି ମୋଡି ହେବାର ଦୁର୍ବାର ଇଚ୍ଛାକୁ/କିଏ ବା ରୋକି ପାରିବ/ କାଠଗଣ୍ଡିଟିଏ ଭଳି ପଡିଥିବା/ ସେ ସରୀସୃପ ଚିତ୍ର ବିଚିତ୍ର ଦେହକୁ ?" (ଅଜଗର- ଦୃଶ୍ୟାନ୍ତରର ନାୟକ) କବିତାର ଦୃଷ୍ଟି ଓ ଦିଗନ୍ତ ଭିତରେ ନିଜକୁ ହଜାଇ ଦେଇଛନ୍ତି କବି ସୌଭାଗ୍ୟବନ୍ତ। ସୁତରାଂ, ସେ ଜଣେ ପ୍ରବଳ ଆତ୍ମମୁଖୀତା ପ୍ରଦର୍ଶନ କରିପାରୁଥିବା ଉତ୍କୃଷ୍ଟ ଧରଣର କାବ୍ୟଶିଳ୍ପୀ।

କବି ତୀର୍ଥାନନ୍ଦ ମିଶ୍ର, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଭଗବାନ ଜୟସିଂହ, ଦିଲିପ ଦାସ, ପ୍ରମୋଦ କୁମାର ମହାନ୍ତି ଆଦି କବିମାନଙ୍କ କବିତାରେ ଯେ ଇତର ପ୍ରାଣୀମାନଙ୍କର ଉପରେ ଯଥେଷ୍ଟ ଆଲୋକପାତ କରାଯାଇଛି। ପ୍ରମୋଦ କୁମାର ମହାନ୍ତିଙ୍କ 'ଗେଣ୍ଡା', ତୀର୍ଥାନନ୍ଦ ମିଶ୍ରଙ୍କର ପକ୍ଷୀ, ପକ୍ଷୀଟିଏ ହେଲେ, ବାଘ, ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କର "କୁକୁଡା ଲଢ଼େଇ", ହରିଶଙ୍କର ବଡପଣ୍ଡାଙ୍କର ମୃଗୁଣୀସ୍ତୁତି, ଗୁହାଳରେ ବନ୍ଧା ହୋଇଥିବା ଗାଈ ଆଦି କବିତାମାନଙ୍କରେ ମାନବେତର ପ୍ରାଣୀମାନଙ୍କର ମାର୍ମିକ ଚିତ୍ର ଓ ଚରିତ୍ର ବେଶ୍ ମନୋରମ ଶୈଳୀରେ ପରିବେଷଣ କରାଯାଇପାରିଛି। କବି ପ୍ରଦ୍ୟୁମ୍ନ କେଶରୀ ସେନାପତି ତାଙ୍କ କବିତାରେ ନିରୀହ ପକ୍ଷୀ କୁକୁଡାମାନଙ୍କର ଲଢ଼େଇ କରାଯାଏ ନିଜର କୌତୁହଳ ନିମନ୍ତେ। କିନ୍ତୁ ଲହୁଲୁହାଣ ହୋଇଯାଏ କୁକୁଡାଟି, ତାର ଏହି ହୃଦୟବିଦାରକ ଦୃଶ୍ୟ ଅବଲୋକନ କରି କବି ଗଭୀର ବ୍ୟଥିତ କଣ୍ଠରେ ଗାଇଛନ୍ତି, "ଲଗା ସରିଛି ଟଙ୍କାର ବାଜି/ ଯୁଦ୍ଧକୁ ନେଇ କେତେବେଳେ ପୁରୁଣା କଥାର/ ଚାଲିଚି ପୁନରାବୃତ୍ତି/ କଥା କଥାକେ ଜିଦାଜିଦି/ ଦେଖିବା ନାଲିଆ ନା କାଳିଆ ଅଜି କିଏ ଜିତୁଚି।" (କୁକୁଡା ଲଢ଼େଇ- ପୁରାଣନଦୀ) କାହାର ପୁଷ୍ଟ ମାସ ତ ପୁଣି ଆଉ କାହାର ସର୍ବନାଶ। ମଣିଷ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ କୁକୁଡା ଲଢ଼େଇ ମାଧ୍ୟମରେ ନିଜର ହୀନ ଲାଳସାକୁ ଚରିତାର୍ଥ କରିଥାଏ, ମାତ୍ର ନିରୀହ କୁକୁଡାର ଏହି ଖେଳ ଯେ କାଳ ପାଲଟିଯାଏ, ଏହି ସାଧାରଣ ମୂର୍ଖ ମଣିଷର ଚିନ୍ତାରେ ପଶି ପାରେନା। ମାନବିକ ମୂଲ୍ୟବୋଧ ହରାଇ ବସେ ଓ ପକ୍ଷୀ ଉପରେ ଦାଉ ସାଧେ, ଯାହାକି ଅତ୍ୟନ୍ତ ଅମାନବୀୟ ଘଟଣା ଅଟେ। ଏପରି କାର୍ଯ୍ୟ ଏକାନ୍ତ ଭାବରେ ନିନ୍ଦନୀୟ ଓ ଘୃଣ୍ୟ ମଧ୍ୟ।

ସାଂପ୍ରତିକ ଓଡିଶା କାବ୍ୟଧାରାର ବହୁ କବି ଇତର ପ୍ରାଣୀମାନଙ୍କ ଉପରେ କବିତା ରଚନାର ପରଂପରା ଅବ୍ୟାହତ ରଖିଯାଇଛନ୍ତି। ଅବଦୁଲ୍ ଓସିଦ୍ ଖାଁଙ୍କର 'ପକ୍ଷୀର ଡାକ', ଜାକିର ଖାନ୍‌ଙ୍କର 'ଜିଆ', ନିହାରିକା ମିଶ୍ରଙ୍କର 'ଡେଣା', ବୀଣାପାଣି ମହାନ୍ତିଙ୍କ 'ଚଢ଼େଇ', ରଘୁନାଥ ସାମଲଙ୍କ 'ଗାଈ', ସୁଭାଷ ମହାନ୍ତିଙ୍କ 'ବାଘ, ହୃଦାନନ୍ଦ ପାଣିଗ୍ରାହୀଙ୍କର 'କୋଇଲି' ଆଦି ରଚନାମାନଙ୍କରେ ମାନବେତର ପ୍ରାଣୀମାନଙ୍କର ବହୁବିଧ ରୂପଚର୍ଯ୍ୟାକୁ ଅନୁଧ୍ୟାନ କରାଯାଇପାରେ। ଏକାନ୍ତ ନିଜସ୍ୱ ରୀତିରେ କବିମାନେ ଆପଣା ଆପଣା ଦୃଷ୍ଟିଭଙ୍ଗୀ ଅନୁସାରେ ଯାହା ଉପଲବ୍ଧ କରିପାରିଛନ୍ତି, ତାର ଏକ ମାର୍ମିକ ଅଭିବ୍ୟକ୍ତି ପ୍ରକାଶ କରିଯାଇଛନ୍ତି କବିତାର ପଦ ପଂକ୍ତିମାନଙ୍କରେ। ସାଂପ୍ରତିକ କବିମାନଙ୍କର ଦୃଷ୍ଟିକୋଣ ଏକାନ୍ତ ଅଭିନବ ଏବଂ ସ୍ୱାଗତଯୋଗ୍ୟ ବିଷୟ। ସାଂପ୍ରତିକ ସମୟର ବରିଷ୍ଠ କବି ଶ୍ରୀ ରାଜେଶ କିଶୋର ପଣ୍ଡାଙ୍କର ଏକାଧିକ କବିତାମାନଙ୍କରେ ଇତର ପ୍ରାଣୀମାନଙ୍କର ଚିତ୍ର ଓ ଚରିତ୍ର ବେଶ୍ ମନୋଜ୍ଞ ରୀତିରେ ପ୍ରକାଶିତ ହୋଇପାରିଛି। ଶ୍ରୀ ପଣ୍ଡା ଜଣେ ଜୀବନବାଦୀ କାବ୍ୟଶିଳ୍ପୀ। ତାଙ୍କ କବିତାରେ ମାନବେତର ଚରିତ୍ର ପ୍ରତି ଗଭୀର ଅନ୍ତର୍ଦୃଷ୍ଟି ନିକ୍ଷେପ କରାଯାଇପାରିଛି। ଜିଆ, ମଇଁଷିର ମୃତ୍ୟୁ, ପେଚା ପ୍ରତି ଈଶ୍ୱର, ଶାଗୁଣାର ମଦ୍ଦ, ହିସାବ

ନେଳିରେ ପକ୍ଷୀ, ନାଲି ଡେଣା, ପ୍ରବନ୍ଧ ଲିଖନ: ହାତୀ, ଭଲ୍ଲୁକ, ସିଂହି ଗୁହାରୋ, ମାଛ, ଘୋଡା ସପ୍ନ, ଶୁକପକ୍ଷୀ, ପକ୍ଷୀ ସହିତ ଆକାଶ, ଶାଗୁଣା ପାଦ ତଳେ ଆକାଶ, ପ୍ରଜାପତିର ମୃତ୍ୟୁ ଆଦି କବିତାମାନଙ୍କରେ ପଶୁ, ପକ୍ଷୀମାନଙ୍କର ଜୀବନଚର୍ଯ୍ୟାର ଏକ ନଗ୍ନ ରୂପକୁ ଆବିଷ୍କାର କରାଯାଇପାରେ। ତାଙ୍କର 'ଜିଆ' କବିତା ଭିତରେ ଜୀବନ ଦର୍ଶନ କିପରି ରୂପାୟିତ ହୋଇପାରିଛି, ତାହା ସୂକ୍ଷ୍ମ ଭାବରେ ନିରୀକ୍ଷଣ କରାଯାଇପାରେ। ନିର୍ଦ୍ଦିଷ୍ଟ ଭାଷାରେ, "ମାଟିକୁ ଏତେ ଭଲ ପାଏ ଯେ/ ଲଂବେ ଲଂବେ ଲୋଟାଉଥାଏ ସାରା ଶରୀର/ ଉଠିପାରେନା ଛାଡିପାରେନା/ ଦିଗଡ କରି କାଟିଦିଅ ତାକୁ..../ ଟିକେ ବି ନାହିଁ ପ୍ରତିବାଦ/ ଦିଓଟିଯାକ ମୁଁ ତାର ଚାଲି ରଂହଟି ସେମିତି।" (ଜିଆ ଶୈଳକଳ୍ପ) କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଏକ ସାଧାରଣ ଜୀବ ଜିଆ ପ୍ରତି ଯେଉଁ ଗଭୀର ମମତ୍ୱବୋଧ ପ୍ରକାଶିତ ହୋଇଛି, ତାହା ଅତ୍ୟନ୍ତ ଅସାଧାରଣ ତଥା ଅନନ୍ୟ। ଏକ ଛୋଟିଆ ଜୀବ ଭାବରେ ଜିଆ ଭିତରେ ମାଟି ପ୍ରତି ଯେଉଁ ଆନ୍ତରିକ ପ୍ରବଣ ମାନସିକତାର ଉଦ୍ରେକ ଘଟିଛି, ତାହା ମଣିଷ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି ନିଶ୍ଚୟ। ସୁତରାଂ, କାଳ ଓ କଳା ସଚେତନ ସାରସ୍ୱତ ସ୍ରଷ୍ଟା ଭାବରେ ଶ୍ରୀ ପଣ୍ଡା ଏକ ସମ୍ମାନଜନକ ସ୍ଥାନ ଦାବି କରନ୍ତି ନିଶ୍ଚୟ।

ସମକାଳୀନ ଓଡିଶା କାବ୍ୟଧାରାରେ ବହୁ ତରୁଣ ଏବଂ ପ୍ରଦୀପ୍ତ କାବ୍ୟଶିଳ୍ପୀ ଗଭୀର ତ୍ୟାଗ, ନିଷ୍ଠା ଓ ଶ୍ରମବଳରେ ଆପଣା ଆପଣାର ସ୍ୱର ଓ ସାକ୍ଷର ସୃଷ୍ଟି କରିପାରିଛନ୍ତି ଭିନ୍ନ ଭିନ୍ନ ଢ଼ଙ୍ଗରେ। ଏଠାରେ ବିନ୍ଦୁରେ ସିନ୍ଧୁ ଦର୍ଶନ ନ୍ୟାୟରେ ମାତ୍ରକେତେ ଜଣ ସାରସ୍ୱତ ସ୍ରଷ୍ଟାଙ୍କର ସୃଷ୍ଟି-ସମ୍ଭାର ଉପରେ ଆଲୋକପାତ କରାଯିବାର ପ୍ରଚେଷ୍ଟା ମାତ୍ର କରାଯାଇଛି। ଏତଦ୍‌ବ୍ୟତୀତ ବହୁ ସ୍ରଷ୍ଟାଙ୍କର କବିତାକୁ ଏଠାରେ ସ୍ଥାନିତ କରାଯାଇପାରିନଥିବାରୁ ମୁଁ ବିଶେଷ ପରିମାଣରେ ଦୁଃଖିତ। ପରବର୍ତ୍ତୀ ଆଲୋଚନାମାନଙ୍କରେ ସେମାନଙ୍କୁ ସ୍ଥାନିତ କରାଯିବ ନିଶ୍ଚୟ। ଏହି ପ୍ରବନ୍ଧର କ୍ଷୁଦ୍ର କଳେବର ମଧ୍ୟରେ ସମସ୍ତଙ୍କୁ ସ୍ଥାନିତ କରାଯାଇପାରିବ ନାହିଁ। ଏଣୁ ପ୍ରତିଭାଧର କବି ଓ ଲେଖକର ସ୍ଥାନ ନିଶ୍ଚୟ ସୁରକ୍ଷିତ ହୋଇ ରହିଛି କୋଟି-ଅନନ୍ତ-କାଳ ପର୍ଯ୍ୟନ୍ତ। ସୁତରାଂ, ସାଂପ୍ରତିକ ଓଡିଆ ସାହିତ୍ୟରେ ମାନବେତର ଚରିତ୍ର ଓ ଚିତ୍ର ଏକାନ୍ତ ଭାବରେ ଏକ ପ୍ରଣିଧାନଯୋଗ୍ୟ ବିଷୟ। ଏହାର ଆଲୋଚନା ଏକାନ୍ତ ଅପରିହାର୍ଯ୍ୟ ଅଟେ। ଏଥିପାଇଁ ଆନ୍ତରିକ ତଥା ସାରସ୍ୱତ ଉଦ୍ୟମର ଆବଶ୍ୟକତାକୁ ଆଦୌ ଅସ୍ୱୀକାର କରାଯାଇନପାରେ।

ସହାୟକ ଗ୍ରନ୍ଥସୂଚୀ


୧. କର, ବାଉରୀବନ୍ଧୁ- ଓଡିଆ ସାହିତ୍ୟର ଇତିହାସ- ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ, ୧୯୮୯।

୨. ଧଳ, ଶ୍ରୀହରି- ଫେରିବି ପକ୍ଷୀ ହୋଇ- ପ୍ରଗତି, ସନ୍ତୁ ମାଧବ, ଯାଜପୁର-୧, ପ୍ରଥମ ସଂସ୍କରଣ-୨୦୧୧।

୩. (କ) ନାୟକ, ବିପିନ୍- ବନ୍ଦ ଘରର ବାସ୍ନା- ସାକ୍ଷର, ରୋଭର୍ସ ଷ୍ଟ୍ରିଟ୍, କଟକ, ପ୍ରଥମ ପ୍ରକାଶ-୨୦୦୨।

(ଖ) ଆଲୁଅର ଆତ୍ମଲିପି- ପ୍ରବାହ, ବଡବଜାର, ଯାଜପୁର-୧, ପ୍ରଥମ ସଂସ୍କରଣ-୨୦୦୭।

୪. ନାୟକ, ନିତ୍ୟାନନ୍ଦ- ଫେରିବା ବେଳ- ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପ୍ରଥମ ପ୍ରକାଶ-୨୦୦୪।

୫. ପଣ୍ଡା, ରାଜକିଶୋର- (ଶୈଳକଳ୍ପ) ସାଦାପୃଷ୍ଠା- * ପ୍ରଥମ ସଂସ୍କରଣ, ୨୦୦୩।

୬. ପାଟଶାଣୀ, ପ୍ରସନ୍ନ- ନୀଡଭଂଗା ପକ୍ଷୀ- ବିଶ୍ୱମୁକ୍ତି, ଶହୀଦନଗର, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୦୮।

୭. ପାଣ୍ଡବ, ଶତ୍ରୁଘ୍ନ- ଆଧୁନିକ ଓଡିଆ କବିତାର ଉତ୍ତରାୟଣ- ଆର୍ଯ୍ୟ ବେଦାନ୍ତ ପବ୍ଲିକେଶନ୍, ନୟାପଲ୍ଲୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୦୭।

୮. ପାଣ୍ଡବ, ଶତ୍ରୁଘ୍ନ- ଦୃଶ୍ୟବୋଧ- ଚିତ୍ରୋତ୍ପଳା ପବ୍ଲିକେଶନ୍, ସାଲେପୁର, କଟକ, ପ୍ରଥମ ସଂସ୍କରଣ-୨୦୦୪।

୯. ପ୍ରଧାନ, କୃଷ୍ଣଚନ୍ଦ୍ର (ସଂ)- ସ୍ଥିର ସୂର୍ଯ୍ୟ ଅଥୟ ପୃଥିବୀ : ସୌଭାଗ୍ୟ ମିଶ୍ର କାବ୍ୟସମ୍ଭାର- ଫ୍ରେଣ୍ଡସନ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ-୨୦୦୩।

୧୦. ପ୍ରଧାନ, ଶରତ ଚନ୍ଦ୍ର- ଅଦୃଶ୍ୟ ଡଗର- ବିଜୟିନୀ ପବ୍ଲିକେଶନ୍, ଅରୁଣୋଦୟ ମାର୍କେଟ୍, ପ୍ରଥମ ପ୍ରକାଶ-୨୦୧୨।

୧୧. ମହାରଣା, ସୌଭାଗ୍ୟବନ୍ତ- ଦୃଶ୍ୟାନ୍ତରର ନାୟକ- କାବ୍ୟଲୋକ, ୟୁନିଟ-୧, ଭୁବନେଶ୍ୱର, ପ୍ରଥମ ପ୍ରକାଶ- ୨୦୦୭।

୧୨. ମାନସିଂହ, ମାୟାଧର- ଓଡିଆ ସାହିତ୍ୟର ଇତିହାସ- ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ, ପରିମାର୍ଜିତ ନୂତନ ସଂସ୍କରଣ- ୧୯୯୬ ।

୧୩. ମିଶ୍ର, ଡ. ପଞ୍ଚାନନ- ସାହିତ୍ୟ ସମାଲୋଚନା ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଂଗ- ବିଜୟିନୀ ପବ୍ଲିକେଶନ୍ସ, ଅରୁଣୋଦୟ ମାର୍କେଟ୍, କଟକ, ପ୍ରଥମ ପ୍ରକାଶ- ୨୦୧୪।

୧୪. ମିଶ୍ର, ସୌଭାଗ୍ୟ କୁମାର - ମାତ୍ରା ସ୍ୱର୍ଣ- ପକ୍ଷିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୦୯ ।

୧୫. ଶତପଥୀ, ନିତ୍ୟାନନ୍ଦ- ସବୁଜରୁ ସାଂପ୍ରତିକ- ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ-୧୯୮୫ ।

୧୬. ସେନାପତି, ପ୍ରଦ୍ୟୁମ୍ନ କେଶରୀ- ପୁରାଣ ନଦୀ- ଶ୍ରଦ୍ଧା ପବ୍ଲିକେଶନ୍ସ, ବାଲେଶ୍ୱର, ପ୍ରଥମ ପ୍ରକାଶ-୨୦୧୨ ।

ଅଧ୍ୟାପକ, ଓଡ଼ିଆବିଭାଗ
ଏସ୍.ଆର୍.ଡି.ଏମ୍.ଏନ୍(ପି)ମହାବିଦ୍ୟାଳୟ
ସର୍ଗୀପାଲି, ଜି-ସୁନ୍ଦରଗଡ (ଓଡ଼ିଶା)
ପିନ୍-୭୭୦୦୨୧
ଭ୍ରାମ୍ୟଭାଷ :- ୯୮୬୧୩୬୪୩୯୫

COURIERS

*With Best Compliments from :*

# AJ-DEEP SERVICES

**DOMESTIC & INTERNATIONAL COURIER & CARGO**

# SARASWATI INTERNATIONAL

**( INTERNATIONAL COURIER & CARGO )**

• FIRST FLIGHT • DTDC • BLAZE FLASH • BLUE DART • PROFESSIONAL • DHL • FEDEX • ARAMEX

# JAGANNATH HOTEL

**(BREAKFAST - LUNCH - DINNER - VEG.- NON VEG. & OUTDOOR CATERING)**

**Head Office :** A-33, D.D.A. Flat, New Ranjit Nagar, Opp. Satyam Cinema, New Delhi-110008 Phones : +91-11-25895237, 25891151

**Head Office :** 303, Durga Tower, Plot No. 10, Sector-4, Dwarka, New Delhi-75 Phone : +91-11-28084253

**E-mail : ajdeep2000@gmail.com**

# ଚୋର

ଅନ୍ତର୍ଯ୍ୟାମୀ ସରଘରିଆ



ମୋତେ ଯେତେବେଳେ କୋଡ଼ିଏ ବର୍ଷ ପୁରିଲା ବାପା ମୋ' ଉପରେ ଖାଲି ଗରଗର ହେଲା, ତା'ର ମୋର ସବୁବେଳେ ଝଗଡ଼ା ହେଲା, ବାପା ସବୁବେଳେ କହିଲା ତୁ ବିଲକୁ ଯା', ଲଙ୍ଗଳ କଣ୍ଢି ଧର । ମା' ବି ତା' କଥାକୁ ସମର୍ଥନ କଲା । ମା' କହିଲା- "ହଇରେ କାଳିଆ ! ଏଡ଼େ ଭେଣ୍ଡିଆଟେ ହେଲୁଣି, ଚାହିଁଲେ ଦଶଜଣ ମରଦଙ୍କୁ ଏକା ଲଢ଼ିପାରିବୁ, ତୁ ଏମିତି ମାଇଚିଆଙ୍କ ଭଳି ଘରେ ବସିଛୁ କ'ଣ ? ଯା' ବିଲରେ ଖଟି ମାଟି ମା' ସାଙ୍ଗରେ ଏକ ହୋଇଯା' ।" ମୁଁ ସେସବୁ ପାରିବିନି, ମୁଁ କାହିଁକି ମାଟି ସାଙ୍ଗରେ ମାଟି ହେବି ?ମୁଁ ମୋର ଘରେ ଖାଇବି ଆଉ ଗାଁ ପୋଖରୀରେ ବନଶୀ ପକାଇ ମାଛ ଧରିବି ।

ଭଉଣୀ ବାହାଘର ଲାଗିଥାଏ । ଦିନେ ଗାଁ ହାଟରୁ ଫେରି ଦେଖିଲି ଘରେ ଅନେକ କୁଣିଆ, କଥା କ'ଣ ! ଓଃ.. ! ଭଉଣୀକୁ ଦେଖିବାକୁ ଆସିଛନ୍ତି । ମୁଁ ସମସ୍ତଙ୍କ ନଜରକୁ ଆଡ଼େଇ ଘର ଭିତରକୁ ଯାଉଥାଏ, ଭଦ୍ରଲୋକ ଜଣେ ବାପାକୁ ପଚାରିଦେଲେ, ଇଏ କିଏ ? ବାପା କହିଲା- ଆମ ପୁଅ । ଭଦ୍ରଲୋକ କହିଲେ ବାଃ... ବେସ୍ ଚେହେରା ତ' ହୋଇଛି । ପୁଅ ତୁମେ ତ' ଏକା ଦିନକେ କୋଡ଼ିଏ ଗୁଣ୍ଠ ଜମି ଚଷୁଥିବ ? ମୋ' ବାପା କ'ଣ କହିଆସୁଥିଲା, ମା' କହିଲା- ହଁ ଆମ ପୁଅ ବିଲକୁ ଗଡ଼ିଲେ ଏକା ଛଅପଣ ଚଳା ଭିଣି ପକାଏ । ଭଦ୍ରଲୋକମାନେ ଚାଲିଗଲେ । ବାପା କହିଲା- ଶୁଣିଲୁ ତ, କ'ଣ କହିଲେ ଭଦ୍ରଲୋକମାନେ ! ତୋ' ମା' ଆଜି ତୋ' ଇଜ୍ଜତ ରଖିଦେଲା । ମା' କହିଲା- ବାପା ! ତୋ' ଭଉଣୀ ତ' କାଲି ପରଘରୀ ହୋଇଯିବ, ତା' ପରେ ଆମେ ଘରକୁ ବୋହୂଟେ ଆଣିବୁ ନା ନାହିଁ ? ଟଙ୍କାଟିଏ ରୋଜଗାର ନ କଲେ କିଏ ଆମ ଘରେ ଝିଅ ଦେବ ?ବାପା କହିଲା- ରୂପ ତ ରାକ୍ଷସର, ସେଥିରେ ରୋଜଗାର ଶୂନ, ଏ ପୁଣି ଘରକୁବୋହୂ ଆଣିବ ?

ସବୁଦିନ ଭଳି ସେଦିନ କଥାଟା ବାଁଏଁ ବାଁଏଁ ଉଡ଼ାଇ ଦେଇପାରିଲିନି । କଥାଟା ମୋ' କଲିଜାକୁ ବାଧିଲା । ରାତିରେ ନିଦ ହେଲାନି । ଭାବିଲି, କ'ଣ କରିବି ? ବାପ ସାଙ୍ଗରେ ବିଲକୁ ଯିବି ? ଆଉ କ'ଣ କିଛି ସହଜ ପନ୍ଥା ନାହିଁ ? ସକାଳୁ ସକାଳୁ ନିଦ ହେଲା । ଉଠିଲାବେଳକୁବେଳ ଦୁଇଘଡ଼ି । ଦିନ ଦୁଇପହରକୁପୋଖରୀ ଗାଧୋଇବାକୁ ଯାଉ ଯାଉ ଦେଖିଲି ମଧୁ ସାହୁ ବାଡ଼ିରେ ଘେରି ଜାଲଟେ ଶୁଖୁଛି । କ'ଣ ମନ ହେଲା କେଜାଣି, ଚାରିଆଡ଼କୁ ନିଘା କରି ଜାଲଟିକୁ ନେଇ ଚାଲିଲି ପୋଖରୀ କୂଳକୁ । ଧୁ ଧୁ ଖରାବେଳ, ପୋଖରୀ କୂଳ ଶୁନ୍‌ଶାନ୍ । ମନ ଇଚ୍ଛା ମାଛ ମାରିଲି । ଆଉ ଜାଲଟିକୁ ନେଇ ବିଲ ମଝିରେ ଲୁଚାଇ ଦେଇ ସିଧା ସିଧା ଚାଲିଲି ମଧୁପୁର ହାଟକୁ । ହାଟରେ ମାଛ ବିକି ଭଉଣୀ ପାଇଁ ଶାଢ଼ୀଟେ କିଣି ବେଳ ନ ବୁଡୁଣୁ ଘରେ ପହଞ୍ଚିଲି । ଭଉଣୀ ମୋ'ର ଭାରି ଖୁସି ହେଲା । ହେଲେ ମା' ବଡ଼ ବଡ଼ ଆଖିରେ ମତେ ଅନେଇ ପଚାରିଲା- ପଇସା କେଉଁଠୁ ପାଇଲୁ ? ବାପା ଯାଇ ତା'ର ବଟୁଆ ଅଣ୍ଡାଳି ପକାଇଲା, ନା ବଟୁଆରେ ପଇସା ତ ଠିକ୍ ଠାକ୍ ଅଛି !ହଇରେ ପଇସା କେଉଁଠୁ ପାଇଲୁ ? ମତେ ତ କହୁଥିଲ ରୋଜଗାର କରୁନ୍ତୁ, ବୁଲୁଛୁ । ମୁଁ ମୋର ରୋଜଗାର କଲି । ପୁଣି ଏତେ କଥା କାହିଁକି ? ମୋତେ ଭୋକ କଲାଣି ଖାଇବାକୁ ଦେ' । ମୁଁ କାହା କଥାର କିଛି ବି ଉତ୍ତର ଦେଇପାରିବିନି । ମା' ଖାଇବାକୁ ବାଢ଼ିଲା । ହେଲେ ବାପା ଚିହିଙ୍କି ଉଠିଲା ରହ, ତାକୁ ଖାଇବାକୁ ଦେ' ନା । ସେ ଆଗ କହୁ ପଇସା କେଉଁଠୁ ପାଇଲା ? ଖାଇବା ଥାଳିରୁ ଉଠି ସିଧା ଚାଲିଲି ଗାଁ ମୁଣ୍ଡ ବରଗଛ ମୂଳକୁ ।

ପରଦିନ ସକାଳୁ ଗାଁ ସାରା ହାଲ୍ଲା - କୋଠ ପୋଖରୀରୁ ମାଛ ଚୋରି ହେବା ସଙ୍ଗେ ସଙ୍ଗେ ସାହୁ ଘର ଜାଲ ଚୋରି ହୋଇଯାଇଛି ।ବେଳ ଘଡ଼ିକରେ ଘରକୁ ଫେରିଲି । ବାପା ମତେ ଘରେ ପୂରାଇ ଦେଲାନି । ସେଇଦିନଠୁ ଘର ଛାଡ଼ିଲି । ତା' ପରଠୁ ଯେଉଁଠି ସଞ୍ଜ ହୁଏ ସେଇଠି ମୋ' ଘର । ଚଲା ପଥରେ ଯେଉଁଠି ଯାହା ପାଏ ମୋ ଗଣ୍ଠିଲିରେ ପୂରାଏ । ଧୀରେ ଧୀରେ ମଧୁପୁର ପଞ୍ଚୁମାଷ୍ଟର ସଙ୍ଗରେ ପରିଚୟ ହେଲା । ତାକୁ ମୋ' ଗଣ୍ଠିଲିରୁ କିଛି କିଛି ଜିନିଷ ଦିଏ, ତା' ବଦଳରେ ସେ ମୋ' ରାସ୍ତାକୁ ଅନେଇ ବସିଥାଏ । ମୁଁ ଆସିଲେ ସେ ଆଉ ତା' ସ୍ତ୍ରୀ ମୋତେ ଖୁବ୍ ଚର୍ଚ୍ଚା କରନ୍ତି । ପଞ୍ଚୁ ମାଷ୍ଟରର ଭଉଣୀ ମତେ କଣେଇ କଣେଇ ଚାହେଁ, ହେଲେ କେବେ ସାମ୍ନାକୁ ଆସେନା ।

ସମୟ ତାଳରେ ମୁଁ କାଳିଆରୁ ବିଖ୍ୟାତ କାଳିଆ ଚୋର ବନିଗଲି । ଏବେ ମୁଁ ଆଉ ଛୋଟ ମୋଟ ଚୋରି କରେନାହିଁ । ବେଳକାଳ ଉଣ୍ଡି ବଡ଼ବଡ଼ିଆଙ୍କ ସିନ୍ଧି ଚୋରି କରେ, ନ ହେଲେ ମୁହଁ ଅନ୍ଧାରରେ ଘରକଣରେ ଯାଇ ଲୁଚି ଯାଏ । ସମସ୍ତେ ନିଘୋଡ଼ ନିଦରେ ଶୋଇଲା ପରେ ମୁଁ ମୋ' କାମ ଆରମ୍ଭ କରେ ।

ପଞ୍ଚୁ ମାଷ୍ଟର ନିଶ୍ଚିନ୍ତକୋଇଲି ବଜାରରେ ମୋ' ପାଇଁ କୁଡ଼ିଆଟେ ଠିକ୍ କରିଦେଲା । ମୁଁ ସେଇଠି ଶୁଆବସା କଲି । ଆସ୍ତେ ଆସ୍ତେ ମୋ' ରୋଜଗାର ବଢ଼ିଲା । ଥରେ ସୁନା ପଲା ଦୁଇପଟ ବିକିବାକୁ ଯାଇ ନନ୍ଦୁ ବଣିଆ ପାଖରେ ଖୁବ୍ ହଲାପଟା ହେଲି । ନନ୍ଦୁ ମୋତେ ସନ୍ଦେହ ଦୃଷ୍ଟିରେ ଅନେଇ ପଚାରିଲା- ତତେ ତ' ମୁଁ ବଜାରରେ ଏଇ କେତେଦିନ ହେଲା ଦେଖୁଛି ! ଏକୁଟିଆ ନେଗେଡ଼ା ହୋଇ ବୁଲୁଛୁ । ଏ ସୁନାପଲା ପାଇଲୁ କେଉଁଠୁ ? ଏକ ଝଟକାରେ ପଲାକୁ ଛଡ଼ାଇ ନେଇ, ତା' ମାଆ ଭଉଣୀକୁ ଶୋଧି ସେ ଜାଗାରୁ ଛୁ ମନ୍ତର ହୋଇଗଲି । ସେଇଦିନଠୁ ଯାହାକିଛି ଆଣେ ପଞ୍ଚୁ ମାଷ୍ଟର ମାରଫତରେ ବିକ୍ରି ହୁଏ । ଅବଶ୍ୟ ଦିନ କେଇଟା ପରେ ନନ୍ଦୁ ବଣିଆ ସାଙ୍ଗରେ ମୋର ଖୁବ୍ ଜମିଗଲା । ଏବେ ଯାହାକିଛି ସୁନା ରୂପା ଆଣେ ପଞ୍ଚୁମାଷ୍ଟର, ନନ୍ଦୁ ଆଉ ମୋ' ଭିତରେ ଭାଗ ବଣ୍ଟା ହୁଏ । ଅବଶ୍ୟ ବଡ଼ ଭାଗଟା ମୋର ।

ଦିନ ଗଡ଼ି ଚାଲିଲା । ମୋ' ଦୌରାତ୍ମ୍ୟ ବି ବଢ଼ି ବଢ଼ି ଚାଲିଲା । ଲୋକେ ତ୍ରାହି ତ୍ରାହି ଡାକିଲେ । ଅନେକଥର ଧରା ପଡୁ ପଡୁ ବଞ୍ଚିଲି । ନିଶ୍ଚିନ୍ତକୋଇଲି

ବଜାରରେ ଭୀମା ହାବିଲଦାର ମୋ' ପଛରେ ଲାଗିଲା । ହେଲେ, କେବେ କିଛି ଖାସ୍ ପ୍ରମାଣ ମୋ' ବିରୁଦ୍ଧରେ ଯୋଗାଡ଼ କରିପାରିଲାନି । ଦିନେ ସକାଳୁ ସକାଳୁ ଯାଇ ପହଞ୍ଚିଲି ଭୀମା ହାବିଲଦାର ଘରେ । ହାତରେ ବିକଳି କର ମିଠା ସାଙ୍ଗକୁ ଦୁଇ କିଲିଆ ରୋହି ଗୋଟେ । ଭୀମା ହାବିଲଦାର ମୋତେ ଦେଖି ପ୍ରଥମେ ଭାରି ବହପ ଦେଖାଇଲା । 'କୁଆଡ଼େ ଆସିଛୁ.... ? ମୋ' ପାଖରେ ତୋ'ର କ'ଣ କାମ.... ?' ହେଲେ କ'ଣ ହେବ ..... ! ଭାଉଜ ମୋ' ହାତରୁ ମିଠା ଆଉ ରୋହି ଖଣ୍ଡକ ଝାମ୍ପି ନେଇ କହିଲେ– ବାବୁ ବସନ୍ତୁ । ହଇହୋ ! ଘରକୁ ଆସିଥିବା ବନ୍ଧୁଙ୍କୁ କ'ଣ ଏମିତି କୁହାଯାଏ ? ଏଇଠୁ ଭୀମା ହାବିଲଦାର ସାଙ୍ଗରେ ସମ୍ପର୍କ ଆରମ୍ଭ.... । ବେଳ ଅବେଳରେ ସେ ମତେ ସାହାଯ୍ୟ କରେ । ପୁଲିସ୍ ମୋ' ପଛରେ ପଡ଼ିଲେ ମୁଁ ଆଗରୁ ଖବର ପାଇ ସାବଧାନ ହୋଇଯାଏ ।

ନିଶ୍ଚିନ୍ତକୋଇଲି ବଜାରରେ ବଳିଆ ପୃଷ୍ଟିର ତେଜରାତି ଦୋକାନ । ଶୁଣିଛି ଲୋଟା କମ୍ବଳ ଧରି ଲୋକଟା ବରହମପୁରୁ ଆସିଥିଲା । ଦିନ କେଇଟାରେ ଦୋକାନ, ଘରବାଡ଼ି, ଗାଡ଼ି ଘୋଡ଼ା ସବୁ କରିପକାଇଲା ! ତା' କୋଠା ସାମ୍ନାରେ ଦେଇ ଆସିଲେ ମୋ' ଗୋଡ଼ ଦି'ଟା ଅଟକିଯାଏ । ଘଡ଼ିଏ ଅଟକି କୋଠାର ଚାରିଆଡ଼କୁ ଅନାଏ । ଦିନେ ଠିକ୍ କଲି ନା, ଆଉ ହେବନି ! ଗୋଟିଏ କିଛି କରିବାକୁ ହେବ । ସେଦିନ ଥାଏ ମହାଶିବରାତ୍ରୀ । ଭାବିଲି ଆଜି ବଳିଆ ପୃଷ୍ଟି ଘରେ ପଶିବାଟା ଠିକ୍ ହେବ । ଆଜି ଘରର ସ୍ତ୍ରୀଲୋକମାନେ ଦୀପ ଜାଳିବାକୁ ମନ୍ଦିରକୁ ଯାଇଥିବେ, କାମଟା ସୁବିଧା ହେବ । ରାତି ବାରଟା ପାଖାପାଖି, ଘରର ପଛ ପାଚେରୀ ଡେଇଁ ଚାରିଆଡ଼କୁ ଉଣ୍ଡିଲି । ହଠାତ୍ ଘର ଭିତରରୁ କଥାବାର୍ତ୍ତା ଶୁଣି ଚମକି ପଡ଼ି ପାଚେରୀ ଡେଇଁ ପଳାଇଯିବାକୁ ବାହାରିଲି । ହେଲେ, ମନଟା କ'ଣ ହେଲା କେଜାଣି ଭାବିଲି ଦେଖିବା ଏତେ ରାତିରେ କିଏ ଏଠି କଥାବାର୍ତ୍ତା କରୁଛି ? ଝରକା କଡ଼ରେ ଛିଡ଼ା ହୋଇ କଥା ଶୁଣିଲି । ବଳିଆ ପୃଷ୍ଟି କାହାକୁ କହୁଥାଏ...ଟିକେ ସାବଧାନରେ ଯିବ । ବସରେ ଉଠିଲା ପରେ ଯେଉଁ ସିଟ୍‌ରେ ବସିବ ସେ ସିଟ୍‌ର ଆରପଟ ଉପରେ କ୍ୟାରିୟରର ଆଟାଚିଟା ରଖିବ । ଯଦି କିଏ ସନ୍ଦେହ କଲା କି ପୁଲିସ୍ ଚଢ଼ାଉ କଲା ତେବେ ଥିର କିନା ଖସି ପଳାଇବ । ଝରକା ଫାଙ୍କରେ ଦେଖିଲି ବଳିଆ ପୃଷ୍ଟି ଚାରିଟା ଆଟାଚି ଚାରିଟା ଅଧାନିଶ ଉଠା ପିଲାଙ୍କୁ ଧରାଇଦେଲା । ଆଉ ସମସ୍ତଙ୍କୁ ଜିନିଷ ପହଞ୍ଚାଇବା ଠିକଣା ବତାଇ ଦେଇ କହିଲା– ଯାଅ ବୈଠକ ଘରେ ଶୋଇଯିବ । ସକାଳୁ ନିତ୍ୟକର୍ମ ସାରି କାମରେ ଯିବ । ମୁଁ ଆଉ ଅପେକ୍ଷା ନ କରି ଅତରଛିଆ ପାଚେରୀ ଡେଇଁ ପଳାଇଗଲି । ବସାରେ ପହଞ୍ଚି ଶୋଇଗଲି ।

ସକାଳୁ ସକାଳୁ ବସ୍‌ଷ୍ଟାଣ୍ଡ୍‌ରେ ବୁଲୁଥାଏ କାଳେ କାହା ଅନ୍ୟମନସ୍କତାର ସୁଯୋଗ ନେଇ ବ୍ୟାଗ୍‌ଟେ ଉଠାଇନେଲେ ଆଜି ଦିନକ କାମ ଚଳିବ ସେଇ ଆଶାରେ । ହଠାତ୍ ଟୋକାଟେ ଉପରେ ନଜର ଅଟକିଲା । ଟୋକାଟାକୁ ଦେଖିଲା ଦେଖିଲା ଲାଗୁଛି । ଆରେ ହଁ ! କାଲି ରାତିରେ ଯାକୁ ବଳିଆ ପୃଷ୍ଟି ଘରେ ଦେଖିଥିଲି । ଟୋକାଟା ହାତରେ ସେଇ ଆଟାଚି । ଟୋକା ବସ୍‌କୁ ଉଠିଲା । ମୁଁ ବି ଗୋଟେ ନିଶାରେ ତା' ପଛେ ପଛେ ବସ୍‌ରେ ଉଠିଲି । ଟୋକା ଆଟାଚିଟାକୁ କେହି ନ ଦେଖିଲା ଭଳିଆ ବସ୍ କ୍ୟାରିୟର ଉପରେ ବେପରୁଆ ଭାବେ ରଖି ଦେଇ ଆରପଟ ସିଟ୍‌ରେ ବସିଲା । ବସ୍ କଣ୍ଡକ୍ଟର ଆସି ମୋତେ ସିଟ୍‌ରେ ବସିବାକୁ କହିଲା ହେଲେ ମୁଁ କହିଲି, ଆଗରେ ଓହ୍ଲାଇବି, ଠିଆ ହୋଇ ଚାଲିଯିବି । ବସ୍ ଛାଡ଼ିଲା । ଆସ୍ତେ ଆସ୍ତେ ଭିଡ଼ ବଢ଼ିଲା । ଦେଖିଲି ଟୋକଟା ତା' ଆଟାଚିକୁ ସବୁବେଳେ ନିଘା ରଖିଛି । କ'ଣ କରିବି ! କେମିତି ଏ ଆଟାଚିଟାକୁ ଝାମ୍ପିନେବି ! ମୁଣ୍ଡ ମୋର ଚକ୍କର ଖାଉଥାଏ । ଧୀରେ ଧୀରେ ଯାଇ ଆଟାଚି ପାଖରେ ଛିଡ଼ା ହେଲି । ସାଲେପୁର ପାର ହେଲା । ଆଗରେ ଖାଲି ବିଲ ଆଉ ବିଲ । ହଠାତ୍ ପାଟିକଲି ଭାଇ.... ଭାଇ.... ମତେ ସାଲେପୁରରେ ଓହ୍ଲାଇବାକୁ ଥିଲା, ଗାଡ଼ି ରଖ । କଣ୍ଡକ୍ଟରକୁ ପଇସା ବଢ଼ାଇଦେଇ ବସ୍‌ରୁ ଓହ୍ଲାଇବାକୁ ରେଡି ହୋଇଗଲି । ଗାଡ଼ି କେଁ କରି ବ୍ରେକ୍ ମାରି ରହିଲା । ମୁଁ ଧାଏଁକିନା ଆଟାଚିଟାକୁ ଧରି ବସ୍‌ରୁ ମାରିଲି ଡିଆଁ । ବସ୍ ଆଗକୁ ମାଡ଼ି ଯାଉଁ ଯାଉଁ ପୁଣି ବ୍ରେକ୍ ମାରିଲା ବେଳକୁ ମୁଁ ଆଠ କିଆରି ପାର୍ ହୋଇଗଲିଣି ।

ରାତି ଏଗାରଟାରେ ପଞ୍ଚୁମାଷ୍ଟର ଘରକୁ ଆଟାଚି ଧରି ପହଞ୍ଚିଲି । ଆଟାଚି ଭଙ୍ଗା ହେଲା । ଆଟାଚି ଭିତରୁ ବାହାରିଲା ପାଞ୍ଚ ପ୍ୟାକେଟ୍ ଗଞ୍ଜେଇ ଆଉ ଦୁଇ ପ୍ୟାକେଟ୍ ଅଫିମ । ଆରେ ବାଃ... ଏଇ ତା' ହେଲେ ବଳିଆ ପୃଷ୍ଟିର ବଡ଼ଲୋକୀ ହେବାର କଳା ! ଗଞ୍ଜେଇ ଅଫିମ ପଞ୍ଚୁମାଷ୍ଟର ମାର୍ଫତରେ ବିକି ବେଶ୍ ପଇସା ମିଳିଲା । ମଝିରେ ମଝିରେ ବଳିଆ ପୃଷ୍ଟିର ଆଟାଚି ଛାପା ମରାକାମ ସାଙ୍ଗକୁ ଛୋଟ ମୋଟ ଚୋରି ଚମାରୀ ଚାଲିଲା ।

ସବୁଦିନେ ଜହ୍ନରାତି ରହେନି । ଦିନେ ବଳିଆ ପୃଷ୍ଟିର ପିଲାକୁ ପିଛା କରି ବସ୍‌ରେ ଉଠିଲି । ଆଉ ଆଗପରି ସାଲେପୁର ପରେ ପରେ ରଡି ଛାଡ଼ିଲି ଓହ୍ଲାଇବାକୁ । ବସ୍ ରହିଲା । ଆଉ ମୁଁ ଆଟାଚି ଧରି ମାରିଲି ଡିଆଁ.... । ବେଳ ଖରାପ୍ ବସ୍ ଉପରୁ ଆଗରୁ ପ୍ରସ୍ତୁତ ହୋଇଥିବା ବଳିଆ ପୃଷ୍ଟିର ଲୋକମାନେ ଖପ୍‌ଖାପ୍ ଡେଇଁ ମୋତେ ମାଡ଼ିବସି ଗୋଟେ ଚିନି ବୁରାରେ ପୁରାଇ ବାନ୍ଧିଦେଲେ । ବସ୍‌ବାଲାକୁ କହିଲେ, ବସ୍ ଆଗକୁ ବଢ଼ା । ବସ୍ ଆଗକୁ ବଢ଼ିଲା । ପଛରୁ ଆସିଲା ବଳିଆ ପୃଷ୍ଟିର ବୋଲେରୋ । ବୋଲେରୋରେ ଲଦା ହୋଇ ମୁଁ ପହଞ୍ଚିଲି ବଳିଆ ପୃଷ୍ଟିର ଗୋଦାମ ଘରେ ।

ବୋପାଲୋ କି ମାଡ଼ !! ମୁଁ ଚିନିବୁରା ଭିତରେ ବନ୍ଧା ହୋଇଥାଏ । ମୁହଁଟା ବାହାରକୁ ବାହାରିଥାଏ । ତିନିଜଣ ଟାଗଡ଼ା ଟୋକା ବାଉଁଶ ଠେଙ୍ଗାରେ ବିରି ପିଟିଲା ଭଳି ମୋତେ ପିଟି ଯାଉଥା'ନ୍ତି । ମୋ' ଚିତ୍କାର ଗୋଦାମ ଘର ବାହାରକୁ ଯାଉଥାଏ କି ନା କେଜାଣି ? କିଛି ସମୟ ପରେ ମୋ' ହୋସ୍ ଉଡିଗଲା ।

ଆଖି ଫିଟିଲାବେଳକୁ ଦେଖିଲି ମୁଁ ଗୋଟିଏ ଅଟୋ ଡାଲାରେ ପଡିଛି । ବଳିଆ ପୃଷ୍ଟି ଡାଲା ଭିତରକୁ ଉଙ୍କି ମାରି ଦେଖିଲା ଏବଂ ଟୋକାଟାକୁ ପଚାରିଲା, ମରିଗଲା ନା ବଞ୍ଚିଛି ? ଶଳା ହାରାମୀ ମୋତେ ନାକେଦମ୍ କରି ରଖିଥିଲା, ମୋ' ବେପାର ଠପ୍ କରିଦେଲାଣି । ଟୋକାଟା ଅଟୋ ଉପରକୁ ଉଠିଲା, ମୁଁ ଚୁପ୍‌ଚାପ୍ ନିଃଶ୍ୱାସ ବନ୍ଦ କରି ପଡ଼ିରହିଲି । ଟୋକାଟା ମୋ' ନାକ ସାମ୍ନାରେ ଆଙ୍ଗୁଳି ରଖିଲା... ବାବୁ ନିଃଶ୍ୱାସ ତ କାହିଁ ଚାଲୁନି ? ମରିଗଲା କି.... ? ତା' ନାଡ଼ି ଦେଖିଲୁ..... ? ଟୋକାଟା ମୋ' ନାଡ଼ି ଚିପିଲା.... ବାବୁ ନାଡ଼ି ଚାଲୁଛି । ଶଳା ବଞ୍ଚିଛି.... ମାରତୁଲରେ ମୁଣ୍ଡଟା ଛେଚିଦେବି ? ହଇହୋ ଆଜି ଖିଆପିଆ ହେବନି କି.... କିଏ ଜଣେ ସ୍ତ୍ରୀଲୋକର କଣ୍ଠ ଶୁଭିଲା । ରୁହ, ଟିକେ କାମ ସାରି ଯାଉଛି । ରାତି ଏତେ ହେଲାଣି ପୁଣି କି କାମ ବା ? ହଇରେ ମକୁ ଟୁ ସେ ଅଟୋ ଉପରେ କ'ଣ

କରୁଛୁ ? ଟୋକାଟା ଥଙ୍ଗ ଥଙ୍ଗ ହେଲା । କ'ଣ କିରେ ତୋ' ପାଟି ଫିଟୁନି କି, ସେ ଅଟୋରେ କ'ଣ ଅଛି କି ? ଓଃ..ହ ଶାନ୍ତି ଟିକେ ଧିରେ, କିଏ ଶୁଣିବ ! କିଏ ଶୁଣିବ ମାନେ.... କ'ଣ ହୋଇଛି ? ଆମ ମାଲସବୁ ବାଟରୁ ହରଣଚାଲ୍ କରୁଥିବା ଲୋକଟା ଧରାପଡ଼ିଛି । ସେଇଟା ଦରମଲା ହୋଇ ଅଟୋ ଉପରେ ପଡ଼ିଛି । ତାକୁ ଠିକଣା ଲଗାଇବାକୁ ପଡ଼ିବ । ଆରେ ମକୁ ସେଟାକୁ ଅଖା ମିଶା ନେଇ ଯୋତ୍ରା ବ୍ୟାରେଜ୍‌ରେ ନେଇ ଫିଙ୍ଗି ଦେଇଆ' । ମୋ' ଛାତିଟା ଧଡ଼ ଧଡ଼ କଲା । ମଲି ଏଥର । କେଉଁ ରାକ୍ଷସ ହାବୁଡ଼ରେ ପଡ଼ିଲି.... ହେ ଜଗନ୍ନାଥେ ରକ୍ଷା କର । ବାବୁଆଣୀ ଜଣକ କହିଲେ, କ'ଣ ହେଲା ଶେଷରେ ମଣିଷ ମାରିବ ? ତୁମକୁ ଧର୍ମ ସହିବ ତ ? ଏ ମକୁ ସେ ଲୋକକୁ ତଳକୁ ଓହ୍ଲା । ଓଃ..ହ... ଶାନ୍ତି ତୁମେ କାହିଁକି ଏଥିରେ ମୁଣ୍ଡ ପୁରଉଛ କହିଲ ? ମକୁ ତତେ କହିଲି ପରା ତଳକୁ ଓହ୍ଲା । ଟୋକାଟା ମତେ ତଳେ କଚାଡ଼ି ଦେଲା । ଆହା.... ମଣିଷଟାକୁ ଏମିତି ପଶୁଭଳି ବାନ୍ଧିଛ ? ଖୋଲ ତାକୁ.... ଟୋକାଟା ଅଖା ଖୋଲି ମୋତେ ବାହାର କଲା । ବାବୁଆଣୀ ମୋ' ମୁହଁରେ ପାଣି ଛିଞ୍ଚିଲେ । ମୁଁ ଧୀରେ ଧୀରେ ଆଖି ଖୋଲିଲି । ମକୁ, ତାକୁ ବୈଠକ ଘରକୁ ନେଇଯାଅ, ମୁଁ ତା' ପାଇଁ ଖାଇବା ଆଉ ମଲମ ପଠାଉଛି । ତା' ବଥା ଜାଗାରେ ଲଗାଇଦେବୁ । ବଳିଆ ପୃଷ୍ଠି ଆଉ ବାବୁଆଣୀ ଚାଲିଗଲେ ।

ପରଦିନ ବାବୁଆଣି ସକାଳୁ ସକାଳୁ ବୈଠକ ଘରେ ପହଞ୍ଚି ମୋ ହାଲଚାଲ ବୁଝିଲେ । ମୋ ଘର ଠିକଣା ସବୁ ପଚାରିଲେ । ବାବୁଆଣୀକୁ ଦେଖି ମୋ' ମାଆ କଥା ମନେ ପଡ଼ିଲା, ମୁଁ କାନ୍ଦି ପକାଇ ସବୁ ସତ ସତ କଥା କହିଦେଲି । ବାବୁଆଣୀ କହିଲେ ଆଉ କେବେ ଏମିତି କାମ କରିବୁନି । ମୁଁ ବାବୁଙ୍କୁ କହିବି ତୁ ଆମ ପାଇଁ କାମ କରିବୁ । ବାବୁଆଣି ମୋ' ମୋବାଇଲ ନମ୍ବର ରଖିବାକୁ ମକୁକୁ କହି, ମତେ ଟଙ୍କା ପାଞ୍ଚଶହ ଧରାଇଦେଇ ଚାଲିଗଲେ । ସେଇଦିନଠୁ ମୁଁ ଦିନରେ ବଳିଆ ପୃଷ୍ଟିର କାମ କଲି, ଆଉ ରାତିରେ ମୋ' ପୁରୁଣା ଧନ୍ଦାରେ ମାତିଲି ।

ପଞ୍ଚୁ ମାଷ୍ଟରର ନଡ଼ିଆ ଗଛଟା ନଡ଼ିଆରେ ବୋଝେଇ ହୋଇଥିବା ମୋ' ନଜରରେ ପଡ଼ିଲା । ମନଟା ମୋର କେମିତି କେମିତି ହୋଇଗଲା । ଭାବିଲି ଆଜି ରାତିରେ ଚାରିକାନ୍ଧି ନଡ଼ିଆ କାଟିବି । ପୁଣି ମନଟା ପଛକୁ ଟାଣିଲା.... ନା.... ପଞ୍ଚୁ ମାଷ୍ଟର ସାଙ୍ଗରେ ମୋର ଅଲଗା ସମ୍ପର୍କ । ଏଇଟା ଠିକ୍ ହେବନି । ରାତି ବାରଟା ଯାଏଁ ଗଡ଼ପଡ଼ ହୋଇ ନିଦ ହେଲାନି । ମୁଁ ମୋ ଜିନିଷପତ୍ର ଧରି ବାହାରିଲି କାମରେ । କୁଆଡ଼େ ଯିବି.... କୁଆଡ଼େ ଯିବି.... ଭାବି ଭାବି ଚାଲିଛି କେତେବେଳେ ଯାଇ ପଞ୍ଚୁ ମାଷ୍ଟରର ନଡ଼ିଆ ଗଛମୂଳେ ପହଞ୍ଚି ଯାଇଛି । ନା ଆଉ ହେବନି... ଗଛରେ ଉଠି ଚାରି କାନ୍ଧି ନଡ଼ିଆ ପାରି ଧୀରେ ଧୀରେ ଗଛରୁ ଓହ୍ଲାଉଛି, ହଠାତ୍ କିଏ କବାଟ ଖୋଲି ବାହାରକୁ ଆସିଲା । ତରବରରେ ମୁଁ ଗଛରୁ ଡେଇଁ ପଡ଼ିଲି । ବେଳ ଖରାପ । ଗୋଡ଼ଟା ମୋଡ଼ି ହୋଇଗଲା । ଆଃ କରି ବସି ପଡ଼ିଲି । ପଞ୍ଚୁ ମାଷ୍ଟରର ଭଉଣୀ କିଏ କିଏ କହିମୋ' ପାଖକୁ ଧାଇଁ ଆସିମୋତେ ଦେଖି ଚମକି ପଡ଼ି ଚିତ୍କାର କରିବାକୁ ଯାଉଥିଲା । ମୁଁ ଉଠି ପଡ଼ି ତା' ପାଟିଟାକୁ ଚାପି ଧରିଲି । ତା' ତାତିଲା ନିଃଶ୍ୱାସ ମୋ' ମୁହଁରେ ବାଜିଲା । ମୁଁ ଚମକି ଉଠିଲି ।ଦିହଟା ମୋର ଶୀତେଇ ଉଠିଲା ।ମୋ' ହାତ ତା' ପାଟିରୁ ଖସି ଆସିଲା । ସେ ବି କାହିଁକି କେଜାଣି ଚୁପ୍ ହୋଇଗଲା । ଆଉ ଧୀରେ କହିଲା, 'କାଳିଆ ଭାଇ ତୁ ଶେଷରେ ଆମ ଘରୁ ଚୋରି କଲୁ ?' ଆଲୋ ଚୋରି କଣ ଲୋ ନଡ଼ିଆ ଗଣ୍ଡାଏ ଖାଇବାକୁ ଇଚ୍ଛା ହେଲା ତ.... ଚମ୍ପା ହସି ହସି କହିଲା– କ'ଣ ଚାରି କାନ୍ଧି ନଡ଼ିଆ ଖାଇବୁ ? ମୁଁ ଲାଜରେ ଝାଉଁଳି ପଡ଼ିଲି । ଚମ୍ପା କହିଲା, ଶୀଘ୍ର ଏ ନଡ଼ିଆ କାନ୍ଧି ଧରି ପଳାଇଯା, ଚାରି କାନ୍ଧି ନଡ଼ିଆ ନେଇ ପାରିବୁତ ? ମୁଁ ଫଟାଫଟ୍ ନଡ଼ିଆଗୁଡ଼ିକୁ କାନ୍ଧରେ ଲଦି କହିଲି, ଏ ଚାରି କାନ୍ଧି ନଡ଼ିଆ କ'ଣ ଲୋ ଯା' ସାଙ୍ଗରେ ତତେବି କାନ୍ଧେଇ ନେଇଯିବି । ସତେ... ଏଡ଼େ ସାହସ.... ହସି ଦେଇ କବାଟ କିଳିଲା ଚମ୍ପା ।

ମନଟା କାହିଁକି ଅସ୍ଥିର ହେଉଥାଏ । ଚମ୍ପା ମୁହଁଟା ମଝିରେ ମଝିରେ ମୋ' ଚିନ୍ତା ରାଇଜକୁ ପଶିଆସୁଥାଏ, କଡ଼ ଲେଉଟାଇ ଶୋଇବାକୁ ଚେଷ୍ଟା କଲି । ଘଡ଼ିଏ ଶୋଇ କାମରେ ବାହାରିବାକୁ ପଡ଼ିବ । ଚମ୍ପା ପାଟିକୁ ମୁଁ ଚାପି ଧରିଥାଏ । ଚମ୍ପା ଦେହର ବାସ୍ନା ମୋ ନାକରେ ବାଜୁଥାଏ । ତା' ତାତିଲା ନିଃଶ୍ୱାସ ମୋ' ମୁହଁରେ ବାଜୁଥାଏ । ମୁଁ ଚମକି ଉଠିଲି । ଦିହଟା ମୋର ଶୀତେଇ ଉଠିଲା । ମୋ ହାତ ତା' ପାଟିରୁ ଖସି ଆସି ତା' ବେକ ମୂଳରେ ପହଞ୍ଚିଲା । ଚମ୍ପା ଦେହଟା ଶୀତେଇ ଉଠିଲା । ଅବୁଝା ହାତଟା ବେକ ମୂଳରୁ ଖସି ଖସି ତଳକୁ ଖସିଲା । ଚମ୍ପା ପାଟି କଲା..... କାଳିଆ ଭାଇ କ'ଣ ହେଉଛି..... ? ଚମକି ପଡ଼ି ଉଠି ବସିଲି । ଧେତ୍ ସପ୍ନ ଦେଖୁଥିଲି । ଚମ୍ପାଟା ମତେ ଖୁବ୍ ହଇରାଣ କଲାଣି, ଏବେ ସେ ମତେ ଟିକିଏ ବି ଛାଡ଼ି ଯାଉନି । ଶୟନେ ସପନେ ତା' ମୁହଁଟା ମୋ' ଆଗରେ ଚାଲି ବୁଲୁଛି । ନା ସମୟ ହୋଇଗଲାଣି କାମରେ ଯିବାକୁହେବ !

ମା' ମଙ୍ଗଳାଙ୍କୁ ବଡ଼ ନମସ୍କାରଟେ ପକାଇ ପ୍ରଥମେ ନାଟ ମନ୍ଦିରରେ ଥିବା ହୁଣ୍ଡିର ତାଲା ଭାଙ୍ଗି ଯାହା ଟଙ୍କା ପଇସା ଥିଲା ମୁଣିରେ ପକାଇଲି । ତଳେ ଚକା ମାରି ବସି ମା'ଙ୍କୁ ସୁମରଣା କଲି, ମା'ଙ୍କୁ କହିଲି ମା'ଲୋ ମୋ' ଦୋଷ ଧରିବୁନି, ମୋ' ପେଷା ଚୋରି କରିବା, ଯେଉଁଠି ସୁବିଧା ଦେଖିବି ସେଇଠି ଚୋରି କରିବି । ତୋ' ମନ୍ଦିରରେ ତ କେହି ଜଗୁଆଳି ନାହାନ୍ତି, ତେଣୁ ଚୋରି କରିବାକୁ ଖୁବ୍ ସୁବିଧା, ମୋତେ କ୍ଷମା କରିଦେବୁ । ମନ୍ଦିରର ମୁଖ୍ୟ ଦ୍ୱାର ତାଲ ଭାଙ୍ଗି ମା'ଙ୍କ ମୁକୁଟ ଚିତା ସବୁ ଖୋଲି ମୁଣିରେ ପୁରାଇ ଚାରି ଆଡକୁ ନିଘା କଲି । ଗୋଟେ କୋଣରେ ଟିଣ ବାକ୍ସଟିଏ, ବାକ୍ସରେ ପଡ଼ିଛି ତାଲା । ତାଲା ଭାଙ୍ଗି ଚମକି ପଡ଼ିଲି, ମା'ଲୋ ଏତେ ଗହଣା ! ମା' ଏତେ ଗହଣା ତୁ କ'ଣ କରିବୁ ଲୋ.... ? ତୋ' ପୁଅର ଏ ଗହଣା ଦରକାର, ମୁଁ ନେଇଯାଉଛି, ଏଠି ଭକତଙ୍କର ଅଭାବ ନାହିଁ । ପୁଣି ବର୍ଷେ କେଇଟାରେ, ତୋର କେତେ ଗହଣା ହୋଇଯିବ । ଗହଣା ସବୁ ମୁଣିରେ ପୁରାଇ, ସକାଳ ହେବାକୁ ଘଡ଼ିଏ ବାକି ଥାଏ ବସାରେ ପହଞ୍ଚି ନିଘୋଡ଼ ନିଦରେ ଶୋଇ ଗଲି । ଦିନ ଆଠଟାରେ ମୋବାଇଲ ଶବ୍ଦରେ ନିଦଟା ଭାଙ୍ଗିଗଲା । ମାନୀ ଭାଉଜ– ପଞ୍ଚୁମାଷ୍ଟରର ସ୍ତ୍ରୀଙ୍କ ଫୋନ୍.. 'କାଲି ରାତିରେ କେତେ କ'ଣ ମିଳିଲା ?' କହିଲି ସଞ୍ଜକୁ ଗଲେ କଥା ହେବି ।

ମୁହଁ ସଞ୍ଜ ବେଳଟାରେ ଚାରିଆଡ଼କୁ ନିଘା କରି ପଞ୍ଚୁ ମାଷ୍ଟର ଘରେ ତରବର ହୋଇ ପସିଯାଉଥିବା ବେଳେ ଚମ୍ପା ସାଙ୍ଗରେ ଧକ୍କା ହୋଇଗଲା । ଚମ୍ପା ହସିଦେଇ କହିଲା– "ତୋ'ର କ'ଣ ଏକ୍ସପ୍ରେସ୍ ଟ୍ରେନ୍ ! ବାଟଘାଟ ମାନିବନି !" ମାନିଭାଉଜ ଡାକ ଛାଡ଼ି କହିଲା– "କିଏ ?" ଚମ୍ପା କହିଲା– "କାଳିଆ ଭାଇ !" ମାନି ଭାଉଜର ଶୋଇବା ଘରେ ନେଇ ଗହଣା ସବୁ ଢାଳିଦେଲି । ମାନି ଭାଉଜର ଆଖିଦୁଇଟା ବଡ଼ ବଡ଼ ହୋଇଗଲା ।

ପଞ୍ଚୁମାଷ୍ଟର କହିଲା କ'ଣ କେଉଁ ଜମିଦାର ଘରୁ ଡକାୟତି କଲୁ ନା କ'ଣ ? ପୁଲିସ୍ ତୋ' ପଛରେ ପଡ଼ିନି ତ ?ମାନି ଭାଉଜ କହିଲା– "ଓଃ ହ.. ତୁମେ ଏତେ ଛାନିଆ କାହିଁକି ଯେ ? ଆମ କାଳିଆ କ'ଣ କେବେ ବେହୁସିଆରି କାମ କରିଛି ? ପୁଲିସ୍ ବି ଟା ଟେର୍ ପାଇନି ।" ଭାଉଜ ତଣ୍ଟି ଶୁଖିଗଲାଣି ପାଣି ଗିଲାସେ ଦେଉନ । ଚମ୍ପା... କାଳିଆ ଭାଇ ପାଇଁ ପାଣି ଆଣିଲ ।ଚମ୍ପା ପାଣି ଗ୍ଲାସ୍ ଆଣି ବଢ଼ାଇଦେଲା, ଜାଣି ଜାଣି ମୁଁ ଟା ହାତଟାକୁ ଧରିନେଇ ପାଣି ଗ୍ଲାସ୍‌ଟାନେଲି ।ସେ ସମସ୍ତଙ୍କ ଅଲକ୍ଷରେ ହସିଦେଇ ଗହଣା ଗୁଡ଼ିକୁ ଅନେଇ ରହିଲା । ପଞ୍ଚୁ ମାଷ୍ଟର କହିଲା– "ଚମ୍ପା, ଏଠି ତୋ'ର କି କାମ ! ତୁ ସେଆଡେ ଯା' ।" ଚମ୍ପା ଚାଲିଗଲା । ଗହଣା ସବୁ ଗଣା ହୋଇ ମାନି ଭାଉଜ ପାଖରେ ରହିଲା । କଥା ହେଲା ପଞ୍ଚୁ ମାଷ୍ଟର ଆଉ ମୁଁ ଧୀରେ ଧୀରେ କରି ଗହଣା ନେଇ ନଛୁ ବଣିଆକୁ ଦେବୁ । ଏତେଗୁଡ଼ିଏ ଗହଣା ଏକାବେଳକେ ନେଲେ ବିପଦ ଅଛି । ରାତି ଖାଇବାଟା ମାନି ଭାଉଜ ଘରେ ସାରି ବସାକୁ ବାହାରିଗଲି । ପୁଣି ଥରେ ଦୁଆର ସାମ୍ନାରେ ଭେଟ ହେଲା ଚମ୍ପା ସାଙ୍ଗରେ ।ଛାତିଟା ମୋର ଧଡ଼୍ ଧଡ଼୍ ହେଲା, ଚମ୍ପା ହସିଦେଇ କହିଲା– "କାଳିଆ ଭାଇ ! ସେ ରାଣୀ ହାରଟା ବଢ଼ିଆ ହୋଇନି ?" ମାନି ଭାଉଜର ଡାକ ଶୁଭିଲା... "ଚମ୍ପା ! ଚମ୍ପା !" ଚମ୍ପା ତରବର ହୋଇ ଭିତରକୁ ଚାଲିଗଲା ।

ଗହଣା ସବୁ ତିନି କିସ୍ତିରେ ନେଇ ନଛୁ ବଣିଆକୁ ଦିଆହେଲା । ମୋ' ମନରେ ଥାଏ ରାଣୀ ହାରଟା ଯେମିତି ବି ହେଉ ଚମ୍ପାକୁ ଦେବି । ତା'ର ସେ ହାରଟାରେ ମନ ରହିଛି ।ମୋ' ହିସାବରେ ଦୁଇ ପଟ ବାହୁଟି, ହଳେ କାନଫୁଲ ଆଉ ରାଣୀ ହାର ଛଡ଼ା ସବୁ ଗହଣା ନଛୁ ବଣିଆକୁ ଦିଆ ସରିଛି । ସକାଳୁ ସକାଳୁ ମନରେ ପାଞ୍ଚିଲି ଆଜି ଗହଣା କାମ ସାରିବି, ଏ ଗହଣା ସବୁ ଥିବା ପର୍ଯ୍ୟନ୍ତ ନୂଆ କାମରେ ମନ ଲାଗୁନି । ସଞ୍ଜରେ ଯାଇ ପହଞ୍ଚିଲି ପଞ୍ଚୁମାଷ୍ଟର ଘରେ । ଆଖି ଖୋଜି ବୁଲୁଥାଏ ଚମ୍ପାକୁ । ମାନି ଭାଉଜ କହିଲା– "କ'ଣ ନୂଆ ମାଲ୍ ଆଣିଛ କି ?" ନାଇ ମ' ଭାଉଜ ଆଜି ସବୁ ପୁରୁଣା ଗୁଡ଼ାକ ସାରିବାକୁ ପଡ଼ିବ, ତା' ପରେ ଯାଇ ନୂଆ କାମ ଆରମ୍ଭ କରିବି । ପୁରୁଣା !କେଉଁ ପୁରୁଣା ? ସବୁତ ସେଦିନ ଝାଡ଼ିଝୁଡ଼ି ଦେଇଦେଲି, ପୁଣି କ'ଣ ? ପଞ୍ଚୁ ମାଷ୍ଟର କହିଲା– ଆରେ ଆଜି କାଲି ନିଶାପାଣି ଖାଇଲୁଣି ନା କ'ଣ ? ସେଦିନ ପରା ସବୁ ମାଲ ନେଇ ନଛୁକୁ ଦେଲେ ?ମୋ' ମୁଣ୍ଡକୁ ପିତ ଚଢ଼ିଗଲା ।ମୋ' ପାଟିକୁ ଯାହା ଭାଷା ଅଭାଷା ଆସିଲା ଗାଇଗଲି । ଜୀବନକୁ ପାଣି ଛଡ଼େଇ ମୁଁ ଜିନିଷ ଆଣିବି, ଆଉ ଏମାନେ ହଡ଼ପ କରିନେବେ ? ଯାହା ନେଇଥାଆନ୍ତେ ହେଲେ ସେ ରାଣୀ ହାର ? ? ?ମାନି ଭାଉଜ ମନ ଇଛା ମୋତେ ଶୋଧିଲା । କହିଲା– ଏଇଥିପାଇଁ କହେ ଏ ଚୋର ଚମ୍ବରଙ୍କୁ ଘରେ ପୁରାଇବନି ।ଦେଖିଲ ତ ! ଏ ଛୋଟ ଲୋକଟାକେମିତି ରଙ୍ଗ ଦେଖାଇଲା ?ଶେଷରେ ଆମକୁଚୋର ବନେଇ ଦେଲା । ଆମେ କୁଆଡ଼େ ଯ୍ୟା' ଗହଣା ଖାଇ ଚଲୁ..... ଶୀଘ୍ର ଯ୍ୟା'କୁ ଧକ୍କା ମାରି ଘରୁ ବାହାର କରିଦିଅ । ମନରେ ମେଞ୍ଚେ ରାଗ ନେଇ ବସାକୁ ଫେରିଲି । ଭାରି ଅବସୋସ ହେଲା । ଚମ୍ପାକୁ ରାଣୀହାର ଦେଇ ପାରିଲିନି । କ'ଣ କରିବି... ? ଚମ୍ପାର କଥାଟା ଶୁଭିଯାଉଛି – କାଳିଆ ଭାଇ ସେ ରାଣୀ ହାରଟା ବଢ଼ିଆ ହୋଇନି ? ? ନା ମୁଁ ହାର୍ ମାନିବିନି ।

ଆଜିଠୁ ଆଠଦିନ ହୋଇଗଲା ଚମ୍ପାକୁ ଦେଖିନି । ସେଦିନର ଘଟଣା ପରେ ଆଉ ପଞ୍ଚୁ ମାଷ୍ଟର ଘରକୁ ଯିବା ରାସ୍ତା ଏକରକମ ବନ୍ଦ ହୋଇଯାଇଥିଲା । କ'ଣ କରିବି.... ଆଜି ନିଶ୍ଚିନ୍ତକୋଇଲି ହାଟ, ପଞ୍ଚୁ ମାଷ୍ଟର ଘର ପଡ଼ାରୁ ସବୁ ପୁରୁଷ ଲୋକ ଏବେ ହାଟକୁ ପଳେଇ ଆସିଥିବେ । ଯାଏଁ । ପଞ୍ଚୁମାଷ୍ଟର ଘର ଆଡ଼େ ଟିକେ ମୁହଁ ମାରି ଆସେ । ଦରକାର ପଡ଼ିଲେ ମାନି ଭାଉଜକୁ କ୍ଷମା ମାଗିନେବି, ହେଲେ ଚମ୍ପାକୁ ନ ଦେଖିଲେ ମୁଁ ରହିପାରିବିନି ।

ପଞ୍ଚୁ ମାଷ୍ଟର ଘରେ ପହଞ୍ଚି କବାଟ ବାଡ଼େଇଲି । ଚମ୍ପା କବାଟ ଖୋଲିଲା । କାଳେ କିଏ ଦେଖିବ ବୋଲି ତରବର ହୋଇ ଘର ଭିତରକୁ ପଶିଗଲି । ମାନି ଭାଉଜ କିଏ କିଏ କହି ଚାଲି ଆସିଲା । ବେକରେ ତା'ର ସେଇ ରାଣୀ ହାର । ମୁଣ୍ଡଟା ମୋର ଘୁରିଗଲା । ପାଟିରୁ ମୋର ଅଭାଷା ବାହାରିଲା । ରାଗରେ ମୁଁ ରାଣୀହାରଟିକୁ ତା' ବେକରୁ ଛିଣ୍ଡାଇ ଆଣିଲି । ମାନି ଭାଉଜ ଚିତ୍କାର କଲ.... ବାଡ଼ିପଡ଼ା ଚୋର ମୋ' ଗହଣା ନେଇଗଲା, କିଏ କୁଆଡ଼େ ଅଛ ଧାଇଁ ଆସ । ରାଗରେ ମୋ ରକ୍ତ ଜଳି ଉଠିଲା । ପାଖରେ ପାଞ୍ଚଣଟେ ପଡ଼ିଥିଲା, ଉଠାଇ ଆଣି ପିଠାରେ ଦେଲି ଚାରି ଛଅପାହାର କଷି । ବୋପାଲୋ ମା'ଲୋ କରି କିଳିକିଳା ରଡ଼ି କଲା ମାନି ଭାଉଜ । ଧାଇଁ ଆସିଲେ ମାଇକିନିଆ ଦଳ । ମୋ' ମୁଣ୍ଡକୁ ବିଛା କାମୁଡ଼ି ଥାଏ । ଯାହାକୁ ପାଇଲି ଦେଲି ତା' ପିଠକୁ ବି' ଚାରି ପାହାର କଷି । ମାଇକିନିଆ ଦଳ ରଡ଼ି ଛାଡୁଥାଆନ୍ତି, ମୋଇଲି ଏକା ଡିଆଁ ଯେ' ଯାଇ ପହଞ୍ଚିଲି ବସା ଘରେ । ବସାରେ ପହଞ୍ଚି ଭାବିଲି କ'ଣ କରିବି ? ନା ଏବେ ଏଠି ରହିବା ବିପଦ । ହପ୍ତେ ଦିହପା ପାଇଁ ଫେରାର୍ ହୋଇଯିବି । ଟିକେ ମାମଲା ଶାନ୍ତ ପଡ଼ିଲେ ବସାକୁ ଫେରିବି ।

କୋଡ଼ିଏ ଦିନ ଭୁବନେଶ୍ୱରରେ ଏଣେତେଣେ ବୁଲିଲି । ଭୁବନେଶ୍ୱର ସହର ଭାରି ଚମତ୍କାର । କେଡ଼େ ବଡ଼ ବଡ଼ କୋଠା ! କେଡ଼େ ବଡ଼ ବଡ଼ ଦୋକାନ ! ଦିନେ ବିଗ୍ ବଜାରରେ ପଶିଲି । ଦେଖିଲି, ଲୋକେ ଯିଏ ଯାହାର ଜିନିଷପତ୍ର ନେଇ ଭଦ୍ରଲୋକିଆ ସାଜି ଲାଇନିରେ ରହି ପଇସା ଦେଉଛନ୍ତି । ମତେ ଭାରି ହସ ମାଡ଼ିଲା । ଧେତ୍ ! ଏ କି ରାଜ୍ୟ ମ ।ଲୋକଗୁଡ଼ାକ ଏତେ ଭଦ୍ର ! ଛାଡ଼ ଆମେ ନୂଆଲୋକ, ଏଠି କିଛି ଗୋଲମାଲିଆ କାମ କରିବାନି । ଇଛା ହେଉଥାଏ ଗୁଡ଼ାଏ ଜିନିଷ ମୁଣିରେ ପକାଇ ନେଇଯିବି । ନା ! ମନଟାକୁ ଦାବି ଦେଲି । ବିଗ୍ ବଜାରରୁ ବାହାରିଲାବେଳେ ଚମ୍ପା ମନେ ପଡ଼ିଲା । ଆହା... ଏମିତି ଗୋଟେ ଦୋକାନକୁ ଆସିଲେ ଚମ୍ପା କେତେ ଖୁସି ହୁଅନ୍ତା ? ଚମ୍ପା କଥା ମନେ ପଡ଼ିଲାରୁ ମନଟା ଗୁଡ଼େଇ ତୁଡ଼େଇ ହେଲା । ନା... ଏବେ ଘରକୁ ଫେରିବାକୁ ପଡ଼ିବ । ଏବେ କଥାଟା ଥଣ୍ଡା ପଡ଼ିଯିବଣି । ପରଦିନ ଯାଇ ପହଞ୍ଚିଲି ନିଶ୍ଚିନ୍ତକୋଇଲି ବଜାରରେ ।

ବଜାରରେ ହୁରି ପଡ଼ିଛି କାଳିଆ ପଞ୍ଚୁମାଷ୍ଟର ପଡ଼ାର ସ୍ତ୍ରୀଲୋକମାନଙ୍କ ଲୁଗା ଖୋଲି ବାଡ଼େଇଛି । ମୋତେ ଦେଖି ଲୋକମାନେ ଚିଡ଼ିଆଖାନା ଜୀବ ଦେଖିଲାଭଳି ବୁଲି ବୁଲି ଅନାଉଥା'ନ୍ତି । କେହି କେହି କଥାଟାକୁ ମତେ ପଚାରିଲେ, ମୁଁ ତାଙ୍କ କଥାକୁ ଏଡାଇଗଲି । ପରଦିନ ସକାଳେ, ମାଆଙ୍କ ପାଖରେ ପହଞ୍ଚିଲି । ବଳିଆ ପୃଷ୍ଟି ଘର ଘଟଣା ପରଠୁଁ ମୁଁ ବଳିଆ ପୃଷ୍ଟିଙ୍କୁ ବାବା ଆଉ ବାବୁଆଣୀଙ୍କୁ ମାଆ ବୋଲି ଡାକେ । ମା' ମୋତେ ଦେଖି ଚମକି ପଡ଼ି କହିଲେ,

ହଇରେ ତୁ କ'ଣ କଲୁ ? ସେ ପଞ୍ଚୁ ମାଷ୍ଟର ପଡ଼ାର ଲୋକେ ତତେ ଡାହାଳଙ୍କ ଭଳି ଖୋଜୁଛନ୍ତି । କାହିଁକି ଏମିତି ଉତ୍ପାତିଆ କାମ କଲୁ ? ନାଇ ମା' ସେମାନେ ମୋ' ସାଙ୍ଗରେ ବେଇମାନି କଲେ । ମୋର କିଛି ଦୋଷ ନାହିଁ । ହଉ ତୁ ସାବଧାନରେ ଚଳିବୁ । କିଛି ଅସୁବିଧା ହେଲେ ମୋତେ ଜଣେଇବୁ । ବାପା କହିଲେ ଏଇଟା ନେଡ଼ଗୋଡ଼ା ହୋଇ ବୁଲିଲାରୁ ଏମିତି ଉତ୍ପାତ ହେଉଛି, ଏଇଟାର ହାତକୁ ଦି'ହାତ କରିଦିଅ । ମା' କହିଲେ ଘର ଦ୍ୱାର ତ କିଛି ନାହିଁ, ଯା'କୁ କିଏ ଝିଅ ଦେବ ? ହଇରେ ପଇସାପତ୍ର ସବୁ କ'ଣ କରୁଛୁ ? ଘର ଖଣ୍ଡେ କରୁନୁ ? ପଇସା ଅଛି, ହେଲେ ମୁଁ କଣ ଏତେ କଥା ଜାଣିଛି ? ସେଇଦିନ ବାବାମୋ ପାଇଁ ଜାଗା ଖଣ୍ଡେ କିଣିଦେଇ ଘର ଦି'ବଖରା ବନେଇବାର ଠିକଣା କରି ଦେଲେ । ଚାଷ ଜମିବି ଦୁଇ ଏକର କିଣିଲି । ମା' କହିଲେ ସବୁଦିନ କ'ଣ ଏମିତି ଚୋରି ଚମାରି କରୁ ଚଳୁଥିବୁ ! ମାଟି ମା' ସାଙ୍ଗରେ ଲଢ଼ି ଖାଇ ଶିଖିବୁ ନା !

ସମୟ ଗଡ଼ି ଚାଲିଲା । ଚମ୍ପା କଥାଟା ମନରୁ ଧୀରେ ଧୀରେ ଲିଭି ଆସୁଥାଏ । ଦିନେ ପଞ୍ଚୁ ମାଷ୍ଟର ମତେ ପଛରୁ ଡାକିଲା । ମୁଁ ଖସିଯିବାକୁ ବାହାରିଥିଲି । ସେ ମୋ' ହାତକୁ ଧରିନେଲା । ହଇରେ କାଳିଆ ଆମେ କ'ଣ ତୋର ଏମିତି ପର ହୋଇଗଲୁ ? ଗୋଟେ ଛୋଟ କଥାକୁ ନେଇ ଆମମାନଙ୍କୁ ପୁରାପୁରି ଭୁଲିଗଲୁ ? ଚମ୍ପାଟା କାଳିଆ ଭାଇ, କାଳିଆ ଭାଇ ହଉଛି । ତୋ' ଭାଉଜ ତତେ କେତେ ଖୋଜୁଛି । ଚମ୍ପା ମୋ' କଥା ମନେ ରଖିଛି ! ମୋତେ ଭୁଲିନି ? ରାଣୀହାରଟା ଏବେବି ମୋ' ପକେଟ୍‌ରେ ଅଛି । ଭାବେ କାଳେ କେତେବେଳେ ଚମ୍ପା ବାଟରେ ଘାଟରେ ଦେଖା ହୋଇଗଲେ ହାରଟା ତାକୁ ଦେଇଦେବି । ହଇରେ କାଳିଆ ! ଘର କଲୁ, ଜମି କିଣିଲୁ, ଆମ କଥା ଟିକେ ବି ମନ ପକାଇଲୁନି ? ତୋ' ଘର କରିବା ଖବର ଶୁଣି ଚମ୍ପାର ଖୁସି କହିଲେ ନ ସରେ । ତୋ' କଥା ଆଜି ମୁଁ କିଛି ଶୁଣିବିନି । ଚାଲ ଆଜି ଆମ ଘରକୁ ଯିବା । ରାତି ଖାଇବାଟା ଆଜି ଆମ ଘରେ । ମୁଁ ଯିବିକି ନ ଯିବି ଦୋ ଦୋ ପାଞ୍ଚ ହେଉଥାଏ । ଚମ୍ପା ମୁହଁଟା ଆଖି ଆଗରେ ନାଚିଗଲା । ଯିବାକୁ ମୁଁ ରାଜି ହୋଇଗଲି । ପଞ୍ଚୁ ମାଷ୍ଟର ମାନି ଭାଉଜକୁ ଫୋନ୍ କଲା, କାଳିଆ ମୋ ସାଙ୍ଗରେ ଯାଉଛି । ତା' ପାଇଁ ଖୁବ୍ ଭଲ ବନ୍ଦୋବସ୍ତ କରିଥିବ । ପଞ୍ଚୁ ମାଷ୍ଟର ମଟର ସାଇକେଲରେ ବସି ମୁଁ ଚାଲିଲି ଚମ୍ପା କଥା ଭାବି ଭାବି ।

ପଞ୍ଚୁମାଷ୍ଟର ପଡ଼ାର ଘର ସବୁ ଦୁଇ ଧାଡ଼ିଆ, ମଝିରେ ଚାରି ଫୁଟିଆ ଗଳି । ଦୁଇପଟେ ଉଞ୍ଚା ଉଞ୍ଚା ପିଣ୍ଡା । ଗଳିର ଶେଷ ମୁଣ୍ଡରେ ପଞ୍ଚୁମାଷ୍ଟରର ଘର । ପଞ୍ଚୁମାଷ୍ଟର ମଟର ସାଇକେଲ ଷ୍ଟାର୍ଟ ବନ୍ଦ ନ କରୁଣୁ ମୋ' ଉପରେ ବସିଲା ଠେଙ୍ଗା ପାହାର । ମୁଁ ମଟର ସାଇକେଲରୁ ତଳକୁ ଗଳି ପଡ଼ି ଜୀବନ ବିକଳରେ ଧାଇଁଲି, ହେଲେ କ'ଣ ହେବ, ଅଣ୍ଡିରାରୁ ମାଇପି ଯାଏଁ ପିଣ୍ଡା ଉପରେ ଠେଙ୍ଗା ଧରି ତେୟାର । ଭାଉଜଟା ଖୁବ୍ ଭଲ ବନ୍ଦୋବସ୍ତ କରି ରଖିଥିଲା । ବୋପା..ଲୋ... କଣ ସେ ମାଡ, ଆଖି ମୋର ଜୁଲୁଜୁଲିଆ ହୋଇଯାଉଥାଏ । ପଡ଼ି ଉଠି ଧାଉଁଥାଏ, କେତେବେଳେ ମୋଚେତା ବୁଡ଼ିଲା ମୁଁ ଜାଣିନି । ଚେତା ଆସିଲାବେଳକୁ ଦେଖିଲି ମୁଁ ଅଛି ଡାକ୍ତରଖାନା ବେଡ଼ରେ । ପାଖରେ ବସିଛି ଚମ୍ପା ।

ଖବର ଶୁଣି ମା' ଆସିଲେ । ପଇସା ପତ୍ର ଖରଚ କରି ମୋ ଭଙ୍ଗା ଗୋଡ଼, ହାତ ଆଉ ପଞ୍ଜରାକୁ ଠିକ୍ କଲେ । ଚମ୍ପା ମୋର ଦିନରାତି ସେବା କଲା ।

ଚମ୍ପା ବିଚାରି ସେଦିନ ମୋ' ଅବସ୍ଥା ଦେଖିପାରିଲାନି, ସମସ୍ତଙ୍କ ବାରଣ ସତ୍ତ୍ୱେ ଅଟୋ ଡାକି ମୋତେ ନେଇ ଡାକ୍ତରଖାନା ଆସିଲା । ଭାଉଜ କହିଲା ତା' ପାଇଁ ତାଙ୍କ ଦୁଆର ସବୁଦିନ ପାଇଁ ବନ୍ଦ ହୋଇଗଲା । ଚମ୍ପାଟା ଏ କଥା କହୁ କହୁ କାନ୍ଦି ପକାଇଲା । ମା' କହିଲା ଯାହା ହେଲା ଭଲ ହେଲା । ଏବେ ତୁ ସବୁଦିନ ପାଇଁ କାଳିଆ ପାଖରେ ରହିଯା' । କାଳିଆ ଭଲ ହୋଇ ଘରକୁ ଗଲେ ତୁମ ଦୁହିଁଙ୍କ ବାହାଘର କରିବି । ମନଟା ମୋର ଖୁସିରେ କୁରୁଳି ଗଲା । ମାଡ଼ ଖାଇ ଦରମରା ହେଉ ପଛେ ଚମ୍ପା ତ ମିଳିଗଲା । ଚମ୍ପା ଲାଜରେ ମୁହଁ ତଳକୁ କଲା । ମୁଁ ଭଲ ହୋଇ ଡାକ୍ତରଖାନାରେ ଘରକୁ ଆସିଲି । ବଳଦେବଜୀଉ ମନ୍ଦିରରେ ଆମ ବାହାଘର ହେଲା, ରାଣୀ ହାରଟା ମୁଁ ଚମ୍ପା ଗଳାରେ ପିନ୍ଧାଇ ଦେଲି । କାମ ଧନ୍ଦା ଛାଡ଼ି ମୁଁ ରାତି ଦିନ ଚମ୍ପା ପଣତ ତଳେ ରହିଲି ।

ଦିନ କାହାକୁ ଅପେକ୍ଷା କରେନି କି ମୋତେବି କଲାନି । ଛୋଟ ବଡ଼ ଚୋରି ଚମାରି କରି ମୋ' ଦିନ ଗଡ଼ି ଚାଲିଲା । କେଉଁଠି ଧରାପଡ଼ି ମାଡ଼ ଖାଇଲି ତ, ପୁଣି କେତେବେଳେ ଜେଲ ଗଲି । ଚମ୍ପାକୁ ଏମିତି ଜୀବନ ଆଉ ଭଲ ଲାଗୁନି । ମୋ' ଝିଅ ଚାମେଲୀକୁ ତିନି ପୁରି ଚାରି ଚାଲିଲା । ଝିଅ ମୋର ନୂଆ ସ୍କୁଲକୁ ଗଲାଣି । ଝିଅ ସ୍କୁଲରେ ମାଷ୍ଟର ଚମ୍ପାକୁ ପଚାରିଲା ଚାମେଲୀର ବାପା କ'ଣ କରନ୍ତି ? ଚମ୍ପାର ପାଟି ଖନି ମାରିଗଲା । ସ୍କୁଲରୁ ଫେରି ଚମ୍ପା ମୋ' ଉପରେ ଖୁବ୍ ତୁମ୍ବୀ ତୋଫାନ୍ କଲା । କହିଲା- ଆମ ଜମି ଆଉ ସଞ୍ଜ ଦିଆ ହେବନି, ଏଥର ତୁମେ ଲଙ୍ଗଳ କଣ୍ଢି ଧର । ଚମ୍ପା କଥାକୁ ଏ କାନରେ ପୁରାଇ ସେ କାନରେ ବାହାର କରି ମୁଁ ଏକ ମୁହାଁ ହୋଇ ଚାଲିଲି ବଜାରକୁ ।

ଶିଶୁ ଦିବସରେ ଚାମେଲୀ ସାଜିଛି ନୂଆ ବୋହୂ । ସ୍କୁଲରେ ଫ୍ୟାନ୍‌ସି ଡ୍ରେସ୍ ପ୍ରତିଯୋଗିତାରେ ଭାଗ ନେବାକୁ ଝିଅ ମୋର ଭାଗ ନେବ । ସତରେ ଝିଅ ମୋର କି ସୁନ୍ଦର ଦିଶୁଛି ? ନାଲି ଟୁକୁଟୁକୁ ସାଧବ ବୋହୂ ସାଜିଛି ସେ । ମୋବାଇଲରେ କେତେ ଢଙ୍ଗରେ ଫଟୋ ଉଠାଉଛି ଚମ୍ପା । ମୁହଁଟା ତା'ର ଆନନ୍ଦରେ ଝଟକି ଉଠୁଛି । ଚମ୍ପା ବାହାରିଲା ସ୍କୁଲକୁ । ମୁଁ ଚାଲିଲି ମୋ କାମ ସନ୍ଧାନରେ । ବଡ଼ ପୋଖରୀ କଡ଼ରେ ଏଥେ କାହା ଘର ? ନୂଆ ଘରଟା ତ ! ମୋର ତ କାହିଁ କେବେ ନଜର ପଡ଼ିନି ? ? ଘର ସାମ୍ନାରେ ବାଉଁଶ ବନ୍ଧା ଚାଲିଛି । ବାହା, ବ୍ରତ କ'ଣ ହେବ କି ? ବନ୍ଦିତା ସହିତ ବିନୋଦ.. ଓଃ ତା' ହେଲେ ଝିଅ ବାହାଘର । ମୁଣ୍ଡ ମୋର ଚକର ଖାଇଲା । ଝିଅ ବାହାଘର ମାନେ ଖୁବ୍ ମାଲ ଥିବ । ହଉ ଆଜି ରାତିକୁ ଦେଖିବା । ଦନସାରା ଏଣେତେଣେ ବୁଲି ସଞ୍ଜ ବୁଡୁଣୁ ଘରକୁ ଫେରିଲି । ଚମ୍ପା ବାହାରକୁ ଧାଇଁ ଆସିଲା... ଝିଅ ଆମ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତାରେ ଫାଷ୍ଟ ହୋଇଛି । ଖୁସିରେ ତା' ମା' ଗୋଡ଼ ମାଟିରେ ଲାଗୁ ନଥାଏ । ମୁଁ ବି ଝିଅକୁ ଖୁସିରେ କୋଳେଇ ନେଲି ।

ବାହାଘରିଆ ଘରଟାକୁ କଳା କନା ବୁଲେଇ ସକାଳେ ସକାଳେ ଯାଇ ନଛୁ ବଣିଆ ପାଖରେ ପହଞ୍ଚିଲି । ନଛୁ ବଣିଆ ଗହଣା ସବୁ ଦେଖି କହିଲା- ହଇରେ, ଏ ଗହଣା ପରା କାଲି ସଞ୍ଜରେ ମୋ' ଦୋକାନରୁ ମା' ଝିଅ ଆସି ନେଇଥିଲେ ? ତତେ ଆଉ ପାରି ହେବନି । ମୁରୁକି ହସି ନଛୁ ବଣିଆ ମୋତେ ଟଙ୍କା ବଢ଼େଇ ଦେଲା । ମନ ଖୁସିରେ ଘରକୁ ଆସି ଟଙ୍କା ସବୁ ଚମ୍ପାକୁ ବଢ଼େଇ ଦେଇ କହିଲି, ରଖିଥା । ମୋ' ଚାମେଲୀର ବାହାଘର ପାଇଁ କାମରେ ଲାଗିବ

। ଚମ୍ପା ଶୁଖିଲା ହସ ହସି କହିଲା– "କ'ଣ କାହା ଘରବୁଡ଼ା ଟଙ୍କାରେ ମୋ' ଝିଅ ବାହାଘର କରିବି ?" ମନଟା ମୋର ମରିଗଲା ।


ପରଦିନ ସକାଳୁ ସକାଳୁ ବାହାରିଲି ବାହାଘରିଆ ଘର ପାଖକୁ ଦେଖେ ଅବସ୍ଥା କ'ଣ ? ପୁଲିସ୍ କେତେ ବାଟ ଗଲାଣି ? ଅବସ୍ଥା ଦେଖି ବ୍ୟବସ୍ଥା କରିବାକୁ ପଡ଼ିବ । ଦରକାର ପଡ଼ିଲେ କିଛିଦିନ ପାଇଁ ଫେରାର୍ ହେବାକୁ ପଡ଼ିବ । ପୁଲସ୍ ଉପରେ ଅଧିକା ପ୍ରେସର ପଡ଼ିଲେ ସେ ଆମ ଭଳିଆ ଚୋରଙ୍କୁ ଖୋଜି ଖୋଜି ହାଜତରେ ପୁରାଇ ଧୁଲେଇ କରିବ । ତେଣୁ ବେଳହୁଁ ଟିକେ ସାବଧାନ ହେବାକୁ ପଡ଼ିବ । ଦୂରରୁ ଦେଖିଲି ଖୁବ୍ ଲୋକ ଭିଡ଼ ହୋଇଛି । ପାଖକୁ ଯିବି... ଯିବିନି... ହୋଇ ପାଖକୁ ଗଲି । ପୋଖରୀ ହୁଡ଼ାରେ ଲୋକଙ୍କ ଭିଡ଼ । ବାବୁ ଜଣଙ୍କୁ ପଚାରିଲି, କ'ଣ ହୋଇଛି ? କାହିଁକି ଏତେ ଭିଡ଼ ? ପୋଖରୀରୁ ଗୋଟିଏ ଝିଅର ଶବ ବାହାରିଛି । ଓଃ... ରକ୍ଷା । ମୋ କାଣ୍ଡ ପାଇଁ ଏ ଭିଡ଼ ନୁହେଁ । ଟିକେ ପାଖକୁ ଗଲି । ଲୋକେ କୁହାକୁହି ହେଉଥା'ନ୍ତି, ବିଚାରିର ବାହାଘର ଆଗ ଦିନ ଘରୁ ସବୁ ଚୋରି ହୋଇଗଲା । ବାପା ତା'ର ଆଉ ଟଙ୍କା ପଇସା ଯୋଗାଡ଼ କରିପାରିଲାନି, କି ଗହଣା କିଣିପାରିଲାନି । ବର ବାପା ଅଡ଼ି ବସିଲା ଯଉତୁକ ଟଙ୍କା ଆଉ ଗହଣା ନ ହେଲେ ବାହାଘର ହୋଇପାରିବନି । ବର ଫେରିଗଲା । ବିଚାରୀ ଝିଅଟା ସହିପାରିଲାନି । ସକାଳୁ ସକାଳୁ କେତେବେଳେ ଆସି ପୋଖରୀକୁ ଡେଇଁ ପଡ଼ିଛି । ମୋ ମୁଣ୍ଡଟା ଝାଇଁ ଝାଇଁ କରିଗଲା । ଆଉ ଟିକେ ପାଖକୁ ଗଲି । ନାଲି ପାଟ ପିନ୍ଧି ଝିଅଟେ ଶୋଇଛି । ମୋ' ଚାମେଲୀ ଯେମିତି ବୋହୂ ବେଶ ସାଜିଥିଲା ଠିକ୍ ସେମିତି । ଝିଅଟା ମୁହଁକୁ ଅନେଇଲି । ଆଖି ମୋର ବଡ଼ ବଡ଼ ହୋଇଗଲା । ମୋ' ଚାମେଲୀ ଶୋଇଛି । ଦୁଇ ହାତରେ ଆଖି ମଳିଲି । ପୁଣି ଝିଅକୁ ଦେଖିଲି... ମୋ' ଝିଅ !... ନା !... ସେ ଆଉ କିଏ... ? ନା ନା ସେ ଚାମେଲୀ.... । ମୋ' ଭିତରେ ଲୁଚି ରହିଥିବା ମଣିଷ ପଣିଆ ଟିକକର ବିସ୍ଫୋରଣ ହେଲା । ମୋ' ମୁଣ୍ଡ କାମ କଲାନି । ମୁଁ ଚିତ୍କାର କରି ଝିଅ ପାଖକୁ ଧାଇଁଲି । ଜଗିଥିବା ପୁଲିସ୍ ମୋତେ ଧରି ନେଲା । ମୁଁ କଣ୍ଠ ଫଟାଇ କାନ୍ଦିଲି । କହିଲି ମତେ ମୋ' ଝିଅ ପାଖକୁ ଛାଡ଼ । ପୁଲିସ୍ ମୋତେ ଛାଡ଼ିଲାନି । ଲୋକେ ମୋତେ ଘେରିଗଲେ । ମୁଁ ଆଉ ସମ୍ଭାଳି ପାରିଲିନି । ବହେ କାନ୍ଦିଲି । କହିଲି ମୋରି ପାଇଁ ମୋ' ଚାମେଲୀ ମୋତେ ଛାଡ଼ି ଚାଲିଗଲା । ପୁଲିସ୍ ବାବୁ ମୋ' ପାଖକୁ ଆସିଲେ । ମୋତେ ପଚାରିଲେ, ହଇରେ କାଳିଆ କଥା କ'ଣ ? ମୋ' ମୁଣ୍ଡ କାମ କରୁନଥାଏ । ମୁଁ ସବୁ ସତକଥା ମାନିଗଲି । ମୋ'ରି ପାଇଁ ଝିଅଟାର ବାହାଘର ହେଲାନି । ବିଚାରୀ ପୋଖରୀକୁ ଡେଇଁଲା । ମୁଁ ଆଜ୍ଞା ତାଙ୍କ ଘରେ କଳା କନା ବୁଲେଇଥିଲି । ପୁଲିସ୍ ଗାଡ଼ିରେ ଥାନାକୁ, ତା' ପରେ ଜେଲ । ତିନିବର୍ଷ ପାଇଁ ଜେଲ୍ ।

ଜେଲରୁ ମୁକୁଳି ଘରେ ପହଞ୍ଚିଲି । ଦୁଆର ମୁକୁଳା ପଡ଼ିଛି । ଧୀରେ ଡାକିଲି, ଚମ୍ପା... ଚମ୍ପା.... । ଭିତରୁ ମୋ ଝିଅ ଆସିଲା ।ମୋତେ ଚିହ୍ନିଲା ଚିହ୍ନିଲା ଆଖିରେ ଅନେଇଲା । କାହାକୁ ଖୋଜୁଛ ?ମୁଁ ପାଟୋ' ବାପା... ଝିଅକୁ କୋଳକୁ ନେଲି । ମା... ତୋ' ମାଆ କୁଆଡ଼େ ଗଲା ? ଝିଅ ମୋର ବିଲ ଆଡକୁ ହାତ ଦେଖାଇ ଦେଲା । ମା' ବିଲକୁ ଯାଇଛି । ଝିଅକୁ କାନ୍ଧରେ ବସାଇ ବିଲରେ ପହଞ୍ଚିଲି । ବିଲ ମଝିରେ ଚମ୍ପା ଚଳିରୋଉଛି । ଝିଅ ମୋର ଡାକ ଛାଡ଼ିଲା– ମା..... ମା...... ଚମ୍ପା ମୁଣ୍ଡଟେକି ଅନେଇଲା । ଝିଅକୁ ବିଲଆଡ଼ିରେ ବସେଇ, ପସିଲି ବିଲ ଭିତରକୁ । ଚମ୍ପା ମୋତେ ଆଶ୍ଚର୍ଯ୍ୟହୋଇ ଅନେଇଲା । ଚମ୍ପା ହାତରୁ ମୁଁ ଚଳି ଗଣ୍ଡାକ ନେଲି । ଚମ୍ପା ଓଠରୁ ଝରି ପଡ଼ିଲା ଧୀରେ ହସ । ହସଟା ଭାରି ଅଲଗା, ଭାରି ମିଠା । ଏମିତି ହସ ମୁଁ ଆଗରୁ କେବେ ଦେଖିନଥିଲି ।

ଉତ୍କଳ ଗାଲଭାନାଇଜର୍ସ ଲିଃ.
୨୩୨, ସହିଦ ନଗର, ଭୁବନେଶ୍ୱର

# ସ୍ତ୍ରୀ ଆଉ ସାବିତ୍ରୀ

ପ୍ରଶାନ୍ତ କୁମାର ଭୂୟାଁ



ଗତକାଲି ସଂଧ୍ୟାରେ ତିନି ଗୁଟୁରୁଗୁଁ ଦମ୍ପତିଙ୍କୁ ମୁଠାଏ ସୋରିଷ ଦେଇ ନିଶ୍ୱାସରେ ତାଙ୍କ ସହ କିଛି ବାଲୁ ବାଲୁ ହେଉଥିଲି କି ପଛରୁ ମୋ' ସ୍ତ୍ରୀ ପଚାରିଲେ, "କାଲି କ'ଣ ଜରୁରୀ କାମ ଅଛି କି ତମର କେଉଁଠି ?" ମୁଁ କହିଲି– "କୌଣସି କାମ ତୁମଠୁଁ ଜରୁରୀ କି ? କିହୋ କହୁନ କ'ଣ ଚାହୁଁଛ ?"ସେ କହିଲେ, "କାଲି ସାବିତ୍ରୀ ଅମାବାସ୍ୟାଟା, ସକାଳୁ ମନ୍ଦିର ଯାଇଥା'ନ୍ତେ । ଆଉ ଖରାବେଳେ ମନ୍ଦିରରୁ କିଛି ପ୍ରସାଦ ସେବନ କଲେ ଭଲ ହୁଅନ୍ତା । କ'ଣ କହୁଛ !" ମୁଁ ଏଇ କର୍ମଜୀବୀ ସାବିତ୍ରୀକୁ ଦେଖୁଥିଲି । ପ୍ରଥମ ଦିନର ଭେଟ ଭଳି ସେଇ ନିରୀହ, ସରଳ, ସୁନ୍ଦର, ସତୀସାଧ୍ୱୀଟିଏ । ପାଠରେ, ଗୁଣରେ, କଥାରେ, କହିବାକୁ ଗଲେ ସବୁଥିରେ ଭଗବାନ ତାକୁ ଗୁଣବନ୍ତୀ ଦେଇ ମୋ' ପାଇଁ ପଠେଇ ଦେଇଛନ୍ତି । ମାଛିକୁ ମ କହିବନି କି ପ୍ରଭୁକୁ ନା କହିବନି । ଯାଙ୍କୁ କଣ ବା କହିବି ? ମୁରୁକି ହସି କହିଲି, "ହେ ଦେବୀ ! ଯଦି ହେବାକୁ ଇଚ୍ଛା ତେବେ ଏଇମିତି ସତୀସାଧ୍ୱୀଟିଏ ହୋଇ ରହିଥାଅ ସଦା, ହେଲେ ସାବିତ୍ରୀ ନୁହଁ । ସାବିତ୍ରୀ ଏକନିଷ୍ଠା ତଥା ଶକ୍ତିର ଏକ ପରାକାଷ୍ଠା । ସାବିତ୍ରୀଙ୍କ ବିଜୟ ମୃତ୍ୟୁର ଈଶ୍ୱରଙ୍କ ଉପରେ ଯେପରି ନିଆରା ଥିଲା; ନିଜର ଚିନ୍ତା ଓ ଚେତନାରେ ସେ ଥିଲେ ଅତି ମହନୀୟ । ଆଉ ଏ ତାଙ୍କର ଏଇ ଗୌରବକୁ ଏହିଭଳି ରହିବାକୁ ଦିଅ । ସଭିଏଁ ସାବିତ୍ରୀ ହେବା ଆବଶ୍ୟକ ନାହିଁ । ତୁମେ ତୁମର ସକୀୟ ପରିଚୟ ତିଆରି କର; ଅନ୍ୟର ଆବରଣକୁ ଘୋଡ଼ାଇବାର ଧୃଷ୍ଟତା ନ କରିବା ଭଲ । ତମେ ମୋ' ପାଇଁ ସୁନ୍ଦର, ସରଳ, ସତୀସାଧ୍ୱୀଟିଏ ହୋଇଥିଲ, ଅଛ ଆଉ ରହିଥିବ; ଏହା ମୁଁ ଜାଣେ । ଏଣୁ ତମର ଏଇ ମହତଗୁଣ ଏଇମିତି ରଡ଼ନିଆଁ ପରି ଦାଉଦାଉ ହୋଇ ଜଳୁଥାଉ । ମୋର ଯାହା କଳୁଷ ଏଇଥିରେ ଜଳିଯାଉ ।" ଆଉ ଟିକିଏ କଥାଟାକୁ ଆଗକୁ ବଢ଼ାଇ କହିଲି, "ବୁଝିଲ, ସେଇଦିନ ସେଇ ହଳଦୀମୁଖା ତାଳପତ୍ରରେ ଛକ ଆଉ ଗାର ସହ ଅନେକ କିଛି ଲେଖା ହୋଇଥିବା ସେଇ ଜାତକ ଧରି; ଗୋଟେ ପଟ ଫଟା କାଚର ବୁଢ଼ିଆଣୀ ଜାଲର ଚିତ୍ର ହୋଇଥିବ ଆଉ ଅନ୍ୟପଟେ ପଇତାସୂତାରେ କାନକୁ ବନ୍ଧା ହୋଇଥିବା ଚଷମାରେ ଦେଖି ମହାପାତ୍ରେ ମୋତେ ଥରେ, ଆଉ ଥରେ ମୋ' ମା'କୁ ଦେଖି କହିଥିଲେ, "ବୁଝିଲୁ ଭାସି (ମୋ ମା'ଙ୍କ ନାମ ବାସନ୍ତୀ), ତୋ ପୁଅଟା ମଣିଟାଏ ଲୋ, ରତ୍ନଟାଏ । ଆହା କେଡ଼େ ଭାଗ୍ୟବତୀ ତୁଟାଲୋ ! ୮୫ବର୍ଷ ବଞ୍ଚିବ ଇଏ । ଅନେକ ନାଁ କରିବ । ଧରମ କରମରେ ଧ୍ୟାନ ରହିବ । ଅନ୍ୟାୟରେ ଯିବନି କି ନ୍ୟାୟରେ ଛାଡ଼ିବନି । ଜନମନରେ ରହିବ, ସେବା କରିବ । ତୋ' ଦୁଃଖ ପଳେଇବ ଲୋ । ଉତ୍ତର ଦିଗକୁ ଗମନ କରିବ ।" ଏଇମିତି ଅନେକ କଥା । ପଞ୍ଚମ ଶ୍ରେଣୀରେ ପଢୁଥିଲି । ୮/୯ ବର୍ଷର ବାଳୁତ ପିଲା । ଏଇକଥା ଶୁଣି କିଛି ମନେ ରହୁ ନ ରହୁ, ଏଇକଥା ମନରେ ବସିଗଲା ଯେ ମୁଁ ୮୫ବର୍ଷ ଯାଏଁ ବଞ୍ଚିବି ବୋଲି । ସେଦିନ ମୋ' ହାତରେ ଗୋଟିଏ କୋଣାର୍କ ଚକ ଥିବା କାଗଜ ଟଙ୍କାଟିଏ ମୋ' ମା' ସେଇ ପଣ୍ଡିତଙ୍କୁ ଦେଇଥିଲା । ଆଉ ମୁଁ ସାଷ୍ଟାଙ୍ଗ ପ୍ରଣିପାତ ହୋଇ ଅଗଣାଟାରେ ଲମ୍ବ ହୋଇ ପଡ଼ିଯାଇଥିଲି ମହାପାତ୍ରଙ୍କ ଗୋଡ଼ ତଳେ । ମୁଁ ତାଙ୍କ ମନଲାଖି ଆଉ ଗୋଡ଼ରେ ଲାଗିଥିବା ଧୂଳିମାଳି ସବୁ ଦେଖୁଥିଲି । ଆଉ ସେ ମୋତେ ଆଦିଭାଷାରେ କିଛି ଭଲ ଆଶୀର୍ବାଦ କରିଚାଲିଥିଲେ । ଏଣୁ ତୁମେ କାଚ ଲଗାଅ କି ନ ଲଗାଅ, ସିନ୍ଦୁର ନାଅ କି ନ ନାଅ, ସାବିତ୍ରୀ ବ୍ରତ ପାଳ କି ନ ପାଳ, ମୋର ଆୟୁଷ ୮୫ । ତା' ପୂର୍ବରୁ ତୁମେ ଆରାମରେ ରୁହ ଆଉ ତା' ପରେ ମୁଁ ଆରାମରେ ରହିବି । ହଁ ସେତେବେଳେ ୮୫ ବର୍ଷରେ ଯମ ସହ ଲଢ଼ାଇ କରିବନି ମୋ' ପାଇଁ । ମୋତେ ଶାନ୍ତିରେ ବଞ୍ଚାଇ ରଖିଛ ଏଣୁ ଶାନ୍ତିରେ ମରିବାକୁ ଦେବ, ହେଲା । ବୁଝିଲ କି ନାହିଁ ! ଯମ ତୁମ କଥା ରଖିବ କି ନାହିଁ ମୁଁ ଜାଣିନି ହେଲେ ଚିକିତ୍ସାଳୟ ଆଉ ଚିକିତ୍ସକଙ୍କ ହୁଣ୍ଡିରେ ତୁମକୁ ଏତେଟଙ୍କା ଢାଳିବାକୁ ପଡ଼ିବ ଯେ ସେତେବେଳେ ତୁମକୁ ରକ୍ଷା କରିବାକୁ ମୁଁ ନଥିବି । ଏଣୁ ସକାଳୁ ଘରେ ପୂଜା କରି କିଛି ଖାଇ କାମକୁ ଯାଅ । ମୁଁ ନଡ଼ିଆ ଭାତ ଆଉ ତୁମ ମନପସନ୍ଦ ଚିଙ୍ଗୁଡ଼ି ମସାଲା ତରକାରୀ କରିଦେବି, ମିଶି ଖାଇବା । ଆଉ ସନ୍ଧ୍ୟାରେ ଫେରିଲେ ମନ୍ଦିର ଅଥବା ଉଦ୍ୟାନକୁ ଯାଇ ଆସିବା । ଆଲୋ ମୋ ସତୀ ! ଯଦି ସକଳ ତୀର୍ଥ ମୋ ଚରଣେ, କୁଆଡ଼େ ଯିବୁ କି କାରଣେ ! ସେ ମନେ ମନେ କେତେ କଣ ଦେବାଦେବୀଙ୍କୁ କିଛି ଫୁସ୍‌ଫାସ୍ ହୋଇ କହିଗଲେ । ସେ କହିଲେ ହଉ, ଯେମିତି ତମର ଖୁସି, ହେଲେ କାଲି ଘରେ କିଛି ଆମିଷ, ପିଆଜ, ସୋରିଷ ଅବା ରସୁଣ ନ ହେଲେ ଭଲ । ଏତିକି କଥା ରଖିବ । ଏହା କହି ସେ ଆର କୋଠରୀକୁ ଯାଇ ଝିଅକୁ ଦୂରଭାଷରେ ଡାକି କହିଲେ ଏଇ ଇତିହାସ । ସେମାନଙ୍କ ଭିତରେ କଣ ସବୁ ବିଚାର ବିମର୍ଷ ହେଲା । ମୁଁ ବୁଝିପାରିଲିନି, ଶୁଣିଲିନି ମଧ୍ୟ । ପରେ ମୋ ସ୍ୱାମୀ ଓକିଲ ଝିଅ (ପେଷାରେ ସେ ଜଣେ ଚିକିତ୍ସକ) ମୋତେ ସ୍କାଇପ୍‌ରେ ଡାକି କହିଲା; ଏହାକୁ କହିଲା ତ କହିବିନି, କହିବିଯେ ବୁଝାଇଲା । ଏଇ ଅବୁଝା ପଣରେ ତ ୪୪ ହେଲାଣି ଆଉ ଏଇ ୪୪ ମିନିଟ୍‌ରେ ବା କ'ଣ ବୁଝିବି ! ଏପଟେ ଫେସ୍‌ବୁକ୍‌ରେ ଲାଇକ୍ ଆଉ କମେଣ୍ଟ୍ ବୋତାମ୍ ଟିପୁ ଟିପୁ ସବୁ ହଁ...ହାଁ...ହଁ କରିଗଲି । ଶେଷ ଧାଡ଼ିରେ ଆମର ବୁଝାଶୁଝା ହେଲା ଯେ, ଘରେ ମିଠା ଖେଚୁଡ଼ି, ଡାଲମା ହେବ । ସନ୍ଧ୍ୟାରେ ତା'ର ମା' ଫେରିଲେ ମୁଁ ତାଙ୍କୁ ମନ୍ଦିର ଧରି ଯିବି କୌଣସି ଉଦ୍ୟାନ ନୁହଁ । ଅନ୍ତତଃ ଏଇଭଳି ଦିନ ଗୁଡ଼ାକରେ । ଏଇକଥା ହିଁ ସ୍ତ୍ରୀଙ୍କୁ କହିଥିଲି ଏହା ପୂର୍ବରୁ । ଏଇଠି ଥାଉ ମୋ ଘର ସଂସାର କଥା । ଏବେ କହିବି ବିପଦ, ମୋ କଥା । ସୁଧି ପାଠକେ, ମୁଁ ଏହା ଜାଣେ, ବୁଝେ ଆଉ କହେ ଯେ, ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ହେଉ ବା ବୁଦ୍ଧ ଜୟନ୍ତୀ ହେଉ; ବିବେକାନନ୍ଦଙ୍କ ଜୟନ୍ତୀ ହେଉ ବା ମଦର ଟେରେସାଙ୍କ ଶ୍ରାଦ୍ଧ ତିଥି ହେଉ; କେବଳ ନେପଥ୍ୟ କୋଳାହଳ ନ କରି ସେଇ ଯୁଗସ୍ରଷ୍ଟା ମହାନ୍ ବ୍ୟକ୍ତିଙ୍କର ଗୁଣରେ ଗୁଣୀ ହୋଇ କିଛି ଶିଖି ଶିଖେଇଲେ ମାନ ରହେ । ଏଇ ସବୁ ପୂଜାପାର୍ବଣର ମହତ୍ତ୍ୱର ସ୍ମରଣର ନଥି ଇଏ । ଖାଲି ନଡ଼ିଆ କଦଳୀ ଦିଟା ଓଁ ସ୍ୱାହା... କରିଦେଲେ ପର୍ବ ପାଳନ ହୁଏନି । ଏଣୁ ଗତକାଲି ଏକ ମନ୍ତବ୍ୟରେ କହିଥିଲି ଯେ, "ସମସ୍ତ ସୀମନ୍ତିନୀ ସାବିତ୍ରୀ ଆଉ ସବୁ ସ୍ୱାମୀ ସତ୍ୟବାନ; ଯେତେବେଳ ଯାଏଁ ସମସ୍ତେ ନିଜ ନିଜର ଚେତନାର ପରିଧି ଭିତରେ ରହନ୍ତି; ପରିଧି ବାହାରକୁ ଗଲେ ସବୁ ଜଟିଳ, ସବୁ ସଙ୍କୁଳ ଆଉ ସଭିଏଁ ବ୍ୟାକୁଳ ।"

ପ୍ରଭୁ,

(କହିଲେ...କହୁଛି...କହିଲା...ବୋଲି ସଂକଳନର "ମୋ କଥା"ରୁ ସଂଗୃହୀତ)

# ପରୀମାନଙ୍କର ଗଣିତ କୁହୁକ

ପୁଷ୍ପିତା ଜେନା



ଆରଭ୍ ବୋଲି ପିଲାଟିଏ ଥିଲା । ପିଲାଟିଦିନରୁ ଖୁବ୍ ଚଞ୍ଚଳ ଓ ଦୁଷ୍ଟ ଥିଲା । ମାତ୍ର ତା'ର ସ୍ମରଣ ଶକ୍ତି ଓ ଗଣିତର ଜ୍ଞାନ ପ୍ରବଳ ଥିଲା । ପିଲାଟି ଦିନରୁ ଗଣିତ ପ୍ରତି ସେ ବିଶେଷ ଆଗ୍ରହୀ ଥିଲା । ତେଣୁ ଅତି କମ୍ ବୟସରୁ ସେ ମାନସାଙ୍କ, ମିଶାଣ, ଫେଡ଼ାଣ... ଇତ୍ୟାଦି କମ୍ପ୍ୟୁଟର ପରି ଗଣନା କରିପାରୁଥିଲା ମୁହାଁମୁହିଁ । ନା' ଆଙ୍ଗୁଠି ଗଣନା କରୁଥିଲା ନା କାଗଜ କଲମ, ସ୍ଲେଟ୍, ଚକ୍ ର ଦରକାର ପଡୁଥିଲା । ତାକୁ ଗଣିତ ବହିଟିଏ ଧରାଇଦେଲେ ଭୋକଶୋଷ ଭୁଲି ସେଥିରେ ଲାଗି ରହୁଥିଲା । ତେଣୁ ବାପା, ମାଆ, ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ତାକୁ ଖୁବ୍ ଭଲ ପାଉଥିଲେ । ତେଣୁ ଖୁବ୍ କମ୍ ବୟସରୁ ଗଣିତରେ ସମସ୍ତପ୍ରକାର ପୁରସ୍କାର ଇତ୍ୟାଦି ପାଉଥିଲା । ତେଣୁ ଘରେ, ବାହାରେ ସବୁଆଡ଼େ ତା'ର ନାମର ଗୁଣଗାନ ହେଉଥିଲା ।

ହଠାତ୍ ଯେପରି କାହାର ନଜିର ବା କୁଦୃଷ୍ଟି ତା'ର ଗଣିତ ବିଦ୍ୟାରେ ଲାଗିଗଲା ପରି ତା'ର ଗଣିତଜ୍ଞାନର ଅବନତି ହେବା ଆରମ୍ଭ ହେଲା । ସେ ସେତେବେଳେ ଷଷ୍ଠ ଶ୍ରେଣୀର ଛାତ୍ର । କାରଣ ସେ ଗଣିତ ପ୍ରତି ପୂର୍ବରୁ ଯେପରି ଆଗ୍ରହୀ ଥିଲା ସେମିତି ଆସ୍ତେ ଆସ୍ତେ କ୍ରିକେଟ୍ ଖେଳ ପ୍ରତି ତା'ର ଖୁବ୍ ଆଗ୍ରହ ଜାଗ୍ରତ ହେବାରୁ ସେ ସବୁ ସମୟରେ କ୍ରିକେଟ୍ ଖେଳିବାକୁ ପସନ୍ଦ କଲା । ସେ ତା'ର ସାଙ୍ଗମାନଙ୍କୁ ନେଇ ଏକ କ୍ରିକେଟ୍ ଟିମ୍ ଗଢ଼ିଲା ଓ ଟେଲିଭିଜନରେ ଖାଲି କ୍ରିକେଟ୍ ମ୍ୟାଚ୍ ଦେଖିଲା । ସ୍କୁଲର ଜୁନିୟର କ୍ରିକେଟ୍ ଟିମ୍‌ରେ ମଧ୍ୟ କ୍ରିକେଟ୍ ଖେଳିଲା । ଆସ୍ତେ ଆସ୍ତେ ଗଣିତ ପ୍ରତି ତା'ର ଆଗ୍ରହ କମିଗଲା ଓ ସେ ଆଦୌ ଗଣିତ ଅଭ୍ୟାସ କଲାନାହିଁ । ନିଜର ସ୍କୁଲ ପରୀକ୍ଷାରେ ମଧ୍ୟ ଆଶାତୀତ ଭାବରେ ଖରାପ କରିବାରେ ଲାଗିଲା । କାରଣ ତାକୁ ଦିନରାତି କ୍ରିକେଟ୍ ନିଶା ପାଗଳ କଲା । ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଖୁବ୍ ଉଦାସ ହୋଇଥିଲେ ଆରଭ୍‌ର ଏପରି ଅଧପତନ ଦେଖି । ଶେଷକୁ ଏମିତି ବର୍ଷସାରା ପାଠରେ ଧ୍ୟାନ ନ ଦେବାରୁ ଷଷ୍ଠ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସେ ଗଣିତରେ ପାସ୍ କରିପାରିଲାନି । ଶେଷରେ ସ୍କୁଲର ଫଳାଫଳ ଘୋଷିତ ହେବା ପରେ ପ୍ରୋମୋସନ ତାଲିକାରେ ତା'ର ନାମ ନଥିଲା । । କେହିହେଲେ ବିଶ୍ୱାସ କରିପାରିଲେନି ଯେ ଯେଉଁ ଗଣିତଜ୍ଞ ଆରଭ୍ ଦିନେ ଏହି ଗଣିତରେ ପୁରସ୍କାର ଓ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଥିଲା, ଆଜି ସେହି ଗଣିତରେ ଫେଲ୍ ହୋଇଥିବାରୁ ସେ ପୁନଶ୍ଚ ସେହି ଷଷ୍ଠ ଶ୍ରେଣୀରେ ଆଉ ବର୍ଷେ ପଢ଼ିବାକୁ ପଡ଼ିବ । ତାକୁ ଚତୁର୍ଦ୍ଦିଗ ଯେପରି ଅନ୍ଧକାରଚ୍ଛନ୍ନ ଦେଖାଦେବା ସହିତ ସେ ସମସ୍ତଙ୍କ ନିକଟରେ ମଥାଟେକି କିପରି ଚାଲିବ ଜାଣିପାରୁନଥିଲା । ନିଜର ଏପ୍ରକାର ଅଧୋପତନକୁ ସହ୍ୟ କରିବାର ଶକ୍ତି ସେ ସେ ହରାଇ ବସିଥିଲା । ଘରେ ପହଞ୍ଚିବା ପରେ ବାପା, ମାଆ ଉତ୍ସାହିତ ହୋଇ ତା'ର ଫଳାଫଳ ବିଷୟରେ ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ସେ କାନ୍ଦି କାନ୍ଦି ତାଙ୍କ ପାଦତଳେ ଲୋଟିଗଲା ଓ ସେ ଷଷ୍ଠ ଶ୍ରେଣୀ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ବିଷୟ ଜଣାଇଲା । ମା' ବାପା ମଧ୍ୟ ଏ ସମ୍ବାଦରେ ଖୁବ୍ ଦୁଃଖିତ ହୋଇଥିଲେ । କାରଣ, ତା'ର ପାଠ ତଥା ଗଣିତ ପ୍ରତି ଅବହେଳା ଦେଖି ମାଆ ତାକୁ ମଝିରେ ମଝିରେ ଖୁବ୍ ଗାଳିଦେବା ସହିତ ବୁଝାଉଥିଲେ । ମାତ୍ର କ୍ରିକେଟ୍ ଖେଳର ନିଶା ଆଜି ତା' ପାଇଁ କାଳ ଓ କଣ୍ଟକ ପରି ପ୍ରତୀୟମାନ ହେଉଥିଲା ।

ସେ ମନଦୁଃଖରେ ସେଦିନ ରାତିରେ କାନ୍ଦି କାନ୍ଦି ଶୋଇପଡ଼ିଲା ଯେ ପୁଣି କିପରି ଷଷ୍ଠ ଶ୍ରେଣୀରେ ସାନପିଲାମାନଙ୍କ ସହିତ କିପରି ପଢ଼ିବ ? ତା'ର ସ୍ୱପ୍ନରେ ସେ ଗୋଟିକ ପରେ ଗୋଟିଏ ତିନୋଟି ପରୀଙ୍କୁ ଦେଖିଲା ଯିଏ କି ତାକୁ ତା'ର ଏ ଅକୃତକାର୍ଯ୍ୟର କାରଣ ସହିତ ତା'ର ଅବହେଳା ସମ୍ବନ୍ଧରେ ବୁଝାଇ ଚାଲିଲେ । ତା' ପରେ ସେ ତିନୋଟି ପରୀ ସେମାନଙ୍କର ନାମ କହିଥିଲେ । ପ୍ରଥମ ପରୀର ନାମ ଥିଲା ନିଷ୍ଠା ଓ ଅଭ୍ୟାସ । ଦ୍ୱିତୀୟ ପରୀର ନାମ ଥିଲା ଗଣିତ ଜ୍ଞାନ ଓ ଧ୍ୟାନ । ତୃତୀୟ ପରୀର ନାମ ଥିଲା ନିର୍ଭୁଲ, ସତର୍କତା ଓ ସମୟ ଜ୍ଞାନ । ସେମାନେ ତାକୁ ମିଳିତ ଭାବରେ ବୁଝାଇଥିଲେ ଓ ଆଶ୍ୱାସନାବାଣୀ ଶୁଣାଇ ଦୁଃଖିତ ନ ହେବାପାଇଁ ବୁଝାଇଥିଲେ । ଏ ଅକୃତ କାର୍ଯ୍ୟ ବା ଫେଲ୍ ତୋର ଜ୍ଞାନର ମାପକାଠି ନୁହେଁ । ତୁ ଖେଳରେ ମାତି ରହି ତୋର ଗଣିତ ଜ୍ଞାନକୁ ଠିକ୍ ରାସ୍ତାରେ ଓ ଠିକ୍ ସମୟରେ ତା'ର ସଦୁପଯୋଗ ଓ ଅଭ୍ୟାସ ନ କରିବାର ଏ ଫଳାଫଳ ଆଜି ତୋତେ ଭୋଗ କରିବାକୁ ପଡୁଛି । ଯାହାଦ୍ୱାରା ସେ ଗଣିତ ବିଦ୍ୟାରୁ ତୋର ଆଗ୍ରହ ସମ୍ପୂର୍ଣ୍ଣ ଭାବରେ କମିଗଲା । ତେଣୁ ତୁ ଅକୃତକାର୍ଯ୍ୟ ହେଲୁ । ଆଜିଠାରୁ ଆମେ ତିନିପରୀ ତୋର ସାଙ୍ଗ ହେଲୁ ଓ ତୋ ସହିତ ରହି ତୋର ଗଣିତ କୁହୁକକୁ ଆହୁରି ଉନ୍ନତି କରିବାକୁ ଚେଷ୍ଟା କରିବୁ । ତେଣୁ ତୁ ନିଷ୍ଠାପର ଭାବରେ ଅଭ୍ୟାସ, ଜ୍ଞାନ ଓ ଆଗ୍ରହ ସହିତ ଠିକ୍ ସମୟରେ ଏହାର ସଦୁପଯୋଗ କଲେ ଭବିଷ୍ୟତରେ ଖୁବ୍ ଆଗକୁ ଅଗ୍ରସର ହୋଇପାରିବୁ । । ତାପରେ ତିନୋଟି ପରୀ ଅନ୍ତର୍ଦ୍ଧାନ ହୋଇଗଲେ ।

ହଠାତ୍ ତା'ର ନିଦ ଭାଙ୍ଗିଗଲା । ସେ ଖାଲି ତା'ର ଅତୀତରେ କରିଥିବା ଅବହେଳା ଓ ଭବିଷ୍ୟତରେ ପରୀମାନେ ଦେଇଥିବା ଉପଦେଶ ଓ ପ୍ରେରଣାର ଠିକ୍ ଭାବେ ସଦୁପଯୋଗ କରିବା ନିମିତ୍ତ ଶପଥ ନେଲା । ତା' ପରଦିନ ସକାଳୁ ଉଠି ପୂର୍ବପରି କ୍ରିକେଟ୍ ଖେଳିବାକୁ ନ ଯାଇ ପୁନଶ୍ଚ ଗଣିତ ଅଭ୍ୟାସରେ

ଲାଗିପଡ଼ିଲା । ସେ ପ୍ରାଣପଣେ ଗଣିତ ଅଭ୍ୟାସ କରିବା ସହିତ ଅନ୍ୟାନ୍ୟ ବିଷୟଗୁଡ଼ିକୁ ମଧ୍ୟ ମନ ଦେଇ ପଢ଼ି ଶେଷରେ ଷଷ୍ଠ ଶ୍ରେଣୀ ପରୀକ୍ଷାରେ ସବୁ ବିଷୟରେ ସର୍ବୋଚ୍ଚ ନମ୍ବର ରଖି କ୍ଲାସ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହେଲା ।

ସେ ମଧ୍ୟ ସମୟ ପାଇଲେ କ୍ରିକେଟ୍ ଖେଳୁଥିଲା; ମାତ୍ର ପୂର୍ବପରି ପାଗଳ ଭଳି ନୁହେଁ । ତେଣୁ ନିଜର ଜ୍ଞାନ, ଅଭ୍ୟାସ ଓ ନିଷ୍ଠାପର ଭାବରେ ଆଗ୍ରହର ସହିତ ଠିକ୍ ସମୟରେ କାର୍ଯ୍ୟ ନିର୍ଘଣ୍ଟ କରିପାରିଲେ ଜୀବନରେ ଉନ୍ନତିର ଶିଖରରେ ପହଞ୍ଚିବା ସହିତ ଜୀବନର ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହୋଇପାରିବ । ସେଥିନିମିତ୍ତ ମଧ୍ୟ ଦୃଢ଼ ମନୋବଳ ଆବଶ୍ୟକ ।

ସେଦିନଠୁ ଆରମ୍ଭକୁ ପାଠ ଓ ବିଶେଷ କରି ଗଣିତରେ ହରାଇବା ଖୁବ୍ ମେଧାବୀ ଛାତ୍ରଛାତ୍ରୀମାନଙ୍କ ପକ୍ଷେ ଅସମ୍ଭବ ହୋଇଉଠିଥିଲା । ଆସ୍ତେ ଆସ୍ତେ ଉଚ୍ଚଶ୍ରେଣୀ ଯିବା ସହିତ ସେ ସମସ୍ତଙ୍କ ଚକ୍ଷୁରେ ଏକ ଆଦର୍ଶ ଛାତ୍ର ଭାବରେ ଗଣିତ ହୋଇଥିଲା । ତେଣୁ ଇଂରାଜୀରେ ଏକ ପ୍ରବଚନ ଅଛି- "Failure is the pillar of Sucess" । ଜୀବନରେ ଅକୃତକାର୍ଯ୍ୟ କୃତକାର୍ଯ୍ୟର ସ୍ତମ୍ଭ ସଦୃଶ ଅଟେ ବା ସ୍ତମ୍ଭ ଅଟେ ।

୪୨୧, ସାଉଥ୍ ଦିଲ୍ଲୀ ଅପାର୍ଟମେଣ୍ଟ,
ପ୍ଲଟ୍ ନଂ.-୮, ସେକ୍ଟର-୪, ଦ୍ୱାରକା, ନିଉଦିଲ୍ଲୀ- ୧୧୦୦୦୧
ଦୂରଭାଷ : ୦୧୧-୫୦୮୯୫୮

*With Best Compliments from:*

**SUPREME AIRCON PVT.LTD.**

# ଶ୍ରୀ ଶ୍ରୀ ଗଣେଶାୟ ନମୋଃ

ଭଗବାନ ଚନ୍ଦ୍ର ରାଉତ



ଅଧ୍ୟାପକ ଚାକିରୀରୁ ଅବସର ନେବା ପରେ ଆମେ ସ୍ୱାମୀ ସ୍ତ୍ରୀ ଦୁଇଜଣ ପ୍ରାୟତଃ ଏକ ପ୍ରକାର ନିଃସଙ୍ଗ ଜୀବନ ଅତିବାହିତ କରୁଛୁ । ଏହାର କାରଣ ପୁଅ, ବୋହୂ ଝିଅ ଜୋଇଁ ସମସ୍ତେ ଉଚ୍ଚଶିକ୍ଷିତ ହୋଇ ବିଦେଶରେ ସପରିବାର ରହୁଛନ୍ତି । ପ୍ରତିଦିନ ସକାଳ ଭ୍ରମଣ କରି ଆଠ ଘଟିକା ମଧ୍ୟରେ ମୋର ସମସ୍ତ ନିତ୍ୟକର୍ମ ଶେଷକରି, ଖବର କାଗଜଟିଏ ଧରି ସେଥିରେ ପ୍ରକାଶିତ ଢେଙ୍କାନାଳରୁ ଢେଙ୍କିଶାଳ ପର୍ଯ୍ୟନ୍ତ ସମସ୍ତ ଖବର ପଢ଼ିସାରିବା ବେଳକୁ ହାରାହାରି ଦିନ ଦଶଟା । ଏହାପରେ ବାକି ସମୟଗୁଡ଼ାକ ବିତାଇବା ପାଇଁ ମୋତେ କେମିତି କେମିତି ନିଛାଟିଆ ନିଃସଙ୍ଗ ଲାଗେ । ଏହାର କାରଣ ମୋର ଅର୍ଦ୍ଧାଙ୍ଗିନୀ ବିନୋଦିନୀ ଗୃହ ତଥା ରୋଷେଇ କାର୍ଯ୍ୟରେ ବ୍ୟସ୍ତରହି ମୋ ସହିତ ଏକାନ୍ତରେ ବସି ଗପିବାର ସମୟ ପାଏନାହିଁ ।

ଏହି ନିଶ୍ଚଳ ନୀରବତା ମଧ୍ୟରେ ବେଳେବେଳେ ମୋ ମନ ମଧ୍ୟରେ ଅତୀତର ଘଟିଥିବା ତିକ୍ତ ମଧୁର ଘଟଣାବଳୀର ଦୃଶ୍ୟ ଆଙ୍କିହୋଇଯାଏ । ଯାହାକି କିଛି ସମୟ ପାଇଁ ମୁଁ ଆନନ୍ଦପାଏ । ଏମିତି ସେଦିନ ମୁଁ ଖବରକାଗଜ ପଢ଼ିବା ପରେ ନିରୋଳାରେ ବସିଥିବା ବେଳେ କେଜାଣି କାହିଁକି ପିଲାଦିନେ ବିଦ୍ୟାଳୟରେ ପଢୁଥିବା ବେଳେ ଗଣେଶ ପୂଜାକିପରି କଟାଇଥିଲୁ ତାହା ମୋ ମନ ମଧ୍ୟରେ ହଠାତ୍ ପ୍ରତିଫଳିତ ହୋଇଉଠିଲା । ସତରେ ସେ ସମୟରେ ବିଦ୍ୟାଳୟରେ ପାଳିତ ହେଉଥିବା ଗଣେଶ ପୂଜା । ଆଉ ଏବେର ପୂଜା ମଧ୍ୟରେ ଯେମିତି ଆକାଶ ପାତାଳ ଫରକ୍ । ଆଜିକାଲି ପରି ସେତେବେଳର ପୂଜାରେ ଏମିତି ଆଡମ୍ବରପୂର୍ଣ୍ଣ ବ୍ୟବସ୍ଥା ନ ଥିଲେ ବି ତାହାର ଏକ ସତନ୍ତ୍ର ମଜା ଥିଲା । ପୂଜାରେ ଭକ୍ତି ଓ ପବିତ୍ରତା ଥିଲା । ଗଣନାଥଙ୍କୁ ଜ୍ଞାନଦାତା, ସିଦ୍ଧିଦାତା କୁହାଯାଉଥିଲା । ତାଙ୍କୁ ଭକ୍ତିର ସହ ଆରାଧନା କଲେ ଜ୍ଞାନପ୍ରାପ୍ତି ହୁଏ ବୋଲି ଗୁରୁଜନମାନେ ଆମ ସରଳ ମନରେ ଏକ ପ୍ରକାର ବିଶ୍ୱାସ ଜନ୍ମାଇ ନେଇଥିଲେ ।

ଗଣେଶ ପୂଜା ଦୁଇଦିନ ପୂର୍ବରୁ ଆମ୍ଭମାନଙ୍କ ଆଖିକୁ ନିଦ ଆସୁନଥିଲା । କେଉଁଠୁ କାହା ବାଡ଼ିରୁ ଫୁଲ ଚୋରି କରିବାକୁ ହବ । କେଉଁ ପୋଖରୀରୁ କଇଁଫୁଲ ଆଣିବାକୁ ହେବ । ଆମ୍ବଡାଳ, ଦେବଦାରୁ ପତ୍ର ସଂଗ୍ରହ କରିବାକୁ ହେବ; ଏହା ଥିଲା ଆମ୍ଭମାନଙ୍କ ପାଇଁ ଏକ ସମସ୍ୟା । କାରଣ ଗୁରୁଜୀମାନେ କହିଥିଲେ ଯିଏ ଯେତେ ଫୁଲ ଆଣିବ, ଗଣନାଥ ତାଙ୍କୁ ସେତେ ବିଦ୍ୟା ଦେବେ ।

ପୂଜାଦିନ ବଡି ସକାଳୁ ପୋଖରୀରେ ଗାଧୁଆପାଧୁଆ କରି ନୂଆ ଜାମାପିନ୍ଧି ଫୁଲସହ ଭୋଗଡାଲା ଓ ବସ୍ତାନୀ ଧରି ବିଦ୍ୟାଳୟରେ ପହଞ୍ଚୁଥିଲୁ । ଆଜିକାଲି ପରି ସେତେବେଳେ ଆମ ବିଦ୍ୟାଳୟରେ ଗଣେଶ ମୂର୍ତ୍ତି ତିଆରି ହେଉନଥିଲେ କି ମାଇକ୍ ବାଜୁ ନଥିଲା କିମ୍ବା ବିଜୁଳି ଆଲୁଅ ଜଳୁନଥିଲା । ବସ୍ତାନୀଗୁଡ଼ିକ ଗଣେଶ ମନେକରି ପୂଜା କରାଯାଉଥିଲା । ପୂଜାଶେଷରେ ବସ୍ତାନୀ ଉପରକୁ ପୁଷ୍ପାଞ୍ଜଳୀ ଦେଉଥିଲୁ । ବ୍ରାହ୍ମଣ ନମୋ ଗଣେଶ ବିଘ୍ନେଶ ଗିରିଜାନନ୍ଦନ ପ୍ରଭୋ ମମବିଘ୍ନ ନିହାତ୍ୟାଶୁ ସର୍ବସିଦ୍ଧି ପ୍ରଦୋଭବଃ କହି ଆମ ହାତରେ ଫୁଲ ଧରାଇ ଦେଇ କହୁଥିଲେ, ମୁଁ ଯାହା କହିଲି ତୁମେମାନେ ତାହା କୁହ । ପୂଜା ଶେଷରେ ନଡ଼ିଆ ଚୂଡ଼ା, ଗୁଡ଼ ଚକଟା ଖାଇ ଘରକୁ ଫେରୁଥିଲୁ ।ସେ ସମୟରେ ଗଣେଶ ପୂଜା ସ୍କୁଲ କଲେଜ ମଧରେ ସୀମିତ ରହୁଥିଲା ।କେବଳ ବିଦ୍ୟାର୍ଥୀମାନେ ଏହାକୁ ଭକ୍ତିର ସହ ପାଳନ କରୁଥିଲେ ।କେଉଁକେଉଁ ଗ୍ରାମରେ ଗୋଟିଏ କି ଦୁଇଟି ପରିବାର ନିଜ ଘରେ ଗଣେଶ ପୂଜା କରି ଗ୍ରାମବାସୀମାନଙ୍କୁ ଖାଇବାକୁ ଦେଉଥିଲେ ।ମାତ୍ର ଆଜିକାଲି ବିଦ୍ୟାଳୟର ସୀମା ସରହଦ ଡେଇଁ ଗାଁ ଗହଳି ଠାରୁ ସହରବଜାର ପ୍ରତି ଗଳି କନ୍ଦିରେ ଗଣେଶ ପୂଜାର ଆୟୋଜନ କରାଯାଉଛି ଏବଂ ସ୍କୁଲ କିମ୍ବା କଲେଜ ମାଡ଼ିନଥିବା ବ୍ୟକ୍ତିମାନେ ଏହାର ଉଦ୍ୟୋକ୍ତା ତଥା ଭକ୍ତ ।

ଏମିତି ଏକ ଅବାନ୍ତର ଭାବନାରେ ବିଭୋର ହୋଇ ମୁଁ ମୋ' ଘରର ଉପରମହଲା ବାଲକୋନୀରେ ନିରବରେ ବସିଥିବା ବେଳେ ଦେଖିଲି କିଛି ବ୍ୟକ୍ତି ମୋ ଘର ଫାଟକ ଖୋଲି ଘର ଆଡକୁ ଆଗେଇ ଆସୁଛନ୍ତି । ଯାହା ଦେଖିଲି ଏମାନେ କୌଣସି ସ୍କୁଲ କିମ୍ବା କଲେଜର ଛାତ୍ର ନୁହଁନ୍ତି କି ସାମାଜିକ ଭଦ୍ରବ୍ୟକ୍ତି ନୁହଁନ୍ତି । ସେମାନେ ମୋ' ଘର କଲିଙ୍ଗ ବେଲ୍ ବଜାଇଲେ ।ମୁଁ କିଛି ପ୍ରତିକ୍ରିୟା ପ୍ରକାଶ ନ କରି ସେମାନଙ୍କର ଆସିବାର ଉଦ୍ଦେଶ୍ୟକୁ ନିରୀକ୍ଷଣ କଲି ।

ଘରର କବାଟ ଖୋଲିବାର ବିମଲ୍ବ ଦେଖି ସେମାନେ କଲିଂବେଲ୍‌ର ବଟମକୁ ଏପରି ଚିପି ଧରିଲେ ଯେ, ମୁଁ ବାଧ୍ୟ ହୋଇ ଦରଜା ଖୋଲି ପଚାରିଲି– ତୁମେମାନେ ସମସ୍ତେ କିଏ ? ଏମିତି କଣ କଲିଙ୍ଗ ବେଲ୍ ବଜାଯାଏ ? ଆପଣମାନେ କଣ କହିବାକୁ ଚାହାନ୍ତି କୁହନ୍ତୁ ? ?ସେମାନେ ଚାନ୍ଦା ଆଦାୟ ରସିଦ୍ ବହିଟି ମୋ' ହାତକୁ ବଢ଼ାଇ ଦେଇ କହିଲେ, "ସାର୍ ଏ ବର୍ଷ ନୂଆ କରି ଆମ ବସ୍ତିରେ ଗଣେଶ ପୂଜା ପାଳନ କରିବାକୁ ଯାଉଛୁ; ଚାନ୍ଦା ପାଇଁ ଆସିଛୁ । ଏହିଠାରୁ ମାନେ ଆପଣଙ୍କ ଘରୁ ଶୁଭାରମ୍ଭ କରି ଅନ୍ୟ ଆଡ଼େ ଯିବୁ ।" ମୁଁ ପଚାରିଲି, "ତୁମେମାନେ କେଉଁ ବସ୍ତିର ପିଲା ?" ସେମାନେ ଏକ ସ୍ୱରରେ କହିଲେ ଆମେମାନେ ଆପଣଙ୍କ କଲୋନୀର ପଛପଟେ ଥିବା ଫୁଲମଣି ବସ୍ତିର ପିଲା ।

ବେଶି କିଛି ନ ପଚାରି ପକେଟରୁ ଏକଶହ ଟଙ୍କା ବାହାର କରି କହିଲି ନିଅ ତୁମର ଗଣେଶପୂଜା ଚାନ୍ଦା ।ସେମାନେ ସମସ୍ତେ ଏକ ସ୍ୱରରେ କହିଲେ ଏକଶହ ଟଙ୍କା କ'ଣ ଦେଉଛନ୍ତି ସାର୍ ? ଆମେ ଏକଶହ ନେବୁ ନାହିଁ । ଆମେ କ'ଣ ଭିକାରୀ !ଭିକ ମାଗୁଛୁ ? ତାଙ୍କ ମୁହଁରୁ ଏପରି ଶବ୍ଦ ଶୁଣିବା ପରେ ମନେ ମନେ କହି ପକାଇଲି, ଯେଉଁମାନେ ମାଗନ୍ତି ତାକୁ ଭିକାରୀ କୁହାଯାଏ ।ମାତ୍ର ପରିସ୍ଥିତିକୁ ଲକ୍ଷ୍ୟ କରି କିଛି ସେପରି ନ କହି ପଚାରିଲି– ତେବେ କେତେ

ଚାହୁଁଛ ?ସେମାନେ କହିଲେ- ଏକହଜାରରୁ ଏକ ଟଙ୍କା କମ୍ ହେଲେ ନେବୁ ନାହିଁ ।

ମୁଁ କହିଲି ତୁମେମାନେ ବୋଧେ ମୋ' ବିଷୟରେ କିଛି ଜାଣିନାହଁ । ଆଜକୁ ଦଶବର୍ଷ ହେଲା ମୁଁ ଚାକିରିରୁ ଅବସର ନେଇ ସାରିଛି । ମୋ' ପାଖରେ ମୋତେ ସାହାଯ୍ୟ କରିବାକୁ କେହି ନାହାନ୍ତି । ଏଣୁ ଏକହଜାର ଚାନ୍ଦା ଦେବା କଷ୍ଟକର । ସେମାନେ କହିଲେ ଆମେ ଏତେ ମାଗିନଥା'ନ୍ତୁ, ଆପଣ ତ' ଦେଖୁଥିବେ ବର୍ତ୍ତମାନ ବଜାର ଦର କିପରି ଆକାଶଛୁଆଁ । ଆଳୁ କିଲୋ ପ୍ରତି ଅଶୀ ତ ପିଆଜ କିଲୋ ସତୁରୀ । ରସୁଣ, ଅଦା, ପରିବା କଥା ଛାଡ଼ନ୍ତୁ । ଡାଲି, ତେଲ, ଚାଉଳ ଦାମ୍ ନ କହିଲେ ଭଲ । ଆପଣ ଯଦି କହୁଛନ୍ତି ପାଞ୍ଚଶହରୁ କମ୍ ଦିଅନ୍ତୁ ନାହିଁ । ମୁଁ ଅଧିକା କିଛି ନକହି ପାଞ୍ଚଶହ ଟଙ୍କା ଚାନ୍ଦା ଦେଇ ରସିଦ୍ କାଟି ପକେଟ୍‌ରେ ରଖିଲି । ସେମାନେ କୃତ କୃତ ହୋଇଗଲା ଭଳି କହିଗଲେ, ସାର୍ ଆସନ୍ତା ବର୍ଷକୁ ଆପଣ ଆମ ପୂଜା କମିଟିର ସଭାପତି ରହିବେ । ବଞ୍ଚିଥିଲେ ଚେଷ୍ଟା କରିବି ବୋଲି କହିଲି । ଅନ୍ୟଜଣେ କହିଲା ଆଜ୍ଞା ଏ ବର୍ଷ ପୂଜା ଦେଖିବାକୁ ନିଶ୍ଚୟ ଯିବେ । ଆଉଜଣେ କହିଲା ଆରେ ବୋକା କାହିଁକା ? ସାର୍‌ଙ୍କୁ କଣ ଏମିତି ମୁହଁରେ ନିମନ୍ତ୍ରଣ କରାଯାଏ । ପୂଜା ଦୁଇଦିନ ପୂର୍ବରୁ ଛପା ନିମନ୍ତ୍ରଣ ପତ୍ର ଦେଇ ସସମ୍ମାନେ ଆମନ୍ତ୍ରଣ କରିବାକୁ ହେବ । ପ୍ରଥମେ ସେମାନଙ୍କୁ ଦେଖି ତାଙ୍କ ପ୍ରତି ମୋର ଯେଉଁ ଧାରଣା ଅସାମାଜିକ, ଅଭଦ୍ର ବ୍ୟକ୍ତି ବୋଲି ଭାବୁଥିଲି, ସେମାନଙ୍କର ଶେଷ ବାକ୍ୟ ମନେ ମନେ କହିଲି ମୁଁ ଯେତେ ଭାବୁଥିଲି ସେମାନେ ସେତେଟା ନୁହଁନ୍ତି । ଭଦ୍ରତା ଶିଖିଛନ୍ତି ।

ସହଧର୍ମିଣୀ ବିନୋଦିନୀ ପଚାରିଲେ କେତେ ଦେଲ ? କହିଲି ପାଞ୍ଚଶହ । ମୋ କଥା ଶୁଣି ରାଗ ତମ ତମ ହୋଇ ଅତି ରୁକ୍ଷ ଗଳାରେ କହିଲେ "ଟଙ୍କାଗୁଡାକୁ ଆମ ବାଡିରେ ଥିବା ପିଜୁଳି ଗଛର ପିଜୁଳି ପରି ପେଣ୍ଡା ପେଣ୍ଡା ହୋଇ ଫଳିଛିତ ତୋଳି ଆଣି ବାଣ୍ଟି ଦେଲ ।" ଛଟରାଗୁଡାକ ପୂଜା କରିବେ ନା ଛୋନଗୁଡ କରିବେ । ସବୁତକ ମଦପିଇ ଉଡାଇ ଦେବେ । ଦାନ କରୁଛ ତ ସତପାତ୍ରରେ ଦାନକର । ମୁଁ କହିଲି, "ବୁଝିଲ ବିନୋଦିନୀ ମୁଁ ମାନୁଛି ଟଙ୍କାଗୁଡାକ ପିଜୁଳି ନୁହଁ କି କଦଳୀ ନୁହେଁ । ପରିସ୍ଥିତି ଦେଖି ନିଜର ଅନିଚ୍ଛା ସତ୍ୱେ ଦେବାକୁ ହୁଏ । ନ ଦେଇଥିଲେ କିଏ ଜାଣେ ଏ ଛଟରାଗୁଡାକୁ କେତେବେଳେ କି ଅଘଟଣ କରି ନ ବସିବେ । ଜଳରେ ବାସ କଲେ କୁମ୍ଭୀର ସହିତ ବନ୍ଧୁ ବାନ୍ଧିବାକୁ ହେବ ଏକଥା କିପରି ପାଶୋରି ପକାଉଛ ?

ଆଜି ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି । ଗଣନାଥଙ୍କ ପୂଜାପାଇଁ ଆମ ସହର ମାଇକ୍ ଶବ୍ଦରେ ପ୍ରକମ୍ପିତ । ଘରର ଦାଣ୍ଡ ବାରଣ୍ଡାରେ ଆରାମ ଚେୟାର୍‌ରେ ଦେହଟାକୁ ଲମ୍ବାଇଦେଇ ଆଖିବନ୍ଦ କରି ମାଇକ୍‌ରୁ ଭାସି ଆସୁଥିବା ସଙ୍ଗୀତ ସ୍ୱର ଶୁଣୁଥିଲି । ଝଣ କରି ଫାଟକର କିଳିଣି ଖୋଲିବାର ଶବ୍ଦ ଶୁଣି ଚାହିଁ ଦେଖିଲି ଦୁଇଜଣ ପିଲା ମୋ ଆଡକୁ ଆସୁଛନ୍ତି । ମୁଁ ପଚାରିଲି "ତୁମେମାନେ କିଏ କିରେ ?" ସେମାନେ କହିଲେ "ଆମେମାନେ ଫୁଲମଣି ବସ୍ତିରୁ ଆସିଛୁ । ଆମ ପୂଜା କମିଟିର ସଭାପତି ପଞ୍ଚାନନମୁଖୀ ଆପଣଙ୍କ ପାଖକୁ ଗଣେଶପୂଜାର ନିମନ୍ତ୍ରଣ ପଠାଇଛନ୍ତି; କହିଛନ୍ତି ସଂଧ୍ୟାକୁ ଆପଣ ନିଶ୍ଚୟ ଆମ ପୂଜା ପେଣ୍ଡାଲକୁ ଆସିବେ ।" ତାଙ୍କର ହାତରୁ ନିମନ୍ତ୍ରଣ ପତ୍ର ଗ୍ରହଣ କରି କହିଲି "କହିଦେବ ତୁମ ସଭାପତିଙ୍କୁ ମୁଁ ନିଶ୍ଚୟ ଯିବି ।"

ସଂଧ୍ୟା ସାତଟା ପାଖାପାଖି ଜାମାପଟା ପିନ୍ଧି ସହର ଗଣେଶ ପୂଜା ଦେଖିବାକୁ ବାହାରିପଡିଲି । ଶ୍ରୀମତୀ ବିନୋଦିନୀଙ୍କୁ ବି କହିଲି ସଜ ହେବାକୁ । ସେ କିନ୍ତୁ ରୋକ୍ ଠୋକ୍ ମନା କରି କହିଲେ " ଦେଖି ଦେଖି ବୁଢ଼ୀ ହେଲିଣି । ଏ ବୟସରେ ରୋଗିଣା ଦେହକୁ ନେଇ ପୂଜା ବୁଲିବାକୁ ଇଛା ନାହିଁ ।" ମନେ ମନେ ମୁଁ ବି ତାଙ୍କ ମୁହଁରୁ ଏହିକଥା ଦୁଇପଦ ଶୁଣିବାକୁ ଚାହୁଁଥିଲି । ତାଙ୍କର ପରି ଜଣେ ଚିର ରୋଗିଣା ମଣିଷକୁ ସାଥିରେ ଧରି ପୂଜା ଭିଡରେ ଠେଲିପେଲି ବୁଲିବା ମୋ ପରି ଜଣେ ବୃଦ୍ଧ ସ୍ୱାମୀ ପାଖରେ ନିଶ୍ଚିତ କଷ୍ଟଦାୟକ । କେଉଁ ରୋଗରେ ସେ ଆକ୍ରାନ୍ତ ନୁହଁନ୍ତି । ଉଚ୍ଚ ରକ୍ତଚାପ, ମଧୁମେହ, ଜମା ସହିତ ଆଣ୍ଠୁଗଣ୍ଠି ବାତରେ ଆକ୍ରାନ୍ତ । ଗ୍ୟାରେଜ୍‌ରୁ କାର୍ ବାହାର ନ କରି ସ୍କୁଟି ଚଢ଼ି ସହର ପୂଜା ଦେଖିବାକୁ ବାହାରିଗଲି ।

ପ୍ରଥମେ ପହଞ୍ଚିଲି ଫୁଲମଣୀ ବସ୍ତିରେ । ଦେଖିଲି ବିଜୁଳି ଆଲୁଅରେ ଫୁଲମଣୀ ବସ୍ତିର ଅପନ୍ତରା, ଅନାବାଦି ପଡିଆ ଯେଉଁଠି ସମସ୍ତେ ମଳତ୍ୟାଗ କରନ୍ତି, ତାର ରୂପରେଖ ପୁରା ବଦଳିଯାଇଛି । ଝଲମଲ ଆଲୁଅରେ ଝଲସି ଉଠୁଛି ପଡିଆର ପରିବେଶ । ମାଇକ୍‌ରେ ବାଜୁଥିବା ସମ୍ବଲପୁରି ଗୀତ "ଆଗରୁ ଦେଖିଲେ ଜେନ୍‌ଟା ପଛରୁ ଦେଖିଲେ ସେମ୍‌ଟା"ର ତାଳେ ତାଳେ ବସ୍ତିର ଅଳ୍ପବୟସ୍କ ପିଲାମାନେ ନାଚିବାରେ ବ୍ୟସ୍ତ । ଆଜିର ଏହି ପବିତ୍ର ଦିନରେ ଗଣନାଥଙ୍କ ମଣ୍ଡପରେ ଭକ୍ତିରୂପକ ଭଜନ ପରିବେଷଣ ନ ହୋଇ ବାଜ୍ୟୋ ଅଶୀଳ ସଂଗୀତ ବାଜୁଥିବାର ମନେ ମନେ ବିରକ୍ତି ହୋଇ ପୂଜା ମଣ୍ଡପ ଆଡକୁ ଆଗେଇଗଲି ।

ମଣ୍ଡପରେ ବହୁତ ଭିଡ । ଦେଖିଲି ଠାକୁରଙ୍କ ଗଳାରେ ଫୁଲର ଗଜରା ହାର ପରିବର୍ତ୍ତେ ଲମ୍ବିଛି ଏକ ଆଳୁର ହାର । ଠାକୁରଙ୍କ ହାତରେ ଲଡୁର ପ୍ରତିକ ସମ ଥୁଆ ହୋଇଛି ଦୁଇଦୁଇଟି ବଡ ଆଳୁ । ବିରକ୍ତିରେ ପଚାରିଲି କଣ ପଞ୍ଚାନନ ବାବୁ ଠାକୁରଙ୍କ ପାଇଁ ଫୁଲହାର ମହଙ୍ଗା ପଡିଲା ନ ମଗୁଡି । ଫୁଲହାର ପରିବର୍ତ୍ତେ ଆଳୁହାର ଶୋଭାପାଉଛି । ଏଇଥିପାଇଁ ପାଞ୍ଚଶହ ଟଙ୍କା ଚାନ୍ଦା ଆଣିଥିଲ ?

ସେ କହିଲେ ଆଜ୍ଞା, ଆମେମାନେ ଜାଣି ଶୁଣି ଆଳୁର ହାର ଠାକୁରଙ୍କ ଗଳାରେ ଲମ୍ବାଇଅଛୁ । ମୁଁ କହିଲି ଏହା କଣ ଆମର ପରମ୍ପରା ? ଅନାଦି କାଳରୁ ଚାଲିଆସିଛି ଠାକୁରଙ୍କୁ ଫୁଲଦେଇ ପୂଜା କରାଯାଏ । ତେବେ କାରଣଟା କଣ ଜାଣିପାରେକି ? ସେ କହିଲେ ଗୋଟେ ଗଜରା ହାରର ଦାମ୍ ସର୍ବନିମ୍ନ ଏକହଜାର ଟଙ୍କାରୁ ଆରମ୍ଭ ହୋଇ ପାଞ୍ଚହଜାର ଟଙ୍କା । ବେକରେ ଫୁଲମାଳ ପରିବର୍ତ୍ତେ କାଗଜଫୁଲ ହାର ପିନ୍ଧାଇପାରିଥାନ୍ତା । ସେ କହିଲେ ଆମେ କୃତ୍ରିମତାକୁ ପସନ୍ଦ କରୁନା, ଆମର ସଂସ୍କୃତି ବାସ୍ତବତା । ଆଳୁ ଆଜି ସୁନାଠାରୁ ମୂଲ୍ୟବାନ୍ । ଆଳୁହାର ସହଜରେ ମଉଳି ଯିବନି । ପାଞ୍ଚଦିନ କାହିଁକି ପନ୍ଦରଦିନ ଏମିତି ସତେଜଥିବ । ବିସର୍ଜନ ଦିନ ଆଳୁକୁ ପାଣିରେ ନ ପକାଇ ଆମେମାନେ ନିଜ ନିଜ ଭିତରେ ବାଣ୍ଟିନେବୁ । ଅଯଥାରେ ଗଜରାହାର ପାଇଁ କାହିଁକି ପନ୍ଦର ହଜାର ଖର୍ଚ୍ଚ କରିଥାନ୍ତୁ !

ଠାକୁରଙ୍କ ବେକରେ ଆଳୁହାର ଲମ୍ବାଇବାର ଅନ୍ୟ ଏକ କାରଣ ଏହିକି ଆମ ଅପାରଗ ସରକାରଙ୍କ ଆଳୁଦୋଷ ପାଇଁ। ପ୍ରତିବର୍ଷ ଏହି ସମୟରେ ଆମ୍ଭେମାନେ ସମସ୍ତେ ଆଳୁର ଅଭାବ ବିକ୍ରି ସମସ୍ୟାର ସମ୍ମୁଖୀନ ହୋଇଥାଉଁ । ଆଳୁ କଣ କେବଳ ବଙ୍ଗଳାରେ ଫଳୁଚି, ଭାରତ ବର୍ଷର ଅନ୍ୟ ରାଜ୍ୟ ବିହାର, ଉତ୍ତର ପ୍ରଦେଶରେ କଣ ଫଳୁ ନାହିଁ ? ଆମ ଓଡିଶା ମାଟି କଣ ଆଳୁପାଇଁ ଅନୁପଯୁକ୍ତ। ଆମ୍ଭେମାନେ ସବୁ ଦିନେ ପରଉପରେ ନିର୍ଭର କରି ଚଳୁଥିବା ? ଆମର କଣ ଆତ୍ମସମ୍ମାନ ନାହିଁ ? ବଙ୍ଗକୁ ଆମ ସରକାର ଏତେ ପ୍ରାର୍ଥନା କରୁଛନ୍ତି କାହିଁକି ? ଆମ ବସ୍ତିବାସିନ୍ଦା ଜାଣିଶୁଣି ଏପରି ନିଷ୍ପତ୍ତି ନେଇଛନ୍ତି କି ଏହା ପରୋକ୍ଷରେ ଆମ ସରକାରଙ୍କ ଆଳୁଦୋଷକୁ ସମାଲୋଚନା କରି ଏହାର ଦୃଢ଼ ପ୍ରତିବାଦ କରୁଛୁ।

ମୁଁ କହିଲି ଆଳୁଠାରୁ ତ ରସୁଣ ବେଶୀ ଦାମ୍। ରସୁଣ ହାରଟିଏ ବି ଲମ୍ବାଇ ଦେଇଥିଲେ ଭଲ ହୋଇଥାନ୍ତା। ପଞ୍ଚାନନ ବାବୁ ହସିଦେଇ କହିଲେ, "ବଡ ଅନ୍ୟାୟ ହୋଇଥାନ୍ତା ସାର୍ ଆମ ଠାକୁର ପରା ଶାକାହାରୀ, ପୁରାପୁରି ନିରାମିଷ। ସଭାପତି ପଞ୍ଚାନନ ବାବୁଙ୍କର ମନ୍ତବ୍ୟ ଶୁଣିବା ପରେ ମନେ ମନେ ଭାବିଲି ଏମାନେ ବସ୍ତିରେ ବାସ କରୁଥିଲେ ବି ଅଜ୍ଞ ନୁହନ୍ତି ବିଜ୍ଞ। ବର୍ତ୍ତମାନ ସମାଜରେ ଘଟୁଥିବା ବାସ୍ତବତାକୁ ନେଇ ବେଶ୍ ସଚେତନଶୀଳ। ଅନ୍ୟତ୍ର ଯିବାପାଇଁ ଗାଡିଟିକୁ ବୁଲାଉଥିବା ବେଳେ ପଞ୍ଚାନନ ବାବୁ କହିଲେ "ସାର୍ ପ୍ରସାଦ ନେବେନି ? ଗୋଟିଏ କାଗଜ ଠୁଙ୍ଗାରେ ଚାରୋଟି ଆପେଲ୍ ପୁରାଇ ମୋ ହାତକୁ ବଢ଼ାଇ ଦେଲେ। ମୁଁ ଟିକିଏ ରସିକତା କରି କହିଲି ପଞ୍ଚାନନବାବୁ ଆପେଲ୍ ପରିବର୍ତ୍ତେ ଯଦି ଚାରୋଟି ବଡ ଆଳୁ ଦେଇଥାନ୍ତେ। ଆମପରି ଦୁଇଜଣିଆ ପରିବାର ପାଇଁ ଆରାମରେ ଦୁଇଦିନ ପାଇଁ ଆଳୁର ଅଭାବ ମେଣ୍ଟି ଯାଇଥାନ୍ତା। ଫିକ୍ କରି ପଞ୍ଚାନନ ବାବୁ ହସି ଦେଇ କହିଲେ ମୁଁ ଯାହା ଦେଖୁଛି ଆପଣ ମୋଠାରୁ ବେଶୀ ରସିକ।

ଗାଡି ଚଢ଼ି ପହଞ୍ଚିଲି ସହରର ପେଣ୍ଠସ୍ଥଳି ବଡବଜାର ଛକ ଗଣେଶ ମଣ୍ଡପ ନିକଟରେ। ସେଠାକାର ଆଲୋକ ସଜାରେ ଆଖି ମୋର ଝଲସିଗଲା। ମାଇକ୍ର ସରରେ ଭାସିଆସୁଥାଏ "ଆହେ ଦୟାମୟ ବିଶ୍ୱବିହାରୀ ମୋତେ କିଆଁ କଲ ଏତେ ସୁନ୍ଦରୀ।" ଏମିତି ଏକ ଗୀତ ଶୁଣି ମୋ କାନରେ ହାତ ଦେଇଦେଲି। ମନେ ମନେ ଭାବିଲି ଆଜି ଯଦି ସର୍ଗତ ରାମକୃଷ୍ଣ ନନ୍ଦ ଥାନ୍ତେ ତାହେଲେ ସେ କଣ ଭାବୁ ନଥାନ୍ତେ। ଆମ ସାହିତ୍ୟ ଓ ସଂସ୍କୃତିର ଏକି ଅବକ୍ଷୟ। ଏହା କଣ ଆମର ଆଧୁନିକତା ? କାହାକୁ କିଛି ନ କହି ଠାକୁରଙ୍କ ମଣ୍ଡପ ଆଡକୁ ଆଗେଇଗଲି। ସେଠାରେ ପହଞ୍ଚି ମୁଁ ଯାହା ଦେଖିଲି ରାଗ ଓ ଅଭିମାନରେ ମଗଜକୁ ମୋର ପିତ ଚଢ଼ିଗଲା ପରିଲାଗିଲା। ଦେଖିଲି ଗଜାନନଙ୍କୁ ଏକ ଆଧୁନିକ ପରିପାଟିରେ ସଜାଇ ଦିଆଯାଇଛି। ପିନ୍ଧିଛନ୍ତି ପୁଲିସ୍ ପୋଷାକ। ଗୋଟେ ହାତରେ ବର୍ଚ୍ଛା ଅନ୍ୟ ହାତରେ ଢ଼ାଲ। କାନ୍ଧରେ ଏକ ବନ୍ଧୁକ। ବସିଛନ୍ତି ଏକ ହୃଷ୍ଟପୁଷ୍ଟ କଳା ଘୋଡା ଉପରେ। ଗଜାନନଙ୍କ ଗଜବଦନ ପରିବର୍ତ୍ତେ ଏକ ସୁସ୍ଥ ସବଳ ଯୁବକଟି ମୁଖମଣ୍ଡଳରେ ଶୋଭିତ। ନାକତଳେ କଳାମଚମଚ ବହଳିଆ କଳା ନିଶ, ମଥାରେ ପୁଲିସ୍ ଅଫିସର ଟୋପି।

ଚିରବନ୍ଦନୀୟ ଗଣନାଥକୁ ଏପରି ଏକ ଅସଭାବିକ ବେଶରେ ସଜାଇ ପୂଜା କରାଯାଉଥିବାର ଦେଖି ମୋ ପରି ଜଣେ ରକ୍ଷଣଶୀଳ ବୁଦ୍ଧିଜୀବି ବୃଦ୍ଧ ବିରକ୍ତି ପ୍ରକାଶ କରିବା ସାଭାବିକ। ରାଗ ଓ କ୍ଷୋଭ ପ୍ରକାଶ କରି ପଚାରିଲି "ପୂଜକ ମହାଶୟ ଆମର ପରମ୍ପରା, ସଂସ୍କୃତି କଣ ଏହା ? ସମସ୍ତ ସଂସ୍କାରକୁ ଜଳାଞ୍ଜଳି ଦେଇ ଗଣନାଥକୁ ଏପରି ଭାବରେ ପୂଜା କରିବାର କାରଣ କଣ ? ପୂଜକ କହିଲେ ମୁଁ ଆମନ୍ତ୍ରିତ ହୋଇ ଆସିଛି ପୂଜା କରିବାକୁ। ଯଦି ପୂଜାର କୌଣସି ଦୋଷତ୍ରୁଟି ପରିଲକ୍ଷିତ କରୁଛନ୍ତି ତା ହେଲେ ମୋତେ କୁହନ୍ତୁ ? ବାକି ପ୍ରଶ୍ନଗୁଡାକ ପୂଜା କମିଟିର କର୍ମକର୍ତ୍ତାଙ୍କୁ ପଚାରନ୍ତୁ। ସେମାନେ ଏହାର ଉପଯୁକ୍ତ ଉତ୍ତର ଦେଇପାରନ୍ତି।

ଦେଖିଲି କୁର୍ତ୍ତା ପାଇଜାମା ପରିହିତ ଏକ ସୁଦର୍ଶନ ଯୁବକ ମୋ ଆଡକୁ ଆଗେଇ ଆସି କହିଲେ ଆପଣ କଣ ଜାଣିବାକୁ ଚାହାନ୍ତି ମୋତେ ପଚାରନ୍ତୁ। ମୁଁ ଏହାର ଠିକ୍ ଠିକ୍ ଉତ୍ତର ଦେବି। ମୁଁ କହିଲି ଗଣେଶଙ୍କର ଗଜବଦନ ଯୋଗୁଁ ଆମେ ତାଙ୍କୁ ଗଜାନନ ବୋଲି ସମ୍ବୋଧନ କରିଥାଉ। ତାଙ୍କର ମୂଷିକ ବାହନ ପାଇଁ ସେ ବିଖ୍ୟାତ। ସେ ଆମର ଜ୍ଞାନଦାତା ବା ବିଦ୍ୟାଦାତା ହୋଇଥିବାରୁ ତାଙ୍କ ହାତରେ ଲେଖନୀ ଓ ସିଦ୍ଧିଦାତା ହୋଇଥିବାରୁ ଅଙ୍କୁଶ ଶୋଭାପାଇଥାଏ। ତାଙ୍କର ଉଦର ବା ପେଟି ଲମ୍ବା ପୃଥୁଳ ଥିବାରୁ ଲମ୍ବୋଦର ବୋଲି ଶାସ୍ତ୍ରବିଦିତ। ଆପଣ ଆମର ପୁରାଣ ବର୍ଣ୍ଣିତ ତଥା ପ୍ରଚଳିତ ପଦ୍ଧତିରେ ପୂଜା ନ କରି ଏପରି ଏକ ଅସଭାବିକ ପରିବେଶରେ ଗଣନାଥକୁ ପୂଜା କରିବା ଦ୍ୱାରା ପ୍ରଚଳିତ ପ୍ରଥାକୁ କୁଠାରଘାତ କରୁନାହାନ୍ତି କି ? ଆମ ପୂର୍ବସୁରୀ ମୁନିଋଷିମାନେ ପୁରାଣରେ ଯାହା ବର୍ଣ୍ଣନା କରିଯାଇଛନ୍ତି ତାହା କଣ ଭୁଲ୍ ? ଗଣନାଥ ମୂଷାବାହନ ପରିବର୍ତ୍ତେ ଘୋଡା ପିଠିରେ ବସି କଲମ ପରିବର୍ତ୍ତେ ବଲମ ଧରି କାନ୍ଧରେ ବନ୍ଧୁକ ଧରିଥିବା କଥା କେଉଁ ପୁରାଣରେ ଲେଖାଯାଇଛି ? ଯୁବକ ଜଣକ ସ୍ମିତହସି କହିଲେ ମହାଶୟ ଆପଣ ମୋତେ ଯେତେଗୁଡିଏ ପ୍ରଶ୍ନ ପଚାରିଲେ ତାହାର ଉତ୍ତର ମୁଁ ଗୋଟି ଗୋଟି କରିଦେଉଛି। ବିଚଳିତ ନ ହୋଇ ଧୈର୍ଯ୍ୟର ସହ ଶୁଣନ୍ତୁ। ମୁଁ କହିଲି କଣ କହିବେ କୁହନ୍ତୁ ?

ଆମର ପୂର୍ବପୁରୁଷ ଋଷିମୁନି ପୁରାଣକାରମାନେ ଯାହା ସବୁ କହିଛନ୍ତି ବା ପୁରାଣରେ ଲେଖିଯାଇଛନ୍ତି, ତାହା କଣ ନିରାଟ ବାସ୍ତବ ପୁରାପୁରି ଠିକ୍ ସେମାନେ ତାଙ୍କର କଳ୍ପନାରେ ଗଣେଶଙ୍କର କଳ୍ପଚିତ୍ର ଆଙ୍କି ଆମ୍ଭମାନଙ୍କୁ ପୂଜା କରିବାକୁ କହିଯାଇଛନ୍ତି ତାହା କଣ ବାସ୍ତବ ଓ ଯୁକ୍ତିଯୁକ୍ତ ? ଗଣେଶଙ୍କର ପାଦଠାରୁ ଆରମ୍ଭକରି ବେକ ପର୍ଯ୍ୟନ୍ତ ମଣିଷ ଆକୃତିର। ବେକଠାରୁ ମୁଣ୍ଡପର୍ଯ୍ୟନ୍ତ ପାଟି, ଦାନ୍ତ ଆଖି ହସ୍ତୀ ଆକୃତିର ଏହା ସମ୍ପୂର୍ଣ୍ଣ ଅଯୌକ୍ତିକ ତଥା ଅବାସ୍ତବ ନୁହଁକି ?

ପ୍ରାଣୀତତ୍ତ୍ୱବିତ୍ ବୈଜ୍ଞାନିକ ଡାରଉଇନ୍ କହିଯାଇଛନ୍ତି ମଣିଷର ପୂର୍ବପୁରୁଷମାନେ ମାଙ୍କଡ ଥିଲେ। ସମୟର ଆବର୍ତ୍ତନ ବିବର୍ତ୍ତନ ଯୋଗୁଁ ମାଙ୍କଡରୁ ମଣିଷ ରୂପ ଧାରଣ କରିଛି। କାହିଁ ଆମ୍ଭେମାନେ କେହି ତ ଏ ପର୍ଯ୍ୟନ୍ତ ଦେଖିବାକୁ ପାଇନାହୁଁ। ଗୋଟିଏ ମାଙ୍କଡ ମଣିଷ ହୋଇନି କି ଗୋଟିଏ ମଣିଷ ମାଙ୍କଡ ହୋଇଛି ? ଯଦି ଏହି ତଥ୍ୟକୁ ନେଇ ବିଚାର କରାଯାଏ ତେବେ ଡାରଉଇନ୍‌ଙ୍କ ତଥ୍ୟ ଠିକ୍ ନା ଭୁଲ୍ ? ଏହା ନିଶ୍ଚିତ ଯେ ପ୍ରକୃତିର ନିୟମ ଅନୁଯାୟୀ ମଣିଷର ପେଟରୁ ମଣିଷ ଜନ୍ମ ନେବ। ହାତୀ ପେଟରୁ ହାତୀ ଛୁଆ ଜନ୍ମନେବ। କୁକୁର ପେଟରୁ ବିଲେଇ ଜନ୍ମ ନେବ ନାହିଁକି, ବିଲେଇ ପେଟରୁ ମୂଷା ଜନ୍ମ ନେବ ନାହିଁ। ତେବେ

ଆପଣଙ୍କର ମୁନିଋଷିମାନଙ୍କର କେଉଁ ଥିଓରୀ ଅନୁଯାୟୀ ଗଣେଶ ଅଧା ମଣିଷ ଅଧା ହାତୀ ହେଲେ ? କହୁ ଛନ୍ତି କଣନା ଗଣେଶଙ୍କର ବାହନ ମୂଷା । ଗଜାନନଙ୍କ ପରି ଏକ ବିରାଟ ପୃଥୁଳକାୟ ମଣିଷ କ୍ଷୁଦ୍ର ଜୀବ ମୂଷା ଉପରେ ବସିଗଲେ ତ ମୂଷା ମରିଯିବ । ତା ପିଠିରେ ବସି ଗଣେଶ କଣ ପୃଥିବୀ ଭ୍ରମଣ କରିପାରିବେ । ଏହା ସମ୍ଭବ କି ? ଗଣେଶଙ୍କର ଶରୀରର ଓଜନକୁ ମୂଷା ବହନ କରିପାରିବ କି ?

ଆପଣଙ୍କର ପ୍ରଶ୍ନ ଗଣେଶଙ୍କ ହାତରେ ଲେଖନୀ ପରିବର୍ତ୍ତେ ବର୍ଚ୍ଛା ବା କଲମ କାହିଁକି ଧରାଇଛନ୍ତି । ଆପଣମାନଙ୍କ ପରି ସାହିତ୍ୟିକ ବୁଦ୍ଧିଜୀବିମାନେ ତ କହିଛନ୍ତି ଅସିଠାରୁ ମସି ବଳବାନ । ଏଣୁ କଲମ ବଦଳରେ ବଲମ ଦେଇ ପ୍ରମାଣ କରିଅଛନ୍ତି କି ଯେତେବେଳେ ଆମ ସରକାର ଦେଶରୁ ଦୁର୍ନୀତିପରି ମହାପ୍ରତାପି ଅସୁରକୁ ଦେଶରୁ ତଡି ପାରୁନାହିଁ କି ମାରି ପାରୁନାହିଁ । ସେତେବେଳେ ଗଣନାଥ ଜଣଙ୍କର ନ ହୋଇ ଗଣଙ୍କ ପାଇଁ କବିତା ଗଳ୍ପ ଲେଖି ମଣିଷଙ୍କ ମନରେ ସଚେତନତା ସୃଷ୍ଟି କରିବେ ଯେମିତି ଦେଶବାସୀ ଏକତ୍ର ହୋଇ ଦୁର୍ନୀତି ବିରୁଦ୍ଧରେ ଆନ୍ଦୋଳନ କରିବେ ।

ପୁଣି ପ୍ରଶ୍ନ କରିଛନ୍ତି ଗଣେଶ କାହିଁକି ପୁଲିସ୍ ପୋଷାକ ପିନ୍ଧିଛନ୍ତି ? କାହିଁକି କାନ୍ଧରେ ବନ୍ଧୁକ ଧରିଛନ୍ତି ? ଆଜି ଗଣେଶଙ୍କୁ ଏପରି ପୁଲିସ୍ ବେଶରେ ସଜାଇବାର ଅସଲ କାରଣ କଣ ? ଆପଣ ଟି.ଭିରୁ ଶୁଣୁଥିବେ, ଖବରକାଗଜରୁ ସମ୍ବାଦ ପଢୁଥିବେ ଯେ ବର୍ତ୍ତମାନ ଆମ ରାଜ୍ୟର କୋଣେ ଅନୁକୋଣେ, ମାଓବାଦୀ, ସନ୍ତ୍ରାସବାଦୀ ପରି ଅନେକ ଅସାମାଜିକ ଅନୁଷ୍ଠାନ ଗଢ଼ି ଉଠି ଦେଶ, ରାଜ୍ୟ ମଧ୍ୟରେ ଅସ୍ଥିରତା ସୃଷ୍ଟି କରି ନୀରିହ ଲୋକଙ୍କର ଧନ ଜୀବନ ନଷ୍ଟ କରୁଛନ୍ତି । ବର୍ତ୍ତମାନର ଆମ ସରକାର କି ପୁଲିସ୍ ପ୍ରଶାସନ ସେମାନଙ୍କର ସମ୍ମୁଖୀନ ହୋଇ ସେମାନଙ୍କୁ ଦମନ କରିବାରେ ଅକ୍ଷମ । ଏଣୁ ଗଣେଶଙ୍କୁ ନୀରିହ ଜନସାଧାରଣଙ୍କ ତ୍ରାଣକର୍ତ୍ତା ରକ୍ଷାକର୍ତ୍ତା ଭାବରେ ପୁଲିସ୍ ପୋଷାକ ପିନ୍ଧାଇ ହାତରେ ବନ୍ଧୁକ ଧରାଇ ଏହାର ଦୃଢ଼ପ୍ରତିବାଦ ସରକାରଙ୍କଠାରେ ଉପସ୍ଥାପିତ କରୁଛି । କଳାହାଣ୍ଡି କୋରାପୁଟ ପରି ପାହାଡ ପର୍ବତ ଘେରା ଅଞ୍ଚଳକୁ ଗଣେଶ କଣ ମୂଷାରେ ଚଢ଼ିଯିବା ସମ୍ଭବ ଏଣୁ ଘୋଡା ଉପରେ ବସାଇଅଛୁ । ଆପଣ ପଚାରିବା ପ୍ରଶ୍ନର ଉତ୍ତର ବୋଧେ ପାଇଗଲେ ନା ମନରେ ସନ୍ଦେହ କିଛି ରହିଗଲା ? ମୁଁ ସେଇ ଯୁବକଙ୍କ ମୋ ଛାତିରେ ଚାପିଧରି କହିଲି, "ବାବୁରେ ତୁମେ ମୋ ପୁଅ ବୟସ ହେବକି କମ୍ ହେବ । ହେଲେ ତୁମେ ଯେପରି ଭାବରେ ପୁରାଣଠାରୁ ଆରମ୍ଭ କରି ରାଜ୍ୟ ରାଜନୀତିକୁ ଅତି ନିଖୁଣ ଭାବରେ ତର୍ଜମା କରି ମୋତେ ବୁଝାଇଦେଲ ମୁଁ ଅତ୍ୟନ୍ତ ପ୍ରୀତ । ଯଦି ଆଉ ଟିକିଏ ଚେଷ୍ଟା କରିବ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ତୁମେ ଆମ ରାଜ୍ୟର ମଉଡମଣି ହୋଇପାରିବ । ମାନେ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବାକୁ ସକ୍ଷମ ହେବ ।

ମୋ ଗାଡି ଗଡି ଚାଲିଲା । ଡାକ୍ତରଖାନା ଛକ ଆଡକୁ । ସେଠାରେ ବି ବହୁ ଭକ୍ତଙ୍କର ସମାଗମ । ଝଲମଲ ଆଲୁଅରେ ଚାରିଆଡେ ଝଲସିତ । ଗୀତଟିଏ ଭାସିଆସୁଛି -

ଆହେ ଗଜାନନ ଶିବନନ୍ଦନ
ତୁମ ପାଦରେ କରୁଛି ବନ୍ଦନ
ତୁମ ନିକଟରେ ମୋର ଗୁହାରୀ
ଥରେ କରିଦିଅ ମୋତେ ମନ୍ତ୍ରିରୀ

ପୂଜାମଣ୍ଡପରେ ଏପରି ଅବାନ୍ତର ସଂଗୀତ ଶୁଣି ଦୁଇକାନରେ ଅଙ୍ଗୁଳି ଚାପି କହିଲି ହରି ହରି ଆଜି କି ନ ଶୁଣିଲା ମୋ କାନ । ଦଣ୍ଡାବାଲୁଙ୍ଗାମାନେ କଣ ଗଛରେ ଫଳନ୍ତି ? ଭିଡ ଠେଲି ଠାକୁରଙ୍କ ପାଖରେ ପହଞ୍ଚିଲି । ସେଠାରେ ପହଞ୍ଚି ଯାହା ଦେଖିଲି ଚକ୍ଷୁ ମୋର ମୋର ବିସ୍ମୟରେ ବିସ୍ଫାରିତ ହୋଇଗଲା । କଣ ମୁଁ ଦେଖୁଛି ? ଏହା ଗଣେଶ ପୂଜା ନା ଆଉ କିଛି ? ପୂଜାମଣ୍ଡପଟି ଏକ ଦୁଇମହଲା ସୌଖୀନ ଅଟ୍ଟାଳିକା ସଦୃଶ । ସବା ଉପରେ ଲେଖାଯାଇଛି-

"ହେପି ହୋମ ଆପଣଙ୍କୁ କରୁଛି ସ୍ୱାଗତ
କୁକୁର ପ୍ରତି ସାବଧାନ ଥିବ ଅବଗତ"
ପୁଣି କିଛି ଅଂଶ ଛାଡି କରି ତଳକୁ ଲେଖାଯାଇଛି-
" ଏ ଅଟେ ଦାତବ୍ୟ ଡାକ୍ତରଖାନା
ରୋଗୀ ଦେଖାଯାଏ ପଇସାବିନା"
କିଛି ଅଂଶ ଛାଡି ଲେଖାଯାଇଛି-
"ମାଗଣାରେ ଏଠାରେ ରହିବାକୁ ମନା
ଗୁରୁବାର ଦିନ ଖୋଲା ଯାଏନା"

ଘରର ସମ୍ମୁଖ ଭାବରେ ନିଜେ ଗଣନାଥ ଜଣେ ଡାକ୍ତର ବେଶରେ ଗୋଟିଏ ସୁସଜ୍ଜିତ ଚୌକିରେ ବସି ରୋଗୀ ପରୀକ୍ଷା ନିମିତ୍ତ ଏକ ଷ୍ଟେଥିସ୍କୋପ୍ ଯନ୍ତ୍ରଟିଏ ଧରି ଜଣେ ମହିଳା ରୋଗୀଙ୍କ ଛାତିରେ ଚାପିଧରିଛନ୍ତି । ଅବଶ୍ୟ ଏଠାରେ ଗଜାନନ ଗଜବଦନରେ ଶୋଭିତ ।

ପୂଜକଙ୍କୁ ପଚାରିଲି ନନା ଗଣନାଥ କେବେଠୁ ଚିକିତ୍ସକ ହେଲେଣି ? ଦେବ ବୈଦ୍ୟ ଧନ୍ୱନ୍ତରୀ ଅଶ୍ୱିନୀ କୁମାର ଥାଉଁ ଥାଉଁ ଗଜାନନ କାହିଁକି ଏମିତି କାର୍ଯ୍ୟରେ ବ୍ୟସ୍ତ ? ନନା କହିଲେ ଜଣେ ଶିକ୍ଷକ ବା ଜ୍ଞାନଦାତା ଯେ ଜଣେ ଡାକ୍ତର ହୋଇପାରିବେ ନାହିଁ ତାହା କେଉଁ ପୁରାଣ ବା ଶାସ୍ତ୍ରରେ ଲେଖାଅଛି କହିପାରିବେ କି ଅଧ୍ୟାପକ ସାହେବ ? ମୁଁ କହିଲି ସହରର ଜନଗହଳି ପୂର୍ଣ୍ଣ ଏକ ନିଜସବାସ ଭବନରେ କଣ ଦାତବ୍ୟ ଚିକିତ୍ସାଳୟ ଖୋଲାଯାଇପାରିବ ? ଠିକ୍ ଏତିକିବେଳେ ପୂଜାକମିଟିର ଜଣେ ସଦସ୍ୟ ହେବେ ବୋଧେ "କହିଲେ ଆପଣ ଯେଉଁ ପ୍ରଶ୍ନ ପଚାରିଲେ ତାହା ଅବଶ୍ୟ ଠିକ୍ ! କିନ୍ତୁ ଏହା ଏକ ଭିନ୍ନ ଧରଣର ଦାତବ୍ୟ ଚିକିତ୍ସାଳୟ । ଏଠାରେ ମାତ୍ର ଜଣେ ଡାକ୍ତର ରୁହନ୍ତି । ରୋଗୀଙ୍କଠାରୁ କୌଣସି ପାରିଶ୍ରମିକ ନ ନେଇ ମାଗଣାରେ ରୋଗ ପରୀକ୍ଷା କରି ଔଷଧ ଲେଖିଦେଇ ବଜାରରେ ଥିବା ଜ୍ୟୋତି ମେଡିକାଲ୍ ଷ୍ଟୋର୍‌ରୁ କିଣି ନେବ କୁହାଯାଏ । ରହିବାର ବ୍ୟବସ୍ଥା ନ ଥିବାରୁ ରୋଗୀଙ୍କ ପାଇଁ ଶଯ୍ୟା ନାହିଁକି ଅନ୍ୟ ଡାକ୍ତର ନର୍ସଙ୍କର ଆବଶ୍ୟକତା ନାହିଁ । ମୁଁ କହିଲି ଅନ୍ୟ ମେଡିକାଲ୍ ଷ୍ଟୋରରୁ ଔଷଧ ନ କିଣି କେବଳ ଜ୍ୟୋତି ମେଡିକାଲରୁ କାହିଁକି ଔଷଧ କିଣିବେ ? ସେ କହିଲେ ଅନ୍ୟ ଷ୍ଟୋର୍‌ରେ ନକଲି, କେବଳ ଜ୍ୟୋତିରେ ଅସଲି ଔଷଧ ମିଳେ ।

ମୁଁ କହିଲି ଠାକୁରଙ୍କୁ ଏପରି ବ୍ୟଙ୍ଗ କରି ପୂଜା କରିବାର ଉଦ୍ଦେଶ୍ୟ କଣ ? ଏହାଦ୍ୱାରା ପରୋକ୍ଷରେ ଠାକୁରଙ୍କୁ ଅବମାନନା କରୁନାହୁଁକି ? ସେ ହସି ହସି କହିଲେ ଏମିତି ଧରିବସିଲେ ତ କମଳ ସାରା ବାଳ । ଏପରି ପୂଜା କରିବାର ଅସଲ ଉଦ୍ଦେଶ୍ୟ ଏହି କି ଯେ ଆଜିକାଲି ଟି.ଭି.ରେ ପ୍ରସାରିତ, ଖବରକାଗଜରେ ପ୍ରକାଶିତ ଓଡିଶାରେ ଘଟୁଥିବା ଖଣିଦୁର୍ନୀତି, ଜମିଦୁର୍ନୀତି, ଡାଲି ଦୁର୍ନୀତି, ଚିଟ୍ ଫଣ୍ଡ ଠକେଇ ଦୁର୍ନୀତି ଖବରକୁ ନେଇ ଆମର ଦୃଢ଼ ପ୍ରତିବାଦ । ଅନେକ ନାମିଦାମି ମନ୍ତ୍ରୀ, ଏମ୍.ପି, ଏସ୍.ଏଲ୍.ଏ, ଆଇ.ଏ.ଏସ୍, ଆଇ.ପି.ଏସ୍, ଶିଳ୍ପପତିମାନେ ମିଥ୍ୟା ସତ୍ୟପାଠ ଜରିଆରେ ରାଜଧାନୀ ଭୁବନେଶ୍ୱରରେ ବହୁ ମୂଲ୍ୟବାନ ପ୍ଲଟ୍ ଅଳ୍ପଦାମ୍‌ରେ ନିଜ ନାମରେ ବା ସ୍ତ୍ରୀମାନଙ୍କ ନାମରେ କରାଇ ନେଇଛନ୍ତି । ଅନେକ ବ୍ୟକ୍ତି ଘରୋଇ ଡାକ୍ତରଖାନା ଖୋଲିବାକୁ ମିଥ୍ୟା ସତ୍ୟପାଠ ପ୍ରଦାନ କରି ଜମି କମ୍ ଦାମ୍‌ରେ ନେଇ ଡାକ୍ତରଖାନା ନ ଖୋଲି ନିଜର ସୌଖୀନ ବାସଗୃହ କରି ରହୁଛନ୍ତି । ସିବି.ଆଇ.ର ଖୋଳତାଡ ପରେ ଧରାପଡାଯିବା ଭୟରେ ନିଜ ଘରେ ଦାତବ୍ୟ ଚିକିତ୍ସାଳୟ ଖୋଲିଛନ୍ତି । ମୁଁ କହିଲି ଯଦି ପ୍ରତିବାଦ କରିବାକୁ ଚାହୁଁଥାନ୍ତି ତେବେ ଆପଣମାନେ ଭୁବନେଶ୍ୱର ଯାଇ ମନ୍ତ୍ରୀଙ୍କ ଘର ସମ୍ମୁଖରେ କି ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁନାହାନ୍ତି ? ଆମ ଠାକୁରଙ୍କୁ କାହିଁକି ରାଜନୀତିଆ ବୋଦା ବନାଇ ବଳିପକାଇବାକୁ ଯାଉଛନ୍ତି । ସେ କହିଲେ ହାତରୁ ପଇସା ଖର୍ଚ୍ଚ କରି କମେଇ ହୋଇ ଭୁବନେଶ୍ୱରରେ ବିକ୍ଷୋଭ କରିବା ଅପେକ୍ଷା ଏହି ମାଧ୍ୟମ ଉତ୍ତମ । ତାଙ୍କର ଏମିତି ମନ୍ତବ୍ୟ ଶୁଣିବା ପରେ ମନେ ମନେ କହିଲି ବଂଶ ବୁଡିବାବେଳେ ଏମିତି ବଂଶବୁଡା କୁଲାଙ୍ଗାର ଜନ୍ମ ନେଇଥାନ୍ତି ।

ଗାଡି ନିକଟକୁ ଫେରିଆସୁଥିବାବେଳେ ମୋର ଜଣେ ଅଧ୍ୟାପକ ବନ୍ଧୁ ରମାକାନ୍ତଙ୍କ ସହ ସାକ୍ଷାତ ହେଲା । ପଚାରିଲେ କଣ ଉମାକାନ୍ତ ବାବୁ; ପୂଜା ଦେଖାସରିଲା ? ମୁଁ କହିଲି ପ୍ରାୟତଃ ଶେଷ । ଯାହା ରହିଲା କାଲିକି ଦେଖିବି । ସେ କହିଲେ ଆପଣ ଅନ୍ୟ କେଉଁଠିକୁ ଯାଆନ୍ତୁ ବା ନ ଯାଆନ୍ତୁ ହେଲେ ଥାନାଛକ ଗଣେଶ ପୂଜା ଦେଖିବାକୁ ଯେମିତି ନ ଭୁଲନ୍ତି । ମାନିବାକୁ ହେବ ପୂଜା କମିଟିର ଆଇଡିଆକୁ !

ବନ୍ଧୁଙ୍କର ମନ୍ତବ୍ୟ ଶୁଣିବା ପରେ କାର୍ତ୍ତିକ ମାସିଆ ଚେଙ୍ଗମାଛ ପରି ମୋ ମନଟା ଏକ କୌତୂହଳରେ ଡେଇଁ ଉଠିଲା । ଗାଡି ଛୁଟାଇ ଦେଲି ଥାନା ଛକକୁ । ଦେଖିଲି ଭୀଷଣ ଭିଡ ହେଲେ ଶାନ୍ତିଶୃଙ୍ଖଳା କଡାକଡି । ପ୍ରବେଶ ପ୍ରସ୍ଥାନ ଅଲଗା ଅଲଗା । ପୂଜାମଣ୍ଡପ ପାଖକୁ ଯିବାକୁ କିଛି ଅସୁବିଧା ହେଲା ନାହିଁ । ମାତ୍ର ସେଠାରେ ପହଞ୍ଚି ଯାହା ଦେଖିଲି ବିଶ୍ୱାସ କରିପାରିଲି ନାହିଁ । ଏହା ଗଣେଶ ପୂଜା ନା ଶିବ ପାର୍ବତୀଙ୍କ ପାରିବାରିକ ପୂଜା । ଏମିତି ପୂଜା ମୋର ହେତୁ ହେବାଠାରୁ କୌଣସି ସ୍ଥାନରେ ଦେଖିନାହିଁ । ପୂଜାମଣ୍ଡପରେ ଦେବ ଦେବ ବାବା ସଦାଶିବ ମାତା ପାର୍ବତୀ, ଭ୍ରାତା, କାର୍ତ୍ତିକେୟଙ୍କ ସହ ସ୍ୱୟଂ ଗଣେଶ ନିଜ ନିଜ ବାହାନ ଉପରେ ଉପବିଷ୍ଟ ହୋଇ ପୂଜିତ ।

ନନାକୁ ପଚାରିଲି ନନା ଏହା କେଉଁ ପ୍ରକାରର ଗଣେଶ ପୂଜା ? ନନା କହିଲେ ଆପଣ ଯାହା ଭାବୁଛନ୍ତି ମୁଁ ବି ତାହା ଭାବୁଛି ! ଏହାର କାରଣ କଣ ପଚାରିବାକୁ ଇଚ୍ଛା ଥିଲେ ବି ହେଲେ ପଚାରିପାରୁନି । କାରଣ ପୁଲିସ୍ ବାଲାକୁ ମୋର ବହୁତ ଡର । ବିନା କାରଣରେ ଫାଟକରେ ପୁରାଇଦେବେ । ମୁଁ ଚକୁଳି ଖାଇବା ଲୋକ, ଚକୁଳିର ବିନ୍ଧ କାହିଁକି ଗଣିବି । ଆମନ୍ତ୍ରିତ ହୋଇ ଆସିଛି । ମାରତାଳି, ଉଠାଥାଳି ନୀତିରେ ପୂଜାଶେଷ କରି ଦକ୍ଷିଣା ପାଇଲେ ଗଲା । ମୋର କାରଣ ଜାଣିବାର ଆବଶ୍ୟକତା ନାହିଁ ।

ନନାଙ୍କର ଉତ୍ତରରେ ମୁଁ ସନ୍ତୁଷ୍ଟ ନ ହୋଇ ଏହାର କାରଣ ଜାଣିବା ପାଇଁ ମନେ ମନେ ପୂଜା କମିଟିର ସଭ୍ୟଙ୍କୁ ଖୋଜୁ ଥାଏ । କାହାରିକୁ ନ ପାଇ ନିରାଶରେ ଫେରି ଆସୁଥିବା ବେଳେ ହଠାତ୍ ଜଣେ ଭଦ୍ରଲୋକ ମୋତେ ତାଙ୍କ ଆଡୁ ନମସ୍କାର କରି କହିଲେ, "କଣ ଅଧ୍ୟାପକ ମହାଶୟ ସବୁ କୁଶଳ ତ ? ଆମ ପୂଜା ଆପଣଙ୍କୁ କେମିତି ଲାଗିଲା ? ତାଙ୍କ ପ୍ରଶ୍ନରେ ମୁଁ ଚମକି ପଡିଲି ! ସେ କଣ ମୋତେ ଆଗରୁ ଜାଣିଛନ୍ତି ? ତାଙ୍କୁ ପ୍ରତି ନମସ୍କାର ଜଣାଇ କହିଲି ମୂର୍ତ୍ତିଗୁଡିକ ଖୁବ୍ ସୁନ୍ଦର ହୋଇଛି । ମାତ୍ର ଏହି ପୂଜା ସମ୍ବନ୍ଧରେ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହୁଁଛି, ପଚାରିବି କି ? ସେ କହିଲେ ଗୋଟେ କାହିଁକି ଏକାଧିକ ପ୍ରଶ୍ନ ପଚାରିପାରନ୍ତି । ମୁଁ ପଚାରିଲି ଗଣେଶ ପୂଜାରେ ସପରିବାରମାନେ ଶିବ, ପାର୍ବତୀ, କାର୍ତ୍ତିକେୟ ଓ ଗଣେଶ ଏକତ୍ରିତ ପୂଜିତ ହେବାର ମୁଁ କୌଣସିଠାରେ ଦେଖିନାହିଁ । ଆପଣ ପାଠ ପଢୁଥିବାବେଳେ ବିଦ୍ୟାଳୟରେ ଗଣେଶ ପୂଜାରେ କଣ ଏମିତି ସପରିବାର ପୂଜା ହେଉଥିଲା ?

ମୋ କଥା ଶୁଣି ଭଦ୍ରଲୋକ କହିଲେ ସେ ସମୟର ପରିବେଶ ଓ ପରିସ୍ଥିତି ଏବେର ପରିସ୍ଥିତି ମଧ୍ୟରେ ଆକାଶ ପାତାଳ ତଫାତ୍ ବା ପାର୍ଥକ୍ୟ । ତାହା

ଥିଲା ପୁରୁଣା ମାନେ ଓଲଡ୍ ଏଜ୍ । ଏବେ ପୁରାପୁରି ଆଧୁନିକମାନେ ମଡର୍ଣ୍ଣ ଏଜ୍ । ପରିବର୍ତ୍ତନଶୀଳ ଦୁନିଆରେ ପ୍ରତି ମୁହୂର୍ତ୍ତରେ ମଣିଷ ମନର ଭାବନା ଓ ଚେତନାର ପରିବର୍ତ୍ତନ ଘଟୁଛି । ମୁଁ କହିଲି ପରିବର୍ତ୍ତନ ଘଟୁଛି ହେଲେ ପୂଜା ପଦ୍ଧତିରେ କଣ ପରିବର୍ତ୍ତନ ଘଟିଛି ? ସେ କହିଲେ ଆମ ପୁରାଣ ବର୍ଣ୍ଣିତ ଛତିଶକୋଟି ଦେବ ଦେବୀ ପରିବାର ମଧ୍ୟରେ ଦେବ ଦେବ ମହାଦେବଙ୍କ ପରିବାର ଦୂରଦୃଷ୍ଟି ସମ୍ପୂର୍ଣ୍ଣ ସଂସ୍କାରଯୁକ୍ତ, ଏକ ଆଦର୍ଶ ପରିବାର । ଉଦାହରଣ ସ୍ୱରୂପ ଆମ୍ଭେମାନେ ଆଜି ଯେତେବେଳେ ଦେଶରୁ ଲୋକସଂଖ୍ୟା ହ୍ରାସ ପାଇଁ ପରିବାର ନିୟନ୍ତ୍ରଣ ଯୋଜନାକୁ କାର୍ଯ୍ୟକରି ଆମେ ଦୁଇ ଆମର ଦୁଇରେ ସୀମିତ ରଖିଛନ୍ତି । ଦ୍ୱିତୀୟତଃ- ସେମାନଙ୍କର ବାହନ ଭିନ୍ନ ଭିନ୍ନ ଓ ପରସ୍ପର ମଧ୍ୟରେ ଖାଦ୍ୟ ଖାଦକର ସଂପର୍କ ଥିଲେ ବି କେହି କାହାର ଅନିଷ୍ଟ ନ କରି ଭାଇଚାରାର ନିୟମକୁ ପାଳନ କରି ଅହିଂସା ମାର୍ଗରେ ପରିଚାଳିତ । ଉଦାହରଣସ୍ୱରୂପ ଶିବଙ୍କର ବାହନ ବୃଷଭ, ପାର୍ବତୀଙ୍କର ବାହନ ସିଂହଙ୍କର ଖାଦ୍ୟ । ଗଣେଶଙ୍କ ବାହନ କାର୍ତ୍ତିକେୟଙ୍କର ବାହନ ମୟୂରର ଖାଦ୍ୟ ହେଲେ ବି ସମସ୍ତେ ଏକତ୍ରିତ ବାସ କରନ୍ତି ।

ତୃତୀୟତଃ- କୃଷିର ଉନ୍ନତି ପାଇଁ ଗୋ ସମ୍ପଦର ଅଭିବୃଦ୍ଧି ଆବଶ୍ୟକ । ସେଥିପାଇଁ ଶିବ ବୃଷଭକୁ ନିଜ ବାହନ ଓ ଦୁଷ୍ଟ ଦମନ ପାଇଁ ପାର୍ବତୀ ସିଂହକୁ ବାହନ କରିଛନ୍ତି । ଦେବସେନାପତି କାର୍ତ୍ତିକେୟଙ୍କ ପରି ଜଣେ ସୁଦକ୍ଷ, ସାହାସୀ ତଥା ଦୂରଦୃଷ୍ଟି ସମ୍ପୂର୍ଣ୍ଣ ସେନାଦକ୍ଷ ଆମ ପ୍ରତିରକ୍ଷା ବିଭାଗ ପାଇଁ ଆବଶ୍ୟକ, ତଥା ଗଣେଶଙ୍କ ପରି ଜ୍ଞାନୀ, ଗୁଣି, ବୁଦ୍ଧିଜୀବି ଦୁର୍ନୀତିମୁକ୍ତ ସୁଶାସକ ଆମ ରାଜ୍ୟ ପାଇଁ ଅତ୍ୟନ୍ତ ଜରୁରୀ । ଏହିସବୁ ଭାବନାକୁ ଗଭୀର ଭାବରେ ଚିନ୍ତା କରି ପାରିବାରିକ ପୂଜାର ଆୟୋଜନ । ଆଶା ଆପଣ ଆପଣଙ୍କର ପ୍ରଶ୍ନର ଉତ୍ତର ପାଇଗଲେ ।

ମୁଁ କହିଲି ପୁଲିସ୍ ବିଭାଗରେ ନିଯୁକ୍ତି ପାଇବା ପୂର୍ବରୁ ଆପଣ ବୋଧେ କୌଣସି କଲେଜ୍‌ରେ ଦର୍ଶନ ଅଧ୍ୟାପକ ଥିଲେ କି ? ସେ କହିଲେ ନାହିଁ ସାର୍ ଆପଣଙ୍କ ଅନୁମାନ ପୁରାପୁରି ଅମୂଳକ । ପ୍ରଥମରୁ ହିଁ ମୁଁ ପୁଲିସ୍ ସବ୍‌ଇନିସ୍‌ପେକ୍ଟରରେ ନିଯୁକ୍ତି ପାଇ ଏବେ ଡି.ଏସ୍.ପି. ପଦବୀ ମଣ୍ଡନ କରୁଛି ।

ମୁଁ କହିଲି ଆପଣ ଯେପରି ଭାବରେ ଆମର ପୁରାଣକୁ ବ୍ୟାଖ୍ୟା କରି ପ୍ରାଞ୍ଜଳ ଭାବରେ ମୋତେ ବୁଝାଇଦେଲେ, ଏମିତି ବ୍ୟାଖ୍ୟା ବୋଧେ ଏବେର ତଥାକଥିତ ପୂଜକ, ପଣ୍ଡିତମାନେ ବୁଝାଇ ପାରିବେ କି ନାହିଁ ମୋର ସଂଦେହ ହେଉଛି । ଏତିକିବେଳେ ମାଇକ୍‌ରୁ ଭାଷି ଆସିଲା-

"ଗଣେ ନାରାୟଣେ, ରୁଦ୍ରେ, ଅମ୍ବିକେ, ଭାସ୍କରେ ତଥା
ଭିନ୍ନ ଭିନ୍ନ ନ କର୍ତ୍ତବ୍ୟା ପଞ୍ଚ ଦେବୋ ନମୋସ୍ତୁତେ"

ଏହି ଶ୍ଳୋକ ଶୁଣିବା ପରେ ମୋର ହୃଦବୋଧ ହେଲା ଯେ ଆମର ଗଣନାଥ କେବଳ ଜଣେ ଜ୍ଞାନ ପ୍ରଦାୟକ, ବିଘ୍ନ ବିନାଶକ ରୂପରେ ପୂଜିତ ନୁହନ୍ତି । ସେ ଏକାଧାରର ଜଣେ ଦୁର୍ନୀତି ନିବାରକ, ଦକ୍ଷ ପ୍ରଶାସକ, ପୁଲିସ୍ ମହା ନିର୍ଦ୍ଦେଶକ, ସର୍ବପରି ଗୋଟିଏ ସଂସ୍କାରଯୁକ୍ତ ଆଦର୍ଶ ପରିବାର କନିଷ୍ଠ ପୁତ୍ର ରୂପେ ସର୍ବତ୍ର ପୂଜିତ ।

ହାତଘଡିକୁ ଚାହିଁ ଦେଖିଲି ସମୟ ଦୁଇଟା । ଚମକି ପଡିଲି । ଘରମୁହାଁ ଗାଡି ଦୌଡାଇ ଦେଇ ଘରେ ପହଞ୍ଚିଲି । ଦେଖିଲି ସହଧର୍ମିଣୀ ମୋର ବିଳମ୍ବ ଦେଖି ; ଖାଇପିଇ ଦରଜା ବନ୍ଦ କରି ଶୋଇପଡିଛନ୍ତି । କଲିଙ୍ଗ୍ ବେଲ୍‌ର ବଟମ୍ ଦବେଇ ଦେଲି, ହେଲେ କବାଟ ଖୋଲିଲା ନାହିଁ । ଅଯଥାରେ ତାଙ୍କ ସୁଖ ନିଦ୍ରାରେ ବ୍ୟାହତ ନ ଘଟାଇ ବାକିତକ ରାତି ଦାଣ୍ଡ ବାରଣ୍ଡାରେ ବିତାଇଦବାକୁ ନିଷ୍ପତ୍ତି ନେଇ ଦାଣ୍ଡବାରଣ୍ଡାରେ ପଡିଥିବା ଚେୟାର୍‌ରେ ବସିପଡିଲି । ମାତ୍ର ମଶାମାନଙ୍କର ଆକ୍ରମଣରୁ ନିସ୍ତାର ପାଇ ନ ପାରି ଉଚ୍ଚ ସ୍ୱରରେ ଗାଇଉଠିଲି ଗଣେଶଙ୍କ ବନ୍ଦନା –

" ଦେବ ଗଜାନନ କେଉଁ ପୁଣ୍ୟବଳେ
ଭିନ୍ନ ଭିନ୍ନ ରୂପେ ପୂଜିତ ଉତ୍କଳେ ।।
ସକଳ ପୂଜାର ଗୋଟିଏ ଉଦ୍ଦେଶ୍ୟ
ଦୁର୍ନୀତି ମୁକ୍ତ ହେଉ ଏ ପ୍ରଦେଶ ।।
ଦିଅ ଅଭିଶାପ ହୋଇ ଅନ୍ତ୍ୟାସ୍ମୃଣି
ଦୁର୍ନୀତି ବାଲାଙ୍କ ବୁଡିଯାଉ ବଂଶ ।।
ସମସ୍ତଙ୍କ ମୁଖେ ଫୁଟିଉଠୁ ହସ
ଏତିକି ମିନତୀ ତୁମକୁ ଗଣେଶ ।।"

ମୋର ଉଚ୍ଚାଙ୍ଗ ସ୍ୱର ଲହରୀରେ ବିନୋଦିନୀଙ୍କର ନିଦ୍ରା ଭଙ୍ଗ ହୋଇଗଲା ବୋଧେ, ନିଦଭରା ଆଖିରେ ଦରଜା ଖୋଲି ନେଇ ଗଣଗଣିଆ ସ୍ୱରରେ କହିଲେ ହଉ ହେଲା !

"ସେତିକିରେ ବନ୍ଦନା କରିଦିଅ ଶେଷ

ଖୋଲିଦେଲି ଦ୍ୱାର କର ଭିତରେ ପ୍ରବେଶ"।

ଘର ନଂ- ବି, ୩୮୨
କୋଏଲ୍ ନଗର ରାଉରକେଲା-୧୪
ମୋ- ୯୪୩୮୭୨୮୯୧୧,୯୪୩୮୭୨୮୯୧୧


# Did You Know?

**That-** Family of Disabled (NGO) was started in Janakpuri in 1992 to serve the people with disabilities (PWDs) by Rajinder Johar who himself is paralyzed in all the four limbs for the last 30 years leading a bedridden life, totally dependent on others since 1986.

**That-** FOD has been conducting different welfare programmes for the benefit of PWDs such as- **1.** Self Employment **2.** Funding Education **3.** Free Gadgets **4.** Promoting artists and sculptors and their works **5.** Computer Training **6.** Job Placement **7.** Excursions and Cultural Shows **8.** Mobile Rehab Service **9.** Research and Development.

**That-** More than 4000 disabled people have availed the services of FOD.

**That-** FOD has received **25 awards including 3 national awards for its services in the disability sector.**



Aamir Khan
Actor, Producer and Director

**That-** FOD has built a rehab center UNNATI for PWDs in Shyam Vihar Phase 1, Najafgarh, New Delhi, from the funds generated through Aamir Khan's TV Program ***Satyamev Jayate***, matching contribution from Reliance Foundation, the philanthropic partner of SMJ and Scores of other donors.



President Pranab Mukherjee presenting National Award in the category of 'Role Model' to Rajinder Johar, founder- FOD on Dec 03, 2014, the World Disability Day.

**That-** FOD does not receive any aid/grant from government, it meets the cost of all the ongoing projects from • Monetary donations • Sponsorships and • **Donations in form of domestic and office waste material like old newspapers, electrical/electronic gadgets, clothes, metal and steelwares, furniture, discarded vehicles etc.**

**That-** Training in various livelihood skills at FOD's newly built rehab center UNNATI in Najafgarh, New Delhi, has begun for socio-economic rehabilitation of people with disabilities.




UNNATI,
newly built rehab center of FOD

**YOU ARE REQUESTED TO DONATE YOUR WASTE MATERIAL TO FOD FOR THE WELFARE OF YOUR DISABLED BRETHREN!**

- People Interested in donating their waste material to FOD and for further queries please contact its office.
- Monetary donations to FOD are exempt U/S 80G of Income Tax Act 1961.

FOD
ESTD : 1992

**FAMILY OF DISABLED (NGO)**

(A voluntary organisation committed to the cause of people with disabilities)

**B-1/500, Janakpuri, New Delhi-110058**
**Tel.: 41570140, 45129935**
**Email : contact@familyfdisabled.org**
**Web : www.familyofdisabled.org**
**CHAPTERS : GURGAON, FARIDABAD**

People who wish to employ literate disabled persons in their office or place them in any mainstream job may contact FOD office

# ଫଁ, ଫଗୁଣରେ ତମେ

ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ

ଭରପୁର ଭଲପାଇବା ଜୀବନକୁ ସବୁଜ କରେ ବୋଲି, ନିଳିମାକୁ ପ୍ରେମ କରେ ନୀଳମଣି । ଏ ବେଳରେ ହେଉ କି ସେ ବେଳରେ, ଯେବେ ଦେଖେ ନୀଳିମାକୁ, ତା'ର ମନ ପଡେ ସମୁଦ୍ରର କଥା,

ତା' ଓଠରେ ଖୋଜେ ପ୍ରେମିକର ଶୋଷ,

ତା' ଛାତିରେ ପଦ୍ମଁଅ ବଣର ବାସ୍ନା ।

ନୀଳମଣି ଏତେବେଳକୁ ଜୀବନ ଦରିଆରେ ଦିଗହଜା ବୋଇତ ।

ନାହିଁ ପ୍ରେମର ପବନ ।

ଭୁଲିଯାଏ ସଂସାରର ପଣକିଆ ।

ସମୟର କ' କଉଆରେ ଲିଭିଯାଏ, ଜିଇଁବାର ବର୍ଣ୍ଣବୋଧ ।

ନୀଳମଣି ସଜା ପ୍ରେମିକର ହୃଦୟ ନେଇ ବଂଚେ । ଅତୀତ ଥିଲା ପ୍ରେମମୟ । ରକ୍ତରେ ଲେଖୁଥିଲା ଚିଠି । ଭିଜୁଥିଲା ସ୍ୱପ୍ନମୟ ପ୍ରେମିକାର ପ୍ରେମ ବର୍ଷାରେ । ଭୁଲିଥିଲା ବାପା ମା, ଭାଇ ଭଉଣୀ, ପଠପଢା ଓ ଉଚ୍ଚ କ୍ୟାରିୟର । ତିଆରି ଥିଲା ନିଜ ପାଇଁ ନିଜର ପୃଥିବୀ । ହାତ ବଢଉଥିଲା ନୀଳଆକାଶକୁ । ଛୁଉଁଥିଲା ଚୋଫୀ ଜହ୍ନକୁ । ସବୁଦିନ ସବୁରାତି ମଧୁମାସ । ବଉଳ ଫୁଲର ମହକ । ମୁହୂର୍ତ୍ତ ମୁହୂର୍ତ୍ତ କାକଳିତ । ଏ ଯା'ଏ ଭୁଲିନି ସେ ଲଘୁଚାପର ତୁହାକୁ ତୁହା ବର୍ଷା । ପୃଥିବୀରେ ଥିଲା ବର୍ଷାଋତୁ ଅବଶ୍ୟ ।

ବର୍ଷାରେ ଆସିଥିଲା ନୀଳିମା ।

ସେତେବେଳେ କଲେଜ କ୍ୟାମ୍ପସ୍ ସବୁଜ ସବୁଜିମା । ଜୀବନକୁ ଦେଖିନଥିବା କି ବୁଝିନଥିବା ପୁଅଝିଅଙ୍କ ଭିଡ । ଚିହ୍ନିବାର ବ୍ୟାକୁଳତା । ହସାହସି, ଚୁପି ଚୁପି କଥା । ଶୀତଋତୁରେ ନୀଳମଣୀର ପରିଚୟ । ଇଲେକ୍‌ସନ୍, ପିକ୍‌ନିକ୍, ସେମିନାର ଓ ସରସ୍ୱତୀ ପୂଜାରେ ଫୁଟେ ପ୍ରେମର ଫୁଲ । ନୀଳମଣୀର ତାହା ହିଁ ହେଲା । ଫଗୁଣରେ ମଉଳିଲା । ସରିଗଲା କଲେଜ କ୍ୟାମ୍ପସ୍ । ଏବେ ପରୀକ୍ଷାର ଋତୁ । କ୍ୟାଲେଣ୍ଡରରେ ବାହାତିଥି । ଏ ସନ ଫଗୁଣରେ ଯୋଡି ମହୁରୀ । ଗୁଆ ଚଉଳରେ ଆଂଜୁଳି ଭରିଲା ନିଳିମା । ନୀଳମଣି ପାଲଟିଲା ପ୍ରେମର ବୋକା ଈଶ୍ୱର ।

ଦିନ ଆଲୁଅରେ ଫିକା ପଡିଗଲା ଜୀବନ ।

ସ୍ୱପ୍ନ ସବୁ ବାଲିଘର ।

ଇଚ୍ଛା ସବୁ ମିଛ ।

ଆଶା ସବୁ ଚଇତି ପବନରେ ଉଡୁଥିବା ହଳଦିଆ ପତର । ନୀଳମଣି ଏବେ ପ୍ରାଇଭେଟ୍ କଲେଜରେ ଓଡ଼ିଆ ଅଧ୍ୟାପକ । ପଢିଲା ଓ ପଢେଇଲା, ସାର୍ତ୍ରେ, କାମ୍ୟୁ ଓ ସିଗ୍‌ମଣ୍ଡ୍ ଫ୍ରୟେଡ୍‌କୁ । ତାଙ୍କ ଚେତନାରେ ନାରୀ–

ଯାହାକୁ ମନ ଦିଏ, ତା'କୁ ଦେହ ଦିଏନା,  
ଯାହାକୁ ଦେହ ଦିଏ, ତା'କୁ ଭଲ ପାଏନା,  
ଯାହାକୁ ଭଲ ପାଏ, ତା'କୁ ବାହା ହୁଏନା,  
ଯାହାକୁ ବାହା ହୁଏ, ତା'କୁ ଏସବୁ କିଛି କହେନା ।

ତେଣୁ କିଛି କହିନଥିବ ନିଳିମା । କେମିତି କହିବ ନୀଳମଣି । ବହୁଥର ଭାବିଛି କୁଆଡେ ଗୋଟେ ପଳେଇବ । ନାହିଁ, ଆତ୍ମହତ୍ୟା କରିବ । ପୁଣି ଭାବେ କିଛି ଲାଭ ନାହିଁ ।

ସବୁ ଶବ୍ଦ ଶୁଭେ ହେଲେ କେହି କ'ଣ ଶୁଣିଛି – ମନ ଭାଙ୍ଗିବାର ଶବ୍ଦ ।

ସେ ବଂଚିବ ! ଝୁରି ଝୁରି ବଂଚିବ ।

ବହୁ ବର୍ଷ ପରେ ପୋତିଥିବା ମନରେ ସବୁଜ ଶୀତଳତା ।

ମରଣ ଯାଏ ଆସୁଥିବା ଫଗୁଣରେ ନୀଳିମା ଆସିବା ନ ହେଉ, ଆସିବ ତା'ର ଦେହରେ, ମନରେ, ଅନୁଭବରେ ତ ଆସିବ !

ନୀଳମଣି ଚମକିଲା । ତା' କାନରେ କୋଇଲିର କୁହୁ ।

ଫଗୁଣ ଆସିଛି ।

ନିଳିମା ଆସୁଥିବ । ଫଗୁ ପବନରେ ଆସିବ । ଓଃ କି ମିଠା !

ଜୀବନ ଫଗୁଣରେ ବଉଳ ମହକ । ଚମେ ! ଫିଁ ଫଗୁଣରେ ଚମେ !

ଓଡ଼ିଆ ବିଭାଗ, ଚୌଦ୍ୱାର ମହାବିଦ୍ୟାଳୟ, ଚୌଦ୍ୱାର

ମୋ.: ୯୮୫୩୮୮୩୬୬୭

With Best Compliments from:

**Actionaid Association**

With Best Compliments from:

**Mr. Satyendra Gupta**

**SM Computers**

# ସଚ୍ଚି ରାଉତରାୟ -ଶତାବ୍ଦୀ ପୁରୁଷ

ଗୋବିନ୍ଦ ଲେଙ୍କା



ଆଧୁନିକ ଓଡିଆ କବିତାର ବିସ୍ମୟ ଅସ୍ମିତା ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗ ଗ୍ରାମରେ ୧୯୧୬ମଇମାସ ୧୩ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଛାତ୍ର ଜୀବନରୁ ଭାରତ ସ୍ୱାଧୀନତା ଆନ୍ଦୋଳନ,ଗଡଜାତ ପ୍ରଜା ଆନ୍ଦୋଳନ ଏବଂ ବାମପନ୍ଥୀ ଆନ୍ଦୋଳନରେ ସାମିଲ ହୋଇଥିଲେ ଶ୍ରୀ ରାଉତରାୟ । ତେଣୁ ତାଙ୍କ କାବ୍ୟସ୍ୱରର ମୁଖ୍ୟସ୍ୱରରେ ବାମପନ୍ଥୀ ତଥା ପ୍ରଗତିବାଦୀ ଚିନ୍ତନର ଧାରା ପ୍ରବାହିତ ହୋଇଯାଇଛି ।ଏହି ବିଚିତ୍ରବର୍ଣ୍ଣୀ କବି ଜଣକ ଓଡିଆ ସାହିତ୍ୟରେ ତାଙ୍କ ପ୍ରତିଭାର ଆଦି ପର୍ଯ୍ୟାୟରେ (ପାଥେୟ୧୯୩୧ ଠାରୁପଲ୍ଲିଶ୍ରୀ ୧୯୪୧ ପର୍ଯ୍ୟନ୍ତ)ରୋମାଣ୍ଟିକ୍ ଓ ରହସ୍ୟବାଦୀ ଧାରାରେ ବେଶ୍ ଭାବପ୍ରବଣ ଜଣାପଡନ୍ତି ।ସେଥିପାଇଁ ତାଙ୍କ ପ୍ରତିଭାର ଆକଳନ କରି ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହନ୍ତି,-ପ୍ରତିଭାଶାଳୀ ସଚ୍ଚିଦାନନ୍ଦ ରାଉତରାୟସଂପୂର୍ଣ୍ଣରୂପେ ସବୁଜ ଶୈଳୀ ଗ୍ରହଣ କରିଛନ୍ତି । ବାଜିରାଉତ-୧୯୩୮,ପାଣ୍ଡୁଲିପି-୧୯୪୭ଓ ଅଭିଯାନ-୧୯୪୮ର କବି ସଚ୍ଚିଦାନନ୍ଦଙ୍କର କାବ୍ୟସ୍ୱର ଅବଶ୍ୟ ବିପ୍ଳବର,ମାତ୍ର ଏହି ବିପ୍ଳବୀ କବିତାରେ ମଧ୍ୟ ତାଙ୍କ ରୋମାଣ୍ଟିକ ପ୍ରବଣତାର ପରିଚୟ ଅସ୍ପଷ୍ଟ ନୁହେଁ । ତେଣୁ ତାଙ୍କର ଆଦ୍ୟ କବିତାର ଆକଳନ ସମୟରେ ତାଙ୍କୁ ଜଣେ ବିପ୍ଳବୀ,ସାମ୍ୟବାଦୀ ତଥା ମାନବବାଦୀ କବିଭାବରେ ଓଡିଆ ସାହିତ୍ୟରେ ଚିହ୍ନଟ କରାଯାଇଥାଏ ।ଆଦ୍ୟ କବିତା ପାଥେୟରେ କବିଙ୍କର ସାମ୍ୟବାଦୀ ସ୍ୱର ସେତେ ପ୍ରଖର ନୁହେଁ, ବରଂ ଏହି କାବ୍ୟସ୍ୱର ଏକ ମହାଶକ୍ତି ନିକଟରେ ଆତ୍ମ ସମର୍ପଣ ମୁଦ୍ରାରେ ଦଣ୍ଡାୟମାନ । ପରବର୍ତ୍ତୀ ପର୍ଯ୍ୟାୟରେ ଏହିସ୍ୱର ସାମ୍ୟବାଦୀ ଧାରାକୁ ସଂପୂର୍ଣ୍ଣ ରୂପାନ୍ତରିତ ହୋଇଥିବା ଦେଖିବାକୁ ମିଳେ । ତାଙ୍କର କାବ୍ୟନାଟିକା ପୂର୍ଣ୍ଣିମା(୧୯୩୩)ରେସେଇ ରୋମାଣ୍ଟିକ୍ କାବ୍ୟଧାରାର ସ୍ୱର ଯେତିକି ମୁଖର, ସେତିକି ସ୍ୱଚ୍ଛ ମଧ୍ୟ । କାବ୍ୟ ଚେତନାରେ ପ୍ରଣୟାନୁଭୂତି ରୋମାଣ୍ଟିକ୍ ଭାବବିଳାସ ତଥା ଅତୀତ ଆମୁଖତା ବେଶ୍ ହୃଦ୍ୟ । କବିଙ୍କ ରୋମାଣ୍ଟିକ୍ କବିତାରେ ଏକାନ୍ତ ବ୍ୟକ୍ତିଗତ ଭାବ ଉଚ୍ଛ୍ୱାସ, ପ୍ରକୃତି ପ୍ରୀତି, ଅତୀତ ପ୍ରତି ମୋହାବିଷ୍ଟ ଭାବରୁ ତାଙ୍କର ରୋମାଣ୍ଟିକ୍ ପ୍ରବଣତା ବାରିହୁଏ । ନୀଳ ଆକାଶ, ବାଦଲବେଳା, ଗୋଧୂଳି, ସ୍ୱର୍ଣ୍ଣସ୍ଥଳ ଅଭିସାର,ସଂଧ୍ୟାରାଣୀ, ଜୋଛନା ହାସ, ବକୁଳ ବାସ, ମେଘ ତରଣୀ,ମେଘ ପଣତ, ଶିଶିର ନୀର, ଆଦିଚିତ୍ରରୁ ତାଙ୍କ ସବୁଜ ମନସ୍କତା ତଥା ରୋମାଣ୍ଟିକ ପ୍ରବଣତା ସ୍ପଷ୍ଟ ହୋଇଥାଏ । କେବଳ ଏତିକି ନୁହେଁ, ପାଥେୟର ୩୧,୩୩,୩୪,୩୬,୨୭,୩୮,୩୯ଓ ୪୦ସନେଟ୍ ମାନଙ୍କରେ ମଧ୍ୟ ସେଇ ରୋମାଣ୍ଟିକ୍ ପ୍ରବଣତାର ଚିତ୍ର ଅନାବୃତ ହୋଇଥାଏ ।

ସଚ୍ଚି ରାଉତରାୟଙ୍କ ପୂର୍ଣ୍ଣିମା-୧୯୩୨ରେ କବିଙ୍କର ରୋମାଣ୍ଟିକ୍ ଦୃଷ୍ଟି ଓ ଦିଗ୍ ବଳୟର ଏକ ପ୍ରସାରିତ ସୁଷମା ଦେଖିବାକୁ ମିଳେ । ଏହି ଗୀତିନାଟିକାଟି ହିନ୍ଦି କବି ଜୟଶଙ୍କର ପ୍ରସାଦଙ୍କ କାମାୟନୀ(୧୯୩୬)କାବ୍ୟତୁଲ୍ୟ ମନେହୁଏ । ଜୟଶଙ୍କର ପ୍ରସାଦ ତାଙ୍କ କାବ୍ୟରେ ମନୁ ,ଇଡା,ଶ୍ରଦ୍ଧା ପରି ରୂପକ ସଂଯୋଜନା କରି ମାନବ ଜୀବନର ଚିନ୍ତା,ଆଶା,କାମ,ଈର୍ଷା,ବାସନା,ଲଜ୍ଜା,ସ୍ୱପ୍ନ, ସଂଘର୍ଷ, ନିର୍ବେଦ,ଦର୍ଶନ,ରହସ୍ୟ ଓ ଆନନ୍ଦକୁ ଯେପରି ରୂପ ଦେଇଛନ୍ତି,ତାହା ଭାରତୀୟ ସାହିତ୍ୟରେ ବିରଳ । ମାତ୍ର ତାର ୪ ବର୍ଷ ପୂର୍ବରୁ ଓଡିଆ ସାହିତ୍ୟରେ ମଣିଷର ଭାବପ୍ରବଣତା ଚିନ୍ତା ଚେତନା ଓ କାର୍ଯ୍ୟ ଶୈଳୀକୁ ରୂପ ଦେଲାପରି, ପୂର୍ଣ୍ଣିମା କାବ୍ୟ ନାଟିକାରେ ମଧ୍ୟ ନଟରାଜ,ହୈମନ୍ତୀ,ମଦନ,ଯୌବନ ଆଦିକୁ ଚରିତ୍ର ଭାବେ ଗ୍ରହଣ କରାଯାଇଛି ।କବିଙ୍କର ଅନ୍ୟଏକ ପ୍ରାକ ରଚନା ହେଉଛି ପଲ୍ଲିଶ୍ରୀ(୧୯୪୧) । ଏଥିରେ ରୋମାଣ୍ଟିକ୍ ଓ ବାସ୍ତବବାଦୀ  ଚେତନାର ସମନ୍ୱୟ ଦେଖିବାକୁ ମିଳେ । ବେଳେବେଳେ ଶ୍ରୀ ରାଉତରାୟ ପଲ୍ଲିଚେତନାରେ ଏଭଳି ତଲ୍ଲୀନ  ହୋଇଯାଇଛନ୍ତି ଯେ ନନ୍ଦ କିଶୋର ଙ୍କ ପରେ ତାଙ୍କ ଲେଖନୀ ହିଁ ଏତେ ବଳିଷ୍ଠ ଭାବେ ଓଡିଆ ସାହିତ୍ୟକୁ ଚିହ୍ନି ଆଙ୍କି ଥିବାର ପ୍ରତ୍ୟୟଜନ୍ମେ ।ତାଙ୍କର ପଲ୍ଲିଶ୍ରୀର ଛୋଟ ମୋର ଗାଁଟି, ବାପାବାପା ପକାଇଲା ହୁରି, ଜମିଦାରଙ୍କ ଷଣ୍ଢ -ତିନୋଟି କବିତାଓଡିଆ ସାହିତ୍ୟର ତିନୋଟି ରତ୍ନ ପରି । ବିଶେଷ କରି ଛୋଟ ମୋର ଗାଆଁଟି କବିତାଟି ଓଡିଆ ସାହିତ୍ୟରେ ଯୁଗଯୁଗ ଲାଗି ଗୋଟିଏ କ୍ଲାସିକ ସୃଷ୍ଟି । ୧୯୩୨-୧୯୩୫ମଧ୍ୟରେ ରଚିତ କବିତା ଗୁଡିକ ଭିତରେ ତତ୍କାଳୀନ ଓଡିଆ ଗ୍ରାମ୍ୟ ମାନଙ୍କର ଚିତ୍ର ବିଶେଷକରି ସାମାଜିକ ଦୁରବସ୍ଥା,ଦୁଃଖ,ଦୁର୍ଦ୍ଦଶା, କୁସଂସ୍କାର, ଅନ୍ଧବିଶ୍ୱାସ,ପରମ୍ପରା,ସଂସ୍କୃତି,ଚଳନୀ ରୀତିନୀତିର ଜୀବନ୍ତ ଆଲେଖ୍ୟ ଏ କବିତାଗୁଡିକ ।

୧୯୩୮ ଜାନୁଆରିରେ ପ୍ରକାଶିତ ଅଭିଯାନ କବିତା ସଂକଳନ ଉତ୍ତରଣର କବିତା । ଏ କବିତାରେ ଶ୍ରୀରାଉତରାୟଙ୍କ ନୂତନ ଆତ୍ମ ପ୍ରକାଶ ଘଟେ । ରୋମାଣ୍ଟିକ୍ ପ୍ରବଣତାରୁ ପଳାୟନ ପରିପ୍ରେକ୍ଷୀରେ କେତେକ କବିତାଙ୍କୁ ବିଦ୍ରୁପ କରିଛନ୍ତି । ମାତ୍ର ଶ୍ରୀରାଉତରାୟ ଯୁଗର ଅହ୍ୱାନକୁ ସ୍ୱୀକାର କରି ଏକ ପ୍ରବନ୍ଧରେ  ଲେଖିଛନ୍ତି-"ଭାବପ୍ରବଣତା ଓ ମଧ୍ୟମ ଶ୍ରେଣୀ ସୁଲଭ ପ୍ରବଣତାର ତାଡନାରେ ବର୍ତ୍ତମାନ ଲେଖକମାନେ ସାହିତ୍ୟ ସୃଷ୍ଟି କରୁ ଥିବାରୁ ସାହିତ୍ୟ ବାସ୍ତବ ଜୀବନ ଠାରୁ ସାମଞ୍ଜସ୍ୟ ହରାଉଛି । ଜୀବନ ସଂଗ୍ରାମର ସମ୍ମୁଖୀନ ହେବାପାଇଁ ଯେଉଁ ସାହସ ଦରକାର- ତା ଏ ସାହିତ୍ୟରେ ନାହିଁ । ଏହା ପଳାୟନ ତତ୍ପର ଭୀରୁ ସାହିତ୍ୟ ।" ଏହିଠାରୁ ହିଁ କବି ରାଉତରାୟଙ୍କର ବାସ୍ତବବାଦୀ ସାହିତ୍ୟ ଓ ମାର୍କ୍ସୀୟ ସାହିତ୍ୟ ପ୍ରତି ସଚେତନ ଭାବେ  ମନୋନିବେଶ କରିଥିବାର ଜଣାଯାଏ । ମାଟି ପ୍ରତି ମମତ୍ୱବୋଧରେ ଓ ସାହିତ୍ୟିକର ପ୍ରତିକ୍ରିୟା ଦେବାରେ ଜଣେ ପ୍ରଗତିବାଦୀ ସାହିତ୍ୟକାରର ଭୂମିକାରେ ଶ୍ରୀ ରାଉତରାୟଙ୍କ ଭାଷା ବେଶ୍ ଶାଣିତ ଓ ଉଗ୍ର । ଶ୍ରମଜୀବୀ ,ଖଟିଖିଆ ତୃଣମୂଳ ମଣିଷଟି ନିମନ୍ତେ ତାଙ୍କର ଦରଦ ଅବିସ୍ମରଣୀୟ । ଏହି ସମୟର କବିତା ମାନଙ୍କ ମଧ୍ୟରେ ମୂଲିଆଭାଇ,ଦେହ ବନ୍ଦନା, ଭାତ, ଫାଶୀକାଠ, କାରାଗାର, ହାତୁଡି, ସର୍ବହରା ଆଦିରେ ଏହି ଉଗ୍ର  ଧ୍ୱନୀ ଝଂକୃତ । ଧର୍ମନାମରେ ଏକ ଯନ୍ତ୍ର ବସେଇ ଯୁଗେଯୁଗେ ନିରୀହ ମଣିଷମାନଙ୍କୁ ଶୋଷଣ କରାଯାଏ । ନିଃସ୍ୱ ମଣିଷଭାଗ୍ୟ ଓ ଭଗବାନଙ୍କ ହାତରେ ଖେଳନାଟିଏ । ସେଥିପାଇଁ କବି ରାଉତରାୟ ଡାକ ଦିଅନ୍ତି,-

"ଦୈନ୍ୟ ଯାତନା ଅଭାବେ ଡାକୁଛୁଁ- ଅଛ ଯଦି ଭଗବାନ
ଦୁନିଆଁର ଏଇ ଜୀଅନ୍ତା ନରକୁ କର ତେବେ ପରିତ୍ରାଣ
ଲୋଡୁନା ମୋକ୍ଷ ଚିର

ମାଗୁଅଛୁ ଖାଲି ବଢଟେ ରୁଟି ନୋହିଲେ ମୃତ୍ୟୁ ବର।"ରୁଟି(ଅଭିଯାନ)
କିମ୍ବା
"ଧର୍ମର ମଦ ଖୁଆଇ କରିଛ ଭାଇ
ମଣିଷ ଜାତିକୁ ଚିରଦିନ ମସଗୁଲ
ଅଫିମ ନିଶାରେ ଖୋଲି ସେ ପାରେନା ଆଖି
ତମେ ଶୋଷ ତାର ବୁକୁର ଜୀବନ ଫୁଲ।"ସର୍ବନାଶର ପଥେ (ଅଭିଯାନ)

ଅନନ୍ତ ପଟ୍ଟନାୟକଙ୍କ ସହିତ ଯୁଗ୍ମ ପ୍ରଣେତା ଭାବେ ରଚିତ ରକ୍ତଶିଖା(୧୯୩୯),ବାଜିରାଉତ(୧୯୪୧)ରେ ଏହି ବାମପନ୍ଥୀ ଆଭିମୁଖ୍ୟ ,କବି ରାଉତରାୟଙ୍କ କାବ୍ୟ ଚେତନାରେ ବେଶ୍ ମୁଖର। ଏହାପରେ ୧୯୩୯ରୁ ୧୯୪୭ ମଧ୍ୟରେ ରଚିତ ପାଣ୍ଡୁଲିପିରେ ସଚ୍ଚିରାଉତରାଙ୍କ କାବ୍ୟସର ବହୁଧା ବିଭକ୍ତ।ମଣିଷ ପ୍ରତିଶ୍ରଦ୍ଧା,ସହାନୁଭୂତି, ଶାନ୍ତି ପାଇଁ ଆକୁଳତା, ଯୁଦ୍ଧ ବିରୁଦ୍ଧରେ ଘୃଣା, ଯୁଦ୍ଧ ଆହତ ମାନଙ୍କ ପ୍ରତି ସମବେଦନାର ଚିତ୍ର ତାଙ୍କ କାବ୍ୟମାନସକୁ ଏ ସମୟରେ ଆକ୍ରାନ୍ତ କରି ଏକ ବିପୁଳ କବି ପ୍ରଶସ୍ତିରେ ତାଙ୍କୁ ମଣ୍ଡିତ କରିଛି। ଏଇଠାରୁ ତାଙ୍କ ଲେଖନୀରୁ ଝରି ଯାଇଛନ୍ତି କେତୋଟି ଜୀବନ୍ତ ଚରିତ୍ର। ଯେମିତିକି ପ୍ରତିମା ନାୟକ, ଅଳକା ସାନ୍ୟାଲ। ଓଡିଆ ସାହିତ୍ୟରେ ଏ ଦୁଇ ନାରିଚରିତ୍ର ସଚ୍ଚି ରାଉତରାୟଙ୍କ ଯୋଗୁଁ ଅମର ହୋଇଯାଇଛନ୍ତି।ତାଙ୍କ ଅଳକା ସାନ୍ୟାଲକୁ ଅନୁସରଣ କରି ପର ପିଢିର କବି ଗୁରୁମହାନ୍ତି ସୃଷ୍ଟି କରିଛନ୍ତି ଆଉ ଏକ ଅଳକା ସାନ୍ୟାଲ କବିତା।କିନ୍ତୁ ଦର୍ଶନରେ ଏମ୍.ଏ. କରୁଥିବା ପ୍ରତିମା ନାୟକ ଅଧାପାଠରୁ କଲେଜ ଛାଡିଛି ଓ ବିପର୍ଯ୍ୟସ୍ତ ସାମାଜିକ ପରିସ୍ଥିତିରେ ଖାକି ପିନ୍ଧିଛି ଓ ଶେଷକୁ ସପ୍ଲାଇ ବିଭାଗରେ ଚାକିରି କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ବହୁ ପ୍ରତିମା ନାୟକଙ୍କ ଜୀବନରୁ ସକଳ ସମ୍ଭାବନା ଲୁଣ୍ଠନ କରି ନେଇଛି। ନାରିତ୍ୱର କୋମଳ କାମନା ଓ ମାତୃତ୍ୱ ତାଜୀବନରୁ ନିର୍ବାସିତ ଓ ବିପର୍ଯ୍ୟସ୍ତ।ବିପ୍ଳବ,ସାମ୍ୟବାଦ,ସମାଜବାଦ ଓ କମ୍ୟୁନିଷ୍ଟ ଆନ୍ଦୋଳନରେ ଅବଗାହନ ପରେ କବି ସଚ୍ଚି ରାଉତରାୟ ପୁଣିଫେରିଛନ୍ତି ରୋମାଣ୍ଟିକ୍ ଭାବ ଭୂମିକୁ।ତେଣୁ ତାଙ୍କ ରଚିତ ୧୯୪୫ ପରବର୍ତ୍ତୀ କବିତାରେ ଅତୀତ ,ପ୍ରେମପ୍ରଣୟ, ଗ୍ରାମ, ନଦୀ, ଜ୍ୟୋତ୍ସ୍ନାର ଉଚ୍ଛ୍ୱାସ ଆପେ ଯୋଡି ହୋଇ ଯାଇଛି। କବିତା ମଧ୍ୟ ବାସ୍ତବବାଦୀ ଭୂମିଉପରେ ଠିଆ ହୋଇ ନିଃଶ୍ୱାସ ନେଇଛି। 'ରାଜକେମା' କବିତାରେ ସଚ୍ଚି ରାଉତରାୟ ଘୋଷଣା କରିଛନ୍ତି,-

"ମୁଁ 'ସଚ୍ଚି ରାଉତରା' (ନୁହେଁ ଗାଗୋର ବା ଶେଲି)
ମୁଁ ଏଇ ମାଟିର ଧରା ଆଉ ଆକାଶର କବି
କାମ ନୁହେଁ ମୋର ଖାଲି ଆଙ୍କିବା କାଗଜରେ ଛବି।
ପେଶାଦାର ଗାୟକ ମୁଁ ନୁହଁ, ତୁମେ ମୋର ଛପା ବହି ଯେବେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି ଏପୃଥିବୀର ସବୁ ମଣିଷ ଜାତି
ତାର ପ୍ରତିଟି ଖବର ରୂପ ପାଏ କବିତାରେ ମୋର।"

ତାଙ୍କର ଭାନୁମତିର ଦେଶ ଏକ ନୂଆ ଭାବଚେତନାର କବିତା ଗ୍ରନ୍ଥ। ଏଇଠାରୁ କବିଙ୍କର ବିଭିନ୍ନ ଚିତ୍ରକଳ୍ପ ରୂପକଳ୍ପ,ପ୍ରତୀକମାନଙ୍କୁ ନେଇ ପ୍ରଚୁର ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଛି। କବିତା -୧୯୬୨ ହେଉଛି କବି ସଚ୍ଚିଦାନନ୍ଦଙ୍କର କାବ୍ୟ ପ୍ରତିଭାର ଶିଖରତମ କାବ୍ୟ ଉପଲବ୍ଧି। ଜଣେ କାବ୍ୟ ନିର୍ମାତା ଭାବେ ଓଡିଆ ସାହିତ୍ୟର ଦିଗବାରେଣୀକୁ ଜଣେ ଟ୍ରେଣ୍ଡ ସେଟରର ଭୂମିକା ୧୯୬୨ରେ ହିଁ ଚରମରେ ପହଞ୍ଚିଛି। ତାପରଠାରୁ ଆରମ୍ଭ ହୋଇଛି ଅବରୋହଣ ଯାତ୍ରା। କବିତା-୧୯୬୯, କବିତା-୧୯୭୧,କବିତା-୧୯୭୪କବିତା-୧୯୮୩,କବିତା-୧୯୮୫ଓ କବିତା-୧୯୮୭ଦେଇ କବିତା-୧୯୯୦ପର୍ଯ୍ୟନ୍ତ। ବେଳେ ବେଳେ ତାଙ୍କ ଉଚ୍ଚାରଣ ବୋଧଗମ୍ୟ ହୋଇନାହିଁ। ଶବ୍ଦ ବିନ୍ୟାସ ଓ ଭାଷାର ପ୍ରଚୁର୍ଯ୍ୟ ବେଳେବେଳେ ତାଙ୍କ କାବ୍ୟ ଆବେଦନକୁ ଆହତ କରିଛି। ତଥାପି ବୌଦ୍ଧିକ ଆଲୋଡନରେ ତାଙ୍କ କବିତା ଓଡିଆ ସାହିତ୍ୟ ନିମନ୍ତେ ଏକଟ୍ରେଣ୍ଡ ନିର୍ମାଣ କରିଛି। ନୂଆ ନୂଆ ଚିତ୍ରକଳ୍ପ, ନୂଆବାକ୍ ଭଙ୍ଗୀରେ ସେ ଓଡିଆ କାବ୍ୟଧାରାକୁ ନିୟନ୍ତ୍ରଣ କରିଛନ୍ତି. ବହୁ ପରୀକ୍ଷା ନିରୀକ୍ଷା କରିଛନ୍ତି। ତାଙ୍କର ଦ୍ରାବିଡ ଆଖି, ଶବରୀ ଆଖି, ରେଶମୀ ଶ୍ୱାସ, କାମନାର ନୀଳାଭ ଚୌରଙ୍ଗୀ ଆଦି ଚିତ୍ରକଳ୍ପଗୁଡିକ ପାଠକକୁ ନୂଆ ଆମୋଦରେ ଉଜ୍ଜୀବିତ କରିଦିଅନ୍ତି।
ବସନ୍ତ ଆସେ ଯେ ଠେଲି ଧକ୍କା ଖାଇ କୁକୁଡାର ଦେହେ

ଭାଙ୍ଗି ବହୁ ମହୁର ସୋରେଇ, ମାଟିରେ ଗଡାଇ ଅବା ଫୁଲବଣ ସଂଜେ।

-ବସନ୍ତର ନିଛକ ଜିଲ୍ଲାରେ

ଶ୍ରୀ ରାଉତରାୟ ମୁଖ୍ୟତଃ ଜଣେ ବିରଳ ବିସ୍ମୟ ପ୍ରତିଭା।ମାତ୍ର ତାଙ୍କର ଗଦ୍ୟରଚନାରେ ବିଶେଷକରି ତାଙ୍କର ସାହିତ୍ୟ ବିଶ୍ଳେଷଣାତ୍ମକ ଗଦ୍ୟ ରଚନାରେ ମଧ୍ୟ ଓଡିଆ ସାହିତ୍ୟରେ ଅଭିନବ ପ୍ରୟାସ କରିଛନ୍ତି।ତାଙ୍କର ସାହିତ୍ୟ ବିଚାର ଓ ମୂଲ୍ୟବୋଧ(୧୯୭୨) ଏବଂ ସାହିତ୍ୟରେ ମୂଲ୍ୟବୋଧ(୧୯୭୪) ପୁସ୍ତକ ଦୁଇଟି ଓଡିଆ ସାହିତ୍ୟର ଦୁଇଟି ଅମୂଲ୍ୟ ଗ୍ରନ୍ଥ। ଏହା ବ୍ୟତୀତ କବିତା ୧୯୬୨ରେ ଲିଖିତ ତାଙ୍କର ନୂତନ କବିତାର ଭୂମିକାଟି ମଧ୍ୟ ଓଡିଆ ସାହିତ୍ୟର ନୂଆ କବିତା ନିମନ୍ତେ ଏକ ମୁଖବନ୍ଧ ତୁଲ୍ୟ। ଗଦ୍ୟ ସାହିତ୍ୟର ଉପନ୍ୟାସ ବିଭାଗରେ ତାଙ୍କର ଏକମାତ୍ର ଉପନ୍ୟାସ –ଚିତ୍ରଗ୍ରୀବ(୧୯୩୫)। ଗଳ୍ପ ସାହିତ୍ୟରେ ତାଙ୍କ ଗଳ୍ପଗୁଡିକ ଗୋଦାବରୀଶ ମହାପାତ୍ରଙ୍କ ଗପ ଭଳି ବାସ୍ତବବାଦୀ ଓ ପ୍ରଭାବଶାଳୀ। ମଶାଣିର ଫୁଲ(୧୯୪୭)ମାଟିର ତାଜ(୧୯୪୭),ଛାଇ(୧୯୪୮), ମାଙ୍କଡ ଓ ଅନ୍ୟାନ୍ୟ ଗଳ୍ପ(୧୯୮୩)ଓ ନୂତନ ଗଳ୍ପ(୧୯୯୦)-ଏହି ୫ଟି ଗଳ୍ପ ସଂକଳନରେ ସନ୍ନିବିଷ୍ଟ ଶ୍ରୀ ରାଏତରାୟଙ୍କ ଗଳ୍ପ କଳାଦୃଷ୍ଟିରୁ ଓଡିଆ ସାହିତ୍ୟକୁ ରଦ୍ଧିମନ୍ତ କରିଛନ୍ତି। ମଶାଣିର ଫୁଲ, ଅନ୍ଧାରୁଆ ଓ ହାତ ଆଦି ଗଳ୍ପ -ତାଙ୍କ ସଂସ୍କାରୀ ଚେତନାର କେତୋଟି ନମୁନା ମାତ୍ର।ଯାହା ଓଡିଆ ସାହିତ୍ୟରେ ବେଶ୍ ଆଲୋଚିତ ଓ ଆଦୃତ ମଧ୍ୟ।

ଶେଷରେ ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ସମନ୍ଧରେ ଆମ ସମୟର ଜଣେ ଶ୍ରେଷ୍ଠ ସମାଲୋଚକ ପ୍ରଫେସର ପଠାଣି ପଟ୍ଟନାୟକଙ୍କ ଉକ୍ତି ଉଦ୍ଧାର କରି ଏ ପ୍ରବନ୍ଧର ଉପସଂହାର କରୁଛି। ଶ୍ରୀ ପଟ୍ଟନାୟକ କହନ୍ତି,-"ଉଭୟ କବିତା ଓ ଗଦ୍ୟ ସାହିତ୍ୟରେ ଜଣେ ସଫଳ ସ୍ରଷ୍ଟା ହେଲେ ହେଁ ଜଣେ ଶକ୍ତିଶାଳୀ କବି ଭାବରେ ଶ୍ରୀ ରାଉତରାୟ ଅଧିକ ସ୍ୱୀକୃତି ଲାଭ କରିଛନ୍ତି। କବିତା କ୍ଷେତ୍ରରେ ତାଙ୍କର ବୈପ୍ଳବିକ ଅନୁଚିନ୍ତା ଓ ସାର୍ଥକ ପରୀକ୍ଷା ସମକାଳୀନ ଏବଂ ପରବର୍ତ୍ତୀ ଓଡିଆ କବି ମାନଙ୍କୁ ବହୁ ଭାବରେ ପ୍ରଭାବିତ କରିଥିବା ଜଣାଯାଏ। ଅନେକ ଆଲୋଚକ ଶ୍ରୀ ରାଉତରାୟଙ୍କୁ କବିମାନଙ୍କର କବି (Poets' poet) ବୋଲି ଅତ୍ୟନ୍ତ ଆଦରରେ ସମ୍ମାନିତ କରିଥାନ୍ତି। ଅତ୍ୟାଧୁନିକ ଓଡିଆ କାବ୍ୟ ସାହିତ୍ୟରେ ତାଙ୍କର ପ୍ରଭାବ ସୁଦୂରପ୍ରସାରୀ କହିଲେ ଅତ୍ୟୁକ୍ତି ହେବ ନାହିଁ।"

ଓଡିଆ ଅଧ୍ୟାପକ,ଟାଙ୍ଗୀମହାବିଦ୍ୟାଳୟ ,କୋଟସାହି,

କଟକ, ଓଡିଶା-୭୫୪୦୨୫

ଭ୍ରାମ୍ୟଭାଷ-୯୫୮୩୬୬୬୩୮୭

With best compliments from :

Tej Narayan Ray

Kunwar Designer & Printers

WZ-10, Shadi Khampur, West Patel Nagar,
New Delhi-110008

E-mail : kunwardprinter@gmail.com
kunwar.printer@gmail.com


Mobile 9810162583, 9899181511

A2Z IN PRINTING
ALL PRINTING UNDER ONE ROOF

## *With Best Compliments from:*








TRADE MARK Jindal HISSAR

# Jindal Industries Private Limited

Delhi Road, Model Town, Hisar
Ph: 91-1662-220781(3 Lines) Tel/Fax: +91-1662-220604
Email: info@jindalinds.com

# GANESH PUJA 2015






















Oriya Cultural & Welfare Association (Regd.)
Ganesh Chaturthi Mahotsava
OFFICE










Oriya Cultural & Welfare Association (Regd.)



















































Ganesh Chaturthi



# THE RICH CULTURE OF ODISHA

Considering that India is an amalgamation of cultures, it is almost as if it is a number of countries thrown together. Every 200 kilometres or so, you will find an entirely new place, unique with its own people, geography, climate, food, music, dress, customs and traditions. Here, we explore a bit of Odisha, a magically traditional and incredible state of India that comes alive with its rich cultural heritage.

Due to the reigns of many different rulers in the past the culture, arts and crafts of the state of Orissa evolved over time. The diversity of the cultural and social background of the people of Orissa made it the bastion of rich cultural heritage with its historical monuments, archaeological sites, traditional arts, sculpture, dance and music. From the time immemorial Odisha has attracted a large number of scholars, artists and tourists.

**Architecture**

Orissa is a land of temples. The concentration of the largest number of temples all over the state has made it a centre of unique attraction for the scholars and tourists.

The Orissan Temple Architecture holds an appeal that is magnetic and almost stupefying in its extravagance and mobility. Exquisitely carved base-reliefs with their numerous halls and the heavily sculptured towers are landmarks of this magnificientarchitrcture. The splendid ruins of Konark, the highly sanctified environs of Jagannath and Lingaraj temples are the symbols of Orissa's cultural heritage that remain an eye-opener even today.

**Arts**

The artistic skill of the Oriya artists is quite unsurpassable in the world. The murals, cloth and palm leaf paintings of Orissa are as old as its magnificent architecture and sculpture. The Chitrakars or artists were patronised by feudal landlords and kings, leaving them free to scale new heights in creativity in all fields of visual arts.

The three main categories of Oriya painting, the Bhitichitra or the murals, the Patachitra or the cloth painting and the Pothichitra or the palm leaf engraving have remained more or less the same in style, down the ages.

**Music and Dance**

The existing musical tradition of Orissa is the cumulative experience of the last 2500 years. Music owes its existence to the cultural traditions that grew around the temples. Even in modern times, the traditional songs and dances of the state have lost not their importance.

Odissi, the traditional classical dance form of Orissa originated in the 'Devadasi' cult, wherein young women were 'married' to gods and remained in the service of the temple, worshipping their lord and master through this lyrical form of dance. This subtle dance form epitomises Indian femininity at its most sensuous.

Independence brought a major change in official attitudes toward Indian Dance. Like the other classical arts, dance was seen as a way to define India's national identity. Governmental and non-governmental patronage increased. The government came to realize the role of cultural heritage in creating a national identity. A number of people and experts took initiatives for the reconstruction and popularization of Odissi dance.

There are a number of characteristics of the Odissi dance. The themes of Odissi are almost exclusively religious in nature. They most commonly revolve around Krishna. Although the worship of Krishna is found throughout India, there are local themes which are emphasised. The *Ashtapadi's* of Jayadev are a very common theme.

The musical accompaniment of Odissi dance is essentially the same as the music of Odissa itself. There are a number of musical instruments used to accompany the Odissi dance. One of the most important is the *pakhawaj*, also known as the madal. This is the same*pakhawaj* that is used elsewhere in the north except for a few small changes. One difference is that the right head is a bit smaller than the usual north Indian *pakhawaj*. This necessitates a technique which in many ways is more like that of the *tabla*, or *mridangam*. Other instruments which are commonly used are the bansuri (bamboo flute), the *manjira* (metal cymbals), the *sitar* and the *tanpura*.

A land of rich and diverse artistic achievements, Odisha's art and culture are the products of a long historical process in which the spiritual, philosophical and the humane dimensions have merged to yield the finest effects of cultured civilised life.

***

# EMINENT PERSONALITIES OF ODISHA

### The Great Revolutionary Leader Jayee Rajguru (1739-1806)

Jaykrushana Mohapatra popularly known as Jayee Rajguru a great freedom fighter and martyr of Odisha was born on, 29th October, 1739 the auspicious day of the Anla Navami in Biraharekrushnapur in Puri District to Chand Rajguru and Haramani Devi. Jaykrushna was born in a family in which his ancestors served in the court of the King of Khurda as Rajguru. His forefathers were the political, military advisors and spiritual teachers to the King of Khurda and were traditionally called Rajguru. JayeeRajguru was an excellent scholar in Sanskrit and a great tantra Sadhaka. He had mastered Vedas, Puranas and Scriptures in the early years of his life. He had mastery in writing thousands of shlokas with ease.

### Buxi Jagabandhu (1773-1829)

Buxi Jagabandhu Bidyadhar Mohapatra Bhramarbar Ray was the leader of the historic Paika Revolt of 1847 of Khurda. He was the landlord of Rodhanga and was nominated as the Senapati by the king of Khurda. Infact the paikas of Khurda headed by Buxi raised their voice against heavy taxation and illegal encroachment of the tax free lands and restriction on salt by the British Rule. Apart from this, a conspiracy was made against him by Krushna Singh who recorded Buxis entire landed properties rights in his brothers name. This lead to a revolution and Buxi was sardar of the revolution.

### Veer Surendra Sai (1809-1884)

Almost 40 years before the historic Sepoy mutiny, the Paikas in Odisha had united together in 1817, which came to be known as Paika Vidroha. The brave and courageous Paikas had raised their swords to uproot the British rule from the Odisha soil Movement. The Chief of "PAIKA" Vidroha Karunakar Sardar was imprisoned, Narayan Paramguru of Kujang and Bamdeva Pattajoshi of Kanika had been banished and the valiant leader Jayee Rajguru was hanged and killed brutally. The great revolutionary Buxi Jagabandhu Bidyadhar became a prey of betrayal and had to face death. At last Mukund Deva was imprisoned and the burning flame of the Paika Vidroha was doused.

### Chakhi Khuntia (Chandan Hajuri) (1827-1870)

When the burning flames of sepoy mutiny had engulfed the whole country in 1857 among the valiant leaders who had dedicated their lives for the cause of common man were Chakhi Khuntia or Chandan Hajuri. He was a versatile personality. He was a poet, social reformer and great revolutionary. He had a great passion for literature and had a versatile personality. Born in 1827 A.D. on the auspicious day of "Sambar Dashami" in HarchandiSahi of Puri, Chandan Hajuri fathers name was Hajuri Raghunath Khuntia (Bhimsena Rajpanda) and his mothers name was Kamalabati. His father Hajuri Raghunath Rajpanda was anointing sandal to the lord Jagannath and when he got the good news of his sons birth he named his son Chandan though his nickname was Chakhi. Chandan Hajuri got his early education in Hindi from Ramdayal Pandit. When Chakhi attained the age of 12 years he was married to Sundarmani.

### Fakir Mohan Senapati (1843-1918)

A Master in the art of writing short stories, he injected a new life in Odia literature in an environment of gloom and despair. His sense of humour remains unsurpassed in Odia literature. Discarding romantic themes, he wrote about the common man and his problems. Senapati could rightly be compared with the 20th Century great novelist like Premchand and Bibhutibhusan Banerjee. Even though he had no formal education, he proved to be an enlightened teacher, painter and a great administrator. In his writings, Odia Nationalism was the dominant theme. As a recognised literary poet, Senapati has made his place secure as a great prose writer in Odia.

### Utkal Gourav Madhusudan Das (1848-1934)

First Odia to get the Degree of M.A. B.L. from Calcutta University. Took a valiant stand for unification of scattered Odia tracts. Emerged on the Eastern horizon as a symbol of new hope and aspiration of all Odias . Was the founder of Utkal Sammilani, architect of Odia movement and pioneer in the field of industrial development. Acclaimed as a great Legislator and Journalist, he was the first Odia to be the member of Legislative Council and Member of Central Legislative Assembly and was the first to sail overseas. He had the distinction of being the first Indian Minister. He is also Known as Kula Brudha & Utkal Gourav Madhusudan Das.

### Maharaja Sri Ramchandra Bhanj Deo (1871-1912)

A grand patron and promoter of the Odia literary world and one of the dynamic spirits of the Odia language movement of the 19th Century was the illustrious ruler of Mayurbhanj State. Maharaja Sriramchandra Bhanj Deo whose contribution and whole-hearted support has left an indelible imprint in the sands of Odisha. Born on December 17th, 1871 in a Royal family of Mayurbanj, his fathers name was Krushna Chandra Bhanj. He completed his elementary education at Baripada. He lost his father

when he was only 9 years old. After death of his father Sri Ramchandra Bhanj Deo continued his education with the patronage of the then Bengal-Bihar-Odisha's junior British Saheb (ChotaLat Sahib).

**Chandra Sekhar Behera ( 1873-1936)**

Chandra Sekhar Behera of Sambalpur was a leading freedom fighter and an active participant in the Non-Cooperation Movement. He consolidated the National freedom movement in Sambalpur region and merged his activities with the Indian National Congress. He was a founding member of the National School of Sambalpur started on lines of Satyabadi Vana-Vidyalaya founded by Gopabandhu Das. As the chairman of Sambalpur Municipality, he received Gandhijee in Sambalpur in 1928. organised a mass movement against illiteracy and untouchability.

**Pandit Gopabandhu Das ( 1877-1928)**

The Jewel of Utkal, Utkalmani Pandit Gopabandhu Das, was in the true sense a jewel and friend of the poor. Born on 9th October 1877, in Suando Village near Sakshigopal of Puri District, he started his education career in Vernacular language initially at Rupadeipur minor school and then at Puri Zilla School. Gopabandhu had lost his mother Swarnamayee Devi after few months of his birth and also lost his father Daitari Dash while he was a student at Ravenshaw College. Inspite of his great personal loss, he had written poems like "Abakasha Chinta", Go-mahatmay, Nachiketaupakhyana, Karakabita, Dharmapada and "Bandira Atmakatha" when he was continuing at Revenshaw College. From his College career he had started a organization named "Kartabyabodhini Samiti" to help the poor students even during flood, he tried to help the affected people through the samiti.

**Acharya Harihara (1879-1971)**

Born on 1879 in the auspicious full moon of Phalgun, Acharya Harihar was born in a conservative Brahmin family in Sriramchandrapur village Sakhigopal in Puri District. His father's name was Mahadev Brahma and his mothers name was Sraddhadevi. After completing his primary studies in the village he studied in the Puri District School. From his early childhood Acharya Harihar was dedicated towards social service. He had laid the foundation stone of a associated social service in the land of Odisha. He united the student forum and youth for service to the needy and downtrodden. After his F.A. completion Acharya Harihar went to Kolkata for his P.L. studies.

**Nilakantha Das (1884-1969)**

He secured M.A. Degree in Philosophy from Calcutta University. Spurned an offer of a lucrative job by the British Govt. and preferred to serve as the Mead Master of Satyabadi High School. Endowed with a profound erudition he became a legendary figure in his life time. A powerful speaker, his speeches in Central Legislative Assembly and Odisha Legislative Assembly have left an indelible impression on Legislative history. He was a rare amalgam of a Writer, Editor, Speaker and Author. Author of an excellent commentary of Geeta. His epics are considered as Master piece of Odia Language. A distinguished freedom fighter and a revolutionary, he inspired the youth to fight against untouchability and other social evils. Led the movement for amalgamation of outlying Odia tracts and was a symbol of Odia culture.

**Biswanath Das (1889-1984)**

An eminent Freedom Fighter, able Statesman, remarkable Administrator, astute politician and a Charismatic leader. He was elected as the president of the Ganjam District Board in the year 1920 and joined the Non-cooperation movement in response to the call of Mahatma Gandhi in 1921 after giving up his lucrative law practice. Continued to be a member of Madras Legislative Assembly from 1921 to 1930. Gave up the membership of the Madras Legislative Assembly in 1931 and joined Salt Satyagraha. As a great Patriot led the peasant movement and fought for the creation of a separate Odisha Province. He had the distinction of being elected as Prime Minister of Odisha. Resigned from the Prime Ministership on 4th November 1939 at the bidding of Indian National congress. In 1950 got elected to Lok Sabha and became the President of Utkal Pradesh Congress Committee. He was appointed as the Governor of Uttar Pradesh. A noble son who has left an indelible impression on a resurgent Odisha.

**Gajapati Maharaja Krushna Chandra Dev ( 1892-1974)**

An Architect of modern Odisha. He attended the first Round Table Conference in London on 16th November 1930 wherein he made a fervent appeal for creating a separate province of Odisha on the basis of Language and homogeneity. As an eloquent spokesman of Odias , he was felicitated by Madhusudan Das, the father of modern Odisha. As a scion of illustrious Ganga Ruler he espoused the cause of the poor and downtrodden. Later played an important role in bringing together the vivisected parts of Odisha and laid the foundation of United Odisha. He was a member of old Madras Legislative Council, a member of royal commission of Agriculture and a member of Odisha Legislative Assembly. He was twice elected as Prime Minister of Odisha. He was an Educationist, Freedom Fighter, Social Reformer and a champion of the poor. He established a permanent theatre at Paralakhemundi for promoting cultural activities.

***

Oriya Cultural & Welfare Association (Regd.)
(Registration No.: S-54118 of 2005)
BD-11, Janakpuri, New Delhi -110 058.
Email: info@ocwa.in, ocwa.regd@gmail.com
Website: www.ocwa.in

Please paste your recent passport size photograph here

No.: ........................

# MEMBERSHIP FORM

I, ____________________________________________, S/o, D/o, W/o Mr.__________________________________________ do hereby subscribe to the aims and objectives of Oriya Cultural & Welfare Association, agree to abide by all the rules and regulations framed in the by-laws of the Association and wish to become a member of this Association by paying a sum of Rs.1,000/- (Rupees One Thousand only) towards annual subscription for the year 01.04.20___ to 31.03.20____.

I further certify that the particulars given below are true and correct to the best of my knowledge and belief.

1. Date of Birth : ..........................................................................
2. Qualification : ..........................................................................
3. Name of Organisation : ..........................................................................
4. Designation : ..........................................................................
5. Position : ..........................................................................
6. Complete Office/Works address : ..........................................................................
..........................................................................
..........................................................................
7. Complete Residence address : ..........................................................................
..........................................................................
..........................................................................
8. Blood Group : ..........................................................................
9. Email ID : ..........................................................................
10. Contact Nos. : Off..........................................................................
: Res..........................................................................
: Mob..........................................................................

Place :

Date:

Signature
(inside the box only)

N.B. **Form to be filled legibly in BLOCK LETTERS.**

*With Best Compliments from:*

# BEST ROADWAYS LIMITED

Mobilizing Your Growth




**DELHI - HEAD OFFICE**
Pearls Best Heights 1, 6th Floor
Netaji Subhash Palace, Pitampura,
NEW DELHI – 110 034.
Tel : (011) - 45377777
Email : delhi@bestroadways.com

**DELHI - REGD. OFFICE**
XX-118/1, Najafgarh Road,
Near Main Gate – Swatantra Bharat Mill,
NEW DELHI – 110 015.
Tel : (011) - 45027777 / 25119379
Email : delhi@bestroadways.com

